NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20   8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
2 APRIL 2026
ଗୁରୁବାର
୨ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD.   PRINTED AT BHUBANESWAR   VOLUME 11 • ISSUE 314   BHUBANESWAR I BERHAMPUR I SAMBALPUR I BALASORE I JAJPUR   ବର୍ଷ ୧୧ • ସଂଖ୍ୟା ୩୧୪   ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

ପୃଷ୍ଠା ୩ ଭୁବନେଶ୍ୱରରେ ଭିସା ଆବେଦନ କେନ୍ଦ୍ର ଉଦ୍‌ଘାଟିତ
ପୃଷ୍ଠା ୪ ପଣ୍ୟ ପରିବହନ: ପୂର୍ବତଟ ରେଳପଥ ପୁଣି ନମ୍ବର ୱାନ୍ ଜୋନ
ପୃଷ୍ଠା ୮ କ୍ୟାବିନେଟ୍ କମିଟି ବୈଠକ: ପଶ୍ଚିମ ଏସିଆ ସ୍ଥିତି ସମୀକ୍ଷା

### ଉତ୍କଳମଣିଙ୍କ ଜନ୍ମପୀଠରେ ମୁଖ୍ୟମନ୍ତ୍ରୀ ପାଳିଲେ ଓଡ଼ିଶା ଦିବସ

# ଓଡ଼ିଆ ଜାତିକୁ କେହି ଅଟକାଇ ପାରିବେନି

## ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପ୍ରସାର ପାଇଁ ସରକାର ପ୍ରତିବଦ୍ଧ



**ଭୁବନେଶ୍ୱର,୧।୪/ଏନ୍‌ଏନ୍‌ଏସ୍:**

"ଓଡ଼ିଆ ଜାତିକୁ ଆଉ କେହି ଅଟକାଇ ପାରିବେ ନାହିଁ । ସବୁ କ୍ଷେତ୍ରରେ ପୂର୍ଣ୍ଣ ସାମର୍ଥ୍ୟ ହାସଲ କରି ଓଡ଼ିଆ ଜାତି ଏକ ସମୃଦ୍ଧ ରାଜ୍ୟ ଭାବରେ ଦେଶର ଏକ ଗ୍ରୋଥ୍ ଇଞ୍ଜିନ ହୋଇ ବିଶ୍ୱ ପଟଳରେ ଭାରତର ମର୍ଯ୍ୟାଦାକୁ ବୃଦ୍ଧି କରିବ । ରାଜ୍ୟ ସରକାର ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପ୍ରସାର ପାଇଁ ସମ୍ପୂର୍ଣ୍ଣଭାବେ ପ୍ରତିବଦ୍ଧ । ଗୋଟିଏ ଜାତିର ଉତ୍ଥାନର ମୂଳଶକ୍ତି ହେଉଛି ତା'ର ଅସ୍ମିତା । ଅସ୍ମିତା ବିନା ଗୋଟିଏ ଜାତି ଆତ୍ମା ବିହୀନ ମେସିନ୍ ପରି । ତେଣୁ, ଅର୍ଥନୈତିକ ବିକାଶ ସହିତ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ଆମର ପ୍ରାଥମିକତା । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପରମ ଆରାଧ୍ୟ । ଜଗନ୍ନାଥଙ୍କ ଭକ୍ତିରେ ହିଁ ଓଡ଼ିଆ ଜାତିର ଶାନ୍ତି । ତାଙ୍କ ଆଶୀର୍ବାଦରେ ଓଡ଼ିଶା ଆଜି ୯୦ଟି ଗୌରବମୟ ବର୍ଷ ଅତିକ୍ରମ କରି ବର୍ତ୍ତମାନରେ ପହଞ୍ଚିଛି ।' ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲା ସତ୍ୟବାଦୀ ସ୍ଥିତ ସୁଆଣ୍ଡୋ ଗ୍ରାମରେ ଅନୁଷ୍ଠିତ ଓଡ଼ିଶା ଦିବସ ରାଜ୍ୟସ୍ତରୀୟ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡ଼ିଶା ୯୧ ବର୍ଷରେ ପଦାର୍ପଣ କରିଛି । ଚଳିତ ବର୍ଷ ଓଡ଼ିଶା ଦିବସ ରାଜ୍ୟସ୍ତରୀୟ ଉତ୍ସବ ଉତ୍କଳମଣିଙ୍କ ଜନ୍ମପୀଠରେ ପାଳିତ ହୋଇଥିବାବେଳେ ଗତ ବର୍ଷ ଏହା ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମପୀଠରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ଜନସାଧାରଣ ତଥା ଯୁବପିଢ଼ିଙ୍କୁ ବରପୁତ୍ର ମାନଙ୍କ ସ୍ମୃତି ସହିତ ଯୋଡ଼ି ରଖିବାକୁ ଏବଂ ସେମାନଙ୍କ ତ୍ୟାଗ ଓ ବଳିଦାନରେ ଅନୁପ୍ରେରିତ ହେବା ପାଇଁ ଏହି କାର୍ଯ୍ୟକ୍ରମକୁ ବରପୁତ୍ର ମାନଙ୍କ ଜନ୍ମସ୍ଥାନରେ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଥମେ ସୁଆଣ୍ଡୋରେ ପହଞ୍ଚି ଗୋପବନ୍ଧୁ ଦାସଙ୍କ ଷଠିଘର ପରିଦର୍ଶନ ଓ ଉତ୍କଳମଣିଙ୍କ କୂଳ ଦେବତା ପ୍ରଭୁ ଶ୍ରୀ ରାଧା ବିନୋଦବିହାରୀଙ୍କୁ ଦର୍ଶନ କରିଥିଲେ । ଗୋପବନ୍ଧୁ ପାର୍କ ଠାରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି, ଗୋପବନ୍ଧୁ ସଂଗ୍ରହାଳୟ ପରିଦର୍ଶନ କରିଥିଲେ । ଏହାପରେ ସାକ୍ଷୀଗୋପାଳର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ ।

ସେଠାରେ ସାଧାରଣ ଦିଶୁଥିବା ଏକ ସ୍ଥାନରେ ଜନ୍ମହୋଇ, ସବୁ ସାଧାରଣ ସାମଗ୍ରୀ ବ୍ୟବହାର କରି, ନିଜର କର୍ମବଳରେ ଜଣେ ବ୍ୟକ୍ତି କିପରି ଇଶ୍ୱରତୁଲ୍ୟ ହୋଇପାରେ କହି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଣ୍ଡିତ ଗୋପବନ୍ଧୁଙ୍କୁ ସମଗ୍ର ଭାରତବର୍ଷ ପାଇଁ ଏକ ଉଦାହରଣ ବୋଲି କହିବା ସହିତ ଗୋପବନ୍ଧୁଙ୍କ ଦୁଃଖ, କଷ୍ଟ ଓ ତ୍ୟାଗ ଆଜି ଓଡ଼ିଆ ଜାତିର ଭାଗ୍ୟକୁ ବଦଳାଇ ଦେଇଛି ବୋଲି କହିଥିଲେ । ପଣ୍ଡିତ ଗୋପବନ୍ଧୁଙ୍କ ଅମ୍ଳାନ ସ୍ମୃତିକୁ ଆହୁରି ଦୀପ୍ତିମାନ କରିବା ପାଇଁ ତାଙ୍କ ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିବା ▶▶ ୬

**ଅସ୍ମିତା ବିନା ଗୋଟିଏ ଜାତି ଆତ୍ମା ବିହୀନ ମେସିନ୍ ପରି: ସିଏମ୍**

**ସବୁ କ୍ଷେତ୍ରରେ ଆମେ ପୂର୍ଣ୍ଣ ସାମର୍ଥ୍ୟ ହାସଲ କରିବୁ**

**ସତ୍ୟବାଦୀ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ୫୮୫ କୋଟିର ପ୍ରକଳ୍ପ ଘୋଷଣା**

**ପୁରୀରେ ପ୍ରତିଷ୍ଠା ହେବ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର, କ୍ରୁଜ୍ ଟର୍ମିନାଲ୍**

# ସିଏମ୍‌ଙ୍କୁ ପିଏମ୍‌ଙ୍କ ଚିଠି

## 'ଜୟ ଜଗନ୍ନାଥ' ଲେଖି ରାଜ୍ୟବାସୀଙ୍କୁ ଜଣାଇଲେ ଓଡ଼ିଶା ଦିବସ ଶୁଭେଚ୍ଛା

**ଭୁବନେଶ୍ୱର,୧।୪/ଏନ୍‌ଏନ୍‌ଏସ୍:**



ଉତ୍କଳ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ୪ ପୃଷ୍ଠାର ଚିଠି ଲେଖି ଓଡ଼ିଶାବାସୀଙ୍କୁ ଉତ୍କଳ ଦିବସର ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ । ଚିଠିରେ ଓଡ଼ିଶାର ସଂସ୍କୃତି, ଐତିହ୍ୟ ସମ୍ପର୍କରେ ଉଲ୍ଲେଖ କରିବା ସହ ଓଡ଼ିଶା ବିକାଶ ନେଇ ପ୍ରଧାନମନ୍ତ୍ରୀ ପରାମର୍ଶ ବି ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ଚିଠି ଆରମ୍ଭରୁ 'ଜୟ ଜଗନ୍ନାଥ' ଲେଖି ଓଡ଼ିଶାର ଭାଇ ଓ ଭଉଣୀମାନଙ୍କୁ ଓଡ଼ିଶା ଦିବସରେ ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି । ସେ ଲେଖିଛନ୍ତି ଯେ, ଓଡ଼ିଶା ଏହାର ଗୌରବଶାଳୀ ଇତିହାସ ଏବଂ ଏହି ଅସାଧାରଣ ରାଜ୍ୟର ଲୋକମାନଙ୍କୁ ଦେଖିଲେ ଯେକୌଣସି ବ୍ୟକ୍ତି ଚକିତ ହୋଇଯିବ । ଓଡ଼ିଆ ସଂସ୍କୃତି ଏକ ସଭ୍ୟତାଗତ ଐତିହ୍ୟ । ଓଡ଼ିଶାରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେବା ଭଳି ଶକ୍ତି ରହିଛି । ସର୍ବୋପରି, ଏଠାରେ ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, କୋଣାର୍କର ସୂର୍ଯ୍ୟମନ୍ଦିର ଏବଂ ଏପରି ଅନେକ ପ୍ରତିଷ୍ଠିତ ସ୍ଥଳୀ ନିର୍ମାଣ କରାଯାଇଛି, ଯାହା ଆଜି ମଧ୍ୟ ସଗୌରବେ ଦଣ୍ଡାୟମାନ । ସାରା ରାଜ୍ୟରେ ଦେବୀ ମା'ଙ୍କୁ ସମର୍ପିତ ଅନେକ ମନ୍ଦିର ଅଛି । ଓଡ଼ିଶାରେ ଭକ୍ତି ଏବଂ କଳାତ୍ମକ ଉତ୍କର୍ଷର ଅଦ୍ଭୁତ ସଂଗମ ଦେଖିବାକୁ ମିଳିଥାଏ ବୋଲି ପ୍ରଧାନମନ୍ତ୍ରୀ ଚିଠିରେ ଲେଖିଛନ୍ତି ।

ସେହିପରି ମୋଦୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ବାସ୍ତବ ମହାନତା ଏହାର ଲୋକଙ୍କ ପାଖରେ ରହିଛି । ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ସାହସ ବିଷୟରେ ତ ସମସ୍ତେ ଢେର ଅଧିକ ଜାଣିଛନ୍ତି । ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେଓ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ହରେକୃଷ୍ଣ ମହତାବ, ମାଳତୀ ଚୌଧୁରୀ, ସାରଳା ଦେବୀ, ପାର୍ବତୀ ଗିରି ଏବଂ ଏପରି ଅଗଣିତ ମହାପୁରୁଷ ଆମ ଇତିହାସରେ ଏକ ଅଲିଭା ସ୍ୱାକ୍ଷର ଛାଡ଼ି ଯାଇଛନ୍ତି । ଏହି ମାଟିରେ ବିଜୁ ପଟ୍ଟନାୟକଙ୍କ ଭଳି ମହାନ ବ୍ୟକ୍ତିତ୍ୱ ଜନ୍ମ ନେଇଥିଲେ । ତାଙ୍କର ଜୀବନ ଅସାଧାରଣ ଶକ୍ତି, ସାହସ ଏବଂ ଦେଶ ଗଠନ ପାଇଁ ଅତୁଟ ସମର୍ପଣର ପ୍ରତୀକ । ବିଜୁ ବାବୁଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଆମ ସମସ୍ତଙ୍କୁ ଅନୁପ୍ରାଣିତ କରିଛି ବୋଲି ପ୍ରଧାନମନ୍ତ୍ରୀ ଚିଠିରେ ଲେଖିଛନ୍ତି । ଓଡ଼ିଶାର ଲୋକମାନେ ବିଭିନ୍ନ କ୍ଷେତ୍ରରେ ଦେଶ ପ୍ରତି ସମୃଦ୍ଧ ଯୋଗଦାନ ଦେଇ ଆସୁଛନ୍ତି । ସେମାନେ ବ୍ୟବସାୟ ଏବଂ ବାଣିଜ୍ୟରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି । ଓଡ଼ିଶାର ଅନେକ ଉତ୍କୃଷ୍ଟ ▶▶ ୬

**ଓଡ଼ିଶା ସମେତ ମୁଖ୍ୟମନ୍ତ୍ରୀଙ୍କୁ କଲେ ପ୍ରଶଂସା**

**ରାଜ୍ୟର ଗୌରବ ଗାଥାକୁ ମନେ ପକାଇଲେ**

### ପ୍ରଧାନମନ୍ତ୍ରୀଙ୍କୁ ମୋହନଙ୍କ କୃତଜ୍ଞତା

ଏଣେ ଚିଠି ପାଇବା ମାତ୍ରେ ରାଜ୍ୟବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଓଡ଼ିଶାର ଗୌରବଶାଳୀ ଇତିହାସ ଓ ସଂସ୍କୃତିକୁ ଏକ ସଭ୍ୟତାଗତ ଐତିହ୍ୟ ଭାବେ ବର୍ଣ୍ଣନା କରିଥିବାରୁ ସେ ଗର୍ବିତ ବୋଲି କହିଛନ୍ତି ମୋହନ ମାଝୀ । ପ୍ରଧାନମନ୍ତ୍ରୀଙ୍କ ଅହମଦାବାଦ ରଥଯାତ୍ରା ପହଣ୍ଡି ବିଧିର ଅନୁଭୂତି ଆମ ସାଂସ୍କୃତିକ ଏକତାକୁ ପ୍ରତିଫଳିତ କରୁଛି ବୋଲି କହିଛନ୍ତି ସିଏମ୍ ମୋହନ । ଓଡ଼ିଶାର ପ୍ରଗତି ପାଇଁ ଆପଣଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଅକୁଣ୍ଠ ସମର୍ଥନ ପ୍ରଶଂସନୀୟ ବୋଲି ମୁଖ୍ୟମନ୍ତ୍ରୀ ଅବତାରଣା କରିବା ସହ ସୁଭଦ୍ରା ଯୋଜନା ଦ୍ୱାରା ୧ କୋଟିରୁ ଅଧିକ ମହିଳାଙ୍କ ସଶକ୍ତୀକରଣ ଦିଗରେ ଆମ ପ୍ରୟାସକୁ ପ୍ରଶଂସା, ଓଡ଼ିଶାର ନାରୀ ଶକ୍ତିକୁ ଆହୁରି ଉତ୍ସାହିତ କରିବ ଉଲ୍ଲେଖ କରିଛନ୍ତି । ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ହେବାର ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଗଠନ ▶▶ ୬ ନେଇ ଆପଣଙ୍କ ସଂକଳ୍ପକୁ ପୂରଣ ପାଇଁ ଚେଷ୍ଟା ଜାରି ରଖିବୁ ବୋଲି ପ୍ରଧାନମନ୍ତ୍ରୀଙ୍କୁ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ । ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରେ ଓଡ଼ିଶା ସମୃଦ୍ଧିର ନୂଆ ମାଇଲଖୁଣ୍ଟ ହାସଲ କରିବ ଓ ଭାରତ ସରକାରଙ୍କ ସହ ସହଭାଗୀ ସଂକଳ୍ପ ନେଇ ବିକାଶ ଯାତ୍ରାରେ ଆଗକୁ ବଢ଼ିବୁ ବୋଲି କହିଛନ୍ତି ମୋହନ ମାଝୀ ।

# ଧାନ କିଣା ଅବଧି ୭ଦିନ ବୃଦ୍ଧି

**ଭୁବନେଶ୍ୱର,୧।୪/ଏନ୍‌ଏନ୍‌ଏସ୍:**



ରାଜ୍ୟରେ ଆଉ ୭ ଦିନ ବଢ଼ିଲା ଧାନକିଣା ଅବଧି । ଖରିଫ ଧାନକିଣା ଅବଧିକୁ ଆଉ ୭ ଦିନ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ଏନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଯେପରି ଜଣେ ଚାଷୀଙ୍କ ଟୋକନ୍ ଲାପ୍ସ ଯିବନି ସେ ଉପରେ ଗୁରୁତ୍ୱ ଦିଆଯାଉଥିବା ମନ୍ତ୍ରୀ କହିଛନ୍ତି । ଚଳିତ ଖରିଫ୍ ଋତୁରେ ୭୭ ଲକ୍ଷ ମେଟ୍ରିକ ଟନ୍ ଧାନ କିଣା ସରିଲାଣି । ୧୮ ଲକ୍ଷ ୬୪ ହଜାର ଚାଷୀ ଧାନ ବିକ୍ରି କରି ସାରିଥିବା ବେଳେ ଚାଷୀଙ୍କ ଖାତାକୁ ୨୨ ହଜାର ୮୮୪ କୋଟି ଟଙ୍କା ଯାଇ ସାରିଲାଣି ବୋଲି ମନ୍ତ୍ରୀ କହିଛନ୍ତି । ଗତକାଲି ଅର୍ଥାତ ମାର୍ଚ୍ଚ ୩୧ରେ ଶେଷ ହୋଇଥିଲା ଖରିଫ ଧାନକିଣା ଅବଧି । ହେଲେ ଏବେ ବି ଅନେକ ଚାଷୀଙ୍କ ଧାନ କିଣା ହୋଇନଥିବାରୁ ଏଭଳି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ଓଡ଼ିଶା ସରକାରଙ୍କ ପକ୍ଷରୁ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ଧାନ କିଣା ଅବଧିକୁ ଆଉ ୭ ଦିନ ପାଇଁ ବୃଦ୍ଧି କରାଯାଇଛି । ଧାନ ସଂଗ୍ରହ ପ୍ରକ୍ରିୟାରେ କିଛି ଯାନ୍ତ୍ରିକ ତ୍ରୁଟି, ମଣ୍ଡି ସମସ୍ୟା କିମ୍ବା ଟୋକନ୍ ପାଇବାରେ ବିଳମ୍ବ ଯୋଗୁଁ ଅନେକ ପ୍ରକୃତ ଚାଷୀ ସମୟସୀମା ମଧ୍ୟରେ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଥିଲେ । ବିଶେଷ କରି ସୀମାନ୍ତବର୍ତ୍ତୀ ▶▶ ୬

# ବନ୍ଧା ହେଲେ କୁବେର ଡିଏମ୍

## କେଜିଏ ସୁନା, ନଗଦ ୪୮. ୯୭ ଲକ୍ଷ ଜବତ

**ସମ୍ବଲପୁର,୧।୪/ଏନ୍‌ଏନ୍‌ଏସ୍:**



ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ପୁଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ୍‌ର ସମ୍ବଲପୁର ଡିଭିଜନ୍‌ର ଡେପୁଟୀ ମ୍ୟାନେଜର(ଡିଏମ୍) ବିଦ୍ୟୁତ ରଞ୍ଜନ ଭୋଲଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରିଛି । ମଙ୍ଗଳବାର ସମ୍ବଲପୁର ରେଳ ଷ୍ଟେସନ ନିକଟରେ ନଗଦ ୫ ଲକ୍ଷ ୧୮ ହଜାର ୯୦୦ ଟଙ୍କା ସହ ଧରାପଡ଼ିବା ପରେ ତାଙ୍କର ସମ୍ବଲପୁର, ଭୁବନେଶ୍ୱର ଓ ଗଞ୍ଜାମର ଭଞ୍ଜନଗର ସ୍ଥିତ ବିଭିନ୍ନ ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିବା ବେଳେ ଲକ୍ଷ ଲକ୍ଷ ନଗଦ ଟଙ୍କା ଠାବ କରାଯାଇଥିଲା । ଶ୍ରୀ ଭୋଲଙ୍କଠାରୁ ନଗଦ ମୋଟ ୪୮ ଲକ୍ଷ ୭୯ ହଜାର ୧୦୦ ଟଙ୍କା ମିଳିଛି । ତାଙ୍କର ୨୯ଟି ପ୍ଲଟ୍ ଅଛି । ବ୍ରହ୍ମପୁର ଓ ଖୋର୍ଦ୍ଧାର ଜଟଣୀ ସହିତ ଅନ୍ୟାନ୍ୟ ସ୍ଥାନରେ ତାଙ୍କର ଏହି ପ୍ଲଟ୍ ଗୁଡ଼ିକ ଅଛି । ତାଙ୍କର ଦୁଇଟି ବହୁତଳ କୋଠା ସହିତ ଭୁବନେଶ୍ୱରର କଳିଙ୍ଗ ବିହାରରେ ଗୋଟିଏ ଫ୍ଲାଟ୍ ଅଛି । ତାଙ୍କ ଘରୁ ମୋଟ ୧ କେଜି ୧୪୦ ଗ୍ରାମର ସୁନା ଜବତ କରାଯାଇଛି । ତା' ମଧ୍ୟରେ ୬ଟି ସୁନା କଏନ ଓ ୨ଟି ସୁନା ବିସ୍କୁଟ୍ ରହିଛି । ବିପୁଳ ସଂପତ୍ତି ଠାବ ସତ୍ତ୍ୱେ ଚଢ଼ଉ ଜାରି ରହିଛି ।

# ରାଜ୍ୟପାଳଙ୍କଠୁ ଆରମ୍ଭ ହେଲା ଜନଗଣନା

## ସ୍ୱ-ଗଣନାରେ ପ୍ରଦାନ କଲେ ନିଜ ତଥ୍ୟ

**ଭୁବନେଶ୍ୱର,୧।୪ /ଏନ୍‌ଏନ୍‌ଏସ୍:**



ବୁଧବାର ଠାରୁ ଦେଶରେ ଆରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ ଜନଗଣନା । ଓଡ଼ିଶାରେ ରାଜ୍ୟର ପ୍ରଥମ ନାଗରିକ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ପାଖରୁ ହୋଇଛି ପ୍ରଥମ ଜନଗଣନା । ଜନଗଣନା - ୨୦୨୭ର ସ୍ୱ - ଗଣନା ପ୍ରକ୍ରିୟା ଆରମ୍ଭ ହେବା ଅବସରରେ ରାଜ୍ୟପାଳ ସ୍ୱ-ଗଣନାରେ ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଛନ୍ତି । ଏହି ଅବସରରେ ରାଜ୍ୟର ପ୍ରତ୍ୟେକ ପରିବାରକୁ ଗଣନା କରିବା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରି ଜନଗଣନା ପ୍ରକ୍ରିୟାରେ ରାଜ୍ୟର ସମସ୍ତ ଜନସାଧାରଣ ଅଂଶଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ଦେଶବ୍ୟାପୀ କାର୍ଯ୍ୟକ୍ରମରେ ଜନସାଧାରଣ ସକ୍ରିୟ ଭାବେ ଅଂଶଗ୍ରହଣ ପାଇଁ ଆହ୍ୱାନ ଜଣାଇଛନ୍ତି । ରାଜ୍ୟପାଳ ନିଜେ ସ୍ୱ-ଗଣନା ପ୍ରକ୍ରିୟାରେ ଦାୟିତ୍ୱ ସମାପନ କରି ଅନ୍ୟମାନଙ୍କୁ ମଧ୍ୟ ଏହା କରିବାକୁ ଉତ୍ସାହିତ କରିଛନ୍ତି । ରାଜ୍ୟପାଳ ଉଲ୍ଲେଖ କରିଛନ୍ତି ଯେ, ଜନଗଣନା ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟ ଯାହା ଫଳପ୍ରଦ ଯୋଜନା ଏବଂ ବିକାଶ ପାଇଁ ଭିତ୍ତିଭୂମି ପ୍ରଦାନ କରେ । ରାଜ୍ୟପାଳ ଆହୁରି ମଧ୍ୟ କହିଛନ୍ତି ଯେ, ସମାବେଶୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଜନଗଣନାରେ ସଠିକ୍ ତଥ୍ୟ ସଂଗ୍ରହ ଅତ୍ୟାବଶ୍ୟକ । ଜନଗଣନାର ଗୃହ ଗଣନା ଓ ତାଲିକାକରଣ ▶▶ ୬

'ବିକଶିତ ଓଡ଼ିଶା' ଗଠନ

# ୧୦ ସଂକଳ୍ପ ନେବାକୁ କେନ୍ଦ୍ରମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର,୧।୪/ଏନ୍‌ଏନ୍‌ଏସ୍:**



କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ପବିତ୍ର 'ଓଡ଼ିଶା ଦିବସ' ଅବସରରେ ଦେଶ ତଥା ବିଦେଶରେ ରହୁଥିବା ସମସ୍ତ ଓଡ଼ିଆ ଭାଇ-ଭଉଣୀମାନଙ୍କୁ ଭିଡ଼ିଓ ବାର୍ତ୍ତା ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି । ୨୦୨୬ରୁ ୨୦୩୬ - ଆଗାମୀ ୧୦ ବର୍ଷ ' ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ' ଗଠନର ଶତାବ୍ଦୀ ପୂର୍ତ୍ତି ଅଭିମୁଖେ ଗୁରୁତ୍ୱପୂର୍ଣ୍ଣ ଯାତ୍ରା ବୋଲି ଅଭିହିତ କରିବା ସହ ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ୧୦ଟି ଗୁରୁତ୍ୱପୂର୍ଣ୍ଣ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି ।

ସେ କହିଛନ୍ତି, ଆଜି ଠାରୁ ଠିକ୍ ୧୦ ବର୍ଷ ପରେ ୨୦୩୬ରେ ଆମ ରାଜ୍ୟ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ୨୦୪୭ରେ ଆମ ଦେଶ ସ୍ୱାଧୀନତାର ଶତାବ୍ଦୀ ପୂରଣ କରିବ । ଏଥିପାଇଁ ଆଗାମୀ ୧୦ ବର୍ଷରୁ ୨୧ ବର୍ଷ ଅତ୍ୟନ୍ତ ନିର୍ଣ୍ଣାୟକ ଓ ମହତ୍ତ୍ୱପୂର୍ଣ୍ଣ । ତେଣୁ ଆଜିର ଦିନଟି ଆମ ସମସ୍ତଙ୍କ ପାଇଁ ଆତ୍ମସମୀକ୍ଷାର ଦିନ । ଏହି ସମୟରେ ଆମକୁ ସଂକଳ୍ପ ନେବାକୁ ହେବ ଯେ — ଆମେ ଆମର ମାତୃଭାଷାକୁ ସମ୍ମାନ ଦେବା ଏବଂ ଏହାର ପ୍ରଚାର ପ୍ରସାର କରିବା । ଓଡ଼ିଶାର ବିକାଶ ଓ ପ୍ରଗତିରେ ନିଜ ନିଜ କ୍ଷେତ୍ରରେ ଅବଦାନ ଦେବା । ଜାତି, ଧର୍ମ ଓ ଭେଦଭାବ ଭୁଲି ଏକ ସମୃଦ୍ଧ ଏବଂ ସଶକ୍ତ ଓଡ଼ିଶା ଗଠନରେ ସହାୟକ ହେବା । ପ୍ରତ୍ୟେକ ଶିଶୁଙ୍କ ପାଖରେ ପୁଷ୍ଟିକର ଆହାର ପହଞ୍ଚାଇବା ପାଇଁ ସାମୂହିକ ଦାୟିତ୍ୱ ନେବା । ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ କରିବା ସହ ଅନ୍ୟମାନଙ୍କୁ ଏ ଦିଗରେ ▶▶ ୬

# ବିମାନ ଦୁର୍ଘଟଣାରେ ୨୯ ମୃତ

**ମସ୍କୋ,୧।୪/ଏଜେନ୍ସି:**

କ୍ରିମିଆରେ ଏକ ରୁଷୀୟ ସାମରିକ ବିମାନ ଏଏନ୍-୨୬ ଦୁର୍ଘଟଣାଗ୍ରସ୍ତ ହୋଇଛି । ରିପୋର୍ଟ ଅନୁଯାୟୀ ବିମାନ ଦୁର୍ଘଟଣା ହୋଇ ଏକ ପାହାଡ଼ ଉପରେ ଖସି ପଡ଼ିଥିଲା । ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ୨୯ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ପ୍ରାରମ୍ଭିକ ରିପୋର୍ଟରେ ଯାନ୍ତ୍ରିକ ତ୍ରୁଟି ପାଇଁ ଦୁର୍ଘଟଣା ହୋଇଥିବା ଅନୁମାନ କରାଯାଉଛି କିନ୍ତୁ ପ୍ରକୃତ କାରଣ ଅସ୍ପଷ୍ଟ ରହିଛି । ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ଘଟଣା ବାବଦରେ ସୂଚନା ଦେଇଛି । ୨୩ ଯାତ୍ରୀ ଏବଂ ୬ ଜଣ କ୍ରୁ ସଦସ୍ୟ ବିମାନରେ ଥିବାବେଳେ ସମସ୍ତଙ୍କର ମୃତ୍ୟୁ ହୋଇଛି ।

# ୩୦ ନେତାଙ୍କୁ ଯୋଜନା କମିଟି ଦାୟିତ୍ୱ

**ଭୁବନେଶ୍ୱର,୧।୪/ଏନ୍‌ଏନ୍‌ଏସ୍:**

**୪ ମନ୍ତ୍ରୀ ଓ ୨୬ ବିଧାୟକ ସାମିଲ୍**

ନେତାଙ୍କୁ ମିଳିଲା ଜିଲ୍ଲା ଯୋଜନା କମିଟି ଦାୟିତ୍ୱ । ରାଜ୍ୟ ସରକାର ୩୦ ଜିଲ୍ଲା ପାଇଁ ଯୋଜନା କମିଟି ଗଠନ କରିଛନ୍ତି । ଘୋଷଣା ହୋଇଥିବା ୩୦ ଜିଲ୍ଲା ଯୋଜନା କମିଟିରେ ୪ ଜଣ ମନ୍ତ୍ରୀ ଓ ୨୬ ଜଣ ବିଧାୟକଙ୍କୁ ଦାୟିତ୍ୱ ମିଳିଛି । ବୁଧବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଯାହାଫଳରେ ଜିଲ୍ଲାସ୍ତରରେ ଉନ୍ନୟନମୂଳକ କାର୍ଯ୍ୟର ଯୋଜନା ପ୍ରସ୍ତୁତି, ମନିଟରିଂ ଓ ମୂଲ୍ୟାଙ୍କନ ଆହୁରି ସଠିକ୍ ଢ଼ଙ୍ଗରେ ହେବ । ପ୍ରକାଶ ଯେ ଅନୁଗୁଳ ଜିଲ୍ଲା ନିମେନ୍ତ ଅଶୋକ ମହାନ୍ତିଙ୍କ ନାମ ଘୋଷଣା ହୋଇଥିବାବେଳେ ବଲାଙ୍ଗୀର ପାଇଁ ଲକ୍ଷ୍ମଣ ବାଗଙ୍କ ନାମ ଘୋଷଣା ହୋଇଛି । ସେହିପରି ପଦ୍ମଲୋଚନ ପରିଚ୍ଛା-ବାଲେଶ୍ୱର, ଅଶ୍ୱିନୀ କୁମାର ଷଡ଼ଙ୍ଗୀ-ବରଗଡ଼, ସୀତାଂଶୁ ଶେଖର ମହାପାତ୍ର-ଭଦ୍ରକ, କହ୍ନାଇ ଚରଣ ଡାଙ୍ଗ-ବୌଦ୍ଧ, ▶▶ ୬

# ଇରାନ୍ ଯୁଦ୍ଧ ମଧ୍ୟରେ ବ୍ରିଟେନ୍ ବି ଛାଡ଼ିଲା ଟ୍ରମ୍ପଙ୍କ ସାଥ୍

## ହର୍ମୁଜ୍ ଉପରେ ଡକାଇଲା ୩୫ ଦେଶର ବୈଠକ

**ଲଣ୍ଡନ,୧।୪/ଏଜେନ୍ସି:**



ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ବ୍ରିଟେନ୍ ବି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାଥ୍ ଛାଡ଼ିଛି । ଆମେରିକା ଓ ଇସ୍ରାଏଲ୍ ଆକ୍ରମଣର ଜବାବରେ ଇରାନ୍ ପଡ଼ୋଶୀ ଶତ୍ରୁ ଦେଶଗୁଡ଼ିକୁ ଟାର୍ଗେଟ୍ କରୁଛି । ଏହା ମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପ ନିଜ ସହଯୋଗୀ ଦେଶଗୁଡ଼ିକୁ ସହଯୋଗ ପାଇଁ ନିବେଦନ କରିଥିଲେ । ମାତ୍ର 'ଏହାର ଆମର ଯୁଦ୍ଧ ନୁହେଁ' କରି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କୀର୍ ଷ୍ଟାର୍ମର୍ ଇରାନ୍ ଯୁଦ୍ଧରେ ସାମିଲ ହେବାକୁ ମନା କରିଦେଇଛନ୍ତି । ନାଟୋ ସହଯୋଗୀ ଦେଶଗୁଡ଼ିକ ପକ୍ଷରୁ ଯୁଦ୍ଧରେ ସାମିଲ ହେବାକୁ ବ୍ରିଟେନ୍ ଉପରେ ଚାପ ସୃଷ୍ଟି ହେଉଥିବା ବେଳେ ଷ୍ଟାର୍ମର୍ ଏହି ନିଷ୍ପତ୍ତି ନେଇଛନ୍ତି । ପ୍ରଧାନମନ୍ତ୍ରୀ ଷ୍ଟାର୍ମର୍ ସ୍ପଷ୍ଟ କରିଛନ୍ତି ଯେ ବ୍ରିଟେନ୍‌ର ଜାତୀୟ ହିତକୁ କ୍ଷତି ପହଞ୍ଚାଉଥିବା ଏପରି କୌଣସି ଆକ୍ରମଣାତ୍ମକ ଅଭିଯାନରେ ସେ ଦେଶର ସେନାକୁ ସାମିଲ ହେବାକୁ ଦେବେନାହିଁ । ଅନ୍ୟପକ୍ଷରେ ଯୁଦ୍ଧଗ୍ରସ୍ତ ହର୍ମୁଜ୍ ଷ୍ଟ୍ରେଟ୍‌କୁ ପୁଣିଥରେ ଖୋଲିବା ପାଇଁ ବ୍ରିଟେନ୍ ଚଳିତ ସପ୍ତାହରେ ପ୍ରାୟ ୩୫ ଦେଶର ଏକ 'ମହାବୈଠକ'ର ଆୟୋଜନ କରିବାକୁ ଯାଉଛି ବୋଲି ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଷ୍ଟାର୍ମର୍ କହିଛନ୍ତି । ଏହି ଅତ୍ୟନ୍ତ ସମ୍ବେଦନଶୀଳ ବୈଠକର ଅଧ୍ୟକ୍ଷତା ବ୍ରିଟେନ୍ ବିଦେଶ ସଚିବ ଯଭେୟ କୁପର୍ କରିବେ ବୋଲି ଷ୍ଟାର୍ମର୍ କହିଛନ୍ତି । ତେବେ ବୈଠକର ସଠିକ୍ ତାରିଖ ପ୍ରକାଶ କରିନାହାନ୍ତି ।

ଷ୍ଟାର୍ମର୍ କହିଛନ୍ତି, ଏହି ବୈଠକରେ ହର୍ମୁଜ୍ ଷ୍ଟ୍ରେଟ୍‌ର ସ୍ୱାଧୀନତା ପୁନଃସ୍ଥାପନ ପାଇଁ ଆମେ ସମସ୍ତ କୂଟନୈତିକ ଏବଂ ରାଜନୈତିକ ପଦକ୍ଷେପର ମୂଲ୍ୟାଙ୍କନ କରିବୁ । ସେଠାରେ ଫସି ରହିଥିବା ଜାହାଜ ଏବଂ ନାବିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହିତ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନ ପୁନଃ ଆରମ୍ଭ କରିବା ଆମର ଲକ୍ଷ୍ୟ । ସେ ଆହୁରି କହିଛନ୍ତି, ଏହି ବୈଠକ ପରେ ଆମେ ସାମରିକ ଯୋଜନାକାରୀଙ୍କୁ ମଧ୍ୟ ଏକାଠି କରିବୁ । ଯୁଦ୍ଧ ଶେଷ ହେବାପରେ ଆମେ ନିଜର କ୍ଷମତାର କିପରି ବ୍ୟବହାର କରିବୁ, ଯାହା ଦ୍ୱାରା ଏହି ସମୁଦ୍ର ରାସ୍ତାକୁ ସବୁଦିନ ପାଇଁ ସୁରକ୍ଷିତ ଏବଂ ସୁଗମ କରାଯାଇ ପାରିବ, ଏସବୁ ଦେଖିବା ସେମାନଙ୍କର କାମ ହେବ । ଏହି ମହାବୈଠକରେ ଅଂଶଗ୍ରହଣକାରୀ ଦେଶଗୁଡ଼ିକ ▶▶ ୬

# ଗଞ୍ଜାମ ଜିଲ୍ଲା ପୁଲିସ ପକ୍ଷରୁ ୯୧ତମ ପ୍ରତିଷ୍ଠା ଦିବସ



**ଛତ୍ରପୁର,୧।୪/ଏନ୍ଏନ୍ଏସ୍:** ଛତ୍ରପୁର ସ୍ଥିତ ପୁଲିସ ରିଜର୍ଭ ପଡ଼ିଆଠାରେ ଗଞ୍ଜାମ ଜିଲ୍ଲା ପୁଲିସ୍ ପକ୍ଷରୁ ୯୧ ତମ ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ । ପୁଲିସ ଉତ୍ତମ ଆଚରଣ ଓ ଦକ୍ଷତାର ସହ କର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରାଯାଇଥିଲା । ଗଞ୍ଜାମ ଜିଲ୍ଲା ପୁଲିସ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ଦେଶ ଓ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି । ତାରାସିଂଙ୍ଗୀ ଥାନାର ଏଏସ୍ଆଇ ଦୁର୍ଯ୍ୟୋଧନ ବେହେରା ଓ ଭଞ୍ଜନଗର ଥାନାର ହାବିଲଦାର ଦିଲ୍ଲୀପ କୁମାର ରାଉତଙ୍କୁ ଶ୍ରେଷ୍ଠ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା । କାର୍ଯକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ଚିନ୍ମୟ ନାୟକ ଓ ସୀମା ସ୍ୱାଇଁ, ଛତ୍ରପୁର ଏସ୍ଡିପିଓ ଚନ୍ଦନ ଘଡ଼େଇ, ଡିଏସ୍ପି କଳ୍ପନା କାଉଁରୀ, ଜିତ୍ ରଞ୍ଜନ ମହାପାତ୍ର, ଗିରିଜା ଶଙ୍କର ପଟ୍ଟନାୟକ, ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ କାଳୁ ଚରଣ ବେହେରା, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲଙ୍କ ସମେତ ବହୁ ପୁଲିସ ଅଧିକାରୀ, କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଆରଆଇ ବିକାଶ ଚନ୍ଦ୍ର ସେନାପତିଙ୍କ ନେତୃତ୍ୱରେ ପ୍ୟାରେଡ୍ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗଞ୍ଜାମ ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ପୁଲିସ୍ ଅଧିକାରୀ ଓ କର୍ମଚାରୀମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ଶିବିରରୁ ମୋଟ ୫୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ସମସ୍ତଙ୍କ ସହଯୋଗରେ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହୋଇଥିବାରୁ ପାଇଁ ଗଞ୍ଜାମ ଏସ୍ପି ଧନ୍ୟବାଦ ଜଣାଇଥିଲେ ।

## ସରସ୍ୱତୀ ଶିଶୁ ମନ୍ଦିରରେ ପୁରସ୍କାର ବିତରଣ ଉତ୍ସବ



**ପୁରୁଷୋତ୍ତମପୁର,୧।୪/ଏନ୍ଏନ୍ଏସ୍:** ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥି ଭାବେ ଉପସଭାପତି ହରିହର ପଣ୍ଡା, ସମ୍ପାଦକ ସୁଶାନ୍ତ କୁମାର ବେହେରା, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ବେହେରା, କୋଷାଧକ୍ଷ ରାଜକିଶୋର ସାସମଲ ଯୋଗଦେଇ ବିଦ୍ୟାର୍ଥୀଙ୍କୁ କ୍ରୀଡା ପ୍ରତି ଉତ୍ସାହିତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ଡ଼ାକୁଆଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବକୁ ତ୍ରିପୁରା କୁମାରୀ ପାତ୍ର ପରିଚାଳନା କରିଥିଲେ । ସୁଚିତ୍ରା କୁମାରୀ ପଣ୍ଡା, ନିହାରିକା ଗୁରୁମା, ସଂଗୀତା ଗୁରୁମା ଅତିଥି ସ୍ୱାଗତ କରିଥିଲେ । ବେଦାନ୍ତୁ ସ୍ୱାମୀ ପରମପୂଜ୍ୟ ସୁଧାନନ୍ଦ ସରସ୍ୱତୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସୁନାଗୁରୁମା, ସଂଗୀତା ଗୁରୁମା, ଲକ୍ଷ୍ମୀ ଗୁରୁମା ଏବଂ କବିତା ଗୁରୁମା ସହଯୋଗ କରିଥିଲେ । ଶେଷରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଛତ୍ରପୁର ବିଜେଡି ପକ୍ଷରୁ ଉତ୍କଳ ଦିବସ

**ଛତ୍ରପୁର,୧।୪/ଏନ୍ଏନ୍ଏସ୍:** ଛତ୍ରପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଛତ୍ରପୁର ଠାରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା ନେତୃତ୍ୱରେ ଉତ୍କଳ ଦିବସ ପାଳନ କରାଯାଇଛି । ଛତ୍ରପୁର ସହରରେ ଥିବା ସମସ୍ତ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶା ଗଠନରେ କର୍ଣ୍ଣଧାର ସାଜିଥିବା ବରେଣ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଲୋୟର ବସଷ୍ଟାଣ୍ଡଠାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଛତ୍ରପୁର ବ୍ଲକ ବିଜେଡି ସଭାପତି ଏସ୍. ଚକ୍ରପାଣି ରେଡ୍ଡୀ, ନଗର ସଭାପତି ବି. ରାଜିବାବୁ, ଛତ୍ରପୁର ବାର ଆସୋସିଏସନ୍ ସଭାପତି ଏଲ୍. ଗୋପୀ, ବିଜେଡି ନେତା ପ୍ରଶାନ୍ତ କର, ପ୍ରବାସୀ ପ୍ରଧାନ, ଭୈରବ ପଟ୍ଟନାୟକ, ଯୁବନେତା ପ୍ରଶାନ୍ତ କୁମାର ପଣ୍ଡା, ଚନ୍ଦ୍ର ଶେଖର ରାଓ, ନାଗେଶ୍ୱର ରାଓ, ସୁରେଶ ଚନ୍ଦ୍ର ଦାଶ, ବିମଳ ପଣ୍ଡା, ଅଟଳ ବିହାରୀ ପଟ୍ଟନାୟକ, ସରପଞ୍ଚ ରଞ୍ଜନ ପଳେଇ, ସରପଞ୍ଚ ହିନା ସେଠୀ, ସମିତି ସଭ୍ୟ ସନାତନ ବେହେରା, ଗଞ୍ଜାମ ବ୍ଲକ ଉପାଧକ୍ଷ ଅନ୍ତର୍ଯ୍ୟାମୀ ବେହେରା, କାଉନ୍ସିଲର ପ୍ରିତିଛନ୍ଦା ସାମଲଙ୍କ ସମେତ ବହୁ ଯୁବ ଓ ଛାତ୍ର ନେତା ଉପସ୍ଥିତ ଥିଲେ ।

## ପୋଟଲାମପୁର ଓ ମନ୍ଦାର ପଞ୍ଚାୟତ ପାଇବ ଜାତୀୟ ପୁରସ୍କାର

**ବ୍ରହ୍ମପୁର,୧।୪/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାର ୨ଟି ପଞ୍ଚାୟତକୁ ଜାତୀୟ ପୁରସ୍କାର ମିଳିବାକୁ ଯାଉଛି । ଛତ୍ରପୁର ଓ ପୋଲସରା ବ୍ଲକ୍ ଏହି ଗୌରବ ଆଣିଛନ୍ତି । ଦୀନ ଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ଯୋଜନାରେ ୨ଟି ଛତ୍ରପୁର ବ୍ଲକର ପୋଟାଲାମପୁର ଓ ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତ କୃତିତ୍ୱ ଲାଭ କରିଛନ୍ତି । ସେହିପରି ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାରରେ ଗଞ୍ଜାମ ଜିଲ୍ଲା ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ ଗୌରବ ଅର୍ଜନ କରିଛି । ଏନେଇ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରାଳୟର ଆର୍ଥିକ ପରାମର୍ଶଦାତା ବିଜୟ କୁମାର ବେହେରା ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ସମଗ୍ର ରାଜ୍ୟର ୫ଟି ପଞ୍ଚାୟତ ଏଥିରେ ପୁରସ୍କୃତ ହେବେ । ସେଥିରୁ ୨ଟି ଗଞ୍ଜାମ ଜିଲ୍ଲାରୁ ରହିଛନ୍ତି । ଦୀନ ଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ଯୋଜନାରେ ଛତ୍ରପୁର ବ୍ଲକ୍ର ପୋଟଲାମ୍ପୁର ଦେଶର ସୁସ୍ଥ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି । ଏଥିଲାଗି ୯ଟି ପାରାମିଟରକୁ ନେଇ ସର୍ଭେ କରାଯାଇଥିଲା । ସେଥିରେ ପୋଟଲାମପୁର ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ସେହିପରି ୫୩ଟି ପାରାମିଟରକୁ ନେଇ ହୋଇଥିବା ସର୍ଭେରେ ସାମାଜିକ ନ୍ୟାୟ ଓ ସାମାଜିକ ସୁରକ୍ଷା ବର୍ଗରେ ପୋଲସରା ବ୍ଲକର ମନ୍ଦାର ଗ୍ରାମ ପଞ୍ଚାୟତ ତୃତୀୟ ସ୍ଥାନ ଅଧିକାର କରିଛି । ସେହିପରି ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ବର୍ଗରେ ଗଞ୍ଜାମ ଜିଲ୍ଲାକୁ ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ ପୁରସ୍କୃତ କରାଯିବ । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଏହି ସଫଳତା ଲାଗି ଗଞ୍ଜାମବାସୀ, ଦୁଇ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲାପରିଷଦ ସଭ୍ୟସଭ୍ୟାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ପୁରସ୍କାର ଆଗାମୀ ଦିନରେ କାର୍ଯ୍ୟ କ୍ଷେତ୍ରରେ ଅଧିକ ଉତ୍ସାହିତ କରିବ ଓ ଆଗକୁ ବଢ଼ିବାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ୯୧ତମ ଉତ୍କଳ ଦିବସ, ଓଡ଼ିଆ ପକ୍ଷର ଶୁଭାରମ୍ଭ

**ଫୁଲବାଣୀ,୧।୪/ଏନ୍ଏନ୍ଏସ୍:** ଫୁଲବାଣୀ ଠାରେ ଆଜି ୯୧ ତମ ଜିଲ୍ଲା ସ୍ତରୀୟ ଉତ୍କଳ ଦିବସ ପାଳନ ସହିତ ଓଡିଆ ପକ୍ଷର ଶୁଭାରମ୍ଭ ହୋଇଛି । ସକାଳେ ପ୍ରଶାସନ ପକ୍ଷରୁ ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଏକ



ସଭାର ଆୟୋଜନ ହୋଇଥିଲା । ଜିଲାପାଳ ବେଦଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍କଳୀୟ ପରମ୍ପରା ଓ ସ୍ୱାଭିମାନ ଉପରେ ବକ୍ତବ୍ୟ ରଖି ଏହାକୁ ଆଗକୁ ବଢାଇ ନେବା ପ୍ରତ୍ୟେକ ଓଡ଼ିଆର କର୍ତ୍ତବ୍ୟ ବୋଲି କହିଥିଲେ । ସେହିଭଳି ସରକାରଙ୍କ ପକ୍ଷରୁ ଆୟୋଜିତ ହେଉଥିବା ଓଡିଆ ପକ୍ଷ ସମ୍ପର୍କରେ ସୂଚନା ଦେଇ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଜିଲାପାଳ । ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ହରିଶ ବି ସି, ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଲାଇ, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣ୍ଡୁଆ, ଅତିରିକ୍ତ ଏସପି ରମେନ୍ଦ୍ର ପ୍ରସାଦ, ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ । ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଉତ୍କଳୀୟ ପରମ୍ପରା ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ ଅତିଥି । ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗଦାଧର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପୂଜ୍ୟ ପୂଜା ସମିତି ପକ୍ଷରୁ ଓଡ଼ିଶା ଦିବସ



**ବ୍ରହ୍ମପୁର,୧।୪/ଏନ୍ଏନ୍ଏସ୍:** ପୂଜ୍ୟ ପୂଜା ସମିତି ପକ୍ଷରୁ ଆଜି ୯୧ତମ ଉତ୍କଳ ଦିବସ ଉତ୍ସାହର ସହ ପାଳନ କରାଯାଇଥିଲା । ଏହି ଅବସରରେ ସହରର ବିଭିନ୍ନ ଛକରେ ସ୍ଥାପିତ ଓଡ଼ିଆ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସେମାନଙ୍କର ଅବଦାନ ସ୍ମରଣ କରାଯାଇଥିଲା ଅପରାହ୍ନରେ ବିଜିପୁର କମ୍ୟୁନିଟି ହଲ୍ ?ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଆନ୍ଦୋଳନର ଇତିହାସ ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ସମିତିର ସମ୍ପାଦକ ଏସ. ସାମ୍ବସିବା ରାଓ ଅଧକ୍ଷତା କରିଥିବା ବେଳେ ସମାଜସେବୀ ସୁରେନ୍ଦ୍ର ନାଥ ପଣ୍ଡା, କୁନି କୁମାରୀ ଦେବୀ, ଅଶୋକ କୁମାର ଦଳାଇ, ପ୍ରଦୀପ କୁମାର ସେଠି, ଗୁଣନିଧି ବେହେରା, ଆଦିତ୍ୟ ନାରାୟଣ ରଥ ଓ ଆଇନଜୀବି ଅବନୀ ଗୟା ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବକ୍ତାମାନେ କହିଥିଲେ ଯେ, ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଅତୁଳନୀୟ । ଓଡ଼ିଆ ଏକତ୍ରିକରଣ ଆନ୍ଦୋଳନର ପୃଷ୍ଠଭୂମି ଗଞ୍ଜାମ ଜିଲ୍ଲାରେ ଗଢ଼ିଉଠିଥିଲା ଓ ଏହି ଜିଲ୍ଲା ଆନ୍ଦୋଳନର ଏକ ମୁଖ୍ୟ କେନ୍ଦ୍ର ଥିଲା । ଏହା ସହିତ ଓଡ଼ିଶାର ଭୌଗଳିକ ସୀମା, ଖଣିଜ ଓ ଜଙ୍ଗଲ ସମ୍ପଦ ସୁରକ୍ଷା ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ବିଷୟ ଭାବେ ଉଭା ହୋଇଛି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ରାଜସ୍ୱ ସଂଗ୍ରହ ନାମରେ ମଦର ପ୍ରଚାର-ପ୍ରସାର ଫଳରେ ଆଇନ-ଶୃଙ୍ଖଳାର ଅବନତି ଓ ସାଧାରଣ ଲୋକଙ୍କ ଜୀବନ-ଜୀବିକା ଉପରେ ପ୍ରଭାବ ପଡୁଥିବା କଥା ଉଠାଇଥିଲେ । ପ୍ରତିବର୍ଷ ହଜାର ଯୁବକ ଜୀବିକା ନିମନ୍ତେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯିବା ମଧ୍ୟ ଏକ ଚିନ୍ତାଜନକ ପରିସ୍ଥିତି ବୋଲି କୁହାଯାଇଥିଲା । ଏହି ସମସ୍ୟା ଗୁଡ଼ିକ ସମାଧାନ ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ବକ୍ତାମାନେ ଆହ୍ୱାନ କରିଥିଲେ । ଶେଷରେ ସୁରେନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଜ୍ଞାପନ କରି ସଭାର ସମାପନ କରିଥିଲେ ।

## ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରବେଶ ଉତ୍ସବ

**ପୁରୁଷୋତ୍ତମପୁର,୧।୪/ଏନ୍ଏନ୍ଏସ୍:** ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରବେଶ ଉତ୍ସବ ଓ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ଶିଶୁ ଭାଇ ଭଉଣୀଙ୍କୁ ବିଦ୍ୟାଳୟର ଗୁରୁଜୀ ଗୁରୁମା ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ପଣ୍ଡିତ ବଳରାମ ଦାଶ ପୂଜାର୍ଚ୍ଚନା କରି ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମଙ୍ଗଳକାମନା କରିଥିଲେ । କିଛି ଶିଶୁ ଖଡ଼ିଛୁଇଁ ବିଦ୍ୟାରମ୍ଭ କରିଥିଲେ । ତତ୍ ସହିତ ଉତ୍କଳ ଦିବସ ମଧ ପାଳନ କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ଡ଼ାକୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରମୋଦିନୀ ସାହୁ ପରିଚାଳନା କରିଥିଲେ । ନିବେଦିତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥି ଭାବେ ସିଆରସିସି ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଶିଶୁ ଭାଇ ଭଉଣୀଙ୍କୁ ଆଜିର ଦିବସର ମହତ୍ୱ ବିଷୟରେ କହିଥିଲେ । ଶେଷରେ ବିଜୟ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



**ଆସିକା,୧।୪/ଏନ୍ଏନ୍ଏସ୍:** ଆସିକା ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ଶପଥଗ୍ରହଣ ଉତ୍ସବ ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ନବ ନିର୍ବାଚିତ ସଭାପତି ବରିଷ୍ଠ ଆଇନଜୀବୀ ଛବିଳରାମ ମିଶ୍ର, ଉପ-ସଭାପତି ଜି.ସୂର୍ଯ୍ୟପ୍ରକାଶ ରାଓ, ସଂପାଦକ ଚିତ୍ତରଂଜନ ଦାଶ, ଯୁଗ୍ମ ସଂପାଦକ ଅଜିତ୍ କୁମାର ମୁନି ଓ ଲାଇବ୍ରେରୀଆନ୍ ସଂପାଦକ ସିମାଞ୍ଚଳ ସେଠୀ ଆଜି ଶପଥ ଗ୍ରହଣ କରିଛନ୍ତି । ବରିଷ୍ଠ ଆଇନଜୀବୀ ତଥା ଓକିଲ ସଂଘର ନିର୍ବାଚନ ଅଧିକାରୀ କାଳୀଚରଣ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଆସିକା ଓକିଲ ସଂଘର ନବ-ନିର୍ବାଚିତ କର୍ମକର୍ତ୍ତାଙ୍କୁ ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ରନାଥ ପଣ୍ଡା ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ଏହି ଅବସରରେ ଆସିକା ଓକିଲ ସଂଘର ନବନିର୍ବାଚିତ ସଭାପତି ତଥା ବରିଷ୍ଠ ଆଇନଜୀବୀ ଛବିଳରାମ ମିଶ୍ର ସଂଘର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ମିଳିମିଶି କାମ କରିବାକୁ ଦୃଢ ସଂକଳ୍ପ ନେବାକୁ ଆହ୍ୱାନ କରିଥିଲେ । ଶପଥ ଗ୍ରହଣ ଉତ୍ସବରେ ଆଇନଜୀବୀ ଅଜିତ୍ କୁମାର ଚୌଧୁରୀ, ନାରାୟଣ ମୁନି, ସୁଧାଂଶୁ କୁମାର ପାଣିଗ୍ରାହୀ, ପି.ରବିନ୍ଦ୍ର କୁମାର ପାତ୍ର, ଶରତେନ୍ଦୁ ପଣ୍ଡା, ପି.ଶିବଶଙ୍କର ପାତ୍ର, ରାଜେନ୍ଦ୍ର ନାଥ ପାତ୍ର, ଶିଶିର କୁମାର ନାୟକ, ପ୍ରସନ୍ନ କୁମାର ବିଷୋୟୀ, ସୁଧୀର କୁମାର ତ୍ରିପାଠୀ, ଉପେନ୍ଦ୍ର ବେହେରା, ମହେନ୍ଦ୍ର କୁମାର ସ୍ୱାଇଁ, ଭରତେନ୍ଦୁ ଭୂଷଣ ନାୟକ, ନିଳାମ୍ବର ବେହେରା, ରୁଦ୍ର ପାଣିଗ୍ରାହୀ, ଶିବଶଙ୍କର ମହାନ୍ତି, ଦ୍ୱାରିକାନାଥ ପରିଡା, ଶିବପ୍ରସାଦ ମହାପାତ୍ର, ଭି.ଖୋକନ୍ ରାଓ, ହର୍ଷରଂଜନ ପାଢୀ, ଅଜିତ୍ କୁମାର ପ୍ରଧାନଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା ।

## ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତା

# ଦ୍ୱିତୀୟ ସ୍ଥାନ ହାସଲ କଲେ ବ୍ରହ୍ମପୁରର ତୁଳିକା ରେଡି



**ବ୍ରହ୍ମପୁର,୧।୪/ଏନ୍ଏନ୍ଏସ୍:** ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଚାଲିଥିବା ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତିକ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତାରେ ଗଞ୍ଜାମ ଝିଅ ଟି. ତୁଳିକା ରେଡି ସଫଳତା ହାସଲ କରିଛନ୍ତି । ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମପୁର ସହରରେ ଜନ୍ମିତ ଟି. ତୁଳିକା ରେଡ୍ଡୀ ଅନ୍ତଃ ବିଶ୍ୱବିଦ୍ୟାଳୟ ନୃତ୍ୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ତୁଳିକାଙ୍କ ସଫଳତାକୁ ନେଇ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି । ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଚାଲିଥିବା ଚାରିଦିନିଆ ଆନ୍ତଃ ବିଶ୍ୱ ବିଦ୍ୟାଳୟ, ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀ ଟି. ତୁଳିକା ରେଡ୍ଡୀ ନୃତ୍ୟ ପ୍ରତିଯୋଗିତାରେ ଭାଗନେବା ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତାର ଶ୍ରେୟ ତାଙ୍କ ବାପା, ମା ଏବଂ ସମସ୍ତ ଗୁରୁଜୀ ଓ ଗୁରୁମାଙ୍କୁ ଦେବା ସହ ତାଙ୍କ ସହପାଠୀ ଭାଇ ଭଉଣୀ ମାନଙ୍କୁ ମଧ ଶ୍ରେୟ ଦେଇଛନ୍ତି । ତୁଳିକାଙ୍କ ଜନ୍ମ ବ୍ରହ୍ମପୁରରେ କିନ୍ତୁ ତାଙ୍କ ଶିକ୍ଷା ଗ୍ରହଣ ସ୍ଥାନ ଭୁବନେଶ୍ୱର । ତୁଳିକା ହେଉଛନ୍ତି ଜଣେ ଉତ୍ତମ ଓଡ଼ିଶୀ ନୃତ୍ୟ ଶିଳ୍ପୀ । କେବଳ ଯେ ରାଜ୍ୟ ସ୍ତରୀୟ ମଞ୍ଚ ନୁହେଁ ସେ ଜାତିୟ ସ୍ତରର ମଞ୍ଚ ହେଉକି ଆନ୍ତର୍ଜାତୀୟ ସ୍ତରରେ ମଞ୍ଚ ସବୁ ଥିରେ ସଫଳତା ହାସଲ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଗତ ଜାନୁଆରୀ ମାସରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱରରେ ଆୟୋଜିତ ପୂର୍ବାଞ୍ଚଳ ଜୋନ ଯୁବ ଉତ୍ସବ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ମାର୍ଚ୍ଚ ମାସରେ ଚେନ୍ନାଇ ସ୍ଥିତ ସତ୍ୟଭାମା ପ୍ରତିଷ୍ଠାନ ଆୟୋଜିତ ଜାତୀୟ ସ୍ତରୀୟ ଯୁବ ଉତ୍ସବ ପ୍ରତିନିଧିତ୍ୱ କରିଥିଲେ । ସେଠାରେ ବି ସେ ଦ୍ୱିତୀୟ ସ୍ଥାନ ଅଧିକାର କରି ଓଡ଼ିଶା ମାଟିକୁ ଗର୍ବିତ କରିଥିଲେ । ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତାର ଶାସ୍ତ୍ରୀୟ ନୃତ୍ୟ ବିଭାଗରେ ତୁଳିକା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ତତ୍ ସହିତ ୨୦୧୬ରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଶିଶୁ ଉତ୍ସବରେ ନୃତ୍ୟ ପ୍ରତିଯୋଗୀତା ଅଂଶ ଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ୨୦୧୭ରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଶିଶୁ ଉତ୍ସବରେ ନୃତ୍ୟ ପ୍ରତିଯୋଗୀତା ଅଂଶ ଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏଥିସହିତ ସେ ବହୁ ଆଞ୍ଚଳିକ ଓ ଜାତୀୟ ନୃତ୍ୟ ପ୍ରତିଯୋଗିତାରେ ମଧ ସଫଳତା ହାସଲ କରିଥିବା ଜଣାପଡିଛି । ତୁଳିକାଙ୍କ ଏହି ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ବୁଗୁଡ଼ା ଓକିଲ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



**ବୁଗୁଡ଼ା,୧।୪/ଏନ୍ଏନ୍ଏସ୍:** ଗତ ମାର୍ଚ୍ଚ ୨୮ ତାରିଖରେ ଅନୁଷ୍ଠିତ ବୁଗୁଡ଼ା ଓକିଲ ସଂଘର ନିର୍ବାଚନରେ ନିର୍ବାଚିତ ହୋଇଥିବା କର୍ମକର୍ତ୍ତାଗଣ ଆଜି ଶପଥ ଗ୍ରହଣ କରିଛନ୍ତି । ନବ ନିର୍ବାଚିତ ସଭାପତି ମାନସ ରଞ୍ଜନ ଦାଶ, ଉପସଭାପତି ସୁବ୍ରତ କୁମାର ପଟ୍ଟନାୟକ, ସମ୍ପାଦକ ଶ୍ୟାମସୁନ୍ଦର ବିଷୋୟୀ, ଯୁଗ୍ମ ସମ୍ପାଦକ ମନୋଜ କୁମାର ପାଣିଗ୍ରାହୀ, କୋଷାଧକ୍ଷ କାହ୍ନୁ ଚରଣ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ସରୋଜ କୁମାର ଦାଶ ପ୍ରମୁଖଙ୍କୁ ନିର୍ବାଚନ ଅଧିକାରୀ ସତ୍ୟ ନାରାୟଣ ମିଶ୍ର ଶପଥ ପାଠ କରାଇଥିଲେ । ଏହା ପରେ କର୍ମକର୍ତ୍ତାଗଣ ବୁଗୁଡ଼ା ଓକିଲ ସଂଘର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ ।

## ଛତ୍ରପୁରରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ

**ଛତ୍ରପୁର,୧।୪/ଏନ୍ଏନ୍ଏସ୍:** ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଓଡିଶା ଦିବସ- ୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଇତିହାସ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାଧାପକ ଭି. ରାଜେନ୍ଦ୍ର ରାଜୁ ଯୋଗଦେଇ ଓଡିଶା ଗଠନ ସମ୍ବନ୍ଧରେ ସବିଶେଷ ତଥ୍ୟ ରଖିଥିଲେ । ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ତଥା ଡୁଡା ପିଡି ସୁନୀଲ କୁମାର କେର୍କେଟା, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିଥି ମାନେ ଜଗନ୍ନାଥ ମାଗପ୍ରଭୁଙ୍କ ନିକଟରେ ଦୀପ ପ୍ରଜ୍ୱଳନ ସହିତ ବରପୁତ୍ରଙ୍କ ଫୋଟ ଚିତ୍ର ଫୁଲ ପ୍ରଦାନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସକାଳ ୭ଟାରେ ଛତ୍ରପୁର ସହରରେ ଥିବା ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଓ ଗଞ୍ଜାମ ଜିଲ୍ଲା ପରିଷଦର ସିଡିଓ ସମୀର ପ୍ରଧାନ ପୁଷ୍ପମାଲ୍ୟାର୍ପଣ କରି ସମ୍ମାନ ଜଣାଇଥିଲେ ।

## ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ୍‌ର ନୂତନ ସିଇଓଙ୍କ ଦାୟିତ୍ୱ ଗ୍ରହଣ



**ଆସିକା,୧।୪/ଏନ୍ଏନ୍ଏସ୍:** ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ୍ରମେ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ନୂତନ ଭାରପ୍ରାପ୍ତ ସିଇଓ ରୂପେ ଦକ୍ଷ ବ୍ୟାଙ୍କ ଅଫିସର ରୂପେ ପରିଚିତ ଭରତ ଚନ୍ଦ୍ର ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆସିକା ସମବାୟ କେନ୍ଦ୍ରବ୍ୟାଙ୍କର ସିଇଓ ରୂପେ ଅବସ୍ଥାପିତ ଥିବା ନାରାୟଣ ମଢେଇ ନିଜ କର୍ମମୟ ଜୀବନରୁ ଅବସର ଗ୍ରହଣ କରିବା ପରେ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କରେ ସିଇଓ ରୂପେ କାର୍ଯ୍ୟରତ ଥିବା ଓଏସ୍ସିବିର ଡିଜିଏମ୍ ଭରତ ଚନ୍ଦ୍ର ସାହୁଙ୍କୁ ଭାରପ୍ରାପ୍ତ ସିଇଓ ରୂପେ ଅବସ୍ଥାପିତ କରାଯାଇଛି । ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ଡିଜିଏମ୍ ଭରତ ଚନ୍ଦ୍ର ସାହୁ ଦାୟିତ୍ୱ ଗ୍ରହଣ କରିବା ପରେ ବ୍ୟାଙ୍କ ସଭାପତି ମଙ୍ଗୁଲୁଧର ସାହୁ, ବ୍ୟାଙ୍କର ବରିଷ୍ଠ ପଦାଧିକାରୀ ମମତା ପରିଡା, ଶ୍ରୀକାନ୍ତ ଚରଣ ସ୍ୱାଇଁ, ଯୋଗେଶ୍ ଚନ୍ଦ୍ର ସାମନ୍ତରାୟ, କେ.ବିଶ୍ୱଜିତ୍, ଅବିନାଶ ବିଶ୍ୱଜିତ୍, ଚାନ୍ଦିନୀ ସ୍ୱାଇଁ, ବିଜୟ କୁମାର ପଣ୍ଡା, ଚିନ୍ମୟୀ ମୁଦୁଲି, ସ୍ୱର୍ଣ୍ଣପ୍ରଭା ବାରିକ, ଲୋକନାଥ ପ୍ରଧାନ, ମୁରଲିଧର ସ୍ୱାଇଁଙ୍କ ସମେତ ବହୁ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । କୃଷିର ବିକାଶ ଓ କୃଷକର ଅର୍ଥନୈତିକ ମାନଦଣ୍ଡକୁ ସୁଦୃଢ କରିବା ସାଙ୍ଗକୁ ହଜାର ହଜାର ଜନତାଙ୍କୁ ହାତପାହାନ୍ତାରେ ଉନ୍ନତମାନର ବ୍ୟାଙ୍କସେବା ଯୋଗାଇଦେବା ଲାଗି ୧୯୧୮ ମସିହାରେ ସ୍ଥାପିତ ହୋଇଥିବା ଆସିକା ସମବାୟ କେନ୍ଦ୍ରବ୍ୟାଙ୍କର ପ୍ରଗତିର ରଥକୁ ଆଗେଇ ନେବା ସାଙ୍ଗକୁ ନବନିଯୁକ୍ତ ଭାରପ୍ରାପ୍ତ ସିଇଓ ଭରତ ଚନ୍ଦ୍ର ସାହୁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

# ସାହି ମଧ୍ୟରେ ଭାରିଯାନ ଚଳାଚଳ, ସାଧାରଣରେ ଅସନ୍ତୋଷ



**ବୁଗୁଡା,୧।୪/ଏନ୍ଏନ୍ଏସ୍:** ସହରାଞ୍ଚଳର ସାହି ମଧ୍ୟରେ ଭାରିଯାନ ଚଳାଚଳରେ ସରକାରୀ ପ୍ରତିବନ୍ଧକ ବ୍ୟବସ୍ଥା ରହିଥିଲେ ହେଁ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ତାହା ବୁଗୁଡ଼ାରେ ଫଳପ୍ରଦ ହୋଇପାରୁନଥିବା ଅଭିଯୋଗ ହେଉଛି । ଆଜି ଅପରାହ୍ନରେ ଏକ ଆଳୁ ବୋଝେଇ ଭାରିଯାନର ଚକା ପଞ୍ଚାଗଳିର ସଂକୀର୍ଣ୍ଣ ରାସ୍ତା ପାର୍ଶ୍ୱସ୍ଥ ଡ୍ରେନ ମଧ୍ୟକୁ ଖସିପଡିବା ଫଳରେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇଥିଲା । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା । ପୂର୍ବରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନି । ବୁଗୁଡ଼ା ଏନଏସି ଅନ୍ତର୍ଗତ ଅରବିନ୍ଦ ନଗର-୧ ପେବର୍ ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ଏହି ଭାରିଯାନ ଚଳାଚଳ ହେତୁ ପେବର୍ ରାସ୍ତା ଦବିଯାଇ ସେଠାରେ ସାମାନ୍ୟ ବର୍ଷାରେ ପାଣି ଜମୁଛି । ସେହି ସାହିରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ବାସିନ୍ଦାଙ୍କୁ ଯାତାୟତରେ ସମସ୍ୟା ହେଉଛି । ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି । ସେହି ରାସ୍ତା ଦେଇ ଭାରିଯାନ ଚଳାଚଳ ନିଷେଧ ହୋଇଥିଲେ ହେଁ କିଛି ବ୍ୟବସାୟୀଙ୍କ ପରିବା ବୋଝେଇ ଭାରିଯାନ ଯାତାୟାତ କରୁଥିବାରୁ ସାହି ରାସ୍ତାଟି ଦବିଯାଇ ଏପରି ଦୂରବସ୍ଥାରେ ରହିଛି । ଏନ୍ଏସି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# କ୍ଷମା ମାଗିଲେ ନିଶିକାନ୍ତ

**ଭୁବନେଶ୍ୱର,୧।୪/ଏନ୍ଏନ୍ଏସ୍:** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ଗତ କିଛି ଦିନ ଧରି ଚର୍ଚ୍ଚାରେ ରହିଥିବା ବିଜେପି ସାଂସଦ ନିଶିକାନ୍ତ ଦୁବେ, ଶେଷରେ କ୍ଷମା ମାଗିଛନ୍ତି । ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଦୁବେ କହିଛନ୍ତି ଯେ, 'ନେହରୁଜୀଙ୍କ ଉପରେ ତାଙ୍କର ଚିନ୍ତାଧାରା ବିଜୁ ବାବୁଙ୍କ ବିଷୟରେ ଭୁଲ ଭାବେ ବ୍ୟାଖ୍ୟା କରାଯାଇଛି, ଯିଏ ସବୁବେଳେ ଆମ ପାଇଁ ଜଣେ ଉଚ୍ଚମାନର ରାଜନେତା ଥିଲେ ଏବଂ ରହିବେ।' 'ଗତ ସପ୍ତାହରେ, ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ, ନେହରୁ-ଗାନ୍ଧି ପରିବାରର ଶୋଷଣ ସମ୍ପର୍କରେ ମୋର ମନ୍ତବ୍ୟରୁ ଏକ ଭୁଲ ବ୍ୟାଖ୍ୟା କରାଯାଇଥିଲା, ବିଶେଷକରି ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଭାରତର ଜଣେ ପ୍ରମୁଖ ନେତା ବିଜୁ ପଟ୍ଟନାୟକ ଜୀଙ୍କ ସମ୍ପର୍କରେ'। 'ପ୍ରଥମେ, ଏହି ବିବୃତ୍ତି ମୋର ବ୍ୟକ୍ତିଗତ ଦୃଷ୍ଟିକୋଣ। ନେହରୁଜୀଙ୍କ ଉପରେ ମୋର ଚିନ୍ତାଧାରା ବିଜୁ ବାବୁଙ୍କ ବିଷୟରେ ବୋଲି ଭୁଲ ଭାବେ ବ୍ୟାଖ୍ୟା କରାଯାଇଥିଲା। ବିଜୁ ବାବୁ ସର୍ବଦା ଆମ ପାଇଁ ଜଣେ ଉଚ୍ଚ ରାଷ୍ଟ୍ରନାୟକ ଥିଲେ ଏବଂ ରହିବେ। ଯଦି ମୋର ବିବୃତ୍ତି କାହାର ଭାବନାକୁ ଆଘାତ ଦେଇଛି, ତେବେ ମୁଁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରୁଛି' ବୋଲି ଦୁବେ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ହେଲେ ନିଶିକାନ୍ତଙ୍କ କ୍ଷମା ପ୍ରାର୍ଥନାକୁ ସହଜରେ ଗ୍ରହଣ କରିନାହାନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଅକ୍ଷମଣୀୟ ଦୋଷର ଦ୍ୱାହି ଦେଇ ଅତନୁ ସବ୍ୟସାଚୀ କହିଛନ୍ତି, ଗୋଇଠା ମାରି ବିଷ୍ଣୁ କହିବା ନିଶିକାନ୍ତଙ୍କ ଅଭ୍ୟାସ। ସ୍ୱର ମିଳାଇ କଂଗ୍ରେସ କହିଛି, ସ୍ୱାଧୀନତା ସଂଗ୍ରାମୀଙ୍କୁ ଅସମ୍ମାନ କରିବା ବିଜେପି ନେତାଙ୍କ ପୁରୁଣା ଅଭ୍ୟାସ।ଏକ ବିବୃତ୍ତିରେ ସାଂସଦ ନିଶିକାନ୍ତ ଦୁବେ ଦାବି କରିଥିଲେ ଯେ, ୧୯୬୦ ଦଶକରେ ଚୀନ୍ ବିରୋଧରେ ଯୁଦ୍ଧ ସମୟରେ ପଟ୍ଟନାୟକ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା (ସିଆଇଏ) ସହିତ ଲିଙ୍କ୍‌ରେ ଥିଲେ, ଯାହା ଦେଶବ୍ୟାପୀ କ୍ରୋଧ ସୃଷ୍ଟି କରିଥିଲା।



# ଓଡ଼ିଶାର ଭିତ୍ତିଭୂମିକୁ ସୁଦୃଢ଼ କରୁଛନ୍ତି ଡବଲ୍ ଇଞ୍ଜିନ୍ ସରକାର: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧।୪/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଭିତ୍ତିଭୂମିକୁ ସୁଦୃଢ କରୁଛନ୍ତି। ଉତ୍କଳମଣିଙ୍କ ଜନ୍ମପୀଠରେ ପାଳିତ ରାଜ୍ୟସ୍ତରୀୟ ଓଡ଼ିଶା ଦିବସରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ପ୍ରାୟ ୮୦ ହଜାର କୋଟି ଟଙ୍କାର ଜାତୀୟ ରାଜପଥ କାମ ଜାରି ରହିଛି। ଆମ ସରକାର ମଧ୍ୟ ତିନୋଟି ଗୁରୁତ୍ୱପୂର୍ଣ୍ଣ ସଡକ ପ୍ରକଳ୍ପ ପାଇଁ ଯୋଜନା କରିଛନ୍ତି। ଦକ୍ଷିଣ ଓଡ଼ିଶାର ବିକାଶ ପାଇଁ ବ୍ରହ୍ମପୁରରୁ ଜୟପୁର ପର୍ଯ୍ୟନ୍ତ ୨୮୭ କିଲୋମିଟର ବିଶ୍ୱସ୍ତରୀୟ ସଡ଼କ ୯ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ପାରଳାଖେମୁଣ୍ଡିରୁ ବରଗଡର ଅମ୍ଭାଭନା ପର୍ଯ୍ୟନ୍ତ ନମୋ-ଏକ୍ସପ୍ରେସ୍ ୱେ ନିର୍ମାଣ କରାଯିବ। ଏହାସହିତ ଦକ୍ଷିଣରୁ ଉତ୍ତରକୁ ଯୋଡ଼ି ମାଲକାନଗିରିର ମୋଟୁ ଠାରୁ ମୟୁରଭଞ୍ଜର ତିରିଙ୍ଗି ପର୍ଯ୍ୟନ୍ତ ୯୬୯ ଦୀର୍ଘ ଅଟଳ ଏକ୍ସପ୍ରେସ୍ ୱେ ମଧ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ପୁରୀରେ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ ସହିତ ଆହୁରି ୭ଟି ଏୟାରପୋର୍ଟ ନିର୍ମାଣ ପାଇଁ ଯୋଜନା କରାଯାଉଛି। ପ୍ରାୟ ୧୫ଟି ଜିଲ୍ଲାରେ ଗୋଟିଏ ଗୋଟିଏ ହେଲିପୋର୍ଟ ମଧ କରାଯିବ। ସାମୁଦ୍ରିକ ବାଣିଜ୍ୟ ଓ ଯୋଗାଯୋଗ ପାଇଁ କେନ୍ଦ୍ରାପଡ଼ା ଠାରେ ପ୍ରାୟ ୨୫ ହଜାର କୋଟି ଟଙ୍କା ବିନିଯୋଗରେ ଏକ ମେଗା ସିପ୍ ବିଲ୍ଡିଙ୍ଗ କ୍ଲଷ୍ଟର ନିର୍ମାଣ କରାଯିବ। ଗଞ୍ଜାମର ବାହୁଦା ଠାରେ ପ୍ରାୟ ୨୨ ହଜାର ଟଙ୍କା ବିନିଯୋଗରେ ଏକ ସାଟେଲାଇଟ୍ ପୋର୍ଟ ସହିତ ଅନେକ ଛୋଟ ଛୋଟ ବନ୍ଦର ନିର୍ମାଣର ପ୍ରକ୍ରିୟା ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଦୁଇ ବର୍ଷର ସଫଳତା ବିଷୟରେ କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମେ ୨ ଲକ୍ଷ ୪୦ ହଜାର କୋଟି ଟଙ୍କାର ୧୦୯ଟି ପ୍ରକଳ୍ପ ଗ୍ରାଉଣ୍ଡିଙ୍ଗ କରିଛୁ। ଏହାର ଶିଳାନ୍ୟାସ କିମ୍ବା ଉଦ୍‌ଘାଟନ ହୋଇଛି। ଏହାଦ୍ୱାରା ପ୍ରାୟ ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇଛି। ତେଣୁ, ଆମର ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଯେଉଁ ଲକ୍ଷ୍ୟ ଅଛି, ତାହା ନିଶ୍ଚିତ ପୂରଣ ହେବ। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଓ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାର ଅର୍ଥନୀତିର ଲକ୍ଷ୍ୟ ନିଶ୍ଚୟ ପୂରଣ ହେବ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ମହିଳା ସଶକ୍ତିକରଣ ପାଇଁ ଆମେ ଏକ ନୂଆ ଯୋଜନା ଆରମ୍ଭ କରୁଛୁ। ଏହା ହେଉଛି ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା। ଏହି ଯୋଜନାରେ ଆର୍ଥିକ ଦୁର୍ବଳ ପରିବାରରେ ଜନ୍ମ ହୋଇଥିବା ଝିଅଙ୍କ ପାଇଁ ୨୦ ହଜାର ଟଙ୍କାର ସଞ୍ଚୟ ପାଣ୍ଠି ଖୋଲାଯିବ। ଝିଅ ଗ୍ରାଜୁଏଟ୍ ହେଲାପରେ ତାକୁ ୧ ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ। ଏହାଦ୍ୱାରା ସବୁ ଝିଅ ଅତିକମ୍‌ରେ ଗ୍ରାଜୁଏଟ୍ ହେବାପାଇଁ ନିଶ୍ଚିତ ଭାବରେ ଚାହିଁବେ। ସ୍ୱାସ୍ଥ୍ୟ ସେବାରେ ଉନ୍ନତି ପାଇଁ ରାଜ୍ୟରେ ୪ ହଜାର ଡାକ୍ତର ପଦବୀ ପୂରଣ କରାଯାଇଛି, ଆହୁରି ୫ ହଜାର ପୂରଣ କରାଯିବ। ଆୟୁଷ ଶିକ୍ଷାର ବିକାଶ ପାଇଁ ଗଜପତି, ମାଲକାନଗିରି ଓ ରାୟଗଡ଼ା ଭଳି ଆକାଂକ୍ଷୀ ଜିଲ୍ଲାରେ ତିନୋଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ଏବଂ ନୟାଗଡ ଓ ନୂଆପଡାରେ ଦୁଇଟି ହୋମିଓପାଥିକ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

### ଭୁବନେଶ୍ୱରରେ ଭିଏଫ୍ଏସ୍ ଗ୍ଲୋବାଲ ଭିସା ଆବେଦନ କେନ୍ଦ୍ର ଉଦ୍‌ଘାଟିତ

# ସୁଦୃଢ଼ ହେବ ଓଡ଼ିଶାର ଗ୍ଲୋବାଲ୍ କନେକ୍ଟିଭିଟି ଢାଞ୍ଚା




**ଭୁବନେଶ୍ୱର,୧।୪/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଭୁବନେଶ୍ୱର ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ବରମୁଣ୍ଡା ଠାରେ ଭିଏଫ୍ଏସ୍ ଗ୍ଲୋବାଲ ଦ୍ୱାରା ପରିଚାଳିତ ନୂତନ ଭିସା ଆବେଦନ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଭିସା ଆପ୍ଲିକେସନ୍

**ପ୍ରଥମ ପର୍ଯ୍ୟାୟରେ ୧୦ ଦେଶକୁ ଭିସା ସେବା**

**ଓଡ଼ିଶାବାସୀଙ୍କ ବିଦେଶ ଯାତ୍ରାକୁ ସହଜ କରିବ: ମୁଖ୍ୟମନ୍ତ୍ରୀ**

ସେଣ୍ଟର ପାଇଁ ରାଜ୍ୟବାସୀଙ୍କ ବହୁଦିନରୁ ଦାବି ରହିଆସିଥିଲା, ଆମେ ଏ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କ ନିକଟରେ ସହଯୋଗ କାମନା କରିଥିଲୁ। କେନ୍ଦ୍ର ସରକାରଙ୍କ ସହଯୋଗରେ ଆଜି ଭୁବନେଶ୍ୱରରେ ଏହି ଭିସା ଆପ୍ଲିକେସନ୍ ସେଣ୍ଟର କାର୍ଯ୍ୟକ୍ଷମ ହେଲା। ଏହା ଓଡ଼ିଶାବାସୀଙ୍କୁ ।ନ୍ତର୍ଜାତୀୟ ଭିସା ସେବା ପ୍ରଦାନ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହାଦ୍ୱାରା ଓଡ଼ିଶାର ଗ୍ଲୋବାଲ କନେକ୍ଟିଭିଟି ଢାଞ୍ଚା ଆହୁରି ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଜନସାଧାରଣଙ୍କୁ ନାଗରିକ କୈନ୍ଦ୍ରୀକ ସେବା ଯୋଗାଇଦେବାରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରତିଫଳନ। ଏପରି ପଦକ୍ଷେପ ଓଡିଶାର ଯୁବବର୍ଗଙ୍କ ବିଦେଶ ଯାତ୍ରାକୁ ସହଜ କରିବା ସହିତ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବ ଓ ଆନ୍ତର୍ଜାତୀୟ ସମ୍ପର୍କକୁ ମଜବୁତ କରିବ।ରାଜ୍ୟରେ ଶିଳ୍ପାୟନ ଓ ଅର୍ଥନୈତିକ କାର୍ଯ୍ୟକ୍ରମର ଅଭିବୃଦ୍ଧି ଯୋଗୁଁ ଓଡ଼ିଶାରେ ଏକ ଭିସା ଆପ୍ଲିକେସନ ସେଣ୍ଟରର ଆବଶ୍ୟକତା ଥିଲା। ସ୍ଥାନୀୟ ଯୁବ ପ୍ରଫେସନାଲଙ୍କ ପାଇଁ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପୂର୍ବରୁ ସେମାନେ ଭିସା ଆବେଦନ ପାଇଁ କୋଲକାତା ଓ ହାଇଦ୍ରାବାଦକୁ ଯିବାକୁ ପଡୁଥିଲା। ଏବେ ସେମାନେ ସହଜରେ ଓ ସୁବିଧାରେ ଭିସା ପାଇପାରିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଭୁବନେଶ୍ୱରର ବରମୁଣ୍ଡା ସ୍ଥିତ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ଭିତରେ ପ୍ରାୟ ୩,୦୦୦ ବର୍ଗଫୁଟ୍ ଜାଗା ଏହି ଭିସା ସେଣ୍ଟର ପାଇଁ ପ୍ରଦାନ କରିଛନ୍ତି।ପ୍ରଥମ ପର୍ଯ୍ୟାୟରେ ଏହି କେନ୍ଦ୍ର ୟୁନାଇଟେଡ୍ କିଙ୍ଗଡମ୍, ଆୟରଲ୍ୟାଣ୍ଡ, ଅଷ୍ଟ୍ରିଆ, ଏସ୍ତୋନିଆ, ଇଟାଲୀ, ମାଲ୍ଟା, ସ୍ୱିଜରଲ୍ୟାଣ୍ଡ, ଜାପାନ, ମରୋକ୍କୋ ଓ ଇଜିପ୍ଟ ସହିତ ମୋଟ ୧୦ଟି ଦେଶ ପାଇଁ ଭିସା ସେବା ପ୍ରଦାନ କରିବ। ଆଗାମୀ ଦିନରେ ଅଧିକ ଦେଶକୁ ଏହି ସେବାରେ ଯୋଡାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ଭିଏଫ୍ଏସ୍ ଗ୍ଲୋବାଲ ଭାରତର ୨୦ଟି ସହରରେ ୫୬୦ରୁ ଅଧିକ କେନ୍ଦ୍ର ମାଧ୍ୟମରେ ୫୩ଟି ଦେଶ ପାଇଁ ଭିସା ସେବା ପ୍ରଦାନ କରୁଛି। ଭିଏଫ୍ଏସ୍ ଗ୍ଲୋବାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବିନ କାରକରିଆ ସଂସ୍ଥାଟିକୁ ବିଶ୍ୱର ସର୍ବବୃହତ୍ ଭିସା ଓ କନସୁଲାର ସେବା ପ୍ରଦାନକାରୀ ଭାବେ ଗଢିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ନେତୃତ୍ୱରେ ସଂସ୍ଥାଟି ୧୬୭ଟି ଦେଶରେ ୭୦ଟି ସରକାରକୁ ଭିସାସେବା ଯୋଗାଇ ଦେଉଛି। ଭାରତର ୨୦ଟି ସହରରେ ଏହି ସଂସ୍ଥାର ୫୬୦ ଟି ଭିସା ଆପ୍ଲିକେସନ ସେଣ୍ଟର କାମ କରୁଛି। ଭିଏଫ୍ଏସ୍ ଗ୍ଲୋବାଲ ଏକ ବିଶ୍ୱସନୀୟ ପ୍ରଯୁକ୍ତି ସେବା ପ୍ରଦାନକାରୀ ସଂସ୍ଥା ଭାବେ ସରକାର ଓ ଦୂତାବାସମାନଙ୍କୁ ଭିସା, ପାସପୋର୍ଟ ଓ କନସୁଲାର ସେବା ପ୍ରଦାନ କରିବାରେ ସହଯୋଗ କରୁଛି। ୧୬୭ଟି ଦେଶରେ ଏହି ସଂସ୍ଥାର ୪,୦୦୦ରୁ ଅଧିକ କେନ୍ଦ୍ର ରହିଛି। ଏହି ଅବସରରେ ଅଷ୍ଟ୍ରିଆ, ଇଟାଲୀ ଓ ସ୍ୱିଜରଲ୍ୟାଣ୍ଡ ଦୂତାବାସର ଭାରତରେ ଅବସ୍ଥାପିତ ଅଧିକାରୀଙ୍କ ସମେତ ଓଡ଼ିଶା ବିଧା ସଭାର ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଭିଏଫଏସ ଗ୍ଲୋବାଲ ସାଉଥ ଏସିଆର ସିଓଓ ୟୁମି ତଲୱାର ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶା ଦିବସରେ ବରପୁତ୍ରମାନଙ୍କୁ ରାଜ୍ୟ ବିଜେପି ସଭାପତିଙ୍କ ଶ୍ରଦ୍ଧାଞ୍ଜଳି

# ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଗଢ଼ି ତୋଳିବା : ମନମୋହନ



**ଭୁବନେଶ୍ୱର,୧।୪/ଏନ୍ଏନ୍ଏସ୍:** ୧୯୩୬ ମସିହା ଏପ୍ରିଲ ୧ ଓଡ଼ିଶା ଇତିହାସର ଏକ ଅବିସ୍ମରଣୀୟ ଦିନ। ଏହା ସବୁ ଓଡ଼ିଆଙ୍କ ପାଇଁ ପ୍ରେରଣା ଓ ସ୍ୱାଭିମାନର ଦିନ। ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମହାରାଜାଙ୍କ ପରି ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷ ଯୋଗୁ ଓଡ଼ିଆ ଭାଷାର ସୁରକ୍ଷା ହେବା ସହ ସ୍ୱତନ୍ତ୍ର ଓଡ଼ିଶା ଗଠନ ସମ୍ଭବ ହୋଇଥିଲା। ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ୨୦୩୬ ମସିହାରେ ସମୃଦ୍ଧ ଓଡ଼ିଶା ଗଢ଼ିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ସମ୍ଭାବନା ଦେଖିଛନ୍ତି ତାହାକୁ ପୂରଣ କରିବା ପାଇଁ ସମସ୍ତଙ୍କୁ ସଂକଳ୍ପ ନେବାକୁ ହେବ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ଓଡ଼ିଶା ଦିବସ ପାଳନ ଅବସରରେ ଭୁବନେଶ୍ୱରଠାରେ ଓଡ଼ିଶାର ମହାନ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରୀ ସାମଲ କହିଛନ୍ତି ଯେ ବିକଶିତ ଭାରତ ଗଠନରେ ଓଡ଼ିଶାର ସର୍ବାଧିକ ଯୋଗଦାନ ରହିବ। ଓଡ଼ିଶାରେ ଥିବା ଅପାର ସମ୍ଭାବନାର ସମ୍ପୂର୍ଣ୍ଣ ବିନିଯୋଗ ଯେପରି କରାଯାଇପାରିବ, ସେନେଇ ବିଜେପି ସରକାର ସଂକଳ୍ପବଦ୍ଧ। ଏଠାକାର ମାନବ ସମ୍ବଳଠାରୁ ଆରମ୍ଭ କରି ଜଳସମ୍ପଦ, ଖଣିଜସମ୍ପଦର ସଦୁପଯୋଗ କରି ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟଭାବେ ଗଢ଼ି ତୋଳିବା ପାଇଁ ଡବଲଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ସାମଲ କହିବା ସହ ଓଡ଼ିଶା ଦିବସ ଉପଲକ୍ଷେ ସାଢ଼େ ୪କୋଟି ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରାଜ୍ୟ ସମ୍ପାଦକ ସରୋଜ କର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଓ ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସ୍ୱ-ଗଣନା ପୋର୍ଟାଲରେ ମୁଖ୍ୟ ସଚିବଙ୍କ ତଥ୍ୟ ପ୍ରଦାନ

**ଭୁବନେଶ୍ୱର,୧।୪/ଏନ୍ଏନ୍ଏସ୍:** ଭାରତୀୟ ଜନଗଣନାରେ ପ୍ରଥମଥର କରି ସ୍ୱ - ଗଣନାର ପ୍ରାବଧାନ ରଖାଯାଇଛି , ଯାହା ଆଜି ଠାରୁ ଆରମ୍ଭ ହୋଇଛି। ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିଜେ ପୋର୍ଟାଲ ମାଧ୍ୟମରେ ନିଜସ୍ୱ ତଥ୍ୟ ପ୍ରଦାନ କରିଛନ୍ତି। ଏହି ଜାତୀୟ କାର୍ଯ୍ୟକ୍ରମରେ ସ୍ୱ-ଗଣନା ମାଧ୍ୟମ ରେ ସଠିକ ତଥ୍ୟ ପ୍ରଦାନ କରି ସହଯୋଗ ପ୍ରଦାନ କରିବାକୁ ମୁଖ୍ୟ ଶାସନ ସଚିବ ଓଡ଼ିଶାର ଜନସାଧାରଣଙ୍କୁ ଅନୁରୋଧ କରିବା ସହ ଏହି ଅବସରରେ ସେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଏହି ସ୍ୱ-ଗଣନା ପ୍ରକ୍ରିୟା କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ, ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ ଓ ହାରାଧନ କର୍ମୀ ଏବଂ ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାହୁ ଏବଂ ଭୁବନେଶ୍ୱର ମହାନଗର ନିଗମର ଡେପୁଟୀ କମିଶନର ପ୍ରିୟଦର୍ଶିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧିନସ୍ଥ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମିଳିତ ସମନ୍ୱୟରେ ସମଗ୍ର ଓଡ଼ିଶାର ୩୦ ଟି ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହତାଲିକା ପ୍ରସ୍ତୁତି ଆଗାମୀ ଅପ୍ରେଲ୍ ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଅପ୍ରେଲ୍ ୧୬ ତାରିଖରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ତାଲିମ ପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହା ପୂର୍ବରୁ ଅପ୍ରେଲ୍ ୧ ତାରିଖରୁ ଅପ୍ରେଲ୍ ୧୫ ତାରିଖ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ସ୍ୱ-ଗଣନାର ପ୍ରାବଧାନ ରହିଛି। ଏହି କାର୍ଯ୍ୟକ୍ରମରେ ସେଲ୍ଫ ଏନ୍ୟୁମେରେସନ ପୋର୍ଟାଲ-ଏସଇ ମାଧ୍ୟମରେ ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରି ପାରିବେ। ଏହି ସ୍ୱ-ଗଣନା କାର୍ଯ୍ୟକ୍ରମ ଅପ୍ରେଲ୍ ୧ ତାରିଖରୁ ଅପ୍ରେଲ୍ ୧୫ ତାରିଖ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ଅପ୍ରେଲ୍ ୧୬ ତାରିଖରୁ ତାଲିମପ୍ରାପ୍ତ ଗଣନାକାରୀମାନେ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବେ ଏବଂ ଆପଣ ପ୍ରଦତ୍ତ କରିଥିବା ତଥ୍ୟର ଯାଞ୍ଚ କରି ଚୂଡ଼ାନ୍ତ କଲା ପରେ ଦାଖଲ କରିବେ।

**ବିଜେପି ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ**

# ପଦ୍ମ ଧରିଲେ ରାଜ୍ୟର ପ୍ରମୁଖ ସମବାୟବିତ୍



**ଭୁବନେଶ୍ୱର,୧।୪/ଏନ୍ଏନ୍ଏସ୍:** ରାଜ୍ୟର ପ୍ରମୁଖ ସମବାୟବିତ୍ ଏବଂ ନେତୃବୃନ୍ଦ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି।

ବୁଧବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଓଡ଼ିଶା ଷ୍ଟେଟ କୋଅପରେଟିଭ ବ୍ୟାଙ୍କ (ଓଏସ୍‌ସିବି)ର ଅଧକ୍ଷ ଟି.ପ୍ରସାଦ ରାଓ ଡୋରା, ରାଜ୍ୟ ସମବାୟ ସଂଘ (ଓଏସସିୟୁ) ସଭାପତି ପ୍ରଭାସିନୀ ଷଡ଼ଙ୍ଗୀ, ଅର୍ବାନ ବ୍ୟାଙ୍କ ଫେଡେରେସନ ସଭାପତି ମହେନ୍ଦ୍ର କୁମାର ନାୟକ, ଓଡ଼ିଶା ମହିଳା ବିକାଶ ସମବାୟ ନିଗମ ଲିମିଟେଡ୍ ଅଧକ୍ଷା ସ୍ୱାଧୀନବାଳା ଦାସ ଓ ଉପାଧକ୍ଷା ସୁଷମା ଦାସ, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଉତ୍କଳିକା ସଭାପତି ଦେବସ୍ମିତା ସାହୁ, ଫିସଫେଡ ଅଧକ୍ଷ ସସ୍ମିତା ରାଉତ, ଓପୋଲଫେଡ୍ ଅଧକ୍ଷ ଭୋଳେଶ୍ୱର ସ୍ୱାଇଁ, ଓମ୍‌ଫେଡ୍ ଅଧକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ ଓ ଉପସଭାପତି ସୁନିତା ବରାଳ, ଟିଡିସିସି ଅଧକ୍ଷ ଚମେଲି ଓରାମ, ଶ୍ରମ ଓ ନିର୍ମାଣ କୋଅପରେଟିଭ୍ ଲିମିଟେଡ ଅଧକ୍ଷ ପ୍ରମୋଦ କୁମାର ସାମନ୍ତରାୟ, ଅନୁଗୁଳ କେନ୍ଦ୍ରୀୟ ସମବାୟ ବ୍ୟାଂକର ପୂର୍ବତନ ଅଧକ୍ଷ ବିଭୁଦେନ୍ଦୁ ପଟ୍ଟନାୟକ, ଖୋର୍ଦ୍ଧା ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କର ଉପସଭାପତି ଜୟଶ୍ରୀ ଗଡ଼ନାୟକ, ବ୍ରହ୍ମପୁର କେନ୍ଦ୍ରୀୟ କୋଅପରେଟିଭ ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ବୌଦ୍ଧ କେନ୍ଦ୍ରୀୟ କୋଅପରେଟିଭ ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ, ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସମବାୟ ସଂସ୍ଥାର ଅଧକ୍ଷ ରାଜେଶ ମହାନ୍ତି, ଭୁବନେଶ୍ୱର କୋଅପରେଟିଭ ସୁପର ବଜାରର ସଭାପତି ସସ୍ମିତା ମହାନ୍ତି, ସ୍ୱୟଂଶ୍ରୀ ମହିଳା ସମିତି ଅଧକ୍ଷା ପୂର୍ଣ୍ଣିମା ସିଂହ, ମହିଳା ବିକାଶ ସମବାୟ ନିଗମ ନିର୍ଦ୍ଦେଶକ କଲ୍ୟାଣୀ ସ୍ୱାଇଁ ପ୍ରମୁଖଙ୍କ ସମେତ ଓଏସ୍‌ସିବି, ଓପୋଲଫେଡ, ଓମଫେଡ, ଉତ୍କଳିକା, ବୟନିକା, ମହିଳା ବିକାଶ ସମବାୟ ନିଗମ, ରାଜ୍ୟ ସମବାୟ ସଂଘ, ସ୍ୱୟଂଶ୍ରୀ ମହିଳା ସମିତି, ଯାଜପୁର ହାଉସ ବିଲ୍ଡିଂ, କନକଦୁର୍ଗା ମହିଳା କୋଅପରେଟିଭ ସୋସାଇଟି, ଶ୍ରମ ଓ ନିର୍ମାଣ କୋଅପରେଟିଭ ଲିମିଟେଡ, ବ୍ରହ୍ମପୁର ସିସିବି, ବିଭିନ୍ନ କୃଷିଭିତିକ ସମବାୟ ସଂସ୍ଥାର ଶତାଧିକ ନିର୍ଦ୍ଦେଶକବୃନ୍ଦ ଏବଂ ସଦସ୍ୟମାନେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ସେହିପରି ଭୁବନେଶ୍ୱର କୋଅପରେଟିଭ ସୁପର ବଜାର, କ୍ୟାପଟାଲ କୋଅପରେଟିଭ ହାଉସିଂ ସଂସ୍ଥା, ରିଜିଓନାଲ କୋଅପରେଟିଭ ମାର୍କେଟିଂ ସୋସାଇଟିର ଶତାଧିକ ସଦସ୍ୟମାନେ ବିଜେପିରେ ଯୋଗଦାନ କରିଛନ୍ତି। ଉକ୍ତ ମିଶ୍ରଣ ପର୍ବରେ ରାଜ୍ୟ ସମବାୟ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ବାବୁ ସିଂ, ସରୋଜ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ସେଠୀ, ରାଜ୍ୟ ସମ୍ପାଦକ ସରୋଜ କର, ବରିଷ୍ଠ ନେତା ଯଜ୍ଞେଶ୍ୱର ବାବୁ, ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**୯୧ତମ ଓଡ଼ିଶା ଦିବସରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

# ଭୁବନେଶ୍ୱର ହେବ ଗ୍ରେଟର୍ ଭୁବନେଶ୍ୱର

**ଭୁବନେଶ୍ୱର,୧।୪/ଏନ୍ଏନ୍ଏସ୍:** ଓଡ଼ିଶା ୨୦୩୬ରେ ୧୦୦ ବର୍ଷ ପୂରଣ କରିବା ସମୟରେ ରାଜ୍ୟକୁ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ। ୨୦୩୬ ସୁଦ୍ଧା ଅର୍ଥନୀତିକୁ ୫୦୦ ବିଲିଅନ ଡଲାର ଏବଂ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆଜି ପ୍ରତ୍ୟେକ ଓଡ଼ିଆ ସମର୍ପିତ ମନୋଭାବ ନେଇ ଆଗକୁ ବଢୁଛନ୍ତି। ବୁଧବାର ୯୧ତମ ଓଡ଼ିଶା ଦିବସ ଅବସରରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗଠିତ ଓଡ଼ିଶା ରାଜ୍ୟ ୧୯୩୬ରେ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଏକ ନୂଆ ଦିଗ ଦେଖାଇଥିଲା ଏବଂ ପରବର୍ତ୍ତୀ ସମୟରେ ଦେଶର ଅନ୍ୟାନ୍ୟ ରାଜ୍ୟଗଠନ ପାଇଁ ପଥପ୍ରଦର୍ଶକ ହୋଇଥିଲା। ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ତ୍ୟାଗ ଓ ସଂଗ୍ରାମକୁ ସ୍ମରଣ କରି ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଓଡ଼ିଶାର ସ୍ୱର୍ଣ୍ଣିମ ଇତିହାସ, ପାଇକ ବିଦ୍ରୋହ ଓ ଭାଷା ଆଧାରିତ ଆନ୍ଦୋଳନର ଗୌରବକୁ ଉଲ୍ଲେଖ କରି କହିଥିଲେ ଯେ ଓଡ଼ିଆ ଭାଷା ଓ ସଂସ୍କୃତି ହିଁ ରାଜ୍ୟ ଗଠନର ପ୍ରମୁଖ ଶକ୍ତି। ସେ ଓଡ଼ିଆ ଜାତିର ସ୍ୱାଭିମାନ ଓ ଏକତାକୁ ବଜାୟ ରଖି ଆଗକୁ ବଢିବାକୁ ଆହ୍ୱାନ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀଙ୍କ ଠାରୁ ଆସିଥିବା ଚିଠିକୁ ପଢ଼ି କୃତଜ୍ଞତା ଜଣାଇବା ସହିତ ଓଡ଼ିଶା ପୋଲିସଙ୍କୁ ମିଳିଥିବା 'ରାଷ୍ଟ୍ରପତି ପୋଲିସ୍ କଲର୍ସ' ସମ୍ମାନକୁ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ମହିଳା, କୃଷକ, ଆଦିବାସୀ ଓ ଗରିବ ଲୋକଙ୍କ ସଶକ୍ତିକରଣ ସରକାରଙ୍କ ପ୍ରାଥମିକତା। ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ଆର୍ଥିକ ସହାୟତା ପାଉଥିବା ସହ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଝିଅମାନଙ୍କ ଶିକ୍ଷାକୁ ପ୍ରୋତ୍ସାହନ ଦେବ। କୃଷକମାନଙ୍କ ପାଇଁ ଧାନର ନ୍ୟାୟସଙ୍ଗତ ମୂଲ୍ୟ, ରିଭଲଭିଙ୍ଗ ପାଣ୍ଠି ଓ ଆଧୁନିକ ଗୋଦାମ ନିର୍ମାଣ ଭଳି ଅନେକ ପଦକ୍ଷେପ ନିଆଯାଇଛି। ରାଜ୍ୟରେ ସଡକ, ରେଳ, ବିମାନ ଓ ଅନ୍ୟାନ୍ୟ ଭିତ୍ତିଭୂମିର ବ୍ୟାପକ ବିକାଶ ଚାଲିଥିବା ସହ ଭୁବନେଶ୍ୱରକୁ ଆଧୁନିକ ଫାଇନାନ୍ସିଆଲ ଓ ଟେକ୍ ହବ୍ ଭାବେ ଗଢ଼ି ତୋଳିବା ଉଦ୍ୟମ ଚାଲିଛି। ପୁରୀରୁ ପାରାଦୀପ ପର୍ଯ୍ୟନ୍ତ ଅଞ୍ଚଳକୁ ଅର୍ଥନୈତିକ କେନ୍ଦ୍ର ଭାବେ ବିକଶିତ କରିବା ଓ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ପାଇଁ ମଧ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂଆ ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ୍ ସ୍ଥାପନ ଓ ଡାକ୍ତର ନିଯୁକ୍ତି ଉଦ୍ୟମ ସହ ଆୟୁଷ୍ମାନ ଭାରତ ଯୋଜନା ମାଧ୍ୟମରେ ରାଜ୍ୟବାସୀ ଉପକୃତ ହେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ସେହିପରି ଶିଳ୍ପ ନିବେଶ ଓ ସରକାରୀ ନିଯୁକ୍ତି ମାଧ୍ୟମରେ ରୋଜଗାର ସୃଷ୍ଟିରେ ରାଜ୍ୟ ଆଗୁଆ ଅଛି ବୋଲି ଉଲ୍ଲେଖ କରିଥିଲେ। ବିକାଶ ସହିତ ଓଡ଼ିଆ ଅସ୍ମିତାକୁ ସୁରକ୍ଷିତ ରଖିବାର ଆବଶ୍ୟକତା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଆଗାମୀ ୧୦ ବର୍ଷକୁ ସଂକଳ୍ପର ଦଶକ ଭାବେ ଚିହ୍ନଟ କରି ସମସ୍ତଙ୍କୁ ସମୃଦ୍ଧ ଓଡ଼ିଶା ଗଠନରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଏହି ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ଉଦଘାଟନ କରାଯାଇଥିଲା। ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶା ସରକାରଙ୍କ ମୁଖପତ୍ର ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁର ଅପ୍ରେଲ ମାସର ସଂସ୍କରଣକୁ ଉନ୍ମୋଚନ ହେବା ସହିତ ପ୍ରଗତି ପ୍ରବାହର ଚତୁର୍ଥ ସଂସ୍କରଣ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ରାଜ୍ୟସ୍ତରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ସଫଳ ହୋଇଥିବା କୃତି ଛାତ୍ରଛାତ୍ରୀଙ୍କୁ ଅର୍ଥ ରାଶି ସହ ମାନପତ୍ର ଓ ରେଡକ୍ରସ ପକ୍ଷରୁ ୮ ଜଣଙ୍କୁ ୨୫,୦୦୦ ଟଙ୍କା ଅର୍ଥ ରାଶି ଦେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମାରୋହକୁ ସମାପ୍ତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସୂଚନା ଓ ଲୋକସମ୍ପର୍କ ଏବଂ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।



# ଉତ୍ସବମୁଖର ଓଡ଼ିଶା, ସବୁଠି ସ୍ୱାଭିମାନର ପର୍ବ ଉତ୍କଳ ଦିବସ

**ଭୁବନେଶ୍ୱର,୧।୪/ଏନ୍ଏନ୍ଏସ୍:** ଓଡ଼ିଶା ଦିବସ ଅବସରରେ ରାଜ୍ୟର ଗୌରବମୟ ଐତିହ୍ୟ, ସଂସ୍କୃତି ଓ ସ୍ୱାଭିମାନକୁ ସ୍ମରଣ କରାଯାଇଥିବା ବେଳେ ଓଡ଼ିଆ ଜାତିର ଗୌରବ ବରପୁତ୍ରମାନଙ୍କ ଅସାଧାରଣ ଅବଦାନକୁ ଶ୍ରଦ୍ଧାର ସହ ସ୍ମରଣ କରାଯାଇଥିଲା। ଉତ୍କଳର ଏହି ମହାନ ବ୍ୟକ୍ତିତ୍ୱମାନେ ନିଜର ତ୍ୟାଗ, ସଂଗ୍ରାମ ଓ ସମାଜସେବା ମାଧ୍ୟମରେ ଓଡ଼ିଶାର ପରିଚୟକୁ ଗଢ଼ି ତୋଳିଥିବାରୁ ସେମାନଙ୍କର ଆଦର୍ଶ ସଦା ପିଢ଼ି ପାଇଁ ପଥପ୍ରଦର୍ଶକ ହୋଇ ରହିବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଗରିମାମୟ ପରିବେଶରେ ମାଲ୍ୟାର୍ପଣ କରାଯାଇଥିଲା। ରାଜଭବନ ଛକସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସହିତ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସେମାନଙ୍କ ପବିତ୍ର ସ୍ମୃତିକୁ ନମନ କରାଯାଇଥିଲା। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରର ବିଭିନ୍ନ ସ୍ଥାନରେ ଦେଶାତ୍ମବୋଧକ ସଙ୍ଗୀତ ପ୍ରସାରଣ କରାଯାଇଥିଲା, ଯାହା ଲୋକମାନଙ୍କ ମନରେ ଦେଶପ୍ରେମ ଓ ଓଡ଼ିଆ ସ୍ୱାଭିମାନର ଭାବନାକୁ ଜାଗୃତ କରିଥିଲା। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀମାନେ, ଉତ୍କଳ ସମ୍ମିଳନୀର ସଦସ୍ୟମାନେ, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ, ବହୁ ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ବରପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଓଡ଼ିଶା ଦିବସ ଆମକୁ ରାଜ୍ୟର ଐତିହ୍ୟ, ସଂସ୍କୃତି ଓ ଏକତାକୁ ସ୍ମରଣ କରାଇବା ସହ ଉନ୍ନତ ଓ ସଶକ୍ତ ଓଡ଼ିଶା ଗଢ଼ିବା ପାଇଁ ଆମକୁ ପ୍ରେରଣା ଦେଇଥାଏ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା।

**■ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ**
ଓଡ଼ିଶା ପ୍ରଦେଶ ଗଠନର ୯୦ତମ ଦିବସ ଆଜି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପାଠାଗାର ପରିସରରେ ଆୟୋଜିତ ହୋଇଯାଇଛି। ସହକାରୀ ପ୍ରଫେସର୍ ଦେବାଶିଷ ମହାପାତ୍ର ଏହାକୁ ପରିଚାଳନା କରିଥିବାବେଳେ ପାଠାଗାର ଦାୟିତ୍ୱ ନିର୍ବାହୀ ପୁଷ୍ପଲତା ନେଗି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ



ଗୋପାଳଚନ୍ଦ୍ର ପ୍ରହରାଜଙ୍କ ସଂକଳିତ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ସମେତ ଓଡ଼ିଶା ଓ ଓଡ଼ିଆ ଭାଷା ସମ୍ବନ୍ଧରେ ପ୍ରକାଶିତ ବହୁ ଦୁର୍ମୂଲ୍ୟ ଗ୍ରନ୍ଥକୁ ଏକତ୍ର ପାଠାଗାରରେ ସ୍ୱତନ୍ତ୍ର ଭାବେ ପ୍ରଦର୍ଶନ କରାଯାଇଥିଲା। ଅଧ୍ୟକ୍ଷା ପ୍ରଫେସର୍ ମାନସୀ ଗୋସ୍ୱାମୀ ଏହାକୁ ଉଦ୍‌ଘାଟନ କରି ମାତୃଭୂମି ଓ ମାତୃଭାଷା ପ୍ରତି ଅବଦାନ ଦେଇଥିବା ଓଡ଼ିଶାର ବରପୁତ୍ରମାନଙ୍କୁ ସ୍ମରଣ କରିଥିଲେ। ମଧ୍ୟରେ ପ୍ରଫେସର୍ ଲକ୍ଷ୍ମୀଧର ବେହେରା, ପ୍ରଫେସର୍ ରଶ୍ମିରେଖା ସେଠୀ, ଡଃ. କଳିଙ୍ଗ କେତକୀ, ଡଃ. ଜିନା କେ.ଜି., ଡଃ. ରାହୁଲ ସାହାନା, ଡଃ. ରାଜକୁମାର, ଡଃ. ସର୍ବେଶ ମୌର୍ଯ୍ୟ, ଡଃ. ରାହୁଲ ସାହାନା, ଡଃ. ରାଜ କୁମାର, ଡଃ. ସର୍ବେଶ ମୌର୍ଯ୍ୟ ଓ ଅଶୋକ କୁମାର ବଳିୟାରସିଂହ କୁମାର ତ୍ରିପାଠୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**■ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ**
ଓଡ଼ିଶା ଦିବସ ଅବସରରେ କୋରାପୁଟ ଜିଲ୍ଲାର ସୀମାନ୍ତ ତଥା ଉପାନ୍ତ ଅଞ୍ଚଳରେ 'ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ' ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ଓଡ଼ିଶା ଦିବସ ପାଳନ ଉତ୍ସବରେ ଏହି ପ୍ରତିନିଧି ମଣ୍ଡଳୀକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିନିଧି ଦଳରେ ସଭାପତି ଶ୍ରୀ ମହାପାତ୍ରଙ୍କ ସମେତ ସମ୍ପାଦକ ଶ୍ରୀ ରାମ ନାରାୟଣ ମିଶ୍ର, କୋଷାଧ୍ୟକ୍ଷ ଶ୍ରୀ ବିରଜା ପ୍ରସାଦ ଶତପଥୀ,



ହୋଇଯାଇଛି। ନ୍ୟାସୀ ମଣ୍ଡଳର ସଭାପତି ସୀତା ବଲ୍ଲଭ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତିନି ଦିନ ଧରି ଜିଲ୍ଲାର କୋଟିଆ, ନେରିଡି ବାଲାସା, ତାଡି ବାଲାସା, ଦେଓମାଳି, ତଳମାଳି ଏବଂ ଗଞ୍ଜେଇ ପଦର୍ ଆଦି ଗ୍ରାମ ଗସ୍ତ କରି ଜନସମ୍ପର୍କ ସ୍ଥାପନ କରିବା ସହ ଓଡ଼ିଆ ଭାଷାର ପ୍ରସାର ପାଇଁ ବିଦ୍ୟାଳୟଗୁଡ଼ିକରେ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରିଛନ୍ତି। ଏହି ଗସ୍ତ ସମୟରେ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଟିଆଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସଭ୍ୟ ମୁରଲୀଧର ଭାଷ୍ୟମ, ଶ୍ରୀବାସ ମହାପାତ୍ର ଏବଂ ସୁନିଲ କୁମାର ମହାପାତ୍ର ସାମିଲ ଥିଲେ। ତାଡି ବାଲାସା ବିଦ୍ୟାଳୟରେ ଆୟୋଜିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ନ୍ୟାସୀ ମଣ୍ଡଳର କର୍ମକର୍ତ୍ତାମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ପ୍ରତି ସଦା ଅନୁରକ୍ତ ରହିବାକୁ ଉଦ୍‌ବୋଧନ ଦେଇଥିଲେ। ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ଓ ଅସ୍ମିତାର ସୁରକ୍ଷା ପାଇଁ ଅନୁଷ୍ଠାନର ଏହି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।

**■ କିଟ୍ ଓ କିସ୍ :** କିଟ୍ ଓ କିସ୍ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କିଟ୍ ଓ କିସ୍ ପକ୍ଷରୁ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନର ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ ଯେ ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ଶହେବର୍ଷ ପୂରଣ କରିବାକୁ ଯାଉଛି। ଇତି ମଧ୍ୟରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରିଥିବା ବେଳେ ବିଗତ ୩ ଦଶନ୍ଧୀରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ, ଜନଜାତି ସଶକ୍ତିକରଣ, କ୍ରୀଡ଼ା, ସାହିତ୍ୟ, ସଂସ୍କୃତି ଆଦି ବିଭିନ୍ନ କ୍ଷେତ୍ରର ବିକାଶରେ କିଟ୍ ଓ କିସ୍‌ର ଯୋଗଦାନ ରହିଆସିଛି। ଆଗାମୀ ଦିନରେ ମଧ୍ୟ ଓଡ଼ିଶାର ବିକାଶ ଧାରାରେ କିଟ୍ ଓ କିସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଶ୍ରୀ ସାମନ୍ତ କହିଥିଲେ। ଓଡ଼ିଆ ଜାତି ଏବେ ସହଯୋଗ ଓ ସୌହାର୍ଦ୍ଦ୍ୟର ପ୍ରତୀକ ହୋଇପାରିଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ଡା. ସିବିକେ ମହାନ୍ତି, ପ୍ରଫେସର କେ. ଡ଼ି ରାଜୁ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଓଡ଼ିଶା ଦିବସ ଉପରେ ନିଜନିଜର ମତାମତ ରଖି ଓଡ଼ିଶାର ବିକାଶରେ ସମସ୍ତେ ଏକାଠି ହୋଇ ସହଯୋଗର ହାତ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ଶେଷରେ କିଟ୍ ଓ କିସ୍ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




**■ ଓରମାସ୍ :** ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ) ପରିସରରେ ଚଳିତ ବର୍ଷ ଓଡ଼ିଶା ଦିବସ ଏକ ଭିନ୍ନ ଓ ଆକର୍ଷଣୀୟ ଶୈଳୀରେ ପାଳିତ ହୋଇଯାଇଛି। କର୍ମଚାରୀମାନଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଏକ ରଙ୍ଗାରଙ୍ଗ ସାଂସ୍କୃତିକ ଉତ୍ସବର ରୂପ ନେଇଥିଲା। ଏହି ଅବସରରେ ପ୍ରଶିକ୍ଷୁମାନେ ଓଡ଼ିଶାର ସମୃଦ୍ଧ କଳା ଓ ପରମ୍ପରାକୁ ଅତି ସୁନ୍ଦର ଭାବେ ପ୍ରଦର୍ଶିତ କରିଥିଲେ। ପାରମ୍ପରିକ ନୃତ୍ୟ, ସଙ୍ଗୀତ ଏବଂ ଚିତ୍ତାକର୍ଷକ ରଙ୍ଗୋଲି ମାଧ୍ୟମରେ ଓଡ଼ିଶାର ଐତିହ୍ୟ ପ୍ରତି ସେମାନଙ୍କର ଗଭୀର ମମତା ଓ ଗର୍ବ ପ୍ରକାଶ ପାଇଥିଲା। ଏହି ଆୟୋଜନ ସମଗ୍ର କାର୍ଯ୍ୟାଳୟ ପରିସରକୁ ଉତ୍ସବମୁଖର କରିବା ସହ ସମସ୍ତଙ୍କ ମଧ୍ୟରେ ଏକତା ଓ ଭାତୃଭାବ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ମୋନିକା ପ୍ରିୟଦର୍ଶିନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷୁମାନଙ୍କ ସୃଜନଶୀଳତା ଓ ଉତ୍ସାହକୁ ଉଚ୍ଚ ପ୍ରଶଂସା କରିଥିଲେ। ତାଙ୍କ ସହ ଅତିରିକ୍ତ ସିଇଓ (ଅର୍ଥ) ସଞ୍ଜୀବ କୁମାର ସିଂହ ଏବଂ ଅତିରିକ୍ତ ସିଇଓ (ପ୍ରଶାସନ) ଗୀତାଞ୍ଜଳି ବେହେରା ଉପସ୍ଥିତ ରହି ଯୁବକ-ଯୁବତୀଙ୍କ ଏଭଳି ସକ୍ରିୟ ଅଂଶଗ୍ରହଣକୁ ସ୍ୱାଗତ କରିଥିଲେ। ଧନ୍ୟବାଦ ଅର୍ପଣ ସହ ଏହି ସ୍ମରଣୀୟ କାର୍ଯ୍ୟକ୍ରମର ସମାପ୍ତି ଘଟିଥିଲା। ସମସ୍ତଙ୍କ ସାମୂହିକ ପ୍ରୟାସ ଯୋଗୁଁ ଏଥରର ଓଡ଼ିଶା ଦିବସ ପାଳନ ଓରମାସ ପରିବାର ପାଇଁ ଅତ୍ୟନ୍ତ ଅର୍ଥବହ ଓ ପ୍ରେରଣାଦାୟୀ ହୋଇପାରିଛି।



**■ ଓଡ଼ିଶା ସେବକ ସଂଘ:** ଓଡ଼ିଶା ସେବକ ସଂଘ, ଭୁବନେଶ୍ୱରର ବାର୍ଷିକ ଉତ୍ସବ ଓ ଉତ୍କଳ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ବାଗ୍‌ଚି ଶ୍ରୀ ଶଙ୍କର କ୍ୟାନସର ସେଣ୍ଟର୍ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ଡାକ୍ତରମାନେ ଉପସ୍ଥିତ ରହି ଶତାଧିକ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେଣ୍ଟର୍ ଫର୍ ସାଇଟ୍ ଆଇ ହସ୍‌ପିଟାଲ୍ ସହଯୋଗରେ ଲୋକମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ବିଏମ୍‌ସି ବ୍ଲଡ୍ ବ୍ୟାଙ୍କର ସହଯୋଗରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସେଥିରେ ୫୦ରୁ ଊର୍ଦ୍ଧ୍ୱ ରକ୍ତଦାତା ରକ୍ତଦାନ କରିଥିଲେ। ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶ୍ରୀମଦ୍ ଭଗବତ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଓ ସମାଜସେବୀ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କୁ ଓଡ଼ିଶା ସେବକ ସଂଘ ସେବା ସମ୍ମାନ ୨୦୨୬ ରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡିସିପି ଲଳିତେନ୍ଦୁ ମହାନ୍ତି, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ଼ଃ ସୁଶିଲ ପଟ୍ଟନାୟକ, ବାଲିଅନ୍ତା ପଞ୍ଚାୟତ ସମିତି ସଭ୍ୟ ଶୌଳେନ୍ଦୁ ଦାସ, ଆଇଆଇସି ଶୁଭ୍ରାଂଶୁ ଶେଖର ପାଢ଼ୀ, ଗାୟତ୍ରୀ ପରିବାରର ଓଡ଼ିଶା ମୁଖ୍ୟ ଡ଼ଃ ବିଶ୍ୱରଞ୍ଜନ ରଥ ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଓସ୍ତାର ପୂର୍ବତନ ସମ୍ପାଦକ ପତବାସ ପ୍ରହରାଜ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସଂଘର ସଭାପତି ଅଶୋକ ମିଶ୍ର ସ୍ୱାଗତ ଭାଷଣ ମାଧ୍ୟମରେ ଆଗାମି ଦିନର ସେବା କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଉପସଭାପତି ମିନାକ୍ଷି ନାୟକ ଉତ୍କଳ ଦିବସ ଉପରେ ବିବୃତ୍ତି ରଖିବା ସହିତ କବିତା ଆବୃତ୍ତି କରିଥିଲେ। ସମ୍ପାଦକ ବସନ୍ତ ତ୍ରୀପାଠୀ ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଡ଼ଃ ହରେକୃଷ୍ଣ ପଟ୍ଟନାୟକ ସଭା ପରିଚାଳନା କରିଥିଲେ ଓ ସାଧାରଣ ସମ୍ପାଦକ ଜିତେନ୍ଦ୍ର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସଭ୍ୟ ମିହିର ମିଶ୍ର, ମନୋରଞ୍ଜନ ସାହୁ, ଦୌପଦୀ ମିଶ୍ର, ବସନ୍ତ ପାଢ଼ୀ ଓ ସର୍ବେଶ୍ୱର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଓଡ଼ିଆ ପକ୍ଷ: ଆଜିଠୁ ପାରମ୍ପରିକ ପୋଷାକ ପରିଧାନ ଦିବସ

## ୪ରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ, ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ

**ଭୁବନେଶ୍ୱର,୧।୪/ଏନ୍ଏନ୍ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଜିଠାରୁ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ପାଳନ କରାଯାଉଛି ଓଡ଼ିଆ ପକ୍ଷ। ଏପ୍ରିଲ ୨ ଓ ୩ ତାରିଖରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ 'ଆମ ପୋଷାକ ଆମ ପରିଚୟ' ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳନ କରାଯିବ। ଏନେଇ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ସମସ୍ତ ବିଭାଗ ଓ ଜିଲ୍ଲାପାଳମାନଙ୍କୁ ଚିଠି କରାଯାଇଛି। ଓଡ଼ିଶାର ହସ୍ତତନ୍ତ କେବଳ ଏକ ଶିଳ୍ପ ନୁହେଁ, ବରଂ ଓଡ଼ିଶାର ସାଂସ୍କୃତିକ ବିବିଧତା ଓ ଐତିହ୍ୟର ପ୍ରତୀକ। ତେଣୁ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳନ କରାଯାଇ ସମସ୍ତ ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସର୍ବୋପରି ସମସ୍ତ ନାଗରିକମାନଙ୍କୁ ପାରମ୍ପରିକ ପୋଷାକ ପରିଧାନ କରିବା ପାଇଁ ପ୍ରୋତ୍ସାହିତ କରାଯିବା ସହ 'ଆମ ପୋଷାକ ଆମ ପରିଚୟ' ଅଭିଯାନରେ ସାମିଲ ହେବା ପାଇଁ ନିବେଦନ କରାଯାଇଛି। ଓଡ଼ିଶାର ହସ୍ତତନ୍ତ ବସ୍ତ୍ର ପରିଧାନ କରି ଏହାର ସ୍ୱଚିତ୍ର ଉତ୍ତୋଳନ କରି ଏହାକୁ ଓଡ଼ିଆ ପକ୍ଷ ୱେବ୍‌ସାଇଟ୍ ରେ ଅପଲୋଡ଼ କରିବାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ପରିଚାଳିତ ବୟନିକା, ଉତ୍କଳିକା, ରେଶମ ଓଡ଼ିଶା ଓ ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ଶାଖାରେ ହସ୍ତତନ୍ତ ବସ୍ତ୍ର କ୍ରୟ ଉପରେ ଶତକଡ଼ା ୨୦+୧୦ ଭାଗ ରିହାତି ପ୍ରଦାନ କରାଯାଉଛି। ଏପ୍ରିଲ ୪ ତାରିଖ ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନର ଆୟୋଜନ କରାଯିବ। ସୂଚନାଯୋଗ୍ୟ ଯେ, ଓଡ଼ିଆ ସଂସ୍କୃତିକୁ ବିଶ୍ୱବିଦିତ କରିବା ଲକ୍ଷ୍ୟ ନେଇ ଆମ ଯୁବପିଢ଼ିଙ୍କୁ ଓଡ଼ିଆ ସଂସ୍କୃତି ସହ ପୁନଃ ସଂଯୋଜିତ କରିବା ପାଇଁ ଓଡ଼ିଶାର ସମସ୍ତ ବ୍ଲକରୁ ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଓଡ଼ିଆ ପକ୍ଷ ପାଳନର ପ୍ରତ୍ୟେକ ଦିନ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।

# ୩୪ତମ ଏକଲବ୍ୟ ପୁରସ୍କାର-୨୦୨୬ ନିମନ୍ତେ ନାମାଙ୍କନ ଆହ୍ୱାନ

**ଭୁବନେଶ୍ୱର,୧।୪/ଏନ୍ଏନ୍ଏସ୍:** ଇମ୍ଫା ଗ୍ରୁପ୍ ଦ୍ୱାରା ପରିଚାଳିତ 'ଇଣ୍ଡିଆନ୍ ମେଟାଲାସ୍ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ' ପକ୍ଷରୁ ସମ୍ମାନଜନକ ୩୪ତମ ଏକଲବ୍ୟ ପୁରସ୍କାର-୨୦୨୬ ପାଇଁ ନାମାଙ୍କନ ପତ୍ର ଆହ୍ୱାନ କରାଯାଉଛି। ଓଡ଼ିଶାର ଉତ୍କୃଷ୍ଟ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରତିବର୍ଷ ପ୍ରଦାନ କରାଯାଉଥିବା ଏହି ବାର୍ଷିକ କ୍ରୀଡ଼ା ପୁରସ୍କାର ବାବଦରେ ମୁଖ୍ୟ ବିଜେତାଙ୍କୁ ୭ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ଦୁଇଜଣ ଉପବିଜେତାଙ୍କୁ ମଧ୍ୟ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି, ଯେଉଁଥିରେ ପ୍ରତ୍ୟେକଙ୍କୁ ୧,୫୦,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଆଗ୍ରହୀ କ୍ରୀଡ଼ାବିତମାନେ ଓଡ଼ିଶାରେ ଥିବା ବିଭିନ୍ନ କ୍ରୀଡ଼ା ସଂଗଠନ, ବୋର୍ଡ, ସଂଘ, ବିଶ୍ୱବିଦ୍ୟାଳୟ, କଲେଜ କିମ୍ବା ସ୍କୁଲ ମାଧ୍ୟମରେ ନିଜର ନାମାଙ୍କନ ପତ୍ର

**ବିଜେତାଙ୍କୁ ମିଳିବ ୭ ଲକ୍ଷ ଟଙ୍କା**

ପଠାଇପାରିବେ। ଆବେଦନକାରୀଙ୍କ ବୟସ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ୨୫ ବର୍ଷରୁ ଅଧିକ ହୋଇନଥିବା ଆବଶ୍ୟକ। ପ୍ରାର୍ଥୀମାନେ ନିଜର ବୟସ ପ୍ରମାଣପତ୍ର ସହିତ ଗତ ଦୁଇ ବର୍ଷ (୧ ଏପ୍ରିଲ ୨୦୨୪ ରୁ ୩୧ ମାର୍ଚ୍ଚ ୨୦୨୬) ମଧ୍ୟରେ ରାଜ୍ୟସ୍ତରୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ହାସଲ କରିଥିବା କୃତିତ୍ୱର ପ୍ରମାଣପତ୍ର ଦାଖଲ କରିବା ଜରୁରୀ। ପ୍ରାର୍ଥୀପତ୍ରଗୁଡ଼ିକ ଆସନ୍ତା ୩୧ ମେ' ୨୦୨୬ ତାରିଖ ସୁଦ୍ଧା 'ଏକଲବ୍ୟ ପୁରସ୍କାର, ଇମ୍ପାକ୍ଟ, ଇମ୍ଫା ବିଲ୍ଡିଂ, ଭୁବନେଶ୍ୱର – ୭୫୧୦୧୦' ଠିକଣାରେ ପହଞ୍ଚିବା ଆବଶ୍ୟକ।
ଏହା ବ୍ୟତୀତ ଆବେଦନକାରୀମାନେ **ekalabya@imfa.in** କୁ ନିଜର ପ୍ରାର୍ଥୀପତ୍ର ଇ-ମେଲ୍ କରିପାରିବେ। ତେବେ ସମସ୍ତ ସହାୟକ ପ୍ରମାଣପତ୍ରଗୁଡ଼ିକୁ ଡାକ ମାଧ୍ୟମରେ ଉପରୋକ୍ତ ଠିକଣାକୁ ପଠାଇବାକୁ ହେବ ବୋଲି ଏକଲବ୍ୟ ପୁରସ୍କାର କମିଟିର ଆବାହକ ଅଶ୍ୱିନୀ ପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି।

# ୨୧୦.୭୫ ମିଲିୟନ୍ ଟନ୍ କୋଇଲା ପ୍ରେରଣ କଲା ଏମ୍‌ସିଏଲ୍

**ସମ୍ବଲପୁର,୧।୪/ଏନ୍ଏନ୍ଏସ୍:** ଦେଶର ଶକ୍ତି ସୁରକ୍ଷା କ୍ଷେତ୍ରରେ ନିଜର ପ୍ରତିବଦ୍ଧତାକୁ ଦୋହରାଇ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ ଆର୍ଥିକ ବର୍ଷ ୨୦୨୫-୨୬ରେ ଏକ ବଡ଼ ସଫଳତା ହାସଲ କରିଛି। କମ୍ପାନୀ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସର୍ବକାଳୀନ ରେକର୍ଡ ସୃଷ୍ଟି କରି ୨୧୦.୭୫ ମିଲିୟନ ଟନ କୋଇଲା ବିଭିନ୍ନ ଉପଭୋକ୍ତାଙ୍କ ପାଖକୁ ପ୍ରେରଣ କରିଛି। ଗତ ଆର୍ଥିକ ବର୍ଷରେ ମୋଟ ୨୧୮.୩୦ ମିଲିୟନ ଟନ କୋଇଲା ଉତ୍ପାଦନ ହୋଇଥିବା ବେଳେ, ସେଥିମଧ୍ୟରୁ ପ୍ରାୟ ୯୯.୪% ଉତ୍ପାଦନ ଅତ୍ୟାଧୁନିକ ତଥା ପରିବେଶ ଅନୁକୂଳ ସର୍ଫେସ ମାଇନର ଜରିଆରେ କରାଯାଇଛି। ଏହାବ୍ୟତୀତ ଖଣି ଖନନ ପ୍ରକ୍ରିୟାରେ ୩୨୬.୬୨୬ ମିଲିୟନ କ୍ୟୁବିକ୍ ମିଟର ଓଭରବର୍ଡେନ ହଟାଇବାରେ ମଧ୍ୟ କମ୍ପାନୀ ସଫଳ ହୋଇଛି। ଗ୍ରାହକମାନଙ୍କୁ ନିରନ୍ତର କୋଇଲା ଯୋଗାଣ ପାଇଁ ବର୍ତ୍ତମାନ କମ୍ପାନୀ ପାଖରେ ୪୩.୭୬ ମିଲିୟନ ଟନ କୋଇଲା ମହଜୁଦ ରହିଛି। କମ୍ପାନୀର ଏଫ୍‌ଏମ୍‌ସି କାର୍ଯ୍ୟଦକ୍ଷତାରେ ମଧ୍ୟ ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି। ଗତ ବର୍ଷ ଦୈନିକ ୧୭ଟି ର୍‌ୟାକ୍ ତୁଳନାରେ ଚଳିତ ବର୍ଷ ଦୈନିକ ୩୪ଟି ର୍‌ୟାକ୍ ଲୋଡିଂ କରାଯାଇଛି, ଯାହା ଏମ୍‌ସିଏଲ୍‌କୁ ସର୍ବାଧିକ ର୍‌ୟାକ୍ ଲୋଡିଂ କରୁଥିବା ସବସିଡିୟାରୀରେ ପରିଣତ କରିଛି। ତାଳଚେର କୋଇଲା ଖଣି ଅନ୍ତର୍ଗତ ଭୁବନେଶ୍ୱରୀ ଓସିପିରେ




ପ୍ରଥମ କରି ଅଟୋମେଟିକ ଟ୍ରକ ଲୋଡିଂ ସିଷ୍ଟମ୍ ପ୍ରଚଳନ କରାଯାଇଛି, ଯାହା ମାଧ୍ୟମରେ ୯୬୫୬ ଟନ କୋଇଲା ଲୋଡିଂ କରାଯାଇ ନୂଆ ମାଇଲଖୁଣ୍ଟ ସ୍ଥାପନ କରାଯାଇଛି। ସଫଳ ବ୍ୟବସାୟ ସହ ସାମାଜିକ କଲ୍ୟାଣ କ୍ଷେତ୍ରରେ ମଧ୍ୟ ଏମସିଏଲ୍ ଆଗରେ ରହିଛି। ଗତ ଆର୍ଥିକ ବର୍ଷରେ କମ୍ପାନୀ ୩୪୧ କୋଟି ଟଙ୍କା ସିଏସ୍‌ଆର୍ ପାଣ୍ଠିରୁ ଖର୍ଚ୍ଚ କରିଛି। ଏହି ଅର୍ଥ ମୁଖ୍ୟତଃ ଖଣି ଅଞ୍ଚଳର ପାର୍ଶ୍ୱବର୍ତ୍ତୀ ଏବଂ ଦୁର୍ଗମ ଅଞ୍ଚଳର ଲୋକମାନଙ୍କର ଆର୍ଥିକ ଓ ସାମାଜିକ ଉନ୍ନତି ପାଇଁ ବିନିଯୋଗ କରାଯାଇଛି। ଏହି ବିଶାଳ ସଫଳତା ପାଇଁ କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଉଦୟ ଏ. କାଓଲେ ସମସ୍ତ ଅଧିକାରୀ, କର୍ମଚାରୀ ଓ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୁନ୍ଦରଗଡ଼, ଝାରସୁଗୁଡ଼ା ଏବଂ ଅନୁଗୁଳ ଜିଲ୍ଲାରେ ପରିବ୍ୟାପ୍ତ ଏମସିଏଲ୍ ଆଗାମୀ ଦିନରେ ଦେଶର ଶକ୍ତି ଚାହିଦା ପୂରଣ କରିବାକୁ ନିଜର ସଂକଳ୍ପ ଜାରି ରଖିବ ବୋଲି ସେ ପ୍ରକାଶ କରିଛନ୍ତି।

# 'ଓଡ଼ିଶା ଭବିଷ୍ୟତରେ ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ'

**ଭୁବନେଶ୍ୱର,୧।୪/ଏନ୍ଏନ୍ଏସ୍:** ଉତ୍କଳ ଦିବସ ଅବସରରେ ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ଡ. ଚନ୍ଦ୍ରଭାନୁ ଶତପଥୀ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଓଡ଼ିଶାର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ ଏବଂ ଆଗାମୀ ଦିନରେ ଏହା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବାକୁ ଯାଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଗୁରୁଜୀ ଡ. ଶତପଥୀ କହିଛନ୍ତି ଯେ, ନବେ ବର୍ଷ ତଳେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହେବା ପରେ ବିଭିନ୍ନ କ୍ଷେତ୍ରରେ ରାଜ୍ୟର ଯଥେଷ୍ଟ ପ୍ରଗତି ହୋଇଛି। ଆଗକୁ ଏହି ବିକାଶର ଧାରା ଆହୁରି ତ୍ୱରାନ୍ୱିତ ହେବ ଏବଂ ରାଜଧାନୀ ଭୁବନେଶ୍ୱର ଦେଶର ଏକ ଶ୍ରେଷ୍ଠ ସହରରେ ପରିଣତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଓଡ଼ିଶାର ପ୍ରାଚୀନ ସଂସ୍କୃତି ସହିତ ଆଧୁନିକତାର ଏକ ଅପୂର୍ବ ସମ୍ମିଶ୍ରଣ ଘଟିଛି। ଓଡ଼ିଆମାନେ ନିଜର ଦକ୍ଷତା ବଳରେ ରାଜ୍ୟ ତଥା ଦେଶ ବାହାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ ଏବଂ ଜଗନ୍ନାଥ ସଂସ୍କୃତି ହିଁ ଆମର ପ୍ରକୃତ ପରିଚୟ ବୋଲି ସେ କହିଛନ୍ତି।

# ପଣ୍ୟ ପରିବହନରେ ପୂର୍ବତଟ ରେଳପଥ ପୁଣି ଦେଶର ନମ୍ବର ୱାନ୍ ଜୋନ୍

## ସର୍ବାଧିକ ୨୮୬.୩ ନିୟୁତ ଟନ୍ ପଣ୍ୟ ପରିବହନ ସହ ନୂତନ ରେକର୍ଡ ହାସଲ

**ଭୁବନେଶ୍ୱର,୧।୪/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥ ପୁଣିଥରେ ଭାରତୀୟ ରେଳବାଇର ପ୍ରମୁଖ ପଣ୍ୟ ପରିବହନକାରୀ ଜୋନ୍ ଭାବେ ନିଜର ସ୍ଥାନ ସୁଦୃଢ଼ କରିଛି। ୨୦୨୫–୨୬ ଆର୍ଥିକ ବର୍ଷରେ ଏହା ୨୮୬.୩ ନିୟୁତ ଟନ୍‌ର ସର୍ବକାଳୀନ ସର୍ବାଧିକ ପଣ୍ୟ ପରିବହନ କରି ରେକର୍ଡ ସୃଷ୍ଟି କରିଛି। ୨୦୨୪–୨୫ ଆର୍ଥିକ ବର୍ଷର ୨୫୯.୨୫ ନିୟୁତ ଟନ୍ ତୁଳନାରେ ଏହା ପ୍ରାୟ ୨୭ ନିୟୁତ ଟନ୍ ଅଧିକ, ଯାହା ପ୍ରାୟ ୧୦.୪ ପ୍ରତିଶତ ଅଭିବୃଦ୍ଧିକୁ ଦର୍ଶାଉଛି। ଏହି ସଫଳତା ଜୋନ୍‌ର ନିରନ୍ତର ଅଭିବୃଦ୍ଧି ଏବଂ ପରିଚାଳନାଗତ ଦକ୍ଷତାକୁ ପ୍ରମାଣିତ କରୁଛି। ପଣ୍ୟ ପରିବହନ ବୃଦ୍ଧି ସହିତ ଜୋନ୍‌ର ରାଜସ୍ୱ ଆୟରେ ମଧ୍ୟ ଯଥେଷ୍ଟ ବୃଦ୍ଧି ଘଟିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ପୂର୍ବ ତଟ ରେଳପଥ ପଣ୍ୟ ପରିବହନରୁ ୨୯,୪୫୬.୭୦ କୋଟି ଟଙ୍କା ଆୟ କରିଥିବା ବେଳେ, ଗତ ଆର୍ଥିକ ବର୍ଷରେ ଏହି ଆୟ




୨୬,୬୯୧.୮୨ କୋଟି ଟଙ୍କା ଥିଲା। ଏହା ପ୍ରାୟ ୧୦ ପ୍ରତିଶତରୁ ଅଧିକ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଏହି ଦୃଢ଼ ଆର୍ଥିକ ପ୍ରଦର୍ଶନ ଭାରତୀୟ ରେଳବାଇର ପଣ୍ୟ ପରିବହନ କ୍ଷେତ୍ରରେ ଏହି ଜୋନର ଅଗ୍ରଣୀ ସ୍ଥାନକୁ ଆହୁରି ମଜବୁତ କରିଛି। ଭାରତୀୟ ରେଳବାଇର ସମସ୍ତ ଜୋନ୍ ମଧ୍ୟରେ ପୂର୍ବତଟ ରେଳପଥ ନିଜର ଶୀର୍ଷ ସ୍ଥାନ ବଜାୟ ରଖିଛି। ଚଳିତ ଆର୍ଥିକ ବର୍ଷରେ ଭାରତୀୟ ରେଳବାଇ ହାସଲ କରିଥିବା ମୋଟ ୧୬୬୯.୯ ନିୟୁତ ଟନ୍ ପଣ୍ୟ ପରିବହନରେ ପୂର୍ବ ତଟ ରେଳପଥର ଅବଦାନ ୧୭.୧ ପ୍ରତିଶତ ରହିଛି। ବିଶେଷ କରି ଲଗାତାର ସପ୍ତମ ବର୍ଷ ପାଇଁ ଏହି ଜୋନ୍ ୨୦୦ ନିୟୁତ ଟନ୍ ?ରୁ ଅଧିକ ପଣ୍ୟ ପରିବହନ କରିବାର ଗୌରବ ଅର୍ଜନ କରିଛି। କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ, ଆଲୁମିନା, ସାର ଏବଂ ଖାଦ୍ୟ ଶସ୍ୟ ଭଳି ପ୍ରମୁଖ ସାମଗ୍ରୀ ପରିବହନରେ ଏହି ଜୋନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ପଣ୍ୟ ପରିବହନ ସହିତ ଯାତ୍ରୀ ପରିବହନ କ୍ଷେତ୍ରରେ ମଧ୍ୟ ଉତ୍ସାହଜନକ ପ୍ରଦର୍ଶନ ଦେଖିବାକୁ ମିଳିଛି। ୨୦୨୫–୨୬ ଆର୍ଥିକ ବର୍ଷରେ ଏହି ଜୋନ୍ ୯୭.୬୪ ନିୟୁତ ଯାତ୍ରୀଙ୍କୁ ସେବା ଯୋଗାଇ ୨,୪୯୫.୫୧ କୋଟି ଟଙ୍କା ରାଜସ୍ୱ ଆଦାୟ କରିଛି। ଗତ ଆର୍ଥିକ ବର୍ଷ ତୁଳନାରେ ଯାତ୍ରୀ ସଂଖ୍ୟାରେ ୫.୨୫ ପ୍ରତିଶତ ବୃଦ୍ଧି ଘଟିଛି। ଯାତ୍ରୀ ସୁବିଧାରେ ଉନ୍ନତି, ସମୟାନୁବର୍ତ୍ତିତା, ସ୍ୱଚ୍ଛତା ଏବଂ ନିରାପଦ ଯାତ୍ରା ଯୋଗୁଁ ରେଳ ସେବା ପ୍ରତି ଜନସାଧାରଣଙ୍କ ଆସ୍ଥା ବୃଦ୍ଧି ପାଇଛି। ସୁଦୃଢ଼ ଆନ୍ତଃବିଭାଗୀୟ ସମନ୍ୱୟ, ୱାଗନଗୁଡ଼ିକର ସଠିକ୍ ଉପଯୋଗ, ଆଧୁନିକ ସିଗନାଲିଂ ବ୍ୟବସ୍ଥା ଏବଂ ଭିତ୍ତିଭୂମିର ସୁଦୃଢ଼ୀକରଣ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି। ଦେଶର ପରିବହନ ଆବଶ୍ୟକତା ପୂରଣ କରିବା ସହ ସେବାକୁ ଆହୁରି ଉନ୍ନତ ଓ ଅଭିନବ କରିବା ପାଇଁ ପୂର୍ବ ତଟ ରେଳପଥ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ।

# ଡକ୍ଟର କମ୍ବୁପାଣି ସାମନ୍ତ ପାଇବେ 'ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତି ସମ୍ମାନ'

**ଭୁବନେଶ୍ୱର,୧।୪/ଏନ୍ଏନ୍ଏସ୍:** ରାଜଧାନୀର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ଭୁବନେଶ୍ୱର ଭଞ୍ଜଭାରତୀ' ପକ୍ଷରୁ ଆସନ୍ତା ଏପ୍ରିଲ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ଓଡ଼ିଆ ସାହିତ୍ୟ ସମାରୋହ-୨୦୨୬ ଅନୁଷ୍ଠିତ ହେବ। ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ପ୍ରତ୍ୟହ ସନ୍ଧ୍ୟାରେ ଏହି ସାରସ୍ୱତ କୁମ୍ଭ ଆୟୋଜିତ ହେବାକୁ ସ୍ଥିର ହୋଇଛି। ଚଳିତ ବର୍ଷର ଏହି ସମାରୋହରେ ପ୍ରଥମ ଦିବସରେ 'ଭଞ୍ଜନିକୁଞ୍ଜ' ଶୀର୍ଷକରେ ଭଞ୍ଜ ସାହିତ୍ୟ, ଦ୍ୱିତୀୟ ଦିବସରେ 'ଉତ୍କଳଘଣ୍ଟ'ରେ ଯଦୁମଣି ସାହିତ୍ୟ ଏବଂ ଉଦ୍‌ଯାପନୀ ଦିବସରେ 'ରଙ୍ଗାଜୀବ ଗଙ୍ଗାଧର' ଶୀର୍ଷକରେ ମେହେର ସାହିତ୍ୟ ଉପରେ ଚର୍ଚ୍ଚା କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ 'ନାଦବ୍ରହ୍ମ' ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପିନୀ ମହାପାତ୍ର ମିନତି ଭଞ୍ଜ ଓ ପ୍ରଫେସର ଜଗନ୍ନାଥ କୁଅଁରଙ୍କ ଦ୍ୱାରା ସମ୍ପୃକ୍ତ କବିମାନଙ୍କ ରଚନାର ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏପ୍ରିଲ



୯ ତାରିଖ ଉଦ୍‌ଘାଟନୀ ଦିବସରେ ବର୍ଷୀୟାନ ଭଞ୍ଜ ସାହିତ୍ୟ ଗବେଷକ ଡକ୍ଟର କମ୍ବୁପାଣି ସାମନ୍ତଙ୍କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତି ସମ୍ମାନ-୨୦୨୬' ପ୍ରଦାନ କରାଯିବ। ଭଞ୍ଜଭାରତୀର ସଭାପତି ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଏହି ଉତ୍ସବରେ ଯୋଗଦେବା ପାଇଁ ନିବେଦନ କରିଛନ୍ତି।

## ଭସାଣି ଗଣ୍ଡଗୋଳ ମାମଲା, ୪ କୋର୍ଟଚାଲାଣ



**ଯାଜପୁର, ୧।୪/ଏନ୍‌ଏନ୍‌ଏସ୍:** ଗତ ୩୦ ତାରିଖ ମଧ୍ୟ ରାତ୍ରରେ ସଦର ଥାନା ଅନ୍ତର୍ଗତ ସାନ କୁଖିଲା ଗ୍ରାମରେ ରାମରଜା ଠାକୁରଙ୍କ ଭସାଣିକୁ ନେଇ ଘଟିଯାଇଥିବା ସାମ୍ପ୍ରଦାୟିକ ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ୩୧ ତାରିଖରେ ଧର୍ମଶାଳା ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ଗୁଣନିଧି ସ୍ୱାଇଁଙ୍କ ପୁତ୍ର ବିକି ସ୍ୱାଇଁ (୨୬)ଙ୍କୁ ସଦର ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା ବେଳେ ଆଜି ସଦର ଥାନା ଅନ୍ତର୍ଗତ ଉପର ବରୁଆଁ ଗ୍ରାମର ନରେନ୍ଦ୍ର ସାହୁଙ୍କ ପୁତ୍ର ସୁଦର୍ଶନ ସାହୁ(୫୩),ଶେଖ୍ ସମ୍ ଶେରଙ୍କ ପୁତ୍ର ଶେଖ୍ ସୋନି(୪୫) ଓ ସ୍ୱର୍ଗତ ଅବଦୁଲ ଶେଖ୍ ରଫିକ୍‌ଙ୍କ ପୁତ୍ର ଶେଖ୍ ହଲିମ୍‌କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି । ଅପରପକ୍ଷେ ଏହି ଘଟଣାକୁ ଗୁରୁତର ସହ ନେଇ ସାନ କୁଖିଲା ଗ୍ରାମରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସଦର ଥାନାରେ ଥାନା ଅଧିକାରୀଣୀ ଚିନ୍ମୟୀ ବେହେରାଙ୍କ ଉପସ୍ଥିତିରେ ଉପଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ , ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ ଓ ଉଭୟ ଗୋଷ୍ଠୀରୁ ୧୦ଜଣ ମୁରବିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଗଣ୍ଡଗୋଳକୁ ନେଇ ଉଭୟ ପକ୍ଷ ଦୁଃଖ ପ୍ରକାଶ କରିଥିଲେ । ଏବଂ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଏକ ଶାନ୍ତି କମିଟି ଗଠନ କରାଯାଇ ଆସନ୍ତା ୬ ତାରିଖ ସୋମବାର ସନ୍ଧ୍ୟାରେ ଶାନ୍ତି କମିଟି ଜରିଆରେ ଉଭୟ ପକ୍ଷ ଆଲୋଚନା କରି ଘଟଣାର ସମାଧାନ କରାଯିବ ବୋଲି ଜଣାପଡିଛି । ଘଟଣାର ସମାଧାନ ପର୍ଯ୍ୟନ୍ତ ଘଟଣାସ୍ଥଳରେ ପୁଲିସ ମୁତୟନ ସହ ପଇଁତରା ଜାରି ରହିବ ବୋଲି ସଦର ପୁଲିସ ପକ୍ଷରୁ ଜଣାପଡ଼ିଛି ।

## ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ହେଲେ ଆକାଶ



**ରସୁଲପୁର, ୧।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ତରଫରୁ ଆଜି ରାଜ୍ୟର ୩୦ଟି ଜିଲ୍ଲା ପାଇଁ ଯୋଜନା ବୋର୍ଡର ନୂତନ ଅଧକ୍ଷଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଯାଜପୁର ଜିଲ୍ଲା ପାଇଁ ଯୋଜନା ବୋର୍ଡ ଅଧକ୍ଷ ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କୁ ନିଯୁକ୍ତି କରାଯାଇଛି । କୋରେଇ ବିଧାୟକ ଶ୍ରୀ ନାୟକଙ୍କୁ ନୂତନ ଅଧକ୍ଷ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିବାରୁ ରସୁଲପୁର ବ୍ଲକ୍ ଅନ୍ତର୍ଗତ କୋରେଇର ୯ଟି ପଞ୍ଚାୟତର ବିଜେପି କର୍ମକର୍ତ୍ତା ଓ କର୍ମୀମାନେ ରାଜ୍ୟ ସରକାରଙ୍କୁ ଅଭିନନ୍ଦନ ଜଣାଇବା ସହ ନୂତନ ଅଧକ୍ଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବିଜେପି ୩୩ନଂ ଜୋନ୍ ବିଜେପି ହିଙ୍ଗୁଳା ମଣ୍ଡଳର ବିଭିନ୍ନ ସେଲ୍‌ରେ କାର୍ଯ୍ୟରତ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ନାୟକ ଯୋଜନା ବୋର୍ଡ ଅଧକ୍ଷ ହେବାପରେ ଯାଜପୁର ଜିଲ୍ଲାର ସର୍ବାଙ୍ଗୀନ ବିକାଶର ମାନଚିତ୍ର ବଦଳିବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି । ଯାଜପୁର ଜିଲ୍ଲାରେ ବହୁ କେନ୍ଦ୍ରୀୟ ଓ ରାଜ୍ୟ ସରକାରଙ୍କ ଯୋଜନା ତ୍ୱରାନ୍ୱିତ ହେବା ସହ ଜନସାଧାରଣ ବିଶେଷ ଉପକୃତ ହୋଇପାରିବେ ବୋଲି ଆଲୋଚନା ହେଉଛି । ପ୍ରକାଶ, ଯାଜପୁର ଜିଲ୍ଲାର ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡଙ୍କାରି ଠାରେ କେନ୍ଦ୍ରୀୟ ତୈଳ ବିଶୋଧନାଗାର ପ୍ରତିଷ୍ଠା କାର୍ଯ୍ୟ, ଯାଜପୁର-ଧାମରା ନୂତନ ରେଳ ଲାଇନ୍ କାର୍ଯ୍ୟ, ବିଭିନ୍ନ ଜାତୀୟ ରାଜପଥର ସଂପ୍ରସାରଣ, ପାଣିକୋଇଲି ଟ୍ରମା କେୟାର୍ ସେଣ୍ଟର କାର୍ଯ୍ୟକ୍ଷମ, ସଠିପୁର ଠାରେ ବିଜ୍ଞାନ ପାର୍କ କାର୍ଯ୍ୟକ୍ଷମ, ବିରଜା ମନ୍ଦିର ରୂପାନ୍ତିକରଣ ଓ ସୌନ୍ଦର୍ଯ୍ୟ ପ୍ରକଳ୍ପ କାର୍ଯ୍ୟର ପୂର୍ଣାଙ୍ଗିକରଣ ସହିତ ବହୁ ପ୍ରକଳ୍ପ ଜିଲ୍ଲା ଯୋଜନା ବୋର୍ଡର ତ୍ୱରିକ୍ ପଦେକ୍ଷପ ଉପରେ ଆଗକୁ ବଢିବାର ଆଶା ରହିଛି ।

## ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ଓ ଓଡ଼ିଶା ଦିବସ ଉଦ୍‌ଘାଟିତ

**ଜଗତସିଂହପୁର, ୧।୪/ଏନ୍‌ଏନ୍‌ଏସ୍:** ବୁଧବାର ସନ୍ଧ୍ୟାରେ ଜଗତସିଂହପୁର ସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ଜଗତସିଂହପୁର ଜିଲ୍ଲା ସାଂସ୍କୃତିକ ପରିଷଦ ପକ୍ଷରୁ ଅନୁଷ୍ଠିତ ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୬' ଏବଂ ଓଡ଼ିଶା ଦିବସ ମହା ସମାରୋହରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷ ଜେ ସୋନାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ, ଜଗତସିଂହପୁର ଜିଲ୍ଲା କଳା ସାହିତ୍ୟ ସଂସ୍କୃତିର ଜିଲ୍ଲା ବୋଲି ସୁଚନା ପ୍ରଦାନ କରିଥିଲେ । ଇତିହାସକୁ ରୁଦ୍ଧିମନ୍ତ ଏହି ଜିଲ୍ଲା ଆୟତନରେ ଛୋଟ ହେଲେ ମଧ୍ୟ ଅନ୍ୟାନ୍ୟ କ୍ଷେତ୍ରରେ ଏହି ଜିଲ୍ଲା ବହୁ କ୍ଷେତ୍ରରେ ଆଗୁଆ ବୋଲି ସୁଚନା ପ୍ରଦାନ କରିଥିଲେ । ଏଥି ସହିତ ପୃଥିବି ପୃଷ୍ଟରେ ଉତ୍କଳ ଭଳି ଦେଶ କି ରାଜ୍ୟ ନାହିଁ । ଦେଶ ସ୍ୱାଧୀନରେ ଉତ୍କଳ ଓ ଏହି ଜିଲ୍ଲାର ମହାପୁରୁଷମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବା ବୋଲି ସୁଚନା ପ୍ରଦାନ କରିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ସୁଚନା ପ୍ରଦାନ କରିଥିଲେ । ବିଶିଷ୍ଟ ଅତିଥି ଭାବେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଯୋଗଦେଇ ଓଡିଆ ଜାତିର ସ୍ୱାଭିମାନ, ଅସ୍ମିତାର ଦିବସ ଓଡିଶା ଦିବସ ପାଳନ କରାଯାଉଛି । ଓଡିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ଉତ୍ସର୍ଗୀକୃତ ମହାପୁରୁଷମାନଙ୍କ ଅବଦାନକୁ ମନେପକାଇ ପ୍ରଣାମ ଜଣାଇ ଭାଷାଭିତିକ ସ୍ୱତନ୍ତ୍ର ପ୍ରଦେଶ ସମ୍ପର୍କରେ ବିଶଦ ଭାବରେ ସୁଚନା ପ୍ରଦାନ କରିଥିଲେ । ଏଥି ସହିତ ବିକଶିତ ଓଡିଶା ଓ ବିକଶିତ ଜିଲ୍ଲା ପାଇଁ ଯୁବପିଢ଼ୀମାନଙ୍କୁ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ । ମୁଖ୍ୟ ବକ୍ତାଭାବେ ସାଂସଦ ବିଭୂ ପ୍ରସାଦ ତରାଇ ଯୋଗ ଦେଇ ଓଡିଆ ଭାଷା ସାହିତ୍ୟ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିବା ସହିତ ଓଡିଶା ଦିବସ ପାଳନ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ । ସମ୍ମାନୀତ ଅତିଥି ଭାବେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଅମରେନ୍ଦ୍ର ଦାସ ଯୋଗଦେଇ ଜିଲ୍ଲାର ପ୍ରଗତିରେ ଯୁବପିଢୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସୁଚନା ପ୍ରଦାନ କରିଥିଲେ । ଏଥି ସହିତ ଜିଲ୍ଲାର ପ୍ରଗତି ତଥା ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଡବଲ ଇଞ୍ଜିନ ସରକାର ଉଦ୍ୟମ ଜାରୀ ରଖିଥିବା ସୂଚନା ପ୍ରଦାନ କରିଥିଲେ । ସେହିପରି ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜଗତସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ପ୍ରମୁଖ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ । ପରେ ଏହି ଉତ୍ସବ ପାଳନ ଅବସରରେ ଆଦିପତ୍ର ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା ।



### ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ହନ୍ତସନ୍ତ ହେଉଛନ୍ତି ରୋଗୀ



**ପରଜଙ୍ଗ, ୧।୪/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି । ଆବଶ୍ୟକ ସଂଖ୍ୟକ ଡାକ୍ତରଙ୍କ ଅଭାବ ପାଇଁ ସ୍ୱାସ୍ଥ୍ୟ ସେବା ନ ପାଇ ହନ୍ତସନ୍ତ ହେଉଛନ୍ତି ରୋଗୀ । ଓପିଡିରେ ସବୁ ରୋଗର ରୋଗୀଙ୍କୁ ଜଣେ ଡାକ୍ତର ଓ ଜଣେ ଆୟୁଷ ଡାକ୍ତର ସେବା ଯୋଗାଉଛନ୍ତି । ସକାଳ ୮ରୁ ଲମ୍ବା ଲାଇନ ଲାଗୁଛି । ଜଣଙ୍କ ପରେ ଜଣେ ରୋଗୀ ଦେଖିଲା ବେଳକୁ ଜରୁରୀକାଳୀନ ରୋଗୀ ପହଞ୍ଚି ଗଲେ ଅଧାରୁ ଉଠିଯାଇ ତାଙ୍କୁ ସେବା ଯୋଗାଇ ଥାଆନ୍ତି । ଲମ୍ବା ଲାଇନରେ ରୋଗୀମାନେ ରୋଗରେ ଥାଇ ମଧ୍ୟ ବହୁ କଷ୍ଟରେ ଛିଡ଼ା ହେବାକୁ ବାଧ ହୁଅନ୍ତି । ବରିଷ୍ଠ ରୋଗୀଙ୍କ ପାଇଁ ସମ୍ପର୍କୀୟମାନେ ଛିଡ଼ା ହୁଅନ୍ତି । କହିବାକୁ ଗଲେ ଏଠାରେ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡ଼ିଛି । ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭେଷଜ ବିଶେଷଜ୍ଞ , ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଓ ସର୍ଜରୀ ବିଶେଷଜ୍ଞ ଆଦି ପଦବୀ ଖାଲି ପଡ଼ିଛି ।୨୧ ଜଣ ଡାକ୍ତରଙ୍କ ସ୍ଥାନରେ ମାତ୍ର ୬ ଜଣ ଏମ୍‌ବିବିଏସ୍ ଡାକ୍ତର ଓ ଜଣେ ଆୟୁଷ ଡାକ୍ତର ଏବଂ ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଶିଶୁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚାଲିଛି ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର । ବହିର୍ବିଭାଗକୁ ସମ୍ଭାଳନ୍ତି ଆୟୁଷ ଡାକ୍ତର । କାରଣ ଜଣେ ଡାକ୍ତର ଗୋଟିଏ ସପ୍ତାହ ଭାଗ କରି ଡ୍ୟୁଟି କରନ୍ତି ।କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର କୋଠା । ହେଲେ ସ୍ୱାସ୍ଥ୍ୟସେବା ପାଇଁ ନାହାନ୍ତି ଆବଶ୍ୟକ ଡାକ୍ତର । ଏହି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଦଦରାଘାଟି,ମୁକ୍ତାପଶି, କୁମୁସୀ, ଲୋଧଣୀ ଓ ପାଟରପଦା ଭଳି ୫ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ପରଜଙ୍ଗ ବ୍ଲକର ୨୫ ଟି ପଞ୍ଚାୟତବାସୀ ଓ କଙ୍କଡ଼ାହାଡ଼ ବ୍ଲକର ପ୍ରାୟ ୧୦ଟି ପଞ୍ଚାୟତବାସୀ ଏହି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରନ୍ତି । ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ଷସାରା ଡାକ୍ତରଙ୍କ ପଦବୀ ଅଭାବ ରହୁଥିବା ବେଳେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଚାରୁଛି କିଏ ? ସରକାର ଆବଶ୍ୟକ ଖାଲି ପଦବୀ ପୂର୍ଣ୍ଣ ପାଇଁ ଏମ୍‌ବିବିଏସ୍ ଡାକ୍ତରଙ୍କୁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଦିଅନ୍ତି । ୪ ରୁ ୬ ମାସ ନ ହେଉଣୁ ପି ଜି କରିବା ପାଇଁ ପୁଣି ସେମାନେ ଫେରି ଯାଆନ୍ତି । ଏହିପରି ଅବ୍ୟବସ୍ଥା ନେଇ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର । ଜଣେ ଡାକ୍ତର ଛୁଟିରେ ରହିଲେ ସ୍ୱାସ୍ଥ୍ୟ କେନ୍ଦ୍ର ଅବସ୍ଥା ଅସମ୍ଭାଳ ହୋଇଯାଏ । ଅନେକ ସମୟରେ ରୋଗୀମାନେ ଡାକ୍ତରଙ୍କୁ ନ ପାଇ ନିରାଶ ହୋଇ ତାଳଚେର ଉପଖଣ୍ଡ ଚିକିତ୍ସାଳୟ ନହେଲେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରକୁ ବାଧ ହୋଇ ଯାଆନ୍ତି । ସାଧାରଣ ଝାଡ଼ା ବାନ୍ତି ବା ଜରୁରୀ ଚିକିତ୍ସା ପାଇଁ ରୋଗୀ ଆସିଲେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ନଚେତ୍ ତାଳଚର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରି ଦିଆଯାଉଛି । ଏବେ ମାର୍ଚ୍ଚ ମାସ ଶେଷ ହୋଇ ଏପ୍ରିଲ ମାସ ହେଲାଣି । ଏପ୍ରିଲ, ମେ, ଜୁନ୍ ମାସ ଭଳି ଟାଣ ଖରାର ପ୍ରକୋପ ବୃଦ୍ଧି ପାଇବରେ ଲାଗିଛି । ଅଂଶୁଘାତ ରୋଗୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବ । ସରକାର ସ୍ୱାସ୍ଥ୍ୟ କେନ୍ଦ୍ରର କୋଠାର ଉନ୍ନତି କରିବା ସହ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଅନେକ ସୁବିଧା ଓ ଯୋଜନା କରିଛନ୍ତି । ଆବଶ୍ୟକ ଡାକ୍ତର ଓ କର୍ମଚାରୀ ଖାଲି ପଡ଼ିଥିବା ପଦବୀଗୁଡିକ ପୂରଣ ହେଲେ ଅଞ୍ଚଳର ରୋଗୀମାନେ ଉଚିତ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି ରୋଗୀ ସମ୍ପର୍କୀୟମାନେ ତଥା ଅଞ୍ଚଳ ବାସୀ ମତ ପ୍ରକାଶ କରିଛନ୍ତି । ଏନେଇ ପରଜଙ୍ଗ ବିଧାୟକ, ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦୃଷ୍ଟି ଆକର୍ଷଣ କରିବା ସହ ଉଚିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।

## ପଣ୍ୟ ପରିଚାଳନା: ପୁଣି ପାରାଦୀପ ବନ୍ଦରର ଐତିହାସିକ ସଫଳତା




**ପାରାଦୀପ, ୧।୪/ଏନ୍‌ଏନ୍‌ଏସ୍:** ପାରାଦୀପ ବନ୍ଦର ପ୍ରାଧିକରଣ ଆର୍ଥିକ ବର୍ଷ ୨୦୨୫-୨୬ ରେ ନିଜ ଇତିହାସର ସର୍ବାଧିକ ପଣ୍ୟ ପରିଚାଳନା କରି ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିଛି । ପାରାଦୀପ ବନ୍ଦର ୧୫୬.୪୫ ମିଲିୟନ୍ ମେଟ୍ରିକ୍ ଟନ୍ (ଏମଏମଟି) ପଣ୍ୟ କାରବାର କରି '୧୫୫ + ଏମଏମଟି କ୍ଲବ୍'ରେ ସାମିଲ ହୋଇଛି । ଯାହା ୧୯୬୬ରୁ ପଣ୍ୟ ପରିଚାଳନା ଆରମ୍ଭ ହେବା ପରେ ସର୍ବୋତ୍ତମ ପ୍ରଦର୍ଶନ । ଏହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୪.୦୧% ଅଭିବୃଦ୍ଧି ଘଟିଛି । ପ୍ରତିକୂଳ ବଜାର ପରିସ୍ଥିତି ସତ୍ତ୍ୱେ, ଯେଉଁଠାରେ ଲୌହ ଧାତୁ ରପ୍ତାନିରେ ହ୍ରାସ ଓ ପଶ୍ଚିମ ଏସିଆ ସଂକଟର ପ୍ରଭାବରେ ଚୁନପଥର ଏବଂ ସାର କଞ୍ଚାମାଲ ଆମଦାନି ପ୍ରଭାବିତ ହୋଇଥିଲା,ଏଥିରେ ବ୍ୟତିକ୍ରମ ସାଜି ପାରାଦୀପ ବନ୍ଦର ପୂର୍ବ ଉପକୂଳର ସମସ୍ତ ବନ୍ଦରମାନଙ୍କ ମଧ୍ୟରେ ନେତୃତ୍ୱ ରଖିବାରେ ସଫଳ ହୋଇଛି ।ପାରାଦୀପ ବନ୍ଦର ଭାରତର ସର୍ବୋତ୍ତମ ବୃହତ୍ତମ ବନ୍ଦର ଭାବେ ନିଜ ସ୍ଥାନ ଅତୁଟ ରଖିଛି ଓ ସର୍ବାଧିକ ବର୍ଥ ଉତ୍ପାଦନକ୍ଷମ ରେକର୍ଡ କରିଛି । ପ୍ରତିଦିନ ପ୍ରତ୍ୟକ ବର୍ଥର ଉତ୍ପାଦନ କ୍ଷମତା ୩୫.୦୫୯ ରହିଥିବା ବେଳେ ଜାତୀୟ ସର୍ବମାନ୍ୟ ମାନ ପ୍ରାୟ ୧୮.୦୦୦ ମେଟ୍ରିକ ଟନ ରହିଛି, ଯାହାଠାରୁ ଏହା ପ୍ରାୟ ଦୁଇଗୁଣା । ସୁଦୃଢ଼ ପ୍ରଣାଳୀଗତ ସୁଧାର ଓ କାର୍ଯ୍ୟକୁଶଳତା ବୃଦ୍ଧି ଏହି ସଫଳତାର ମୂଳ କାରଣ । କୋଷ୍ଟାଲ ପଣ୍ୟ ପରିଚାଳନା ୪୨.୦୬% (୬୫.୮୧ ଏମଏମଟି) ଅଂଶ ରଖି ପାରାଦୀପକୁ ଭାରତର ମୁଖ୍ୟ ବନ୍ଦରମାନଙ୍କ ମଧ୍ୟରେ କୋଷ୍ଟାଲ ଶିପିଂରେ ଶୀର୍ଷ ସ୍ଥାନରେ ରଖିଛି । ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ ପଣ୍ୟ ଶ୍ରେଣୀରେ ସ୍ପଷ୍ଟ ବୃଦ୍ଧି ଦେଖାଯାଇଛି । ପେଟ୍ରୋଲିୟମ, ତେଲ ଓ ଲ୍ୟୁବ୍ରିକାଣ୍ଟସ୍ (ପିଓଏଲ) ପରିଚାଳନାରେ ୨୫.୬୮% ବୃଦ୍ଧି ହୋଇଥିବାବେଳେ, ଇସ୍ପାତ ପଣ୍ୟରେ ୪୩% ବୃଦ୍ଧି ରେକର୍ଡ ହୋଇଛି । କୋଇଲା ପରିଚାଳନାରେ ୪.୪୪% ବୃଦ୍ଧି ପାଇଛି ଓ କଣ୍ଟେନର ଟ୍ରାଫିକ୍ ୭.୭୭% ବୃଦ୍ଧି ହୋଇଛି । ଏହା ସହିତ ଫ୍ଲକ୍ସ ପରିଚାଳନାରେ ୧୮.୩୨% ବୃଦ୍ଧି ଓ ଏଲପିଜି ପରିଚାଳନାରେ ୧୦୫% ର ଅସାଧାରଣ ବୃଦ୍ଧି ପାରାଦୀପ ବନ୍ଦରର ସମଗ୍ର ପଣ୍ୟ ପରିଚାଳନାରେ ଦୃଢ଼ ପ୍ରଦର୍ଶନକୁ ପ୍ରକାଶ କରେ । ବନ୍ଦରର ବିଶାଳ ହିନ୍ଟରଲ୍ୟାଣ୍ଡ, ଯେଉଁଠାରେ ଲୌହ ଧାତୁ, କୋଇଲା ଓ ଚୁନପଥରର ପ୍ରଚୁର ଭଣ୍ଡାର ରହିଛି, ତା ସହିତ ମୁଖ୍ୟ ଇସ୍ପାତ କାରଖାନା ଓ ସାର ଶିଳ୍ପଗୁଡ଼ିକର ଉପସ୍ଥିତି ପଣ୍ୟ ବୃଦ୍ଧିକୁ ଅଗ୍ରସର କରୁଛି । ସେହିପରି ଟର୍ମିନାଲ ଅପେରେଟରମାନଙ୍କ ମଧ୍ୟରୁ କଳିଙ୍ଗ ଇଣ୍ଟରନ୍ୟାସନାଲ କୋଲ ଟର୍ମୀନାଲ ପ୍ରାଇଭେଟ ଲିମିଟେଡ୍ ୧୮.୯୨% ବୃଦ୍ଧି ଓ ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମୀନାଲ ୧୯.୫୩% ବୃଦ୍ଧି ସହିତ ନିଜର ସର୍ବୋତ୍ତମ ପ୍ରଦର୍ଶନ କରିଛନ୍ତି । ଆର୍ଥିକ କ୍ଷେତ୍ରରେ ମଧ୍ୟ ପାରାଦୀପ ବନ୍ଦର ନୂତନ ମାଇଲଷ୍ଟୋନ ସୃଷ୍ଟି କରିଛି । ପ୍ରଥମଥର ପାଇଁ ନେଟ୍ ସର୍ପ୍ଲସ୍ ୨୦୦୦ କୋଟି ଅତିକ୍ରମ କରିଛି ଓ ଅପରେଟିଂ ରେସିଓ ୩୧% ରହିଛି, ଯାହା ଏପର୍ଯ୍ୟନ୍ତ ସର୍ବୋତ୍ତମ ।

## କୋଇଲା ପରିବହନରେ ଲିଙ୍ଗରାଜ ଲୋକାଲ୍‌ସେଲ୍‌ର ରେକର୍ଡ

**ତାଳଚେର, ୧।୪/ଏନ୍‌ଏନ୍‌ଏସ୍:** ତାଳଚେର ଲିଙ୍ଗରାଜ କୋଇଲା ଖଣିରୁ ବିଭିନ୍ନ କଳକାରଖାନାକୁ ଦୈନନ୍ଦିନ ଶହଶହ ଟ୍ରିପ୍ କୋଇଲା ପରିବହନ ହୋଇଥାଏ । ଗତ ୨୦୨୬ ମାର୍ଚ୍ଚମାସରେ ୧୦ହଜାର ୯ଶହ ୫୯ ଟ୍ରିପ୍ ତଥା ୩ଲକ୍ଷ ୧୦ହଜାର ଟନ୍ କୋଇଲା ପରିବହନ କରି ୩୦ବର୍ଷର ରେକର୍ଡ୍ ସୃଷ୍ଟି କରିପାରିଛି । ଲିଙ୍ଗରାଜ ଜିଏମ ସୁବ୍ରତ ବିଶ୍ୱାଳ, ପିଓ ଆଶିଷ ରଞ୍ଜନ, ମ୍ୟାନେଜର ଯଶୋବନ୍ତ ପଟ୍ଟନାୟକ, ଡେସ୍‌ପାଚ ଇନଚାର୍ଜ ପ୍ରଭାକର ପ୍ରଧାନଙ୍କ ପ୍ରଚେଷ୍ଟାରେ ଆଜି ଏହା ସମ୍ଭବ ହୋଇପାରିଛି ବୋଲି ଆଞ୍ଚଳିକ ଟ୍ରକ ମାଲିକସଂଘ ଓ ଲିଙ୍ଗରାଜ ସେକ୍ଟରର ସଭାପତି ମାନସ ଆଚାର୍ଯ୍ୟ, ଜିତେନ୍ଦ୍ର ଭୂତିଆ, ଉମାମାଧବ ଆଚାର୍ଯ୍ୟ, ଅଜିତ୍ ମିଶ୍ର, ତ୍ରିଲୋଚନ ସ୍ୱାଇଁ, ସୁଧିର ରଞ୍ଜନ ବଳ, ମାନସ ଭୂତିଆ, ପ୍ରିତମ ଦେବତା, ଜିତେନ୍ଦ୍ର ରାଉତ, ରାଜ ଦାସ ଓ ଅନ୍ୟାନ୍ୟ ଟ୍ରକମାଲିକ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ଲୋକାଲସେଲ୍ କିପରି ଅଧିକରୁ ଅଧିକ ଟ୍ରକ ଯୋଗେ କୋଇଲା ପରିବହନ ହୋଇପାରିବ । ଟ୍ରକ ମାଲିକମାନେ ସମସ୍ତ ସହାୟତାର ହାତ ବଢ଼ାଇବେ ବୋଲି ଶ୍ରୀ ଭୂତିଆ ଏହା ପ୍ରକାଶ କରିଛନ୍ତି ।

## ଟ୍ରାକ୍ଟର ଧକ୍କାରେ ନାବାଳିକା ମୃତ

**ମାର୍ଶାଘାଇ, ୧।୪/ଏନ୍‌ଏନ୍‌ଏସ୍:** ମାର୍ଶାଘାଇ ଥାନା ଅନ୍ତର୍ଗତ ବେଲାରନୂଆଗାଁ ଗ୍ରାମରେ ଟ୍ରାକ୍ଟର ଧକ୍କାରେ ଜଣେ ୯ ବର୍ଷ ଝିଅର ମୃତ୍ୟୁ ହୋଇଛି । ଝିଅର ନାମ ସାଏନା ସାମଲ । ବୁଧବାର ସକାଳେ ସାଏନା ଟିଉସନରୁ ଘରକୁ ଫେରୁଥିବା ସମୟରେ ଗ୍ରାମ ରାସ୍ତାର ଶିବ ମନ୍ଦିର ନିକଟରେ ଟ୍ରାକ୍ଟରଟି ତାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ଗୁରୁତର ଆହତ ଝିଅଟିକୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଝିଅର ପରିବାର ତରଫରୁ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି ।

## ପୃଥକ ଦୁର୍ଘଟଣାରେ ୩ ଗୁରୁତର

**ପରଜଙ୍ଗ, ୧।୪/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ଗଡ଼ ପରଜଙ୍ଗ ଗ୍ରାମଦେଇ ଯାଇଥିବା ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଖଣ୍ଡିଆବନ୍ଧ ବଡ ପୋଖରୀ ବାଙ୍କ ନିକଟରେ ମୋଟର ସାଇକେଲଉକୁ ଧକ୍କା ଦେଇ କାର ଚମ୍ପଟ ମାରିଛି । ସୂଚନାରୁ ଜଣାପଡ଼ିଛି ଗାଡି ନଂ ଓ ଆର୍ ୧୯ ଜେ ୧୮୭୩ ମୋଟର ସାଇକେଲରେ ଯୋଗେ ଲୋଧାଣୀ ଗ୍ରାମର ପ୍ୟାରୀ ମୋହନ ସାହୁଙ୍କ ପୁତ୍ର ସଞ୍ଜିବ ସାହୁ (୩୮)ତାଳଚେର ଆଡୁ ସେହି ରାସ୍ତା ଦେଇ ନିଜ ଗ୍ରାମକୁ ଫେରୁଥିବା ବେଳେ ତାଳଚେର ଆଡକୁ ଦ୍ରୁତଗତିରେ ଯାଉଥିବା ଗାଡି ନଂ ଓ ଡି ୦୫ ଏ କ୍ୟୁ ୫୬୬୧ କାର ସାମ୍ନାରୁ ଧକ୍କା ଦେଇ ଚମ୍ପଟ୍ ମାରିଥିଲା । ଜୋର୍ ଧକ୍କାରେ ମୋଟର ସାଇକେଲ ଭାଙ୍ଗି ଯାଇଥିବା ବେଳେ ସେ ଛିଟ୍‌କି ପଡିଥିଲେ ।ସ୍ଥାନୀୟ ଲୋକଙ୍କ ସହାୟତାରେ ୧୧୨ ଆମ୍ବୁଲାନ୍ସ ପହଞ୍ଚି ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅନ୍ୟ ଏକ ପୃଥକ ଦୁର୍ଘଟଣାରେ ୫୩ ନଂ ଜାତୀୟ ରାଜପଥ ବଡ଼ଝରା କେନାଲ ନିକଟରେ ମୋଟର ସାଇକେଲ ସହ ଧକ୍କା ହୋଇ କାମାକ୍ଷାନଗର କାନପୁରା ଗ୍ରାମର ଦମ୍ପତି ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ ।

## ଶିକ୍ଷକ ଚନ୍ଦ୍ରମଣି ସାହୁଙ୍କ ପରଲୋକ

**ମାର୍ଶାଘାଇ, ୧।୪/ଏନ୍‌ଏନ୍‌ଏସ୍:** ମାର୍ଶାଘାଇ ତଥା କେନ୍ଦ୍ରାପଡ଼ା ଜିଲ୍ଲାର ଆଦର୍ଶ ଶିକ୍ଷକ ଚନ୍ଦ୍ରମଣି ସାହୁ (୭୬)ଙ୍କ ବୁଧବାର ଅପରାହ୍ନରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ପରଲୋକ ଘଟିଛି । ମଙ୍ଗଳବାର ପ୍ରାୟ ୧୧.୩୦ ସମୟରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ମାର୍ଶାଘାଇ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ, କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷକ ସଂଘ ନେତା, ସତ୍ୟସାଇ ସେବା ସଂଗଠନର କେନ୍ଦ୍ରାପଡ଼ା ଜିଲ୍ଲାସଭାପତି, ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି, ମାର୍ଶାଘାଇ କଲେଜ ପରିଚାଳନା କମିଟିର ସଦସ୍ୟ, ମାର୍ଶାଘାଇ ହାଇସ୍କୁଲ ପୁରାତନ ଛାତ୍ରସଂସଦର ସଭାପତି, ମାର୍ଶାଘାଇ ବଜାରସ୍ଥ ଗୋପବନ୍ଧୁ କ୍ଲବ,ମାର୍ଶାଘାଇ ପୂଜ୍ୟପୂଜା ସଂଗଠନ ଭଳି ଅନେକ ସଂଗଠନ ସହିତ ଜଡିତ ଥିଲେ । ତାଙ୍କ ବିୟୋଗରେ ମାର୍ଶାଘାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଶ୍ରୀ ସାହୁଙ୍କ ବିୟୋଗରେ ବରିଷ୍ଠ ରାଜନେତା ବିଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଶିଳ୍ପପତି ରନେନ୍ଦ୍ର ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ରଥ, ପ୍ରତାପ ମଲ୍ଲିକଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ମାର୍ଶାଘାଇ ସାଇ ମନ୍ଦିର ନିକଟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ପୁଅ ତଥା ମାର୍ଶାଘାଇ ପଞ୍ଚାୟତ ସମିତିସଭ୍ୟ ପ୍ରସନ୍ନ କୁମାର ସାହୁ ମୁଖାଗ୍ନି ଦେଇଥିଲେ ।

## ମହାବୀର ଆଶ୍ରମରେ ନିଜ ଜିଭ କାଟିଲା ତାନ୍ତ୍ରିକ

**ପାରାଦୀପ, ୧।୪/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ନୂଆଗାଁ ମହାବୀର ଆଶ୍ରମ ପରିସରରେ ତାନ୍ତ୍ରିକଙ୍କ ଜିଭ କଟା ପ୍ରସଙ୍ଗ ବାଲିତୁଠ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ପ୍ରତିଦିନ ଭଳି ଗତ ମଙ୍ଗଳବାର ଦିନ ନୂଆଗାଁ ମହାବୀର ଆଶ୍ରମରେ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ସମାଗମ ହୋଇଥିଲେ । ମଧ୍ୟାହ୍ନ ପ୍ରସାଦ ସେବନ ପରେ ଆଶ୍ରମ ଅନ୍ତବାସୀଙ୍କୁ ଛାଡିଦେଲେ ଓ ଅନ୍ୟ ଭକ୍ତମାନେ ଚାଲି ଗଲାପରେ ସନ୍ଧ୍ୟା ସମୟରେ କୁଜଙ୍ଗ ବ୍ଲକ କାଳିଆ ପାଟ ଗ୍ରାମ ନିକଟ କାବଲପୁର ଗ୍ରାମର ଜୟିନୀକ ତାନ୍ତ୍ରିକ ବ୍ୟକ୍ତି ମହାବୀର ଆଶ୍ରମ ବାହାରେ ଥିବା ଏକ ଦୋକାନରେ ବସି ରହିଥିବା ସ୍ଥାନୀୟ ଦୋକାନୀ ଦିଲ୍ଲୀପ ସେଠୀ ଦେଖିଥିବା କହିଛନ୍ତି । ଅନ୍ଧାର ହେବାରୁ କେଉଁଆଡ଼େ ଚାଲି ଯାଇଥିଲେ । ପରେ ଜଣା ପଡିଥିଲା ଯେ ଜୟିନୀକ ତାନ୍ତ୍ରିକ ବେକ୍ତି ଆଶ୍ରମ ପରିସରରେ ଲୁଚିରହି ବିଳମ୍ବିତ ରାତ୍ରୀରେ ତନ୍ତ୍ର ସାଧନା କରିବା ସହିତ ନିଜ ଜିଭକୁ ନିଜେ କାଟି ଦେଇଥିଲେ । ପରେ ପ୍ରଚୁର ରକ୍ତସ୍ରାବ ଓ ଯନ୍ତ୍ରଣା ହେବାରୁ ସହି ନ ପାରି ଆଶ୍ରମ ପରିସରରେ ଥିବା ଅନ୍ତବାସୀଙ୍କ ସାହାଯ୍ୟ ଲୋଡି ବେହୋସ ହୋଇଯାଇଥିଲେ । ଆଶ୍ରମ ସେବକମାନେ ବିଳମ୍ବ ନ କରି ସ୍ଥାନୀୟ ପୁଲିସର ସହାୟତାରେ ଆମ୍ବୁଲାନ୍ସ ଯୋଗେ ତାନ୍ତ୍ରିକକୁ କୁଜଙ୍ଗ ଓ ପରେ ଜଗତସିଂହପୁର ମେଡିକାଲକୁ ପଠାଇ ଦିଆଯାଇଥିବା ଅଭୟ ଚାନ୍ଦପୁର ଥାନା ଅଧିକାରୀ ସମୀର ରାଉତ ପ୍ରକାଶ କରିଛନ୍ତି । ତାନ୍ତ୍ରିକଙ୍କ ନାମ ଜଣାପଡି ନ ଥିବାବେଳେ କେଉଁ କାରଣ ପାଇଁ ବିଳମ୍ବିତ ରାତ୍ରିରେ ସେ ତନ୍ତ୍ର ସାଧନା କରୁଥିଲେ ତାହା ସ୍ପଷ୍ଟ ହୋଇନାହିଁ । ଏହି ତାନ୍ତ୍ରିକ ଆଗରୁ ବହୁବାର ମହାବୀର ଆଶ୍ରମକୁ ଆସିଥିବା ସ୍ଥାନୀୟ ଲୋକମାନେ କହିଛନ୍ତି ।

## ପଥରକଣୀ-କୋରୋ ଗ୍ରାମ୍ୟ ଉନ୍ନୟନ ରାସ୍ତାକାମରେ ଦୁର୍ନୀତି ଅଭିଯୋଗ

### କାର୍ଯ୍ୟସ୍ଥଳକୁ ଯାଉନାହାଁନ୍ତି ଜେଇ



**କେନ୍ଦ୍ରାପଡ଼ା, ୧।୪/ଏନ୍‌ଏନ୍‌ଏସ୍:** ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପଥରକଣୀ ମନ୍ଦିର ପଛପଟରୁ କୋରୋ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଟି ନିର୍ମାଣରେ ବହୁ ଚଞ୍ଚକତା ଦେଖାଦେଇଛି । କାମରେ ନିୟୋଜିତ ମହିଳା ଜେ.ଇ ଜଣକ କାର୍ଯ୍ୟସ୍ଥଳୀକୁ ନଯାଇ ଅଫିସରେ ବସି ବିଲ୍ ପାସ କରିଦେବା ପାଇଁ ମସୁଧା ଚଳାଇଛନ୍ତି । ସେପଟେ ଠିକାଦାର ଜଣକ ନିଜ ମନଇଚ୍ଛାରେ କାର୍ଯ୍ୟ କରୁଛନ୍ତି । ବିଭାଗୀୟ ମହିଳା ଜେ.ଇ ଏବଂ ଠିକାଦାରଙ୍କ ସଲାସୁତୁରାରେ ଚାଲିଛି ରାସ୍ତା ନିର୍ମାଣ । ସାଲେପୁର ଅଞ୍ଚଳର ଜଣେ ଠିକାଦାର ପଣ୍ଡା ବାବୁ ୧ କି.ମି ରାସ୍ତାକୁ ପ୍ରାୟ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ କାର୍ଯ୍ୟାଦେଶ ପାଇଛନ୍ତି । ଏହି କେନାଲ ରାସ୍ତାର ନବୀକରଣ ନିମନ୍ତେ ଯେଉଁ କାର୍ଯ୍ୟ ଚାଲିଛି ତାହା ଅତି ନିମ୍ନମାନର । ଏଷ୍ଟିମେଟ୍ ଅନୁଯାୟୀ ପୁରୁଣା ପିଚୁକୁ ତାଡି ବାହାରି କରି ତା ଉପରେ ମେଣ୍ଟାଲିଙ୍ଗ ଓ ଡଷ୍ଟ ପକାଇବାର ନିର୍ଦ୍ଦେଶନାମା ଥିବାବେଳେ ଡଷ୍ଟିଂ ସମୟରେ ବିନା ପାଣିରେ ରୋଲିଂ କରାଯାଉଛି । ଏଥିସହିତ ମେଣ୍ଟାଲିଙ୍ଗ ଉପରେ ଚିପ୍ସ କିମ୍ବା ହାଫ୍ ଇଞ୍ଚ ଗୋଡି ଦିଆନଯାଇ ସାମାନ୍ୟ ପିଚୁ ଢାଳି ପିଚୁ କରାଯାଉଛି । ତାହା କେତେଦିନ ଯିବ ଠିକାଦାର ଏବଂ ମହିଳା ଜେ.ଇଙ୍କୁ ହିଁ ଜଣା । କାମ ବିଷୟରେ ଘଟଣାସ୍ଥଳରୁ ମହିଳା ଜେ.ଇଙ୍କୁ କାମ ଖରାପ ହେଉଥିବା ନେଇ ଫୋନ୍‌ରେ ଯୋଗାଯୋଗ କରାଯାଉଥିଲେ ମଧ୍ୟ ମହିଳା ଜେ.ଇ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟକୁ ଆସି କାମ ବିଷୟରେ ମୋ ସହିତ ଆଲୋଚନା କର ବୋଲି ଉତ୍ତର କହିବା ସହିତ କାମ ଠିକ୍ ଚାଲୁଛି ବୋଲି ପ୍ରକାଶ କରିଛନ୍ତି । ଏ ବିଷୟରେ ଅଧିକ୍ଷଣ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରାଯାଉଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ । କାମର ସ୍ଥାୟୀତ୍ୱକୁ ନେଇ ସ୍ଥାନୀୟ କୋରୋ, ମିର୍ଜାପୁର, ଭରସିଂହ ଆଦି ଗ୍ରାମର ଲୋକେ ନିମ୍ନମାନର କାର୍ଯ୍ୟ ନେଇ ଅଭିଯୋଗ କରିବା ସହିତ ଏହି ରାସ୍ତା ନିର୍ମାଣରେ ଦୁର୍ନୀତି ବିରୁଦ୍ଧରେ ଜିଲ୍ଲାପାଳ ହସ୍ତକ୍ଷେପ କରି ସଂପୃକ୍ତ ଠିକାଦାର ଏବଂ ଜେଇଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

ନିତି ଭାରତୀ



ଏକ ଦେଶର ସଂସ୍କୃତି ଏହାର ଲୋକମାନଙ୍କ ମନପ୍ରାଣରେ ରହିଥାଏ । - ମହାତ୍ମା ଗାନ୍ଧୀ

ନିତିଦିନ NITIDIN
ଗୁରୁବାର, ୨ ଏପ୍ରିଲ ୨୦୨୬

# ପକ୍ଷୀମାନଙ୍କ ବାର୍ଦ୍ଧକ୍ୟ ପ୍ରତିହତ କରିବାର ସାମର୍ଥ୍ୟ



ରମେଶ ଚନ୍ଦ୍ର ପରିଡ଼ା

ଉଚ୍ଚ ରକ୍ତ ଶର୍କରା ସାଧାରଣତଃ ବାର୍ଦ୍ଧକ୍ୟ ପ୍ରକ୍ରିୟା ଏବଂ ବିବିଧ ରୋଗଜନିତ ସମସ୍ୟା କ୍ଷିପ୍ର ହେବା ସହିତ ସଂପୃକ୍ତ । ମୁଖ୍ୟତଃ 'ପ୍ରୋଟିନ୍ ଗ୍ଲାଇକେସନ୍' ହେତୁ ଏହା ଘଟିଥାଏ । ଏହି ପ୍ରକ୍ରିୟାରେ ଶରୀରରେ ଥିବା ପ୍ରୋଟିନ୍ ସହ ଶର୍କରା ସ୍ୱତଃସ୍ଫୂର୍ତ୍ତ ଭାବେ ମିଳିତ ହୁଏ । ଏହା ଏକ ଅଣ-ଏଞ୍ଜାଇମେଟିକ୍ ପ୍ରତିକ୍ରିୟା, ଅର୍ଥାତ୍ ଏଥିରେ କୌଣସି ଏଞ୍ଜାଇମ୍‌ର କିଛି ଭୂମିକା ନଥାଏ । ଜୀବ କୋଷର ଏହା ବହୁଳ କ୍ଷୟକ୍ଷତି ଘଟାଏ ।

ବିଭିନ୍ନ ପ୍ରଜାତିର ଜୀବମାନେ କିପରି ସେମାନଙ୍କ ରକ୍ତ ଶର୍କରାକୁ ନିୟନ୍ତ୍ରଣ କରନ୍ତି, ତାହା ବୁଝିବା ଚୟାପଚୟ (ମେଟାବୋଲିକ୍), ବାର୍ଦ୍ଧକ୍ୟ ପ୍ରକ୍ରିୟା ଏବଂ ବିଭିନ୍ନ ରୋଗ ମଧ୍ୟରେ ସମ୍ପର୍କ ନିର୍ଦ୍ଧାରଣ କରିବା ଲାଗି ଅତି ଗୁରୁତ୍ୱପୂର୍ଣ୍ଣ । ଏକ ବ୍ୟାପକ ଅଧ୍ୟୟନରୁ ଜଣାପଡ଼ିଛି ଯେ କେତେକ ପକ୍ଷୀ ଉଚ୍ଚ ଶର୍କରାର ପ୍ରତିକୂଳ ପ୍ରଭାବ ପ୍ରତିରୋଧ କରିବା ଲାଗି ବିବର୍ତ୍ତନୀୟ କ୍ରିୟାବିଧିର ବିକାଶ ଘଟାଇଛନ୍ତି, ଯାହାକି ତାଙ୍କର ଚୟାପଚୟ ଏବଂ ବାର୍ଦ୍ଧକ୍ୟ ପ୍ରକ୍ରିୟା ସଂପର୍କରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରେ । ଫ୍ରାନ୍ସର ଷ୍ଟ୍ରାର୍ଟସ୍‌ବର୍ଗ ବିଶ୍ୱବିଦ୍ୟାଳୟର ଗବେଷକ ଆଡ୍ରିଆନ୍ ମୋରେନୋ-ବାରାଲୋ ଏବଂ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ଅନୁଷ୍ଠିତ ଏହି ପର୍ଯ୍ୟବେକ୍ଷଣରେ ୮୮ ପ୍ରଜାତିର ପକ୍ଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ ତନ୍ମଧ୍ୟରୁ କେତେକ ଉଚ୍ଚ ଶର୍କରାଧାରୀମାନେ 'ପ୍ରୋଟିନ୍ ଗ୍ଲାଇକେସନ୍' ପ୍ରଦର୍ଶନ କରୁଥିବାର ଦେଖାଯାଇଥିଲା । ସେମାନେ ଗ୍ଲୁକୋଜ୍ ଶର୍କରାର ଚୟାପଚୟ ସହ ସଂପୃକ୍ତ ଏହି କ୍ଷତିକାରକ ପ୍ରଭାବମାନ ଉପଶମ କରିବାର କ୍ରିୟାବିଧିମାନ ବିକଶିତ କରି ପାରିଛନ୍ତି । ତେଣୁ ସେମାନେ ଦୀର୍ଘଜୀବୀ ।

'ଦ ପେସ୍-ଅଫ୍-ଲାଇଫ୍ ସିନ୍‌ଡ୍ରୋମ୍' ବା 'ଜୀବନର ଅସ୍ଥିର ଗତି ଲକ୍ଷଣ' ହେଉଛି ଏକ ପରିସଂସ୍ଥୀୟ ଏବଂ ବିବର୍ତ୍ତନୀୟ ମତବାଦ । ଏହା ଅନୁସାରେ, ଗୋଟିଏ ଜୀବର ଚୟାପଚୟ ହାର, ଜୀବନକାଳ, ପ୍ରଜନନ କୌଶଳ ଏବଂ ଆଚରଣ ଅପ୍ରତ୍ୟାଶିତ ଭାବେ ବିକଶିତ ହୋଇଥାଏ । ଏହାରି ଆଧାର ଅନୁଯାୟୀ ପ୍ରଜାତିଟିର ଚୟାପଚୟ ଦ୍ରୁତ ହେଲେ ଆୟୁ ବା ଜୀବନକାଳ କମ୍ ଏବଂ ପ୍ରଜନନ ହାର ଅଧିକ ହୁଏ । ଏମାନଙ୍କର ରକ୍ତ ଶର୍କରା ଏବଂ 'ଗ୍ଲାଇକେସନ୍' ସ୍ତର ଉଚ୍ଚ । ଅନ୍ୟ ପକ୍ଷରେ, ଯେଉଁମାନଙ୍କର ଜୀବନକାଳ ବା ଆୟୁ ଅଧିକ ଏବଂ ଶାରୀରିକ ବିକାଶ ହାର ମନ୍ଥର, ସେମାନଙ୍କ ରକ୍ତ ଶର୍କରା ସ୍ତର କମ୍ ଏବଂ 'ଗ୍ଲାଇକେସନ୍' ପ୍ରତିରୋଧ ଶକ୍ତି ଅଧିକ । ତେବେ ବିବିଧ ପ୍ରଜାତିମାନଙ୍କର ଅନ୍ୟାନ୍ୟ ବିଶିଷ୍ଟତା ସହିତ 'ଗ୍ଲାଇକେସନ'ର ସଂପୃକ୍ତି ଏବେ ସୁଦ୍ଧା ପରିଷ୍କାର ଭାବେ ବୁଝି ହୋଇନାହିଁ । ଅତଏବ, 'ଦ ପେସ୍-ଅଫ୍-ଲାଇଫ୍' ମତବାଦ ଆଧାରରେ ଏହା କିପରି ଖାପ ଖାଇବ, ତାହା ଅନେକାଂଶରେ ଅବୋଧ ରହିଛି ।

ପକ୍ଷୀମାନଙ୍କ ଉପରେ ଅନନ୍ୟ ଅଧ୍ୟୟନ: ମୋରେନୋ-ବାରାଲୋଙ୍କ ମତରେ, ପକ୍ଷୀମାନଙ୍କ ରକ୍ତ ଶର୍କରା ତୁଳନାତ୍ମକ ଭାବେ ବେଶ୍ ଉଚ୍ଚ ହୋଇଥାଏ । ଏହା ସେହି ଆକାରର ସ୍ତନ୍ୟପାୟୀଙ୍କଠାରୁ ପ୍ରାୟ ଦୁଇ ଗୁଣ ଅଧିକ । ତେଣୁ ସେଗୁଡ଼ିକ ନିର୍ଦ୍ଦିଷ୍ଟ ଭାବେ ଏହି ପ୍ରସଙ୍ଗ ପାଇଁ ପ୍ରଯୁଜ୍ୟ । ସମ୍ଭବତଃ ପକ୍ଷୀମାନେ ଉଡ଼ିଲା ବେଳେ କରୁଥିବା ବାୟବୀୟ ବ୍ୟାୟାମ ଲାଗି ଆବଶ୍ୟକ ଅଧିକ ଶକ୍ତି ଯୋଗାଇବା ପାଇଁ ଏହା ଅଭିପ୍ରେତ । କିନ୍ତୁ ଏହା ମଧ୍ୟ ସ୍ୱ-ବିରୋଧାଭାସୀ । କାରଣ, ସେମାନଙ୍କର ଅତ୍ୟଧିକ ରକ୍ତ ଶର୍କରା ସ୍ତର ସତ୍ତ୍ୱେ ମଧ୍ୟ ପକ୍ଷୀମାନେ ତାଙ୍କ ଶାରୀରିକ ଆକାର ସହିତ ତୁଳନୀୟ ସ୍ତନ୍ୟପାୟୀଙ୍କ ତୁଳନାରେ ତିନି ଗୁଣ ଅଧିକ ସମୟ ବଞ୍ଚନ୍ତି ।

ସ୍ୱ-ବିରୋଧାଭାସ ଭଳି ମନେ ହେଉଥିବା ଏହି ଘଟଣାକୁ ଅନୁଧ୍ୟାନ କରିବାକୁ ମୋରେନୋ-ବାରାଲୋ ଏବଂ ତାଙ୍କ ସହଯୋଗୀମାନେ ୮୮ଟି ଭିନ୍ନ ଭିନ୍ନ ପ୍ରଜାତିର ୪୮୪ଟି ପକ୍ଷୀଙ୍କ ଉପରେ ବିଶ୍ଳେଷଣ ଚଳାଇ ଥିଲେ । ସେମାନେ ରକ୍ତ ଶର୍କରା ସ୍ତର ଏବଂ 'ଗ୍ଲାଇକେସନ୍' ହାରକୁ ପକ୍ଷୀଙ୍କ ଆୟୁଷ, ଶରୀର ବିକଶିତ ହେବାର ସମୟ ଓ ବସ୍ତୁତ୍ୱ, ପ୍ରଜନନ ପ୍ରକ୍ରିୟା ଏବଂ ଖାଦ୍ୟ ଭଳି ଜୀବନ ପ୍ରକ୍ରିୟାର ବିଶିଷ୍ଟତା ସହିତ ତୁଳନା କଲେ । ତାଙ୍କର ଲକ୍ଷ୍ୟ ଥିଲା, ଏହି ପକ୍ଷୀ ପ୍ରଜାତିଗୁଡ଼ିକ 'ଦ ପେସ୍-ଅଫ୍-ଲାଇଫ୍ ସିନ୍‌ଡ୍ରୋମ୍' ମତବାଦର ଆଧାରକୁ ଅନୁସରଣ କରୁଛନ୍ତି କି ନାହିଁ ।



ଏହି ଅଧ୍ୟୟନର ଫଳାଫଳରୁ ପ୍ରଜାତିମାନଙ୍କ ମଧ୍ୟରେ ରକ୍ତ ଶର୍କରା ସ୍ତରର ବିଭିନ୍ନତା ବିଶେଷ ଭାବେ ଥିବାର ଜଣା ପଡ଼ିଲା । କେତେକ ଛୋଟ ଛୋଟ ପକ୍ଷୀଙ୍କର ଏହା ସର୍ବୋଚ୍ଚ ହେଲା ବେଳେ ଫ୍ଲେମିଙ୍ଗୋ, ବତକ ଭଳି ବଡ଼ ବଡ଼ ପକ୍ଷୀଙ୍କର ନିମ୍ନତର ଥିଲା । ସେ ଯାହାହେଉ, ରକ୍ତ ଶର୍କରାର ସ୍ତର ଏବଂ ଏମାନଙ୍କ ଆୟୁ ବା ଜୀବନକାଳର ଦୀର୍ଘତା ମଧ୍ୟରେ ସଂପର୍କ ଅଧିକ ଜଟିଳ ମନେହୁଏ । ସାଧାରଣତଃ ଦୀର୍ଘକାଳ ବଞ୍ଚୁଥିବା ପକ୍ଷୀଙ୍କର ଏହା ତୁଳନାତ୍ମକ ଭାବେ ଅଧିକ ହେଲା ବେଳେ ଏକ ନିର୍ଦ୍ଦିଷ୍ଟ ସ୍ତର ପରେ ଅପରିବର୍ତ୍ତିତ ରହିବାର ଦେଖାଗଲା । ଅତଏବ, କେତେକ ପ୍ରଜାତିର ପକ୍ଷୀ ଉଚ୍ଚ ରକ୍ତ ଶର୍କରାର ପ୍ରଭାବ ସଂପୂର୍ଣ୍ଣ ଏଡ଼ାଇ ଯିବା ଏବଂ 'ଗ୍ଲାଇକେସନ' ସହ ସଂପୃକ୍ତ କ୍ଷୟକ୍ଷତି ପ୍ରତିରୋଧ କରିବା ଲାଗି କ୍ରିୟାବିଧି ବିକାଶ କରିଥିବା ଜଣା ପଡ଼ିଲା ।

ଏଥିରୁ ମିଳିଥିବା ଅନ୍ୟତମ ବିସ୍ମୟକର ଆବିଷ୍କାର ହେଲା ଯେ ସ୍ଥଳ ଭାଗରେ ବାସ କରୁଥିବା ମାଂସାଶୀ ପକ୍ଷୀମାନଙ୍କର 'ଗ୍ଲାଇକେସନ୍' ହାର ନିରାମିଷାଶୀ ପକ୍ଷୀଙ୍କ ତୁଳନାରେ ଅଧିକ । ସେ ଉଭୟଙ୍କର ରକ୍ତ ଶର୍କରା ସ୍ତର ସମାନ ଥିଲେ ବି ଏହା ସୂଚୀତ କରୁଛି ଯେ ସମ୍ଭବତଃ ପ୍ରୋଟିନ୍ ଚୟାପଚୟ, ଖାଦ୍ୟର ଉପାଦାନ, ଖାଦ୍ୟତନ୍ତୁ ଏବଂ ବହୁ ଅସଂତୃପ୍ତ ମେଦାମ୍ଳ ଇତ୍ୟାଦି ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କଠାରେ ସେମାନେ କିପରି 'ଗ୍ଲାଇକେସନ୍'ଜନିତ କ୍ଷୟକ୍ଷତିର ଉପଶମ କରିବେ, ତାହାକୁ ପ୍ରଭାବିତ କରନ୍ତି ।

'ପେସ୍-ଅଫ୍-ଲାଇଫ୍' ମତବାଦକୁ ଆହ୍ୱାନ: ଏହି ଫଳାଫଳ 'ଦ ପେସ୍-ଅଫ୍-ଲାଇଫ୍ ସିନ୍‌ଡ୍ରୋମ୍' ମତବାଦର କେତେକ ପୂର୍ବାନୁମାନ ଉପରେ ପ୍ରଶ୍ନମାନ ଉତ୍ଥାପନ କରିଥାଏ । ଉପରୋକ୍ତ ଅଧ୍ୟୟନ ସହିତ ସଂପୃକ୍ତ ଅନ୍ୟ ଜଣେ ଗବେଷକ ଫାବ୍ରିସ୍ ବର୍ଟିଲେ କୁହନ୍ତି ଯେ ତାଙ୍କ ଅଧ୍ୟୟନର ଫଳାଫଳ ଏହା ସହିତ କେବଳ ଅଳ୍ପ ମାତ୍ରାରେ ସହମତ ହୁଏ । ତଦନୁଯାୟୀ ଏହା ଶରୀରର ବସ୍ତୁତ୍ୱ ପାଇଁ ଠିକ୍ ହୋଇପାରେ, କିନ୍ତୁ ପ୍ରଜାତିଟିର ଆୟୁଷ ପାଇଁ ହୋଇ ନପାରେ । ତାଙ୍କ ମତରେ, ରକ୍ତ ଶର୍କରାର ସ୍ତର ଏବଂ ଆୟୁଷକାଳ ତା'ର ବିଭିନ୍ନ ଜୈବିକ ଗୁଣ ଉପରେ ନିର୍ଭର କରିପାରେ । ଏଣୁ ପରବର୍ତ୍ତୀ ଗବେଷଣାରେ ଏହିସବୁ କ୍ଷେତ୍ର ଉପରେ ଧ୍ୟାନ ରଖିବା ସହିତ ଆହୁରି ଅଧିକ ପ୍ରଜାତିର ପକ୍ଷୀମାନଙ୍କ ବିଷୟରେ ଅଧ୍ୟୟନ କରିବା ଉଚିତ୍ ।

ଅନ୍ୟ ପକ୍ଷରେ, ବାର୍ଟିଲେଙ୍କ ସହଯୋଗୀ ଫ୍ରାକୋଇସ୍ କ୍ରିସ୍‌କୁସ୍‌ଲୋଙ୍କ ମତରେ, ଏହି ଫଳାଫଳଗୁଡ଼ିକ ପକ୍ଷୀମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ରକ୍ତ ଶର୍କରା ସ୍ତର ଏବଂ 'ଗ୍ଲାଇକେସନ୍' ସଂପର୍କରେ ଆମର ଧାରଣା ଅଭିବୃଦ୍ଧି କରିବା ସହିତ ଚୟାପଚୟ, ବାର୍ଦ୍ଧକ୍ୟ ପ୍ରକ୍ରିୟା ଏବଂ ବିଭିନ୍ନ ରୋଗ ବିଷୟରେ ପାରମ୍ପରିକ ଜ୍ଞାନ ପ୍ରତି ଆହ୍ୱାନ ହୋଇଥାଏ । ସେ କୁହନ୍ତି ଯେ ଭିନ୍ନ ଭିନ୍ନ ପ୍ରଜାତିମାନଙ୍କ ମଧ୍ୟରେ ରକ୍ତ ଶର୍କରା ହାର ଏବଂ 'ଗ୍ଲାଇକେସନ୍' ହାରରେ ଯଥେଷ୍ଟ ବିଭିନ୍ନତା ରହିଛି । ଯେଉଁମାନଙ୍କଠାରେ ଗ୍ଲୁକୋଜ୍ (ଶର୍କରା) ସ୍ତର ସର୍ବାଧିକ ରହିଛି ଏବଂ ସେମାନଙ୍କ 'ଗ୍ଲାଇକେସନ୍' ପ୍ରତିରୋଧ ମଧ୍ୟ ଅଧିକ, ସେମାନେ ଏହାର ପ୍ରତିରୋଧ ପାଇଁ କ୍ରିୟା ପ୍ରକ୍ରିୟାର ବିକାଶ ଘଟାଇଛନ୍ତି । ଏ ସାମର୍ଥ୍ୟ ତାଙ୍କଠାରେ କିପରି ସୃଷ୍ଟି ହେଲା, ତାହା ବୁଝି ହେଲେ ମଣିଷର ସ୍ୱାସ୍ଥ୍ୟ ଗବେଷଣା, ବିଶେଷକରି ମଧୁମେହ, ଆୟୁଷ ଏବଂ ଚୟାପଚୟ ଆଦି ମଧ୍ୟକୁ ନୂତନ ଅନ୍ତର୍ଦୃଷ୍ଟି ଲାଭ କରିବା ସମ୍ଭବ ହୋଇ ପାରିବ ।

ପ୍ରାକ୍ତନ ପ୍ରଫେସର, ଉଷା ନିବାସ
୧୨୪/୨୪୪୫, ଖଣ୍ଡଗିରି ବିହାର
ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

# ନକ୍ସଲବାଦର ନାଶ

ଆଜିକା ସମୟରେ ହୁଏତ ଏହା କଳ୍ପନା କରିବା କଷ୍ଟକର ହୋଇପାରେ, କିନ୍ତୁ ମାତ୍ର ଦୁଇ ଦଶନ୍ଧି ପୂର୍ବରୁ ମାଓବାଦୀ ଆନ୍ଦୋଳନ କେନ୍ଦ୍ର ଓ ପୂର୍ବ ଭାରତର ଏକ ବିରାଟ ଅଞ୍ଚଳକୁ ନିଜ ହାତମୁଠାରେ ରଖିଥିଲା । ଭାରତର ହାରାହାରି ଏକ-ଚତୁର୍ଥାଂଶ ଜିଲ୍ଲା କୌଣସି ନା କୌଣସି ରୂପରେ ବାମପନ୍ଥୀ ଉଗ୍ରବାଦକୁ ପରିଲକ୍ଷିତ କରିଥିଲା ଏବଂ ଏହାର ଆଦିବାସୀ କେନ୍ଦ୍ରସ୍ଥଳୀ ବିଦ୍ରୋହର ପେଣ୍ଠ ପାଲଟି ଥିଲା । ୧୯୭୦ ଦଶକରେ ଯଦିଓ ମୃଦୁ କୃଷକ ଅସନ୍ତୋଷ ଏବଂ ଅର୍ଥନୀତିକ ଅସମାନତା ବିଷୟରେ ଉତ୍କଣ୍ଠାରୁ ପଶ୍ଚିମବଙ୍ଗର ଉତ୍ତର ଭାଗରେ ଅବସ୍ଥିତ ପାହାଡ଼ିଆ ଅଞ୍ଚଳଗୁଡ଼ିକରେ ନକ୍ସଲବାଦ ଏହାର ପ୍ରଥମ ମୂଳ ଧାରଣ କରିଥିଲା, ତେବେ ୧୯୯୦ ଦଶକ ବେଳକୁ ଏକ ଅଧିକ କ୍ଷୁଧାର୍ତ୍ତ ଏବଂ ହିଂସ୍ର ମାଓବାଦୀ ଆଦର୍ଶବାଦ ଧୀରେ ଧୀରେ କେନ୍ଦ୍ର ଭାରତକୁ ପ୍ରସାରିତ ହୋଇଥିଲା, ଯାହା ୨୦୦୦ରୁ ୨୦୧୦ ମଧ୍ୟରେ ଏହାର ଆନ୍ଦୋଳନର ଶୀର୍ଷରେ ପହଞ୍ଚି ଥିଲା । ୨୦୦୬ରେ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ମାଓବାଦକୁ ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସର୍ବବୃହତ୍ ଆହ୍ୱାନ ବୋଲି କହିଥିଲେ ସୁଦ୍ଧା ଏହି ବିଦ୍ରୋହ ତା'ର ଶକ୍ତି ସାମର୍ଥ୍ୟ ଲାଭ କରି ଚାଲିଥିଲା ଏବଂ ଦେଶର ଭିତ୍ତିଭୂମି ପ୍ରତି ଗୁରୁତର କ୍ଷତି ପହଞ୍ଚାଇବା ସହିତ ଲଗାତର ଆକ୍ରମଣ କରି ଚାଲିଥିଲା, ଯାହା ଶହ ଶହ ସଂଖ୍ୟାରେ ସାଧାରଣ ନାଗରିକ ଏବଂ ସୁରକ୍ଷା କର୍ମୀମାନଙ୍କ ଜୀବନ ହାନିର କାରଣ ହୋଇଥିଲା । ଏହି ବିଦ୍ରୋହୀମାନଙ୍କ ବିରୁଦ୍ଧରେ ଏକ ଭ୍ରମାତ୍ମକ ପରାମର୍ଶ ଦ୍ୱାରା ନାଗରିକମାନଙ୍କର ଏକ ସେନା ସୃଷ୍ଟି କରିବା ପାଇଁ ହୋଇଥିବା ଉଦ୍ୟମ କେବଳ ଯାହା ଆଦିବାସୀ ଜନସଂଖ୍ୟାଙ୍କୁ ଉତ୍ୟକ୍ତ କରିବାରେ ସହାୟକ ହୋଇଥିଲା ସିନା ଫଳ କିନ୍ତୁ ସେପରି ବିଶେଷ ଉଲ୍ଲେଖନୀୟ ହୋଇ ନଥିଲା, ବରଂ ସେଥିରେ ମାନବାଧିକାରର ଉଲ୍ଲଙ୍ଘନ ଦେଖିବାକୁ ମିଳିଥିଲା ।

ମାର୍ଚ୍ଚ ୩୧,୨୦୨୬ରେ ନକ୍ସଲବାଦର ପରିସମାପ୍ତି କେବଳ ଯାହା ଏକ ଘଟଣାକ୍ରମିକ କାର୍ଯ୍ୟ । ନକ୍ସଲବାଦରେ କିଏ ପୂର୍ଣ୍ଣଚ୍ଛେଦ ଟାଣିଲା, ତା' ଉପରେ ପ୍ରଚାରର ରାଜନୀତିକ ବାକ୍‌ବିତଣ୍ଡା ବା ଲଢ଼େଇ ଆଗାମୀ ସମୟରେ ଅବଶ୍ୟ ଜାରି ରହିବ । ତେବେ ପ୍ରକୃତ କଥା ହେଉଛି, ନକ୍ସଲବାଦ ଟଳମଳ ଅବସ୍ଥାକୁ ଆସି ଯାଇଛି, ମୋଦୀ ସରକାରଙ୍କ ଶାସନ କାଳ ଭିତରେ ଧୀରେ ଧୀରେ ଏହା ଲୋପ ପାଇବାକୁ ଆରମ୍ଭ କରି ବିଜେପିକୁ ଏହାର ମୂଳୋତ୍ପାଟନ କରିବାର ଅଧିକାର ପ୍ରଦାନ କରିଥିଲା । ପୁନଶ୍ଚ, ନକ୍ସଲବାଦ ନିଜେ ଭିତରୁ ହିଁ ଭୁଶୁଡ଼ିବାକୁ ଆରମ୍ଭ କରିଥିଲା- ଉଭୟ ଆଦର୍ଶଗତ ଭାବରେ ଏବଂ ସାଂଗଠନିକ ଭାବରେ । ନକ୍ସଲ ଏବଂ ସେମାନଙ୍କ ପ୍ରତି ସହାୟତାର ହାତ ବଢ଼ାଉ ଥିବା ଲୋକମାନେ ଦାବି କରି ପାରିବେ ଯେ ସେମାନେ ପରାଜିତ ହୋଇ ନାହାନ୍ତି, ବରଂ ସେମାନେ ଏହାର ପରିସମାପ୍ତିର ବୋତାମକୁ ନିଜେ ଟିପିଛନ୍ତି । ପ୍ରକୃତରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ପି ଚିଦାମ୍ବରମ୍ ବାମପନ୍ଥୀ ଉଗ୍ରବାଦ (ଏଲ୍‌ଡବ୍ଲୁଇ)ର ପରିସମାପ୍ତି ଘଟାଇବାକୁ ବଦ୍ଧ ପରିକର ଥିଲେ । ବସ୍ତୁତଃ, ସେଇମାନେ ହିଁ ଏହି ଏଲ୍‌ଡବ୍ଲ୍ୟୁଇ ସଂକ୍ଷିପ୍ତ ରୂପ ସୃଷ୍ଟି କରିଥିଲେ । ସରକାରୀ ପରିସଂଖ୍ୟାନ ଦର୍ଶାଇ ଥାଏ ଯେ ୨୦୧୦ରୁ ୨୦୧୪ ମଧ୍ୟରେ ନକ୍ସଲ କାର୍ଯ୍ୟକଳାପରେ ହ୍ରାସ ଘଟିଥିଲା । ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ 'ନକ୍ସଲମୁକ୍ତ ଭାରତ ଅଭିଯାନ: ଲୋହିତ ଅଞ୍ଚଳରୁ ଅଭିବୃଦ୍ଧିର କରିଡର ଦିଗରେ' ଶୀର୍ଷକରେ ପ୍ରକାଶିତ ନିବନ୍ଧରୁ ଜାଣିବାକୁ ମିଳିଥାଏ ଯେ ୨୦୧୦ରେ ୭୨୦ ଜଣ ନକ୍ସଲଙ୍କୁ ନିପାତ କରାଯାଇଥିବା ବେଳେ ୨୦୧୪ରେ ଏହା ୨୨୨କୁ କମି ଆସିଥିଲା; ଏବଂ ଏହା ପୁଣି ଦ୍ରୁତ ଗତିରେ ୨୦୨୪ ବେଳକୁ ଖସି ଆସିଥିଲା ୧୨୧କୁ । ସେହିଭଳି ଆର୍ଥିକ ଭିତ୍ତିଭୂମି ଉପରେ ନକ୍ସଲ ଆକ୍ରମଣ ୨୦୧୦ରେ ୩୬୫, ୨୦୧୪ରେ ୧୦୦ ଏବଂ ୨୦୨୪ରେ ମାତ୍ର ୨୫କୁ ଖସି ଆସିଥିଲା । ୨୦୧୪ରେ ନରେନ୍ଦ୍ର ମୋଦୀ କ୍ଷମତାକୁ ଆସିବା ପରେ ନକ୍ସଲମାନଙ୍କୁ ସମ୍ପୂର୍ଣ୍ଣ ନିପାତ କରିବା ପାଇଁ ଏକ ନିଜସ୍ୱ ଯୋଜନା କଲେ । ତାଙ୍କ ସରକାର ଦ୍ୱାରା ଏ ବାବଦରେ ୨୦୧୫ରେ ଅନୁମୋଦିତ ନକ୍ସଲ ନୀତି ଏବଂ କାର୍ଯ୍ୟକାରୀ ଯୋଜନା ଥିଲା ଏକ ନକ୍ସା, ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା ଉନ୍ନତ ଭିତ୍ତିଭୂମି ଜରିଆରେ ପୁଲିସ ବାହିନୀକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଅଧିକ ପାଣ୍ଠି ପ୍ରଦାନ, ଅଧିକ ଆର୍ଥିକ ଅନୁଦାନ, ସଡ଼କ ଏବଂ ଯୋଗାଯୋଗ ନେଟ୍‌ୱର୍କକୁ ସମ୍ପ୍ରସାରିତ କରିବା । ଏହା ମଧ୍ୟରେ ସାମିଲ ଥିଲା ନକ୍ସଲ-ପ୍ରଭାବିତ ଅଞ୍ଚଳଗୁଡ଼ିକୁ ୪ଜି ମୋବାଇଲ ଟେଲିଫୋନ୍ ସେବାକୁ ସମ୍ପ୍ରସାରିତ କରିବା । ଆଉ ଏହା ଯେ ଉତ୍ତମ ଫଳଦାୟୀ ହୋଇଛି, ତାହା ଏବେ ପ୍ରମାଣିତ ।

ସୋମବାର ଦିନ ସଂସଦରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ପ୍ରକାଶ କରିଛନ୍ତି ଯେ ଦେଶରୁ ବାମପନ୍ଥୀ ଉଗ୍ରବାଦକୁ ଉତ୍ପାଟନ କରିବାରେ ସରକାର ସମର୍ଥ ହୋଇଛନ୍ତି, ଯେଉଁଥିରେ ସେ ଉଲ୍ଲେଖ କରିଛନ୍ତି ଯେ ବିଦ୍ରୋହୀମାନଙ୍କ ବିରୁଦ୍ଧରେ ତାଙ୍କ ସରକାର ଦୃଢ଼ ବାହୁବଳ ପ୍ରଦର୍ଶନ କରିବାକୁ ପଶ୍ଚାତ୍‌ପଦ ହୋଇ ନାହାନ୍ତି- ଗୁଳିର ଜବାବ୍ ଗୁଳିରେ ଦେଇଛନ୍ତି । ଏକଦା ଦୁର୍ଗମ ମନେ ହେଉଥିବା ଅଞ୍ଚଳଗୁଡ଼ିକୁ ଭିତ୍ତିଭୂମି ପ୍ରବେଶ କରାଇବାରେ- ମୋବାଇଲ୍ ଫୋନ୍ ଟାୱାରମାନ ସ୍ଥାପନ କରିବା, ସଡ଼କ ଏବଂ ବଜାରମାନ ନିର୍ମାଣ କରିବା ଏବଂ ପୁଲିସ ଫାଣ୍ଡି ଓ ଥାନାମାନ ସ୍ଥାପନ କରିବାରେ ସରକାର ସଫଳତା ହାସଲ କରିଛନ୍ତି । କେବଳ ଏତିକି ନୁହେଁ, ନକ୍ସଲମାନଙ୍କ ମଧ୍ୟରେ ଅନେକ ବରିଷ୍ଠ ନେତା ଏବଂ ସେମାନଙ୍କ ଆଦର୍ଶବାଦର ଗଣ୍ଠି ହୁଗୁଳା ହେବାର ଶେଷ ପର୍ଯ୍ୟାୟରେ ପହଞ୍ଚି ଥିଲା । ଏହାର ଶୀର୍ଷ ନେତୃତ୍ୱଙ୍କ ତରଫରୁ ୨୨ ପୃଷ୍ଠାର ଏକ ପୁସ୍ତିକା ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି ଯାହା ସଶସ୍ତ୍ର ସଂଗ୍ରାମକୁ ପରିତ୍ୟାଗ କରି ଗଣତାନ୍ତ୍ରିକ ଏବଂ ସାମ୍ବିଧାନିକ ପଦ୍ଧତିକୁ ଗ୍ରହଣ କରିବା ସପକ୍ଷରେ ବର୍ଣ୍ଣନା କରିଛି । ତେବେ ମାଓବାଦୀମାନେ ସମ୍ପୂର୍ଣ୍ଣ ରୂପେ ଲୋପ ପାଇଯିବା ପରେ ଏବେ ସରକାରଙ୍କୁ ଉଭୟ ସୁରକ୍ଷା ବ୍ୟବସ୍ଥା ଏବଂ ନାଗରିକ ପ୍ରଶାସନ କ୍ଷେତ୍ରରେ ନିଜର ଉଦ୍ୟମଗୁଡ଼ିକୁ ବହୁଗୁଣିତ କରିବାର ଆବଶ୍ୟକତା ରହିଛି ।

# ଓଡ଼ିଆ ସାମ୍ବାଦିକଙ୍କ ପ୍ରେସ ଟୁର୍: କେରଳରୁ ହିମାଚଳ ପର୍ଯ୍ୟନ୍ତ ଅନୁଭବର ଯାତ୍ରା



ସୌମ୍ୟା ସାରସ୍ୱତା ପଣ୍ଡା

ଆମ ଦେଶ ଭାରତ ଏକ ବିବିଧତାରେ ପରିପୂର୍ଣ୍ଣ ରାଷ୍ଟ୍ର । ଏହାର ପ୍ରତ୍ୟେକ ରାଜ୍ୟ ନିଜସ୍ୱ ସଂସ୍କୃତି, ପରମ୍ପରା ଓ ବିକାଶର ଭିନ୍ନ ଚିତ୍ର ପ୍ରଦର୍ଶନ କରିଥାନ୍ତି । ରାଜ୍ୟମାନଙ୍କର ବିଶେଷତାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରେସ୍ ଟୁର୍ ଆୟୋଜନ କରାଯାଇଥାଏ । ଏହା ମାଧ୍ୟମରେ ବିଭିନ୍ନ ରାଜ୍ୟର ଗଣମାଧ୍ୟମ ପ୍ରତିନିଧି ଦେଶର ଅନ୍ୟ ପ୍ରାନ୍ତକୁ ଯାଇ ସେହି ରାଜ୍ୟର ବିକାଶର ଚିତ୍ର, ପ୍ରକଳ୍ପର କାର୍ଯ୍ୟାନ୍ୱୟନ, ପ୍ରଯୁକ୍ତିବିଦ୍ୟାର ବ୍ୟବହାର କ୍ଷେତ୍ରରେ ଦକ୍ଷତା ଓ ଜନଜୀବନକୁ ନିକଟରୁ ଦେଖିଥାନ୍ତି । ଏହି ଟୁର୍ ତଥ୍ୟ ଓ ଅନୁଭବର ଆଦାନପ୍ରଦାନକୁ ଆଗେଇ ନେଇଥାଏ । ସେହିପରି ଏହା ଜାତୀୟ ଏକତାକୁ ମଜଭୁତ କରିବାରେ ମଧ୍ୟ ଏକ ପ୍ରଭାବଶାଳୀ ମାଧ୍ୟମ ଭାବେ କାମ କରେ । ପ୍ରକୃତରେ ଦେଖିବାକୁ ଗଲେ ଏଭଳି ପ୍ରେସ୍ ଟୁର୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ ହେବା ଓ ବିଭିନ୍ନ ପ୍ରକାରର ପ୍ରକଳ୍ପଗୁଡ଼ିକର ତୃଣମୂଳ ସ୍ତରରେ କାର୍ଯ୍ୟାନ୍ୱୟନକୁ ନିକଟରୁ ଦେଖିବା । ଯୋଜନା ଏବଂ ପ୍ରକଳ୍ପଗୁଡ଼ିକ ଉପରେ ବାସ୍ତବ ଚିତ୍ରକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା । ସାମ୍ବାଦିକମାନେ ଏହି ଯାତ୍ରା ମାଧ୍ୟମରେ ନୂତନ ତଥ୍ୟ ସଂଗ୍ରହ କରିଥାନ୍ତି, ଯାହା ତାଙ୍କର ଖବରକୁ ଅଧିକ ତଥ୍ୟ ସମ୍ବଳିତ ଓ ପ୍ରାମାଣିକ କରିଥାଏ ।

କେନ୍ଦ୍ର ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ବିଭିନ୍ନ ରାଜ୍ୟରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ମାଧ୍ୟମରେ ଆୟୋଜିତ ଏହି ପ୍ରେସ୍ ଟୁର୍‌ରେ ସାମ୍ବାଦିକମାନେ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, କୃଷି ଓ ପ୍ରଯୁକ୍ତି ସହିତ ଜଡ଼ିତ ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ନିକଟରୁ ଦେଖିଥାନ୍ତି । ପର୍ବତାରୋହଣ ଓ ସାହସିକ କ୍ରୀଡ଼ା ସଂସ୍ଥାନ, ସ୍ମାର୍ଟ ସିଟି ପ୍ରକଳ୍ପ ଓ ଗ୍ରାମୀଣ ବିକାଶ ଯୋଜନା ଗଣମାଧ୍ୟମ ପ୍ରତିନିଧିମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥାଏ । ଭାରତର ବିଭିନ୍ନ ରାଜ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କରା ଯାଉଥିବା ବିକାଶମୂଳକ କାର୍ଯ୍ୟ, ସଂସ୍କୃତି ଓ ପ୍ରଶାସନିକ ସ୍ତରର ପ୍ରୟାସକୁ ନିକଟରୁ ଅନୁଭବ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଲାଗି ଆୟୋଜିତ ପ୍ରେସ୍ ଟୁର୍ ଏକ ମନେ ରହିବା ଭଳି ଅଭିଜ୍ଞତା ।

ଚଳିତ ବର୍ଷ ତେଲେଙ୍ଗାନା, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ତାମିଲନାଡୁ ରାଜ୍ୟରୁ ଓଡ଼ିଶାକୁ ଆସିଥିବା ଗଣମାଧ୍ୟମ ପ୍ରତିନିଧି ଭୁବନେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ସିଫା, କଟକସ୍ଥିତ ସିଆରଆରଆଇ ଭଳି ପ୍ରତିଷ୍ଠାନ ଏବଂ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ, ନ୍ୟାୟ ସଂଗ୍ରହାଳୟ ଇତ୍ୟାଦି ଗସ୍ତ କରିଥିଲେ । ସେମାନେ ମଧ୍ୟ ରାଜ୍ୟପାଳଙ୍କୁ ଭେଟିଥିଲେ ।

ଚଳିତ ବର୍ଷ ଓଡ଼ିଆ ଗଣମାଧ୍ୟମ ପ୍ରତିନିଧିମାନେ ପିଆଇବି, ଭୁବନେଶ୍ୱର ପକ୍ଷରୁ ଆୟୋଜିତ ପ୍ରେସ୍ ଟୁର୍‌ରେ କେରଳ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ତେଲେଙ୍ଗାନା ରାଜ୍ୟକୁ ଗସ୍ତ କରିଥିଲେ । ଏହି ଟୁର୍ ଫେବୃଆରୀ ୦୮ ତାରିଖରୁ କେରଳ ଗସ୍ତରୁ ଆରମ୍ଭ ହୋଇ ମାର୍ଚ୍ଚ ୨୭ ତାରିଖରେ ଉଭୟ ହିମାଚଳ ପ୍ରଦେଶ ଏବଂ ତେଲେଙ୍ଗାନା ଗସ୍ତ ସହିତ ଶେଷ ହୋଇଥିଲା । ଏଥିରେ ଓଡ଼ିଶାର ବିଭିନ୍ନ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟରତ ପ୍ରାୟ ୪୫ ଜଣ ସାମ୍ବାଦିକ ୪ଟି ଦଳରେ ଗସ୍ତ କରିଥିଲେ ।

କେରଳରେ ଗଣମାଧ୍ୟମ ପ୍ରତିନିଧିମାନେ କୋଚି ୱାଟର ମେଟ୍ରୋ ଏବଂ କୋଡନାଡ ହାତୀ ତାଲିମ କେନ୍ଦ୍ର, କୋଟାୟମସ୍ଥିତ ରବର ବୋର୍ଡ ମୁଖ୍ୟାଳୟ, ଭିଜିନଜାମ ଆନ୍ତର୍ଜାତିକ ସାମୁଦ୍ରିକ ବନ୍ଦର ଇତ୍ୟାଦି ପରିଦର୍ଶନ କରିଥିଲେ । ରାଜ୍ୟପାଳଙ୍କ ସହିତ ସାକ୍ଷାତ କରି ରାଜ୍ୟର ଅନେକ ପ୍ରମୁଖ ପ୍ରସଙ୍ଗ ଉପରେ ବୁଝିଥିଲେ । ଏହି ଟିମ୍ କୁମାରକୋମ୍‌ରେ କ୍ରୁଜ୍ ପରିଦର୍ଶନ କରି ରାଜ୍ୟରେ ହାଉସ୍ ବୋଟ୍ ପର୍ଯ୍ୟଟନ ବିଷୟରେ ଜାଣିଥିଲେ । ଏଥି ସହ ପ୍ରତିନିଧି ଦଳ କାଲାଡିରେ ଆଦିଶଙ୍କରଙ୍କ ଜନ୍ମସ୍ଥାନମ୍, କେରଳ ଲୋକନୃତ୍ୟ ସଂଗ୍ରହାଳୟ, ମଟ୍ଟାନଚେରୀ ପ୍ୟାଲେସ୍ ଏବଂ ଶ୍ରୀପଦ୍ମନାଭସ୍ୱାମୀ ମନ୍ଦିର ପରି ପ୍ରମୁଖ ସାଂସ୍କୃତିକ ତଥା ଐତିହାସିକ ସ୍ଥାନ ପରିଦର୍ଶନ କରି କେରଳର ସାଂସ୍କୃତିକ ଐତିହ୍ୟ ଏବଂ ପର୍ଯ୍ୟଟନ ଇକୋସିଷ୍ଟମ୍ ବିଷୟରେ ଅବଗତ ହୋଇଥିଲେ ।

ଉତ୍ତରାଖଣ୍ଡରେ ପର୍ଯ୍ୟଟନ, ପର୍ବତାରୋହଣ ଓ ପରିବେଶ ସୁରକ୍ଷା ଦିଗରେ ହେଉଥିବା ପ୍ରୟାସ ସାମ୍ବାଦିକମାନଙ୍କୁ ଆକର୍ଷିତ କରିଥିଲା । ପ୍ରତିନିଧି ଦଳ ଋଷିକେଶସ୍ଥିତ ରେଳ ବିକାଶ ନିଗମ ଲିମିଟେଡ୍ (ଆରଭିଏନଏଲ୍) ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଥିଲେ । ହିମାଳୟ ପାର୍ବତ୍ୟ ଅଞ୍ଚଳରେ ଚାଲିଥିବା ଏହି ବିଶାଳ ପ୍ରକଳ୍ପର କାର୍ଯ୍ୟଶୈଳୀ ଅନୁଧ୍ୟାନ କରିବା ସହ ଏହାର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ । ଟିଏଚଡିସି ଇଣ୍ଡିଆ ଲିମିଟେଡ ସମେତ ଅନେକ ପ୍ରମୁଖ ଅନୁଷ୍ଠାନକୁ ଗସ୍ତ କରିଥିଲେ । ଏହା ସହିତ ଉତ୍ତରାଖଣ୍ଡର ରାଜ୍ୟପାଳଙ୍କୁ ମଧ୍ୟ ଭେଟିଥିଲେ । ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ସୁସଂଗଠିତ ପର୍ଯ୍ୟଟନ ବ୍ୟବସ୍ଥା ଏହି ରାଜ୍ୟକୁ ବିଶେଷ କରିଥାଏ । ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ ଓ ସ୍ଥାନୀୟ ଅର୍ଥନୀତିର ସମନ୍ୱୟ ଏହି ରାଜ୍ୟକୁ ଏକ ଅଲଗା ପରିଚୟ ଦେଇଛି ।

ହିମାଚଳ ପ୍ରଦେଶରେ ସେମାନେ ସିମଳାର ମଶୋବ୍ରାସ୍ଥିତ ଐତିହାସିକ ରାଷ୍ଟ୍ରପତି ଭବନ, ଆଇସିଏଆର-କେନ୍ଦ୍ରୀୟ ଆଳୁ ଗବେଷଣା ପ୍ରତିଷ୍ଠାନ (ସିପିଆରଆଇ), ଅଟଳ ବିହାରୀ ବାଜପେୟୀ ଦୁଃସାହସିକ କ୍ରୀଡ଼ା ପ୍ରତିଷ୍ଠାନ, ହିମାଳୟର ମନାଲି ନିକଟରେ ସୀମା ସଡ଼କ ସଂଗଠନ (ବିଆରଓ)ର 'ଯୋଜକ' ପ୍ରକଳ୍ପ ପରିଦର୍ଶନ କରିଥିଲେ । ରାଜ୍ୟପାଳଙ୍କ ସହିତ ସାକ୍ଷାତ କରିଥିଲେ । ପାହାଡ଼ିଆ ଅଞ୍ଚଳର ଜୀବନ ଶୈଳୀ, ସାହସିକ କ୍ରୀଡ଼ା ଓ ଗ୍ରାମୀଣ ଉନ୍ନତିର ନୂତନ ମଡେଲକୁ ଦେଖିଥିଲେ । ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରି ସେମାନେ ସେହି ରାଜ୍ୟର ବିକାଶର ସଫଳତା ସମ୍ପର୍କରେ ଅବଗତ ହୋଇଥିଲେ ।

ତେଲେଙ୍ଗାନାର ହାଇଦ୍ରାବାଦରେ ସାମ୍ବାଦିକମାନେ ଆଧୁନିକ ପ୍ରଯୁକ୍ତି, ଆଇଟି ହବ୍ ଓ ସ୍ମାର୍ଟ ସିଟି ପ୍ରକଳ୍ପଗୁଡ଼ିକୁ ନିକଟରୁ ଦେଖିଥିଲେ । ଜାତୀୟ ଦକ୍ଷତା ପ୍ରଶିକ୍ଷଣ ଅନୁଷ୍ଠାନ ଏବଂ ରାଷ୍ଟ୍ରୀୟ ବୌଦ୍ଧିକ ଦିବ୍ୟାଙ୍ଗଜନ ସଶକ୍ତିକରଣ ପ୍ରତିଷ୍ଠାନ ଭଳି ଜାତୀୟ ସ୍ତରର ପ୍ରମୁଖ ଅନୁଷ୍ଠାନ ପରିଦର୍ଶନ କରିଥିଲେ । ଏହା ସହିତ ସହରର ବିଭିନ୍ନ ଐତିହ୍ୟ ସ୍ଥଳ ବୁଲିଥିଲେ । ରାଜ୍ୟର ଦ୍ରୁତ ଗତିରେ ହେଉଥିବା ବିକାଶ ଓ ପାରମ୍ପରିକ ସଂସ୍କୃତିର ସମନ୍ୱୟ ସେମାନଙ୍କୁ ଆକର୍ଷିତ କରିଥିଲା ।

ଏହି ପ୍ରେସ୍ ଟୁର୍ ମାଧ୍ୟମରେ ଓଡ଼ିଆ ଗଣମାଧ୍ୟମ ପ୍ରତିନିଧିମାନେ କେବଳ ଖବର ସଂଗ୍ରହ କରି ନଥିଲେ, ବରଂ ଦେଶର ବିଭିନ୍ନ ଅଞ୍ଚଳର ବିକାଶ ଓ ସଫଳତାର କାହାଣୀକୁ ନିଜ ରାଜ୍ୟରେ ପହଞ୍ଚାଇବାର ଏକ ନୂତନ ଦୃଷ୍ଟିକୋଣ ନେଇ ଫେରିଥିଲେ । କେନ୍ଦ୍ର ସରକାରଙ୍କର ପ୍ରେସ୍ ଟୁର୍ କେବଳ ଏକ ଗସ୍ତ ନୁହେଁ, ବରଂ ଏହା ଜ୍ଞାନ, ଅନୁଭବ ଓ ଜାତୀୟ ସମ୍ବନ୍ଧକୁ ଗଢ଼ି ତୋଳିବାର ଏକ ଶକ୍ତିଶାଳୀ ପ୍ଲାଟଫର୍ମ । ଏହାଦ୍ୱାରା ଦେଶର ବିଭିନ୍ନ ଅଞ୍ଚଳର ବିକାଶ ଓ ସଫଳତାର କାହାଣୀ ସମସ୍ତଙ୍କ ଆଗକୁ ଆସୁଛି, ଯାହା ଆମ ସମସ୍ତଙ୍କୁ ଅନୁପ୍ରେରିତ କରିଥାଏ ।

saumyasaraswata@gmail.com

# ଛାତ୍ର ଜୀବନ ଓ ଶୃଙ୍ଖଳା ଜ୍ଞାନ ଶିକ୍ଷା



ଶ୍ରୀକାନ୍ତ କୁମାର ମହାଳିକ

ଶୃଙ୍ଖଳାର ଅର୍ଥ ଏକ ନିର୍ଦ୍ଦିଷ୍ଟ ନୀତି ଓ ଏକ ନିର୍ଦ୍ଦିଷ୍ଟ ଧାରା ବା ପଦ୍ଧତିରେ ନିଜକୁ ବାନ୍ଧି ରଖିବା । ସମାଜ ମଧ୍ୟରେ ଜୀବନ ନିର୍ବାହ କରିବା ପାଇଁ ଯେଉଁ କେତୋଟି ମୌଳିକ ଗୁଣ ଆବଶ୍ୟକ ତନ୍ମଧ୍ୟରୁ ଶୃଙ୍ଖଳା ଜ୍ଞାନ ସର୍ବପ୍ରଧାନ । ବ୍ୟକ୍ତିର ଚରିତ୍ର ଗଠନ ଏବଂ କୃତିତ୍ୱ ଲାଭ ନିମିତ୍ତ ଶୃଙ୍ଖଳା ଜ୍ଞାନର ପ୍ରୟୋଜନ ଅପରିହାର୍ଯ୍ୟ । ଏହିପରି ଏକ ମହତ ଗୁଣ ଶିକ୍ଷାଲାଭ କରିବାର ପ୍ରକୃଷ୍ଟ ସମୟ ହେଉଛି ଛାତ୍ର ଜୀବନ । କାରଣ ଛାତ୍ର ଜୀବନ ହେଉଛି ଆତ୍ମଗଠନର ସମୟ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଜି ଚରମ ବିଶୃଙ୍ଖଳା ଦେଖିବାକୁ ମିଳେ । ଛାତ୍ରଛାତ୍ରୀମାନେ ଏତେ ମାତ୍ରାରେ ବିଶୃଙ୍ଖଳିତ ହୋଇ ପଡ଼ିଛନ୍ତି ଯେ ସେକଥା ଚିନ୍ତା କଲେ ବିବ୍ରତ ଏବଂ ମର୍ମାହତ ହେବାକୁ ପଡ଼େ । କେଉଁଠି ଅଷ୍ଟମ ଶ୍ରେଣୀ ଛାତ୍ରର ବ୍ୟାଗରୁ ବନ୍ଧୁକ ଏବଂ ଜୀବନ୍ତ ଗୁଳି ବାହାରିଲାଣି ତ ପୁଣି କେଉଁଠି ବିଦ୍ୟାଳୟ ପରିସରରେ ଦଶମ ଶ୍ରେଣୀର ଛାତ୍ର ନବମ ଶ୍ରେଣୀର ଛାତ୍ରକୁ ଖଣ୍ଡାରେ ହାଣିଲାଣି (ତାହା ପୁଣି ପ୍ରେମଜନିତ ଘଟଣାକୁ ନେଇ) । ନବମ-ଦଶମ ଶ୍ରେଣୀରେ ପଢୁଥିବା ଝିଅ ମାନେ ପ୍ରେମ ଫାଶରେ ପଡ଼ି ପାଠପଢ଼ା ଛାଡ଼ି ପଳାଇ ଯିବା ଖବର ମଧ୍ୟ ବାରମ୍ବାର ନଜରକୁ ଆସେ । ଏମିତି ବହୁ ଅପ୍ରୀତିକର ଘଟଣା ବିଦ୍ୟାଳୟମାନଙ୍କରେ ଘଟି ଚାଲିଛି । ଛାତ୍ରଛାତ୍ରୀମାନଙ୍କର ଏପରି ବିଶୃଙ୍ଖଳ ଆଚରଣ ତଥା ନୈତିକ ଏବଂ ଚାରିତ୍ରିକ ଅଧଃପତନ ପାଇଁ ପ୍ରକୃତରେ ଦାୟୀ କିଏ, ତାହାର ଆଲୋଚନା ଅତ୍ୟନ୍ତ ଜରୁରୀ ମନେହୁଏ ହୁଏ ।

ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଦେଖା ଦେଉଥିବା ଉଚ୍ଛୃଙ୍ଖଳତା ପାଇଁ ମୁଖ୍ୟତଃ ଶିକ୍ଷକ ଶିକ୍ଷିକାମାନଙ୍କୁ ହିଁ ଦାୟୀ କରାଯାଉଥିବାର ଦେଖିବାକୁ ମିଳେ । କାରଣ ଏମାନେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ର ଛାତ୍ରୀମାନଙ୍କୁ ଉପଯୁକ୍ତ ଶୃଙ୍ଖଳା ଜ୍ଞାନ ଶିକ୍ଷା ଦେବାରେ ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି ବୋଲି ଊଣା ଅଧିକେ ପ୍ରାୟ ସମସ୍ତଙ୍କର ମତ । ଅବଶ୍ୟ ଏ କଥାର ଯେ ସେମିତି କିଛି ସତ୍ୟତା ନାହିଁ, ତାହା ନୁହେଁ, କାରଣ ଆଜିର ଶିକ୍ଷକ ଶିକ୍ଷିକାମାନଙ୍କ ପାଖରେ ପିଲାମାନଙ୍କ ପ୍ରତି, ଅନୁଷ୍ଠାନ ପ୍ରତି ଏବଂ ସର୍ବୋପରି ନିଜର କର୍ତ୍ତବ୍ୟ ପ୍ରତି ଯେଉଁପରି ଭାବେ ସମର୍ପଣ ଭାବ ବା ଅଙ୍ଗୀକାରବଦ୍ଧତା ରହିବା କଥା, ତା'ର ଯଥେଷ୍ଟ ଅଭାବ ପରିଲକ୍ଷିତ ହୁଏ । ତେବେ ଛାତ୍ରଛାତ୍ରୀମାନଙ୍କର ଉଚ୍ଛୃଙ୍ଖଳତା ପାଇଁ କେବଳ ଶିକ୍ଷକ ଶିକ୍ଷିକାମାନଙ୍କୁ ଦାୟୀ କଲେ ଚଳିବ ନାହିଁ, ଏଥିପାଇଁ ଆହୁରି ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ କାରଣ ମଧ୍ୟ ରହିଛି ।

ପ୍ରଥମତଃ, ଆମର ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ପରିବେଶ ତଥା ପରିସ୍ଥିତି କଥା ବିଚାର କରାଯାଉ । ଏସବୁ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଏବଂ ଶ୍ରେଣୀ ଗୃହ ସମସ୍ୟାର ସମାଧାନ ହୋଇ ପାରୁନାହିଁ, ଯାହାକି ଉତ୍ତମ ଶିକ୍ଷାଦାନ ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ ଅଟେ । ନା ଆବଶ୍ୟକ ପରିମାଣର ଶିକ୍ଷକ ଅଛନ୍ତି, ନା ଆବଶ୍ୟକ ପରିମାଣର ଶ୍ରେଣୀଗୃହ ଅଛି ! ଶିକ୍ଷକ ଏବଂ ଶ୍ରେଣୀଗୃହର ଅଭାବ ସାଙ୍ଗକୁ ମଧ୍ୟାହ୍ନ ଭୋଜନ ସହ ଶିକ୍ଷକ-ଶିକ୍ଷିକାମାନଙ୍କୁ ବିଭିନ୍ନ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରିବା ଦ୍ୱାରା ସେମାନେ ଅଯଥା ଚାପଗ୍ରସ୍ତ ହେଉଛନ୍ତି । କେବଳ ଏତିକି ନୁହେଁ, ଗାଁ ଟାଉଟରମାନଙ୍କଠାରୁ ଆରମ୍ଭ କରି ବିଭିନ୍ନ ରାଜନୈତିକ ଦଳର ନେତାମାନେ ଅଯଥା କଥାକୁ ଆଳ କରି ଶିକ୍ଷକ ଶିକ୍ଷିକା ମାନଙ୍କୁ ନାନାଦି ହଇରାଣ ହରକତ କରୁଥିବାର ମଧ୍ୟ ଦେଖିବାକୁ ମିଳେ । ଏହା ଯେ କେବଳ ଶିକ୍ଷାନୁଷ୍ଠାନଗୁଡ଼ିକର ଶୈକ୍ଷିକ ବାତାବରଣକୁ କଳୁଷିତ କରୁଛି, ତାହା ନୁହେଁ, ଶିକ୍ଷକ ଶିକ୍ଷିକା ତଥା ଛାତ୍ର ଛାତ୍ରୀମାନଙ୍କ ଉପରେ ଏହାର ବହୁତ ବଡ଼ ଏକ ଖରାପ ପ୍ରଭାବ ମଧ୍ୟ ପଡୁଛି । ଏପରି ଏକ ଅସୁସ୍ଥ ତଥା ନକାରାତ୍ମକ ପରିବେଶ ମଧ୍ୟରେ ଶିକ୍ଷକ ଶିକ୍ଷିକାମାନେ ଛାତ୍ରଛାତ୍ରୀମାନଙ୍କୁ କିପରି ଶୃଙ୍ଖଳିତ କରିବେ ଏବଂ କି ପ୍ରକାରର ଶୃଙ୍ଖଳା ଜ୍ଞାନ ଶିକ୍ଷା ଦେବେ, ତାହା ହିଁ ବିଚାର୍ଯ୍ୟ ।

ଛାତ୍ର ଛାତ୍ରୀମାନଙ୍କର ଉଚ୍ଛୃଙ୍ଖଳତାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି, ପିତା, ମାତା ତଥା ଅଭିଭାବକମାନଙ୍କର ଦାୟିତ୍ୱହୀନତା । ପିଲାମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବା, ସଂସ୍କାରିତ କରିବା, ସେମାନଙ୍କୁ ପଥ ପ୍ରଦର୍ଶନ କରାଇବା ଆଦି ଦିଗରେ ପିତାମାତାମାନେ ଚରମ ଅବହେଳା ପ୍ରଦର୍ଶନ କରୁଥିବାର ଦେଖିବାକୁ ମିଳେ । ସେମାନଙ୍କର ଏକ ବଦ୍ଧ ଧାରଣା ଯେ ପିଲାଟି ବିଦ୍ୟାଳୟରୁ ହିଁ ସବୁକିଛି ଶିଖିଯିବ । କେବଳ ବିଦ୍ୟାଳୟକୁ ପଠାଇ ଦେବାଟା ହିଁ ସେମାନଙ୍କର ଏକମାତ୍ର ଦାୟିତ୍ୱ ବୋଲି ବିଚାରୁଛନ୍ତି । ଏହା ହିଁ ଦୁଃଖ । ସେମାନେ ଭୁଲି ଯାଉଛନ୍ତି ଯେ ନିଜର ଘର ହେଉଛି ପିଲାମାନଙ୍କ ପାଇଁ ପ୍ରଥମ ତଥା ଶ୍ରେଷ୍ଠ ପାଠଶାଳା ଏବଂ ପିତାମାତା ହେଉଛନ୍ତି ପ୍ରଥମ ଗୁରୁ । ପିଲାଟି ଚାଲିଚଳନ, କଥାବାର୍ତ୍ତା, ଆଚାର ବ୍ୟବହାରଠାରୁ ଆରମ୍ଭ କରି ଶୃଙ୍ଖଳିତ ଜୀବନ ଚର୍ଯ୍ୟା ଆଦି ନିଜ ଘରୁ ହିଁ ଶିକ୍ଷାଲାଭ କରିଥାଏ । ହେଲେ ତାହା ପିତାମାତାଙ୍କ ଦ୍ୱାରା ସମ୍ଭବ ହୋଇ ପାରୁ ନାହିଁ । ଏହାର କାରଣ, ପାରିବାରିକ ଅଶାନ୍ତି, ପିତାମାତାମାନଙ୍କ ଖାମଖିଆଲି ମନୋଭାବ, ଯେଉଁଥିପାଇଁ କି ପିଲାମାନଙ୍କର ଏମିତି ଉଚ୍ଛୃଙ୍ଖଳତା ବଢ଼ି ବଢ଼ି ଚାଲିଛି ।

ପିଲାମାନଙ୍କର ଉଚ୍ଛୃଙ୍ଖଳତା ବୃଦ୍ଧିର ଅନ୍ୟତମ କାରଣ ହେଉଛି, ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିବା । ଏହାଦ୍ୱାରା ଛାତ୍ର ଛାତ୍ରୀମାନେ ସମ୍ପୂର୍ଣ୍ଣ ଭାବେ ଭୟଶୂନ୍ୟ ବା ନିର୍ଭୀକ ହୋଇ ପଡ଼ିଛନ୍ତି । କାହା ପ୍ରତି ସେମାନଙ୍କର ଆଉ ଡର କିମ୍ବା ଭୟ ରହୁ ନାହିଁ । ନ ରହିବା ବି ସ୍ୱାଭାବିକ । କାରଣ ପାସ୍ ଫେଲ୍‌ର ବ୍ୟବସ୍ଥା ନ ରହିବା ସାଙ୍ଗକୁ ସମ୍ପୂର୍ଣ୍ଣ ଦଣ୍ଡମୁକ୍ତ ଘୋଷଣା, ପିଲାମାନଙ୍କୁ ଲଗାମ୍‌ଛଡ଼ା କରି ପକାଇଛି । ପିଲାମାନଙ୍କର ଦୋଷ ତ୍ରୁଟି ସୁଧାରିବା ପାଇଁ ଦଣ୍ଡ ଦେବା ତ ଦୂରର କଥା, ଶିକ୍ଷକ ଶିକ୍ଷିକାମାନେ ଟାଣ କରି କଥା ପଦେ କହିବାକୁ ମଧ୍ୟ ଭରସି ପାରୁ ନାହାନ୍ତି । ଏପରି ଏକ ଅନୁଶାସନହୀନ ବ୍ୟବସ୍ଥାରେ ପିଲାମାନେ ଉଚ୍ଛୃଙ୍ଖଳିତ ହେବେ ନାହିଁ ତ ଆଉ କ'ଣ ?

ଛାତ୍ର ଛାତ୍ରୀମାନଙ୍କର ଉଚ୍ଛୃଙ୍ଖଳତାର ସବୁଠୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ସ୍ମାର୍ଟ ଫୋନ୍ ବା ମୋବାଇଲ । ଏହା ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କ ପାଇଁ କାଳ ପାଲଟି ଯାଇଛି । କୋମଳମତି ଛାତ୍ର ଛାତ୍ରୀମାନଙ୍କୁ ଏହା ବାଟବଣା କରାଇବାରେ ଲାଗିଛି । ପାଠପଢ଼ା ବାହାନାରେ ବିଭିନ୍ନ ଅଶ୍ଳୀଳ ତଥା ଯୌନ ଉଦ୍ଦୀପକ ଦୃଶ୍ୟମାନ ଦେଖିବା ଏବଂ ଅଜଣା- ଅଦେଖା ଯୁବକ ଯୁବତୀମାନଙ୍କ ସହ ବନ୍ଧୁତା ସ୍ଥାପନ କରି ପ୍ରେମ ଫାଶରେ ପଡ଼ି ନିଜ ଜୀବନକୁ ବରବାଦ୍ କରିବାର ମୁଖ୍ୟ କାରଣ ହେଉଛି ମୋବାଇଲ । ଏହା ଛାତ୍ର ଛାତ୍ରୀମାନଙ୍କର ମସ୍ତିଷ୍କକୁ ଅରାଜକ ଏବଂ ଉଦ୍ଧତ କରିବାରେ ଲାଗିଛି ବୋଲି ନିଃସନ୍ଦେହରେ କୁହାଯାଇ ପାରେ ।

ଏହା ବାଦ୍ ଛାତ୍ର ଛାତ୍ରୀମାନଙ୍କର ଉଚ୍ଛୃଙ୍ଖଳତାର ଅନ୍ୟ କାରଣଗୁଡ଼ିକ ହେଉଛି ନୈତିକ ଶିକ୍ଷାର ଅଭାବ, ବେକାରୀ ସମସ୍ୟା, ଅପସଂସ୍କୃତିର ପ୍ରବେଶ, ଆଧ୍ୟାତ୍ମିକ ଚେତନାର ଅଭାବ ଇତ୍ୟାଦି ।

ଏଣୁ ଏସବୁ ବିଷୟ ପ୍ରତି ସାମୂହିକ ଭାବେ ଆମେ ସମସ୍ତେ ସଚେତନ ହେବା ଆବଶ୍ୟକ । ତାହା ନହେଲେ ଦେଶ ତଥା ଜାତିର ଭବିଷ୍ୟତ ବୋଲି କୁହା ଯାଉଥିବା ଛାତ୍ର ଛାତ୍ରୀମାନଙ୍କୁ ଶୃଙ୍ଖଳିତ ଭାବେ ଗଢ଼ି ତୋଳିବା କେବେ ବି ସମ୍ଭବ ନୁହେଁ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଚାନ୍ଦବାଲି, ଭଦ୍ରକ,ମୋ: ୮୬୫୮୪୩୯୭୦୨

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ଦଇତାପତି ସେବାୟତ ଗିରଫ

**ପୁରୀ,୧୪/ଏନ୍ଏନ୍ଏସ୍:** ସୋସିଆଲ ମିଡିଆରେ ଅଶ୍ଳୀଳ ଫଟୋ ଓ ଭିଡ଼ିଓ ଫୁଟେଜ୍ ଭାଇରାଲ ଅଭିଯୋଗ ହୋଇଛି । ଆଉ ଅଭିଯୁକ୍ତ ଜଣଙ୍କ ହେଲେ ପୁରୀର ଯୁବ ଦଇତାପତି ସେବାୟତ ଶ୍ରଦ୍ଧାନନ୍ଦ ଦାସ ମହାପାତ୍ର । ସାଇବର ଥାନା ପୁଲିସ ଶ୍ରଦ୍ଧାନନ୍ଦଙ୍କୁ ଗିରଫକରି କୋର୍ଟଚାଲାଣ କରିଛି । ଏ ସମ୍ପର୍କରେ ସାଇବର୍ ଥାନାରେ ମାମଲା ରୁଜୁ ହୋଇଛି । ଏଥିସହ ଅଭିଯୁକ୍ତ ନିକଟରୁ ୨ଟି ମୋବାଇଲ ଫୋନ ଜବତ କରିଛି ପୁଲିସ ।

## ନୀଳମାଧବଙ୍କ ମନ୍ଦିରରେ ପାରମ୍ପରିକ ଦୟଣାଚୋରି ପର୍ବ

**କଣ୍ଟିଲୋ,୧୪/ଏନ୍ଏନ୍ଏସ୍:** ଚିରା ଚରିତ ପ୍ରଥା ତଥା ପ୍ରତ୍ୟେକ ନୀତିକାନ୍ତି ଓ ପାରମ୍ପରିକ ପୂଜା ବିଧି ଅନୁଯାୟୀ ପବିତ୍ର ଚୈତ୍ର ଶୁକ୍ଳ ତ୍ରୟୋଦଶୀ ବା 'ଅନଙ୍ଗ ତ୍ରୟୋଦଶୀ'ରେ ପ୍ରଭୁ ଶ୍ରୀନୀଳମାଧବ ଜିଉଙ୍କ ମନ୍ଦିରରେ ଦୟଣା ଚୋରି ନୀତି ଅନୁଷ୍ଠିତ ହୋଇଯାଇଛି । ସୂଚନାରୁ ପ୍ରକାଶ ଯେ, ଶ୍ରୀମନ୍ଦିରରେ ସଂଧ୍ୟା ଧୂପ ସମ୍ପନ୍ନ ହେବା ପରେ ଚଳନ୍ତି ପ୍ରତିମା ଶ୍ରୀରାମ ଏବଂ ଶ୍ରୀକୃଷ୍ଣ ଏବଂ ପୂର୍ବ ଅଧିବାସିତ କନ୍ଦର୍ପ ଦେବ ରତ୍ନସିଂହାସନକୁ ବିଜେ କରିଥିଲେ । ବଡ଼ବାଡ଼ ଶ୍ରୀବଳଭଦ୍ରଙ୍କ ଠାରୁ ଶ୍ରୀରାମଙ୍କ ପାଇଁ ଓ ମହାପ୍ରଭୁଙ୍କ ବାଡ଼ ଶ୍ରୀଜଗନ୍ନାଥଙ୍କ ଠାରୁ ଶ୍ରୀକୃଷ୍ଣ ଓ କାମଦେବଙ୍କ ପାଇଁ ଆଜ୍ଞାମାଳ ଆସିଥିଲା । ଆଜ୍ଞାମାଳ ପ୍ରାପ୍ତ ହେବା ପରେ ଦିଅଁମାନେ କଳ୍ପବଟ ସୁଦୃଶ୍ୟ ତଳେ ଥିବା ଚାନ୍ଦୁଆ, ଗଦି ଓ ମାଣ୍ଡି ପରିବେଷ୍ଟିତ ପାଲିଙ୍କିରେ ଜଗନ୍ନାଥ ବଲ୍ଲଭ ମଠ ସ୍ଥିତ ଉପବନକୁ ବିମାନବଡୁ ବିଜେ କରିଥିଲେ । ଏହି ସମୟରେ କନ୍ଦର୍ପ ପଟି ଆଗେ ଆଗେ ଯାଆନ୍ତି ଏବଂ ତାଙ୍କ ପଛରେ ଚଳନ୍ତି ବିଗ୍ରହମାନେ ବିଜେ କରିଥିଲେ । ପୂଜାପଣ୍ଡା ଦୟଣା ବୃକ୍ଷକୁ ପ୍ରାର୍ଥନା ପୂର୍ବକ ପୁଷ୍ପାଞ୍ଜଳି ଦେବାପରେ ୨୧ଟି ମୂଳଲଗା ଦୟଣା ଗଛ ଅଣାଯାଇ ୩ଟି ଥାଳିରେ ପୃଥକ୍ ପୃଥକ୍ ଭାବେ ୭ଟି ଲେଖାଏଁ ରଖାଯାଇ ବସ୍ତ୍ର ଦ୍ୱାରା ଆବୃତ୍ତ କରିଥିଲେ । ରାମକୃଷ୍ଣଙ୍କ ହାତରେ ମଧ ଦୁଇଟି ଦୟଣା ଗଛ ମହାପାତ୍ରଙ୍କ ଦ୍ୱାରା ଧରାଇ ଦିଆଯାଇଥିଲା । ଏହାପରେ ପୂଜାପଣ୍ଡା କାମଦେବଙ୍କୁ ବିସର୍ଜନ କରିଥିଲେ । ତା' ପରେ ମୁହଁରେ ବାଘମୁଖା ବାନ୍ଧି ଆଗେ ଆଗେ ଦୟଣା ଗଛ ଓ ପଛରେ ଦିଅଁମାନେ ପଟୁଆରରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିବା ସୂଚନା ବରିଷ୍ଠ ପୂଜକ ଶ୍ରବଣ ରାମ ମିଶ୍ରଙ୍କ ଠାରୁ ମିଳିଛି ।

## ଝାମୁଯାତ୍ରା ପାଇଁ ଟ୍ରାଫିକ୍ ଜାମ୍



**ନୟାହାଟ,୧୪/ଏନ୍ଏନ୍ଏସ୍:** ସବୁଆଡେ ରାସ୍ତା ଉଚ୍ଛେଦ ପରେ ସମ୍ପ୍ରସାରଣ ହେଉଥିବା ବେଳେ ପୁରୀ ଜିଲ୍ଲା ଗୋପ ତହସିଲ ଅନ୍ତର୍ଗତ ନୟାହାଟ ବଜାରରେ ଟ୍ରାଫିକ୍ ସମସ୍ୟା ଲାଗି ରହିଛି । ଏଥିନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାରେ ବିଳମ୍ବ କରାଯାଉଥିବାରୁ ମଙ୍ଗଳବାର ଚତୁର୍ଥ ପାଳି ଝାମୁଯାତ୍ରା ଦିନ ଅପରାହ୍ନ ୪ଟାରୁ ୫ଟା ଦୀର୍ଘ ଏକ ଘଣ୍ଟାଧରି ଟ୍ରାଫିକ ସମସ୍ୟା ଅଣାୟତ ହୋଇପଡ଼ିଥିଲା । ରାସ୍ତାରେ ଆମ୍ବୁଲାନ୍ସ ସମେତ ବହୁ କାର୍, ବାଇକ୍, ବସ୍, ଟ୍ରକ, ହାଇଓ୍ୱା ଅଟକି ରହିଥିଲା । ମା' ମଙ୍ଗଳାଙ୍କୁ ଦର୍ଶନ କରି ଫେରୁଥିବା ଭକ୍ତମାନେ ଖରାରେ ଛିଡ଼ାହୋଇ କଲବଲ ହେଉଥିବାବେଳେ ଖବର ପାଇ ନୟାହାଟ ଫାଣ୍ଡି ପୁଲିସ ପହଞ୍ଚି ଟ୍ରାଫିକ୍ ସମସ୍ୟା ଦୂର କରିଥିଲେ । ରାସ୍ତା ଉପରେ ଦୋକାନ ସହିତ ଅଟୋ ରଖାଯିବା ଫଳରେ ଟ୍ରାଫିକ ସମସ୍ୟା ସବୁଦିନ ସୃଷ୍ଟି ହେଉଥିବା ନୟାହାଟ ଅଞ୍ଚଳର ବୁଦ୍ଧିଜୀବୀ କହିଛନ୍ତି । ତେବେ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର ମୋହନ ବିଟି ଓ ସମ୍ପାଦକ କୃଷ୍ଣ ଚନ୍ଦ୍ର ବାରିକଙ୍କୁ ଏ ସମ୍ପର୍କରେ ପଚାରିବାରେ ସେମାନେ ତୁରନ୍ତ ରାସ୍ତା ଓସାର କରିବା ଜରୁରୀ ହୋଇପଡ଼ିଛି ବୋଲି ମତପ୍ରକାଶ କରିଥିଲେ ।

**ଲଙ୍କାପୋଡ଼ି ଯାତ୍ରାର ୬ଷ୍ଠ ଦିବସ**

## ପଞ୍ଚବଟିରୁ ସୀତା ହରଣ

**ଦଶପଲ୍ଲା,୧୪/ଏନ୍ଏନ୍ଏସ୍:** ଦଶପଲ୍ଲା ର ଐତିହାସିକ ଲଙ୍କାପୋଡି ଯାତ୍ରାର ଷଷ୍ଠ ଦିବସରେ ପଞ୍ଚବଟି ରୁ ସୀତାହରଣ ନାଟକ ମଞ୍ଚସ୍ଥ ହୋଇଯାଇଛି । ମାୟା ମୃଗ ମାରିଚ ମରିବା ପୂର୍ବରୁ ତ୍ରାହି ଲକ୍ଷ୍ମଣ, ତ୍ରାହି ଲକ୍ଷ୍ମଣ ଡାକ ଛାଡ଼େ । ଏହି ଡାକ ଶୁଣି ଶ୍ରୀରାମ ବିପଦରେ ପଡିଥିବା ସନ୍ଦେହକରି ସୀତା ଲକ୍ଷ୍ମଣଙ୍କୁ ବଣକୁ ପଠାନ୍ତି । ସୀତାଙ୍କ କଥା ରକ୍ଷାକରି ତିନୋଟି ଲକ୍ଷ୍ମଣ ରେଖା ଟାଣି ବଣକୁ ଚାଲିଯାଆନ୍ତି । ଏହାର ସୁଯୋଗ ନେଇ ରାବଣ ମାୟା ଋଷି ବେଶ ଧାରଣ କରି ସୀତାଙ୍କୁ ହରଣକରି ପୁଷ୍ପକ ବିମାନରେ ନେଇଯାଏ । ମାତ୍ର ଅଧାବାଟରେ ପକ୍ଷୀରାଜ ଜଟାୟୁ ରାବଣଙ୍କୁ ଆକ୍ରମଣ କରି ପରାସ୍ତ ହୁଏ । ରାବଣ ସୀତାଙ୍କୁ ନେଇ ଲଙ୍କାର ଅଶୋକ ବନରେ ରଖି ଅସୁରିମାନଙ୍କୁ ଜଗାଏ । ଏହିପରି ସୀତା ଚୋରି ନାଟକ ମୁଖ୍ୟ ମଞ୍ଚରେ ପରିବେଷଣ ହୋଇଥିବା ବେଳେ ମଞ୍ଚରେ ସୀତାଙ୍କ ପୂର୍ଣ୍ଣ କୁଟୀର ଅତ୍ୟନ୍ତ ମନୋହର ଦୃଶ୍ୟ ଦେଖିବାକୁ ମିଳିଥିଲା । ପରମ୍ପରା ଓ ବିଧି ମୁତାବକ ଦଶପଲ୍ଲା ରାଜଦାଣ୍ଡରେ ୩୫ଫୁଟ ଉଚ୍ଚତା ବିଶିଷ୍ଟ କାଷ୍ଠ ନିର୍ମିତ ରାବଣକୁ ଦଣ୍ଡାୟମାନ କରାଯାଏ । ଯାହାକୁ ଦେଖିବାକୁ ବହୁ ଜନସମାଗମ ହୋଇଥାଏ । ବିଶେଷ ଭାବେ ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ମୁଖ୍ୟ ଆକର୍ଷଣ କାଷ୍ଠ ନିର୍ମିତ ରାବଣ ଏବଂ ପୁଷ୍ପକ ବିମାନ ଆଜିଠାରୁ ଦେଖିବାକୁ ମିଳିଥାଏ, ଯାହାକି ମହାବୀର କ୍ଷେତ୍ରର ବଡ଼ଦାଣ୍ଡକୁ ଶୋଭାବର୍ଦ୍ଧନ କରିଥାଏ । ଏହାକୁ ଦେଖିବାକୁ ବହୁ ଜନସମାଗମ ହୋଇଥାଏ ।

## ପଶୁ ଡାକ୍ତରଙ୍କ ଘରୁ ଚୋରି

**ମାହାଙ୍ଗା,୧୪/ଏନ୍ଏନ୍ଏସ୍:** ମାହାଙ୍ଗା ଥାନା କୁମୁଡାଜୟପୁର ଫାଣ୍ଡି ଅଧୀନ କୁଣ୍ଡି ଗ୍ରାମରେ ରହୁଥିବା ପଶୁ ଡାକ୍ତର ବିଜୟ କୁମାର ବାରିକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ଗତକାଲି ୩୧ ତାରିଖ ମଙ୍ଗଳବାର ଦିବା ୪ଟା ସମୟରେ ପଶୁ ଡାକ୍ତର ବିଜୟ କୁମାର ବାରିକ ନିଜ ପରିବାର ସହ ଚଣ୍ଡିଖୋଲକୁ ତାଙ୍କ ବନ୍ଧୁଙ୍କ ଘରକୁ ଯାଇଥିଲେ । ସେ ଘରକୁ ପ୍ରାୟ ରାତ୍ର ୯ଟା ଫେରି ଦେଖନ୍ତି କି ତାଙ୍କ ଘରର କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଘରେ ଥିବା ଗଡ୍‌ରେଜ୍ ଭାଙ୍ଗି ସେଥିରେ ଥିବା ଏକ ହାର, ୩ଟି ଚେନ, ୧୦ଟି ମୁଦି ଓ ନଗଦ ୨୦ହଜାର ଟଙ୍କା ଚୋରି କରି ନେଇଥିବା ଦେଖିବାକୁ ପାଇଥିଲେ । ପରେ ବିଜୟ କୁମୁଡା ଜୟପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚାଲୁ ରଖିଛନ୍ତି । ଅଞ୍ଚଳରେ ପୁଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଚୋରମାନଙ୍କୁ ଧରିବା ପାଇଁ ଦାବି ହୋଇଛି ।

# ବିଭିନ୍ନ ସ୍ଥାନରେ ୯୧ତମ ଓଡ଼ିଶା ଦିବସ



**ନୟାଗଡ଼,୧୪/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ପ୍ରଶାସନ ଓ ଉତ୍କଳ ସମ୍ମିଳନୀ ନୟାଗଡ ଜିଲ୍ଲା ଶାଖାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନ ଠାରେ ଓଡିଶା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ବସିରିନି ବିବିଙ୍କ ସଭାପତିତ୍ୱରେ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ଇଞ୍ଜିନିୟର ଦେବାଶିଷ ପଟ୍ଟନାୟକ, ବିଶିଷ୍ଟ ଅତିଥି ଜିଲ୍ଲାପାଳ ମଧୁମିତା ରଥ, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସାମୟୀ ଆଚାର୍ଯ୍ୟ, ଓ ଆଲୋଚକ ଭାବେ ଶରତ ଚନ୍ଦ୍ର ଆଚାର୍ଯ୍ୟ, ମହମ୍ମଦ ଉମାର ମାଲିକ ଓ ହାଡ଼ିବନ୍ଧୁ ମହାଖୁଡ ପ୍ରମୁଖ ଉପସ୍ଥିତ ରହି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୃଷ୍ଠ ଭୂମି ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏହାକୁ କୁଇଜ୍ ମାଷ୍ଟର ଚନ୍ଦ୍ରବିଜୟୀ ମିଶ୍ର ପରିଚାଳନା କରିଥିଲେ ଓ ବିଜେତାଙ୍କୁ ଉତ୍କଳ ସମ୍ମିଳନୀ ନୟାଗଡ଼ ଶାଖା ପକ୍ଷରୁ ପୁରସ୍କୃତ କରାଯାଇଥିଲା । ସଭା ଆରମ୍ଭ ପୂର୍ବରୁ 'ମୁଁ ଓଡ଼ିଆ ଝିଅ' ନୃତ୍ୟ ପରିବେଷଣ କରିଥିଲେ ବରପଲ୍ଲୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ । ଅନୁଷ୍ଠାନର ସଂପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ପରିଶେଷରେ ଅନୁଷ୍ଠାନର ଉପସଭାପତି ଅରୁଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କବି ଗୋପୀନାଥ ସେଠୀ ଓ ଅଧ୍ୟାପିକା ନିଳୀମା ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୟାଗଡ଼ର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତି ରହିଥିଲେ । ଉତ୍କଳ ସମ୍ମିଳନୀ ନୟାଗଡ଼ ସଭ୍ୟ ଗୋକୁଳ ଷଡ଼ଙ୍ଗୀ, ପ୍ରଫୁଲ୍ଲ ନାୟକ, ପ୍ରଦୀପ ସାହୁ, ପ୍ରଭାସିନୀ ବରାଡ, ସୁଜାତା ତ୍ରିପାଠୀ, ମଣିମାଳା ପାଣିଗ୍ରାହୀ, ମମତାମଞ୍ଜରୀ ଦେବୀ, ଜ୍ଞାନପ୍ରକାଶ ବାରିକ, କାମାକ୍ଷା ପ୍ରସାଦ ଦାଶ, ଶ୍ରୀଧର ସାହୁ, ଉର୍ମିଳା ମିଶ୍ର, ସବିତା ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ ।

● **ତିଗିରିଆ:** ତିଗିରିଆ ସଦର ମହକୁମାରେ ଆଜି ଉତ୍କଳ ଦିବସ ଉପଲକ୍ଷେ ଯୁବ କଳା ବିକାଶ ପରିଷଦ ପକ୍ଷରୁ ଏକ ଗଣ ଦୌଡ଼ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଉକ୍ତ ପରିଷଦ ପକ୍ଷରୁ ଟାଉନ୍ କ୍ଲବ୍ ଠାରେ ଉତ୍କଳ ଦିବସ ପାଳନ ପୂର୍ବକ ଗଣଦୌଡ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ କୋର୍ଟର ସରକାରୀ ଓକିଲ ତଥା ତିଗିରିଆର ଆଇନଜୀବୀ ବିକ୍ରମ କେଶରୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଏହି ଗଣଦୌଡ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ବୁନୁ ବେହେରା ପ୍ରଥମ ସ୍ଥାନ, ଶୁଭେନ୍ଦୁ ମହାନ୍ତି ଦ୍ୱିତୀୟ ଓ ଶ୍ରୀପତି ବେହେରା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସମସ୍ତ ବିଜେତାଙ୍କୁ ସାର୍ଟିଫିକେଟ ଓ ଟ୍ରଫି ସହିତ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଏଥିରେ ଜୟନ୍ତ କୁମାର ସିଂ, ଅକ୍ଷୟ କଅଁର, ବ୍ରଜ ସୁନ୍ଦର ଦାସ, ଶ୍ରୀଧର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଆକୁଳ ବେହେରା, ଦୀପ୍ତି ରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ ।

● **ସାଲେପୁର:** ଉତ୍କଳ ଦିବସ ଅବସରରେ ଚଳଚଞ୍ଚଳ ହୋଇ ଉଠିଥିଲା



ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ମୁଖ୍ୟ ବିନ୍ଧାଣି ମଧୁସୂଦନ ଦାସଙ୍କ ଜନ୍ମପୀଠ ସାଲେପୁର ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁର । ବିଭିନ୍ନ ସଙ୍ଗଠନ, ଅନୁଷ୍ଠାନ, ରାଜନୈତିକ ଦଳ, ବ୍ୟକ୍ତି ବିଶେଷ ମାନେ ପହଞ୍ଚି ମଧୁବାବୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ସହିତ ଏବୁଡ଼ି ଶାଳ ବୁଲି ଦେଖିଥିଲେ ଯାହାକି ଜନ୍ମପୀଠ ଲୋକାରଣ୍ୟ ହୋଇଥିଲା । ଏହି ଅବସରରେ ଆଜି ଇତିଶା ଫାଉଣ୍ଡେସନ ଉପଦେଷ୍ଟା ଅନୁସୟା ମହାନ୍ତି ସାଲେପୁର ସ୍ଥିତ ସତ୍ୟଭାମାପୁର ପଞ୍ଚାୟତ ସ୍ଥିତ ମଧୁବାବୁଙ୍କ ଜନ୍ମପୀଠ ଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଆମର ସାଲେପୁର ମାଟିର ଗର୍ବ, ଗୌରବ ମଧୁସୂଦନ ଦାସଙ୍କ ଅଦମ୍ୟ ସଂଘର୍ଷ ଓ ବଳିଦାନ ଯୋଗୁଁ ଆଜି ଆମେ ଏକ ସ୍ୱତନ୍ତ୍ର ପରିଚୟ ନେଇ ଗର୍ବର ସହ ଠିଆ ହୋଇଛୁ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇତିଶା ଫାଉଣ୍ଡେସନର ପ୍ରତିଷ୍ଠାତା ଇତିଶ୍ରୀ ମିଶ୍ର, ଅଧକ୍ଷ ଶାସ୍ତ୍ରୀ ବାହାଦୁର ପ୍ରଧାନ, ନିର୍ମଳା ସିଂହ, ସାନ୍ଧ୍ୟରାଣୀ ସତପଥି, ରେଣୁବାଳା ରାଉତ, ଜାନକୀ କାଣ୍ଡି, ରୀନା ବରାଳ, ବିନତୀ ପ୍ରଧାନ, ଜିଜ୍ଞାଂଶୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

● **ଖୋର୍ଦ୍ଧା:** ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଗ୍ମା ପବ୍ଲିକ ସ୍କୁଲରେ ୯୦ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ସ୍କୁଲର ଅଧକ୍ଷା ମିତାଞ୍ଜଳି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ଚେୟାରମେନ ଶୁଭ୍ରାଂଶୁ ରଂଜନ ସାମନ୍ତରାୟ ଯୋଗଦେଇ ବରପୁତ୍ର ମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଓଡ଼ିଶା ଦିବସର ମହତ୍ୱ ଏବଂ ଭବିଷ୍ୟତରେ ମାତୃଭାଷାର ବ୍ୟବହାର ସୁରକ୍ଷା ଉପରେ ଉଦ୍‌ବୋଧନ ଦେଇଥିଲେ । ପରେ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀମାନେ ସମବେତ ସ୍ୱରରେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଛାତ୍ରଛାତ୍ରୀମାନେ ଓଡ଼ିଶା ରାଜ୍ୟ ଗଠନ ଦିଗରେ ଉଦ୍ୟମ କରିଥିବା ବରପୁତ୍ର ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ମହାତ୍ମା ଗାନ୍ଧୀ, ବୀର ସୁରେନ୍ଦ୍ର ସାଏ ବେଶରେ ସଜ୍ଜିତ ହୋଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ଭାଗନେଇ ସହର ପରିକ୍ରମା କରିଥିଲେ । ଜିଲ୍ଲାସ୍ତରୀୟ ଓଡ଼ିଶା ପର୍ବ ପାଳନ ଉତ୍ସବରେ ଆଇନ ତଥା ଅବକାରୀ ପୃଥ୍ୱୀରାଜ୍ ହରିଚନ୍ଦନ, ବିଧାୟକ ପ୍ରଶାନ୍ତ ଜଗଦେବ, ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

● **ଟାଙ୍ଗୀ:** ଓଡ଼ିଶା ଦିବସ ଅବସରରେ ଓଡ଼ିଶାର ଗର୍ବ ଗୌରବ ମଧୁସୂଦନ



ଦାସଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଉ ବୋଲି ଟାଙ୍ଗୀ ଚୌଦ୍ୱାର ମଧୁ ପ୍ରେମୀ ପକ୍ଷରୁ ଦାବି କରାଯାଇଛି । ଓଡ଼ିଶା ଦିବସ ଅବସରରେ ଟେଟ୍ରାହେଡନ୍ କଲେଜର ଅଧକ୍ଷ ତ୍ରୀଦେବ ବେହେରାଙ୍କ ନେତୃତ୍ୱରେ ଟାଙ୍ଗୀ ଚୌଦ୍ୱାର ଅଞ୍ଚଳ ଶତାଧିକ ମଧୁ ପ୍ରେମୀମାନେ ଟାଙ୍ଗୀ ଚୌଦ୍ୱାର ବ୍ଲକ ପରିସରରେ ଏକତ୍ରିତ ହହୋଇଥିଲେ । ପ୍ରଥମେ ବ୍ଲକ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମଲ୍ୟା ଅର୍ପଣ କରି ମଶାଲ୍ ଜାଳି ସତ୍ୟଭାମାପୁର ସ୍ଥିତ ମଧୁବାବୁ ପୀଠକୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା କରି ପହଞ୍ଚିଥିଲେ । ସେଠାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ କରିବାକୁ ଦାବି କରିବା ସହ ସେ ସ୍ଥାନରେ ଶିକ୍ଷାର ବିକାଶ ସହ ଏକ ଲ' କଲେଜ୍ ପ୍ରତିଷ୍ଠା କରାଯାଉ ବୋଲି ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଆକାଶ ପାତ୍ର, ଅମୂଲ୍ୟ କୁମାର ବେହୁରା, ବିଶ୍ୱରଞ୍ଜନ ସାହୁ, ହୃଷୀକେଶ ସାମଲ, ଚୌଧୁରୀ ମାନସ ସାହୁ, ବିଶ୍ୱଜିତ ଆଞ୍ଚଲ, ତ୍ରିନାଥ ମହାରଣା, ଜୟପ୍ରକାଶ ମହାନ୍ତି ଓ ରକ୍ଷ୍ୟାନନ୍ଦ ସ୍ୱାଇଁଙ୍କ ସମେତ ୧୫ ପଞ୍ଚାୟତର ମଧୁ ପ୍ରେମୀ ଯୋଗଦେଇଥିଲେ ।

● **ଚାରିଛକ:** ଉତ୍କଳ ଦିବସ ଅବସରରେ ପବିତ୍ର ପ୍ରାଚୀତଟ ପଦ୍ମସଂଭବ ପୀଠରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ପରିଚାଳନାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ମାର୍ଗଦର୍ଶନରେ ସାମୁହିକ ଭାବେ ବନ୍ଦେ ଉତ୍କଳ ଜନନୀ ଗାୟନ ସହ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଗାୟନ କରାଯାଇଥିଲା । ପରେ ପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରୀୟ ଗୀତ ଶ୍ରୀ ଗୀତ ଗୋବିନ୍ଦ ଗାୟନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ବୈଠକରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡଃ ନାରାୟଣ ଆଚାର୍ଯ୍ୟ, ବରିଷ୍ଠ ଐତିହାସିକ ଡଃ ସନ୍ତୋଷ କୁମାର ମିତ୍ର, ପ୍ରାଚୀମଣ୍ଡଳ ନାବାର୍ଡ କୃଷକ ମହାସଂଘର ସଭାପତି ରାଧାଶ୍ୟାମ ପ୍ରଧାନ ପ୍ରମୁଖ ପଣ୍ଡିତ ଶ୍ରୀ ମିଶ୍ରଙ୍କ ସହ ଉପସ୍ଥିତ ରହି ଉତ୍କଳ ଦିବସ ପାଳନର ଗୁରୁତ୍ୱ ବୁଝାଇଥିଲେ । ଓଡ଼ିଶାକୁ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନର କର୍ଣ୍ଣଧାର ତଥା କୋଣାର୍କକୁ ବିଶ୍ୱ ପରିଚୟ ପ୍ରଦାନ କରିବା ସହ ଶ୍ରୀ ମନ୍ଦିରକୁ ଇଂରେଜମାନଙ୍କ ଠାରୁ ଦୂରେଇ ରଖିବା ଭଳି ମହାନ କାର୍ଯ୍ୟ କରିଥିବା ଉତ୍କଳ ଗୌରବ ମଧୁ ବାବୁଙ୍କ ପ୍ରତିମୂର୍ତ୍ତି ଓଡ଼ିଶାର ପ୍ରତ୍ୟେକ ପର୍ଯ୍ୟଟନସ୍ଥଳୀ ବ୍ଲକ ଓ ପଞ୍ଚାୟତ ପରିଷଦରେ ସ୍ଥାପନ କରିବାର ଦାବି ରଖାଯାଇଥିଲା । ଏପରି କରାଗଲେ ଆମ ଭବିଷ୍ୟତ ପିଢି ଉତ୍କଳ ଦିବସ ପାଳନର ଗୁରୁତ୍ୱ ବୁଝିପାରିବେ ବୋଲି ପଣ୍ଡିତ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ ।

● **ଫୁଲନଖରା:** ମହିଧରପଡ଼ାସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ଓଡ଼ିଶା ଦିବସ ପାଳିତ ହୋଇଛି । ପରିଚାଳନା ନିର୍ଦ୍ଦେଶିକା ସରିତାଜୟନ୍ତୀ ଲେଙ୍କା, ଚେୟାରମ୍ୟାନ ଜ୍ୟୋତିରଞ୍ଜନ ଲେଙ୍କା ଓ ଅଧକ୍ଷ ମୀର ଅବଦୁଲ କଲିମ ଓଡ଼ିଶା ଦିବସରେ ଉତ୍କଳୀୟ ବରପୁତ୍ରଙ୍କ ସ୍ମୃତିଚାରଣ କରିଥିଲେ । ରାୟପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ଓଡ଼ିଶା ଦିବସରେ ପଣ୍ଡିତ ରବିନାରାୟଣ ପଣ୍ଡା, ମାନସରଞ୍ଜନ ପଣ୍ଡା, ପ୍ରଦୀପଚନ୍ଦ୍ର ପଣ୍ଡା, ଇଂ.ସନ୍ନ୍ୟାସୀ ପଣ୍ଡା ଓ ଚନ୍ଦ୍ରମଣି ପ୍ରଧାନ ଯୋଗଦେଇ ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଉତ୍କଳ ବନ୍ଦନା ଗାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ମନୋଜକୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବ୍ରାହ୍ମଣସରିଲୋଠାରେ ଥିବା ଆରାଧ୍ୟା କଲଚରାଲ ଏକାଡେ଼ମୀ ପକ୍ଷରୁ ଓଡ଼ିଶା ଦିବସ ସଭାପତି ସୁରେନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସନ୍ତୋଷ କୁମାର ଜେନା, ଅଜୟକୁମାର ପାତ୍ର, ନିର୍ମଳା ପାତ୍ର, ଦେବରାଜ ସାହୁ, ବିଭୁ ଦାସ, ଅଶ୍ୱିନୀ ମହାପାତ୍ର ଓ ଚନ୍ଦ୍ରମଣି ପ୍ରଧାନ ଯୋଗଦେଇଥିଲେ । ପ୍ରତାପକେଶରୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

● **ଖୋର୍ଦ୍ଧା:** ଓଡ଼ିଶା ଦିବସ ଉପଲକ୍ଷେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ସଂଘର ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀଙ୍କ ନେତୃତ୍ୱରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କୁ ଫଳ ବଣ୍ଟନ କରିବା ସହିତ, ସାମ୍ବାଦିକ ଭବନ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଅୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେପି ନେତା ନିକୁଞ୍ଜ କିଶୋର ପଟ୍ଟନାୟକ, ଭୁବନେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ମନ୍ମଥ କୁମାର ରାଉତରାୟ, କଂଗ୍ରେସ ନେତ୍ରୀ ସୋନାଲି ସାହୁ, ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘର ନବ ନିର୍ବାଚିତ ସଭାପତି ଲୋତକ ବିନ୍ଦୁ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଶ୍ୟାମ ପ୍ରସନ୍ନ ମିତ୍ର ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କୁ ଫଳ ବଣ୍ଟନ କରିବା ସହିତ, ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଶିବିରକୁ ସ୍ୱେଚ୍ଛାସେବୀ ଏବଂ ସଂଗଠକ ଶୁଭକାନ୍ତ ମହାପାତ୍ର ପରିଚାଳନା କରିଥିଲେ । ଅତିଥିମାନେ ସଂଘର ଏଭଳି ମହତ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ସଂଘ ପକ୍ଷରୁ କରାଯିବାକୁ ଥିବା ଏହିପରି ଜନହିତକର କାର୍ଯ୍ୟକ୍ରମ ଗୁଡିକରେ ନିଜକୁ ସାମିଲ କରିବେ ବୋଲି କହିଥିଲେ ।

● **ଆଠଗଡ଼:** ପଞ୍ଚାୟତ ସମିତି ସମ୍ମିଳନ କକ୍ଷଠାରେ ଆଜି ୯୦ତମ ଉପଖଣ୍ଡସ୍ତରୀୟ ଓଡିଶା ଦିବସ ସମାରୋହ ଉତ୍ସାହ ଓ ଗରିମାମୟ ପରିବେଶରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଆୟୋଜିତ କରାଯାଇଥିଲା । ସଭାରେ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ଶିଷ୍ଟାଚାର ଓ ଜାତିପ୍ରେମକୁ ଜୀବନର ମୂଳମନ୍ତ୍ର ଭାବେ ଅଙ୍ଗୀକାର କରି ଭବିଷ୍ୟତରେ ଆଠଗଡ଼ ଓ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା, ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ଏବଂ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ମହାନ୍ତି ଉପସ୍ଥିତ ଥିଲେ । ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ଡକ୍ଟର ନାରାୟଣ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ । ମୁଖ୍ୟ ବକ୍ତା ଡକ୍ଟର



ନାରାୟଣ ପଣ୍ଡା ନିଜ ଅଭିଭାଷଣରେ ଓଡ଼ିଆ ଜାତି ଓ ଓଡ଼ିଆ ସାହିତ୍ୟର ଐତିହାସିକ ପରିଚୟ ଉପସ୍ଥାପନ କରିଥିବା ସହିତ ଉତ୍କଳ ଦିବସ ସହ ସଂପୃକ୍ତ ବୀରମାନଙ୍କ ବୀରତ୍ୱ ଓ ତ୍ୟାଗର ପରାକାଷ୍ଠାକୁ ପ୍ରତିପାଦନ କରିଥିଲେ । ଓଡିଶା ଦିବସ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସଭାରେ ଆଠଗଡ଼ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧିମାନେ ସହ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ସୁଶ୍ରୀ ଶ୍ୱାଶ୍ୱତୀ ପାଢ଼ୀ ସୁଚାରୁ ଭାବେ ପରିଚାଳନା କରିଥିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସେହିଭଳି ବିଜୁ ଜନତା ଦଳ ପକ୍ଷରୁ ଅନୁରୂପ ଭାବେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ସୂର୍ଯ୍ୟଭବନ ଠାରେ ସଭାପତି ରବିନ୍ଦ୍ର ନାଥ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଉପସଭାପତି ନୃସିଂହ ଚରଣ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ ସୁନିଲ ପରିଡା, ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଶାନ୍ତିଲତା ବେହେରା, ବରିଷ୍ଠ ନେତା ରମେଶ ଚନ୍ଦ୍ର ଘଡେଇ, ଶିଶିର ପ୍ରସାଦ ମନସିଂହ ଓ ମହମ୍ମଦ ଖାଲିଦ ପ୍ରମୁଖ ଯୋଗଦେଇ ଓଡିଶା ଗଠନର ବିନ୍ଧାଣିମାନଙ୍କର ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ ।

● **କୋଣାର୍କ:** ଉତ୍କଳ ଦିବସ ଅବସରରେ କୋଣାର୍କ ଏନଏସ ପକ୍ଷରୁ ଉତ୍କଳ ଦିବସ ପାଳନ ପୂର୍ବକ ଅଧକ୍ଷା ସଂଯୁକ୍ତା ତ୍ରିପାଠୀଙ୍କ ନେତୃତ୍ୱରେ ଚନ୍ଦ୍ରଭଗା ସ୍ଥିତ ସ୍ୱର୍ଗତ ବିଜୁ ପଟନାୟକ ଓ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କୋଣାର୍କ ଭଗବତୀ ମହାବିଦ୍ୟାଳୟ ପରିସରରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପାଳନ କରିଥିଲେ । କୋଣାର୍କ ଏନ୍ଏସିର ୧୩ଗୋଟି ୱାର୍ଡରେ ଉତ୍କଳ ଦିବସ ସଚେତନତା ରଥ ପରିକ୍ରମା କରିବ । ଅନୁରୂପ ଭାବେ ଆଜି କୋଣାର୍କ ସରକାରୀ ବିଦ୍ୟାଳୟ, କୋଣାର୍କ ହାଇସ୍କୁଲ ସମେତ ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ନୂଆଗାଁ ଆର୍ତ୍ତତ୍ରାଣ ବିଦ୍ୟାପୀଠ, ସେଣ୍ଟ ଜାଭିୟର୍ ସ୍କୁଲ୍‌ରେ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି ।



## ଶ୍ରୀରାମ ନବମୀ ଯାତ୍ରାର ୬ଷ୍ଠ ସନ୍ଧ୍ୟାରେ ରାମ, ଲକ୍ଷ୍ମଣ ଓ ସୀତାଙ୍କ ବନବାସ

**ଓଡ଼ଗାଁ,୧୪/ଏନ୍ଏନ୍ଏସ୍:** ସ୍ୱର୍ଣ୍ଣ କଳସୀ କ୍ଷେତ୍ର ଓଡଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରାର ବୁଧବାର ଷଷ୍ଠ ସନ୍ଧ୍ୟାରେ ପ୍ରଭୁଙ୍କ ବନବାସ ବେଶ ଭକ୍ତମାନଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି କରିଥିଲା । ରାତିପାହିଲେ ରାମଙ୍କ ରାଜ୍ୟାଭିଷେକ ହେବବୋଲି ଖବରପାଇ ଅଯୋଧାର ନଗରବାସୀ ଖୁସିରେ ଆତ୍ମହରା ହୋଇ ସାଜସଜ୍ଜାରେ ଲାଗି ପଡ଼ିଥିଲେ ।କିନ୍ତୁ ରାତିପାହିବା ପୂର୍ବରୁ ରାମ, ଲକ୍ଷ୍ମଣ ଓ ସୀତାଙ୍କ ବନବାସ ଖବରପାଇ ଅଯୋଧାର ନରନାରୀ ମ୍ରିୟମାଣ ହୋଇ ପଡିଥିଲେ । ଠିକ୍ ସେହିପରି ଆଜି ଓଡ଼ଗାଁ ଅଯୋଧାର ଭ୍ରମ ସୃଷ୍ଟି କରିଥିଲା । ପିତା ଦଶରଥଙ୍କ ସତ୍ୟରକ୍ଷା ପାଳନ କରିବାକୁ ଯାଇ ପ୍ରଭୁ ଶ୍ରୀରାମ ରାଜ୍ୟ ଏବଂ ରାଜ ସିଂହାସନକୁ ତୁଚ୍ଛକରି ରାତିପାହିବା ପୂର୍ବରୁ ଅନୁଜ ଲକ୍ଷ୍ମଣ ଓ ମାତା ସୀତାଙ୍କୁ ସଙ୍ଗରେ ନେଇ ବନବାସରେ ବାହାରି ଯାଇଥିଲେ । ମର୍ଯ୍ୟଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ର ଦାନବ ସ୍ୱଭାବର ମୂଳୋତ୍ପାଟନ କରି ସତ୍ୟ, ଶାନ୍ତି ଓ ଧର୍ମର ସ୍ଥାପନାପାଇଁ ଏବଂ ସେ ନିଜେ ତାର ପ୍ରମାଣ ଦେବାପାଇଁ ସହାସ୍ୟ ବଦନରେ ବନବାସକୁ ବରଣ କରିଥିଲେ । ରାବଣ ନିଧନପାଇଁ କୈକେୟୀଙ୍କ ମାତୃତ୍ୱର ବଳିଦାନ ଇତିହାସ ନିଶ୍ଚୟ ମନେରଖିବ । ଭରତ ଠାରୁ ଅଧିକ ପ୍ରିୟ ରାମଙ୍କ ବନବାସର କାରଣ ସାଜି ନିନ୍ଦା ଅପନିନ୍ଦାର ପାତ୍ରୀ ହୋଇପଡ଼ିଥିବା କୈକେୟୀଙ୍କୁ ଭରତଙ୍କ ଠାରୁ ଭର୍ତ୍ସନା ଶୁଣିବାକୁ ପଡ଼ିଥିଲା । ରାମଚନ୍ଦ୍ରଙ୍କ ଅଯୋଧା ପ୍ରତ୍ୟାବର୍ତ୍ତନ ପରେ ପ୍ରିୟ ପୁତ୍ରକୁ ଦେଖି କୈକେୟୀଙ୍କ ଦୁଃଖ କିଛି ପରିମାଣରେ ଲାଘବ ହୋଇଥିଲା । ଅନ୍ତର୍ଯ୍ୟାମୀ ପ୍ରଭୁ ରାମଚନ୍ଦ୍ର ଏକଥା ଜାଣିଥିଲେ, ବୀରାଙ୍ଗନା ମା' କୈକେୟୀଙ୍କ ସହଯୋଗ ବିନା ରାବଣ ବଧ ଅସମ୍ଭବ । ତେଣୁ ଧର୍ମ ରକ୍ଷା ପାଇଁ ଜଣେ ମା' କିପରି ତା' ମାତୃତ୍ୱକୁ ମଧ ବାଜି ଲଗାଇପାରେ ଏବଂ ପିତାଙ୍କ ସମ୍ମାନ ରକ୍ଷାପାଇଁ ପୁତ୍ର କିପରି ତ୍ୟାଗ କରିପାରେ ତାହା ରାମାୟଣ କଥାବସ୍ତୁ ସୂଚାଇ ଦେଇଛି । ଏଠାରେ ସୂଚନାଯୋଗ୍ୟ ଯେ, ଓଡ଼ଗାଁରେ ପୂଜିତ ଦାରୁ ନିର୍ମିତ ରାମ, ଲକ୍ଷ୍ମଣ ବିଗ୍ରହଙ୍କ ଜଟାଜୁଟ ଓ ନିଶଦାଢ଼ି ଥିବାରୁ ମୂଳତଃ ପ୍ରଭୁଙ୍କର ବନବାସ କାଳର ପ୍ରତିମା ସବୁବେଳେ ପୂଜା ପାଉଥାନ୍ତି । ତେଣୁ ପ୍ରଭୁ ବନବାସ ବେଶରେ ଶ୍ରଦ୍ଧାଳୁଙ୍କୁ ସନ୍ଧ୍ୟାରେ ଦର୍ଶନ ଦେଇଥିଲେ । ଗୁରୁବାର ସନ୍ଧ୍ୟାରେ ପ୍ରଭୁଙ୍କର ସାଧାରଣ ବେଶ ଅନୁଷ୍ଠିତ ହେବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ଜଣାପଡ଼ିଛି ।



## ମୁଣ୍ଡମୁହାଣ ରାମଲୀଳାରେ ସୀତା ଚୋରି

**ମୁଣ୍ଡମୁହାଣ,୧୪/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ଐତିହାସିକ ରାମ ନାଟକର ୬ଷ୍ଠ ସନ୍ଧ୍ୟାରେ ରାମନାଟକ ସୀତା ଚୋରି ପରିବେଷିତ ହୋଇଥିଲା । ମହାପ୍ରତାପୀ, ମହାଜ୍ଞାନୀ ରାବଣ ସୀତାଙ୍କୁ ହରଣ ପାଇଁ ମାୟାଜାଲ ବିଛାଇଲେ । ପ୍ରଥମେ ମାୟାମୃଗ ଦ୍ୱାରା ମାତା ସୀତାଙ୍କୁ ଭ୍ରମିତ କରନ୍ତି, ସୀତା ମାୟା ମୃଗକୁ ଦେଖି ଖୁସି ହୁଅନ୍ତି ତାକୁ ଧରି ଆଣିବାକୁ ପ୍ରଭୁ ରାମଙ୍କୁ କୁହନ୍ତି, ପ୍ରଭୁ ମାୟା ମୃଗକୁ ଧରିବା ପାଇଁ ତା' ପଛରେ ଅନୁସରଣ କରନ୍ତି । ଏପଟେ ରାବଣ ଏକ ଯୋଗୀ ବେଶ ହୋଇ ମାତା ସୀତାଙ୍କୁ ହରଣ କରିନିଅନ୍ତି । ବିଭିନ୍ନ ଭୂମିକାରେ, ବିଜୟ ବାରିକ(ରାମ), ପ୍ରସନ୍ନ ପରିଡ଼ା (ସୀତା), ଶିବ ମଙ୍ଗରାଜ (ଲକ୍ଷ୍ମଣ), ରବୀନ୍ଦ୍ର ବାରିକ (ରାବଣ), ପ୍ରମୋଦ ମହାପାତ୍ର (ସୁପର୍ଣ୍ଣଖା), ରବୀନ୍ଦ୍ର ପ୍ରଧାନ (ଜଟାୟୁ), ସଞ୍ଜୟ ପରିଡ଼ା (ମନ୍ଦୋଦରୀ)ଙ୍କ ଅଭିନୟ ଏବଂ ରାମାୟଣର ଏହି କଥାବସ୍ତୁ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା ।

## ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ

**ବୋଲଗଡ଼,ବେଗୁନିଆ,୧୪/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳିସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଓଡ଼ିଆ ଅଧ୍ୟାପକ ରମାକାନ୍ତ ଓଝାଙ୍କର ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ଭାଗିରଥି ସାହୁ, ପରିଚାଳନା କମିଟି ବରିଷ୍ଠ ସଭ୍ୟ ଶିକ୍ଷାବିତ ରାଜକିଶୋର ବ୍ରହ୍ମା, ପ୍ରାକ୍ତନ ଅଧକ୍ଷ ଡ଼ଃ ତପନ କୁମାର ଜେନା ଓ ସାମ୍ବାଦିକ



ତ୍ରିଲୋଚନ ବାଘସିଂହ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଉଚ୍ଚବିଦ୍ୟାଳୟର ଅଧକ୍ଷ ରାମଚନ୍ଦ୍ର ଜେନା ସଭାପତିତ୍ୱ କରିଥିବା ବେଳେ ଓଡ଼ିଆ ବିଭାଗ ଅଧ୍ୟାପକ କେଦାରନାଥ ନାୟକ ଅତିଥି ପରିଚୟ କରିଥିଲେ । ଅଧ୍ୟାପକ ଭଗବାନ ଜେନା, ଅମୀୟବାଳା ନନ୍ଦ, ସମୀର ଚନ୍ଦ୍ର ଦାସ, ପ୍ରତାପ ଚନ୍ଦ୍ର ବେହେରା,ଅବଦୁଲ ବରଖ ଦୁଲ୍ଲା,ଗାୟତ୍ରୀ ଦାସ, ସର୍ବେଶ୍ୱର ସାହୁ, ଅନୁରାଧା ପ୍ରଧାନ ଓ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଅଧ୍ୟାପକ ରମାକାନ୍ତଙ୍କ ସମ୍ପର୍କରେ ବହୁ ଗୁଣଗାନ କରି ଜଗନ୍ନାଥଙ୍କ ନିକଟରେ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ ଯାପନ ନିମନ୍ତେ ପ୍ରାର୍ଥନା କରିଥିଲେ ।ପ୍ରାକ୍ତନ ଅଧକ୍ଷ ଡ଼ଃ ଜେନା ଯୋଗଦେଇ ନିଜର ଅଭାଷଣରେ ଉମାକାନ୍ତ ଓଝାଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ଅଧ୍ୟାପକ ସମୀର ଚନ୍ଦ୍ର ଦାସ ଅବସର ଅଧ୍ୟାପକଙ୍କର ଭୂୟସୀ ପ୍ରଶଂସା କରିବା ସହ ତାଙ୍କର ବୈପ୍ଳବିକ କାର୍ଯ୍ୟ ସମ୍ପର୍କରେ ଆହ୍ୱାନ ଦେଇଥିଲେ । ଏଥିରେ ବହୁ ଛାତ୍ରଛାତ୍ରୀ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟାପକଙ୍କ କାର୍ଯ୍ୟ ତଥା କାର୍ଯ୍ୟଶୈଳୀର ଅବତାରଣା କରିଥିଲେ । ପରିଶେଷରେ ଅଧ୍ୟାପକ ତ୍ରିଲୋଚନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୯୧ତମ ପୁଲିସ ପ୍ରତିଷ୍ଠା ଦିବସ

**ଖୋର୍ଦ୍ଧା,୧୪/ଏନ୍ଏନ୍ଏସ୍:** ୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଖୋର୍ଦ୍ଧା ତରତୁଆସ୍ଥିତ ରିଜର୍ଭ ପୋଲିସ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା ପତାକା ଉତ୍ତୋଳନ ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ବାର୍ତ୍ତା ପଠନ କରିଥିଲେ । ଏସ୍‌ପି କହିଲେ ଆଜିର ଦିବସ ଓଡିଶା ପାଇଁ ସ୍ମରଣୀୟ ଦିବସ । ଏପ୍ରିଲ ପହିଲାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଲାଭ କରିଥିଲା । ଏଥିସହିତ ସ୍ୱଳ୍ପ ସଂଖ୍ୟକ ବ୍ୟକ୍ତି ବିଶେଷଙ୍କୁ ନେଇ ପୋଲିସ ବାହିନୀ ଗଠନ ହୋଇଥିଲା । ଅପରାଧ, ଅରାଜକତା, ଆଇନ ଶୃଙ୍ଖଳା, ସାଧାରଣ ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି । ଏହି ଅବସରରେ ଉଲ୍ଲେଖନୀୟ ପୋଲିସ ସେବା ପାଇଁ ଏସ୍‌ଆଇ ସ୍ୱାଗତିକା ଦାସ, ଏଏସ୍‌ଆଇ ତପନ କୁମାର ପ୍ରଧାନ, ଏପିଆର ହାବିଲଦାର ଉମେଶ ପଟ୍ଟନାୟକ, କନେଷ୍ଟବଲ ସରିଫ ଖାନ, ସୁଧୀର ବଳିଆରସିଂହ ପ୍ରମୁଖ ଶ୍ରେଷ୍ଠତା ପାଇଁ ଏସ୍ପି ଶର୍ମା ମାନପତ୍ର, ଉପଢୌକନ ଓ ଅର୍ଥରାଶି ସହ ସମ୍ମାନିତ କରିଥିଲେ ।

ସବୁଠି ପାଳନ ହେଲା ଉତ୍କଳ ଦିବସ

# ‘ସମଗ୍ର ଭାରତରେ ଓଡ଼ିଶାର ପରିଚୟ ସ୍ୱତନ୍ତ୍ର’




**କେନ୍ଦୁଝର, ୧।୪/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ୯୧ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଲୋକସମ୍ପର୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଜାତିର ଅସ୍ମିତା ଓ ସଂସ୍କୃତିକୁ ବଜାୟ ରଖିବା ସହ ଏକ ବିକଶିତ ଓଡ଼ିଶା ଗଠନ ପାଇଁ ଶପଥ ନିଆଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆଙ୍କ ଦ୍ୱାରା ଏକ ଭବ୍ୟ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ଦରବାର ହଲ୍‌ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ସଭାରେ ଜିଲ୍ଲାପାଳ ବିଶାଲ ସିଂହ ଅଧକ୍ଷତା କରି କହିଥିଲେ ଯେ, ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବା ଆମର ସଂକଳ୍ପ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଥିଲେ ଯେ, ସମଗ୍ର ଭାରତବର୍ଷରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଆଗାମୀ ୧୧ ବର୍ଷ ମଧ୍ୟରେ ରାଜ୍ୟର ଜିଡିପିକୁ ୧୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବିଶେଷ କରି ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ସରକାର ସଂକଳ୍ପବଦ୍ଧ। ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଯୋଗଦେଇ ବରପୁତ୍ରମାନଙ୍କ ନିଷ୍ଠାକୁ ପାଥେୟ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମଦନଧର ମହାଳିକ, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି., ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଭା ଧନଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ କବିତା ପାଠୋତ୍ସବ ଓ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

■ **ବାଲେଶ୍ୱର:** ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ସହ ‘ଓଡ଼ିଆ ଭାଷା ପକ୍ଷ’ର ପ୍ରଥମ ଦିବସ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି। ସୂଚନା ମୁତାବକ, ପ୍ରାତଃ ୪.୩୦ ମିନିଟ୍‌ରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାଜ୍ୟ ସଙ୍ଗୀତ ‘ବନ୍ଦେ ଉତ୍କଳ ଜନନୀ’ ପରିବେଷଣ କରାଯାଇ ସହର ପରିକ୍ରମା କରାଯାଇଥିଲା। ପରେ ସକାଳ ୮ଟା ୩୦ରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା, ଯାହାକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ମିଶନ ଶକ୍ତି ସଦସ୍ୟା ଏବଂ ପ୍ରଶାସନିକ ଅଧିକାରୀମାନେ ସାମିଲ ହୋଇଥିଲେ। ପୂର୍ବାହ୍ନ ୯ଟାରେ ଓଡ଼ିଶା ସରକାରଙ୍କ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିବା ସହ ଫଟୋ ପ୍ରଦର୍ଶନୀ ଓ ଜୀବନ୍ତ ଚିତ୍ରକଳା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପରେ ଆୟୋଜିତ ସାଧାରଣ ସଭାରେ ମନ୍ତ୍ରୀ ଶ୍ରୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ-ଜିଲ୍ଲାପାଳ ଶିବ ମାଳବ୍ୟ, ଅତିରିକ୍ତ ଜିଲ୍ଲାପାଳବୃନ୍ଦ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ମଞ୍ଚାସୀନ ଥିଲେ।



ଅତିଥିମାନେ ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ‘ବନ୍ଦେ ଉତ୍କଳ ଜନନୀ’ ଓ ‘ବନ୍ଦେ ମାତରମ’ ପରିବେଷଣ କରାଯାଇଥିଲା। ବକ୍ତାମାନେ ଓଡ଼ିଶାର ଐତିହ୍ୟ ଓ ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଜୀବନ୍ତ ଚିତ୍ରକଳାରେ ବାଦଲ ନାୟକ ଶ୍ରେଷ୍ଠ ଚିତ୍ରକାର ଭାବେ ଚୟନିତ ହୋଇଥିଲେ। ସାଧାରଣ ସଭାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରିୟଦର୍ଶୀ ରାଜେଶ ପରିଚାଳନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ପରିଚାଳନା କରିଥିଲେ।




■ **ଖଇରା:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଶିକ୍ଷକ ଭବନ ପରିସରରେ ‘ଖଇରା ବରିଷ୍ଠ ନାଗରିକ ମଞ୍ଚ’ ଆନୁକୂଲ୍ୟରେ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି। ମଞ୍ଚର ସ୍ଥାୟୀ ସଭାପତି ଶରତ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ବରପୁତ୍ରମାନଙ୍କ ସ୍ମୃତି ଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଇରା ବିଡିଓ ନାରାୟଣ ସାହୁ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ ଏବଂ ଅନ୍ତର୍ଯ୍ୟାମୀ ପାତ୍ର ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ବରପୁତ୍ରମାନଙ୍କ ବଳିଦାନକୁ ମନେ ପକାଇବା ସହ ନିଜକୁ ସ୍ୱାଭିମାନୀ ଓଡ଼ିଆ ଭାବେ ଗଢ଼ିତୋଳିଲେ ହିଁ ଏହି ଦିବସ ପାଳନର ସାର୍ଥକତା ମିଳିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭା ପୂର୍ବରୁ ବ୍ଲକ ପରିସରରେ ଥିବା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ସମେତ ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ବିଡିଓଙ୍କ ଜନ୍ମଦିନ ଏବଂ ସଭାପତି ଶରତ ବିଶ୍ୱାଳଙ୍କୁ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ଶତପଥି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ରଘୁନାଥ ପତ୍ରୀ ମଞ୍ଚ ଆହ୍ୱାନ କରିଥିଲେ। ବୁଦ୍ଧିରାମ ପାଣିଗ୍ରାହୀ ଓ ନାରାୟଣ ପେଡା ଅତିଥି ପରିଚୟ ପ୍ରଦାନ କରିଥିଲେ। କିଶୋର ରାଉତଙ୍କ ଦ୍ୱାରା ‘ବନ୍ଦେ ଉତ୍କଳ ଜନନୀ’ ଗାନ କରାଯାଇଥିବା ବେଳେ ଅନାମ ଚରଣ ପଣ୍ଡା, ମହେନ୍ଦ୍ର ପ୍ରସାଦ କବି ଏବଂ ଅରୁଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ନାରାୟଣ ପେଡା ଧନ୍ୟବାଦ ଅର୍ପଣ କରିଥିଲେ।



■ **ସୋର:** ସ୍ଥାନୀୟ ସୋରସ୍ଥିତ କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପବିତ୍ର ରାମନବମୀ ତଥା ବିଦ୍ୟାରମ୍ଭ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଇରମ ସହିଦ୍ ମେମୋରିଆଲ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ କଟଚନ୍ଦ୍ର ବେହେରା ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶ୍ରୀ ବେହେରା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ରମାନଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସଭାପତି ତଥା ଅବସରପ୍ରାପ୍ତ ବି.ଇ.ଡି. କଲେଜ ଅଧ୍ୟକ୍ଷ ଭାଗିରଥି ସାହୁ ଉତ୍କଳର ମାହାତ୍ମ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ବିଦ୍ୟାରମ୍ଭ ଦିବସ ଉପଲକ୍ଷେ ବିଦ୍ୟାଳୟ ପରିସରରେ ଯଜ୍ଞାନୁଷ୍ଠାନ କରାଯିବା ସହ ଅଭିଭାବିକାମାନଙ୍କ ଦ୍ୱାରା ଏକ ଭବ୍ୟ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ଖଗେଶ୍ୱର ସ୍ୱାଇଁ ଏବଂ କୋଷାଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଚାର୍ଯ୍ୟା ଆଶାମଣି ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ତାପସ ରଞ୍ଜନ ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଅଭିଭାବକ ସାମିଲ ହୋଇଥିଲେ।

## ଅଖଣ୍ଡ ଓଡ଼ିଶାକୁ ବିଖଣ୍ଡିତ କରିବା ପ୍ରୟାସ ସଫଳ ହେବାକୁ ଦିଆଯିବନି: ବିଜେଡି

**ବାରିପଦା, ୧।୪/ଏନ୍ଏନ୍ଏସ୍:** ସ୍ଥାନୀୟ ବିଜୁ ଭବନଠାରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସାଧାରଣ ସଭାରେ ଓଡ଼ିଶାର ଅଖଣ୍ଡତା ଏବଂ ସ୍ୱାଭିମାନ ରକ୍ଷା ପାଇଁ ସଂକଳ୍ପ ନିଆଯାଇଛି। ଏହି ଅବସରରେ ‘ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ୮୯ ବର୍ଷର ଯାତ୍ରା’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଭାରେ ବିଜେଡି ନେତୃବୃନ୍ଦ ଅଭିଯୋଗ କରିଛନ୍ତି ଯେ, ମଜଭୁତ ଓଡ଼ିଶାକୁ ଖଣ୍ଡ ବିଖଣ୍ଡିତ କରିବା ପାଇଁ ବିଜେପି ପକ୍ଷରୁ ହୀନ ପ୍ରୟାସ କରାଯାଉଛି। ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପଡ଼ୋଶୀ ରାଜ୍ୟଗୁଡ଼ିକ ନିଜର ଆଧିପତ୍ୟ ବିସ୍ତାର କରୁଥିବା ବେଳେ ବିଜେପି ସରକାର ଚୁପ୍ ହୋଇ ବସିଛନ୍ତି। ଏଥିସହ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅପମାନଜନକ ମନ୍ତବ୍ୟକୁ ଦଳ ତୀବ୍ର ନିନ୍ଦା କରିଛି। ନିର୍ବାଚନ ପୂର୍ବରୁ ‘ଓଡ଼ିଆ ଅସ୍ମିତା’ କଥା କହୁଥିବା ବିଜେପି ଏବେ ଓଡ଼ିଆ ଜାତିର ସ୍ୱାଭିମାନକୁ ଆଘାତ ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ କୌଣସି ପ୍ରତିକ୍ରିୟା ନଦେବା ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ମୟୂରଭଞ୍ଜ-୨ ସଭାପତି ଡା. ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ଉପ-ନଗରପାଳ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୁବ ସଭାପତି ଅରୁଣ ବରାଡ଼, ମହିଳା ସଭାପତି ଦୀପ୍ତିଲତା ମିଶ୍ର, ଛାତ୍ର ସଭାପତି ସୁନୀଲ ନାୟକ, ଅନନ୍ତ ଦାସ, ଦେବିଦତ୍ତ ଦାସ, ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ, ସରୋଜ ବୋଷ, ଦର୍ପ ନାରାୟଣ ପାଳ ଏବଂ ସମାଜସେବୀ ଅମର ସେଠୀଙ୍କ ସମେତ ବହୁ ସଂଖ୍ୟାରେ ୱାର୍ଡ କାଉନସିଲର ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଲଙ୍ଗଳେଶ୍ୱର ଶୈବପୀଠର ବିକାଶ ପାଇଁ ୨୫ କୋଟିର ଅନୁଦାନ ଦାବି

**ବାଲେଶ୍ୱର, ୧।୪/ଏନ୍ଏନ୍ଏସ୍:** ଉତ୍ତର ବାଲେଶ୍ୱର ତଥା ବସ୍ତା ନିର୍ବାଚନ ମଣ୍ଡଳୀର ପ୍ରସିଦ୍ଧ ଶୈବପୀଠ ବାବା ଲଙ୍ଗଳେଶ୍ୱର ମନ୍ଦିରର ସମନ୍ୱିତ ବିକାଶ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରାଚୀନ ପୀଠକୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢ଼ି ତୋଳିବା ନେଇ ବସ୍ତା ବିଧାୟିକା ସୁବାସିନୀ ଜେନା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସାକ୍ଷାତକାର ସମୟରେ ବିଧାୟିକା ଶ୍ରୀମତୀ ଜେନା ଲଙ୍ଗଳେଶ୍ୱର ପୀଠର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପୁରାତନ ମନ୍ଦିରର ସୁରକ୍ଷା, ସ୍ଥାୟୀତ୍ୱ ଏବଂ ଏହାର ଅଖଣ୍ଡତାକୁ ବଜାୟ ରଖିବା ସହିତ ନୂତନ ଭାବେ ନବୀକରଣ କାର୍ଯ୍ୟ କରିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି। ବିଶେଷ କରି ମନ୍ଦିର ପାର୍ଶ୍ୱବର୍ତ୍ତୀ ପାର୍ବତୀ ନଦୀକୂଳର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ କରି ସମଗ୍ର ଅଞ୍ଚଳକୁ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣୀୟ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ମନ୍ଦିରର ସାମଗ୍ରିକ ଉନ୍ନତି ଓ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ୨୫ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଘୋଷଣା କରିବାକୁ ବିଧାୟିକା ଦାବି କରିଥିଲେ।

## ଭୂୟାଁ ରୋଇଡ଼ା ବାବା ରାମେଶ୍ୱର ଶିବମନ୍ଦିରର ବାର୍ଷିକ ଉତ୍ସବ

**ଯୋଡ଼ା, ୧।୪/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଭୂୟାଁ ରୋଇଡ଼ା ପଞ୍ଚାୟତସ୍ଥିତ ବାବା ରାମେଶ୍ୱର ଶିବ ମନ୍ଦିରର ୧୭ତମ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଆରମ୍ଭ ହୋଇଛି। ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ତିନି ଦିନ ଧରି ଚାଲିବ ବୋଲି ମନ୍ଦିର ସେବାୟତ ବୃନ୍ଦ ସୂଚନା ଦେଇଛନ୍ତି। ସ୍ୱର୍ଗତ ବିଶ୍ୱନାଥ ପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବୁଧବାର ପ୍ରାତଃ ସମୟରେ ସ୍ଥାନୀୟ ସରପଞ୍ଚ ତୁଳସୀ ବଳଙ୍ଗାଙ୍କ ନେତୃତ୍ୱରେ ଏକ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧୦୮ ଜଣ ମହିଳା ଶ୍ରଦ୍ଧାଳୁ ସୁନା ନଦୀରୁ ଜଳ ଉଠାଇ ମନ୍ତ୍ରୋଚାରଣ ପୂର୍ବକ ଶୋଭାଯାତ୍ରାରେ ଆସି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଏହାପରେ ଯଜ୍ଞ ମଣ୍ଡପରେ ଜଳପୂର୍ଣ୍ଣ କଳସ ସ୍ଥାପନ କରାଯାଇ ମାଙ୍ଗଳିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସନାତନ ପାତ୍ର ଓ ଗୀତା ପାତ୍ର କର୍ତ୍ତା ଭାବେ ଯଜ୍ଞରେ ବସି ପୂଜାର୍ଚ୍ଚନା କରିଥିଲେ। ମନ୍ଦିରର ମୁଖ୍ୟ ସେବାୟତ ପର୍ଶୁରାମ ପଣ୍ଡାଙ୍କ ସମେତ ସେବାୟତ ପରମେଶ୍ୱର ପଣ୍ଡା, ଦୁର୍ଯ୍ୟୋଧନ ପଣ୍ଡା, ଅମିତାଭ ପଣ୍ଡା, ଏକାଦଶୀ ପଣ୍ଡା, କ୍ଷୀରୋଦ କୁମାର ପତି ଏବଂ ରଞ୍ଜିତ ତ୍ରିପାଠୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହି ତିନି ଦିନ ମଧ୍ୟରେ ଅଙ୍କୁରାରୋପଣ, ସୂର୍ଯ୍ୟ ପୂଜା, ଗୋ-ପୂଜା, ଅଗ୍ନି ସ୍ଥାପନ, ରୁଦ୍ରାଷ୍ଟାଧ୍ୟାୟୀ ପାଠ, ଶିବ ସହସ୍ର ନାମ ଆହୁତି ଏବଂ ଚଣ୍ଡୀ ପାଠ ଆଦି କରାଯାଇଛି। ଆସନ୍ତା ଗୁରୁବାର ଦିନ ପୂର୍ଣ୍ଣାହୁତି ସହ ଉତ୍ସବ ଉଦ୍‌ଯାପିତ ହେବ। ସ୍ଥାନୀୟ ସମାଜସେବୀ ସଞ୍ଜୟ ପାତ୍ର ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଥିବା ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

## ମହିଳା ସୁରକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ବାରିପଦା, ୧।୪/ଏନ୍ଏନ୍ଏସ୍:** ସ୍ଥାନୀୟ ବାରିପଦା ସହରରେ ‘ନିସ୍ୱାର୍ଥ ସେବା ସଂଗଠନ’ ପକ୍ଷରୁ ମହିଳାମାନଙ୍କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସଚେତନତାକୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିଳାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟରକ୍ଷା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୟୂରଭଞ୍ଜ କିନ୍ନର ମହାସଂଘର ଜିଲ୍ଲା ସଭାପତି ମନିଷା ସାଓ, ୧ ନଂ ୱାର୍ଡ କାଉନସିଲର ସୁକେସେନି ସେଠୀ, ସାଇ ହସ୍ପିଟାଲର ମ୍ୟାନେଜିଂ ଡାଇରେକ୍ଟର ଡାକ୍ତର ଅଞ୍ଜଳି ପଣ୍ଡା ଏବଂ ଶିକ୍ଷାବିତ ସମରେନ୍ଦ୍ର କୁମାର ବସା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତିକରଣ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଉପସ୍ଥିତ ମହିଳାମାନଙ୍କୁ ସଂଗଠନ ପକ୍ଷରୁ ସାନିଟାରୀ ପ୍ୟାଡ୍ ବଣ୍ଟନ କରାଯାଇଥିଲା।



**AFFIDAVIT**

By virtue of an affidavit sworn before the Executive Magistrate, Kanika on dated 20.03.2026 I, Soumyaranjan Senapati S/o- Sushanta Kumar Senapati permanent resident of Village/P.O.- Baruna, P.S.- Rajkanika, Dist.- Kendrapara, Pin- 754227 declare that I have changed my name from Mantu Senapati (DOB - 08.03.2004) to Soumyaranjan Senapati (DOB - 16.04.2005). Henceforth, I shall be known as SOUMYARANJAN SENAPATI for all purposes.

Sd/- Soumyaranjan Senapati

**AFFIDAVIT**

I KISHORE KASHINATH MUDULI, S/o Kashinath Muduli, Resident of At-Kuapada, PO-Rasulpur, PS-Kakatpur, Dist:Puri, Pin-752119, Odisha declare by this Affidavit No.-15AA 290443, Dated-01.04.2026, that now onwards I shall be known as **KISHOR MUDULI** for all future purposes.

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ପକ୍ଷରୁ କାର୍ଯ୍ୟ କରୁଥିବା ମୁଖ୍ୟ ପ୍ରକଳ୍ପ ପରିଚାଳକ (GSU), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ଖୋଲା ଟେଣ୍ଡର ବିରୁଦ୍ଧରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି। **ଟେଣ୍ଡର ନୋଟିସ ନମ୍ବର: CKP GSU-FENCING -26-27-1; କାର୍ଯ୍ୟର ନାମ:** ‘ଥାତୁ ବିମ୍ କ୍ରାସ୍ ବାରିଅର୍ ଦ୍ୱାରା ଟ୍ରାକ୍ ସହିତ ସୁରକ୍ଷା ବାଡ଼ ପ୍ରଦାନ, ସ୍ଥିର ନଟ୍ ବାଡ଼ ବେଡିନାଲ୍-2000, କିମି 233.880 ରୁ 515.117 (281.237 Trkm.-(-) 13.57 Tkm (i) ବଣ୍ଡାମୁଣ୍ଡା A କ୍ୟାବିନ୍ ରୁ D କ୍ୟାବିନ୍ ଏବଂ ବଣ୍ଡାମୁଣ୍ଡା A 4.25 Tkm) (ii) ଛୋନାରାନ୍-ଛୋଗ୍ରା (5.0Tkm) (iii) ବାରଦେହି-ଧୁତରା (4.32 Tkm) ଆସନବୋନି ହାଟଗୁରୁଡ଼ା ଷ୍ଟେସନ ମଧ୍ୟରେ’; **ଟେଣ୍ଡର ମୂଲ୍ୟ :** 193,55,34,078.71; **ଇଏମଡି :** 3,87,10,700.00; **ଟେଣ୍ଡର ଫର୍ମର ମୂଲ୍ୟ :** 0.00; **ଖୋଲିବାର ତାରିଖ:** 24/04/2026; **ସମାପ୍ତିର ଅବଧି :** 12 ମାସ; ଟେଣ୍ଡର ସମ୍ପର୍କିତ ସବିଶେଷ ତଥ୍ୟ http://www.ireps/gov.in ୱେବସାଇଟ୍ ରେ ଦେଖାଯାଇପାରିବ। ଟେଣ୍ଡରଦାତା / ବିଡରମାନଙ୍କର ଶ୍ରେଣୀ-ବିହୀନ ଡିଜିଟାଲ୍ ସ୍ୱାକ୍ଷର ପ୍ରମାଣପତ୍ର ରହିବା ଆବଶ୍ୟକ ଏବଂ IREPS ପୋର୍ଟାଲରେ ପଞ୍ଜିକୃତ ହେବା ଆବଶ୍ୟକ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଗୋଟିଏ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜ ଅପଲୋଡ୍ କରିବାକୁ ପଡ଼ିବ। ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବ ଅନୁମତିପ୍ରାପ୍ତ ନୁହେଁ, ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ। **ବିଃଦ୍ରଃ :** ସମସ୍ତ ଟେଣ୍ଡର ଦାତାଙ୍କୁ ଇ-ଟେଣ୍ଡର ଫର୍ମ ମାଗଣାରେ ଜାରି କରାଯିବ। (କର୍ତ୍ତୃପକ୍ଷ-ରାଘ୍ୟବିଭିଙ୍କ ଚିଠି ସଂଖ୍ୟା 2020/CEI/CT/3E/GCC/Policy dtd. 16.07.2020)। (PR-01)

## ବିଦ୍ୟୁତ୍ ସେବାରୁ ବଞ୍ଚିତ ପୋଡ଼ାଙ୍ଗ ପଞ୍ଚାୟତର ୪ ଗାଁ

**ତେଲକୋଇ, ୧।୪/ଏନ୍ଏନ୍ଏସ୍:** ସରକାରୀ ସ୍ତରରେ ‘ବିକଶିତ ଓଡ଼ିଶା’ ଗଠନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର କେତେକ ଅଞ୍ଚଳରେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ସ୍ୱାଧୀନତାର ୭୫ ବର୍ଷ ପରେ ବି ପୋଡାଙ୍ଗ ପଞ୍ଚାୟତର ୪ଟି ଗ୍ରାମ ଏବେ ବି ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଛନ୍ତି। ଫଳରେ ଏହି ଅଞ୍ଚଳର ବାସିନ୍ଦାଙ୍କ ପାଇଁ ଡିଜିଟାଲ୍ ଇଣ୍ଡିଆ ଏକ ‘ସାତ ସପନ’ ପାଲଟିଛି। ପୋଡ଼ାଙ୍ଗ ପଞ୍ଚାୟତ ଅନ୍ତର୍ଗତ ରାଙ୍କୀ, ଓଡ଼ଣା, ଟେଣ୍ଟେଇ ନାଳୀ ଓ ସାଙ୍କୋଇ ଗ୍ରାମରେ ଶତାଧିକ ପରିବାର ବସବାସ କରନ୍ତି। ରାଙ୍କୀରେ ୫୦, ଓଡ଼ଣାରେ ୨୫, ଟେଣ୍ଟେଇ ନାଳୀରେ ୧୦୦ ଏବଂ ସାଙ୍କୁଇରେ ୭୦ରୁ ଅଧିକ ପରିବାର ରହୁଛନ୍ତି, ଯେଉଁମାନଙ୍କ ମଧ୍ୟରେ ଅଧିକାଂଶ ଆଦିବାସୀ ଓ ଜୁଆଙ୍ଗ ଜନଜାତିର। ବିଶେଷ କରି ପର୍ଯ୍ୟଟନ ପାଇଁ ପରିଚିତ ଟେଣ୍ଟେଇ ନାଳୀ ଭଳି ଗ୍ରାମରେ ମଧ୍ୟ ବିଦ୍ୟୁତ୍ ପହଞ୍ଚି ନପାରିବା ସରକାରୀ ଯୋଜନାର ବିଫଳତାକୁ ଦର୍ଶାଉଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବ ସରକାର ସମୟରେ କେବଳ ସୋଲାର ଲାଇଟ୍ ଯୋଗାଇ ଦିଆଯାଇଥିଲା, ଯାହା ଏବେ ସମ୍ପୂର୍ଣ୍ଣ ଅଚଳ ହୋଇ ଘର କୋଣରେ ପଡ଼ିରହିଛି। ଜଙ୍ଗଲୀ ଜନ୍ତୁ ଓ ସରୀସୃପଙ୍କ ଭୟରେ ସଞ୍ଜ ହେବା ମାତ୍ରେ ଲୋକେ ତାଟି କବାଟ ପକାଇ ଘର ଭିତରେ ରହିବାକୁ ବାଧ୍ୟ ହେଉଛନ୍ତି। ଅନ୍ଧାର ଦୂର କରିବା ପାଇଁ ‘ନିଆଁଖୁଣ୍ଟା’ ହିଁ ସେମାନଙ୍କର ଏକମାତ୍ର ସାହାରା ପାଲଟିଛି। ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଦାବି ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ତେବେ ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ଏବେ ଗ୍ରାମବାସୀଙ୍କ ମନରେ ନୂଆ ଆଶା ସଞ୍ଚାର ହୋଇଛି। ସ୍ଥାନୀୟ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିବାରୁ, ଉକ୍ତ ୪ଟି ଗ୍ରାମକୁ ଖୁବ୍ ଶୀଘ୍ର ବିଦ୍ୟୁତ୍ ସଂଯୋଗ ମିଳିବ ବୋଲି ଲୋକେ ଆଶା ବାନ୍ଧିଛନ୍ତି। ବିଧାୟକ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଜୋରଦାର ଦାବି କରିଛନ୍ତି।



## ‘ସାମ୍ବାଦିକତା ବୃତ୍ତିରେ ସ୍ୱାଭିମାନ ରକ୍ଷା ଉପରେ ଗୁରୁତ୍ୱ’

**ଧାମନଗର, ୧।୪/ଏନ୍ଏନ୍ଏସ୍:** ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଅନ୍ୟତମ ପୁରାତନ ସାମ୍ବାଦିକ ସଂଗଠନ ‘ଧାମନଗର ପ୍ରେସ କ୍ଲବ’ର ପ୍ରତିଷ୍ଠା ଦିବସ ପବିତ୍ର ଉତ୍କଳ ଦିବସ ଅବସରରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି କିଷାନ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଂଗଠନର ବହୁ ସଦସ୍ୟ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ବକ୍ତାମାନେ ସାମ୍ବାଦିକତା ବୃତ୍ତିରେ ସ୍ୱାଭିମାନ ବଜାୟ ରଖିବା ସହ ସ୍ୱନକ୍ଷତ୍ର ଦିବସକୁ ‘ଆତ୍ମ ସମୀକ୍ଷାର ଦିନ’ ଭାବେ ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ପ୍ରତିଷ୍ଠାତାମାନଙ୍କୁ ଶ୍ରଦ୍ଧାର ସହ ସ୍ମରଣ କରାଯାଇ ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଉତ୍ସବରେ ଉପଦେଷ୍ଟା ଅନିଲ କୁମାର ବାରିକ, ଅଭିମନ୍ୟୁ ମଲ୍ଲିକ, ପୂର୍ବତନ ସଭାପତି ବୈକୁଣ୍ଠ ନାଥ ସାହୁ, ପୂର୍ବତନ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, ବରିଷ୍ଠ ସାମ୍ବାଦିକ ମନୋଜ ଦାସ, ସୁଧାକର ଦାଶ, ପ୍ରମୋଦ ସ୍ୱାଇଁ, ଦେବେନ୍ଦ୍ର ଆଦିଆ, କୁଳମଣି ବେହେରା, ସଞ୍ଜୀବ ମହାନ୍ତି, ତାପସ ରଞ୍ଜନ ସାହୁ, ବିଶ୍ୱଜିତ ପଲାଇ ଏବଂ ଅରଜିତ ରାଉଳ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ଜେନା ସଭା ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ ସରୋଜ କୁମାର ସେଠୀ ସ୍ୱାଗତ ଭାଷଣ ରଖିଥିଲେ। ଶେଷରେ ସନ୍ତୋଷ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୯୧ତମ ରାଜ୍ୟ ପୁଲିସ ପ୍ରତିଷ୍ଠା ଦିବସ

## ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ନିଶାମୁକ୍ତ ରାଜ୍ୟ ଗଠନ ପାଇଁ ପୁଲିସ ସଂକଳ୍ପବଦ୍ଧ: ଡିଜିପି

**କଟକ,୧।୪/ଏନ୍ଏନ୍ଏସ୍:** ସେବା ଓ ସୁରକ୍ଷା ହେଉଛି ଓଡ଼ିଶା ପୁଲିସର ମୂଳ ମନ୍ତ୍ର। ଆଗାମୀ ଦିନରେ ଓଡ଼ିଶାକୁ ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ନିଶାମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ଓଡ଼ିଶା ପୁଲିସର ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରୁଛି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି। ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ଆଜି ପୂର୍ବାହ୍ଣରେ ଆୟୋଜିତ ଓଡ଼ିଶା ପୁଲିସର ୯୧ତମ ପ୍ରତିଷ୍ଠା ଦିବସ ଅବସରରେ ଡିଜିପି ଶ୍ରୀ ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହାସହ ପୁଲିସ ସେବାରେ ଉଲ୍ଲେଖନୀୟ କୃତିତ୍ୱ ପ୍ରଦର୍ଶନ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସେ ପ୍ରଥମେ ସହିଦ ପୁଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ପରିବାରଙ୍କୁ ସମବେଦନା ଜଣାଇଥିଲେ।



୧ ଏପ୍ରିଲ ୧୯୩୬ ମସିହାରେ ନୂତନ ଓଡ଼ିଶା ପ୍ରଦେଶ ଗଠନ ସହ ଓଡ଼ିଶା ପୁଲିସର ସ୍ଥାପନା ହୋଇଥିଲା। ଗତ ୯୧ ବର୍ଷର ଏହି ଯାତ୍ରା ସଂଘର୍ଷ, ସମର୍ପଣ ଓ ସଫଳତାର ଏକ ଗୌରବମୟ ଅଧ୍ୟାୟ ବୋଲି ଡିଜିପି ଉଲ୍ଲେଖ କରିଥିଲେ। ଏହି ଅବସରରେ ଡିଜିପି କହିଥିଲେ ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ପୁଲିସର ସଫଳତା ପାଇ୍ଁ ସହ ସହ ଅନେକ ଦୁର୍ଦ୍ଧାନ୍ତ ମାଓବାଦୀଙ୍କୁ ନିପାତ କରାଯାଇଥିବା ସହ ବହୁ ସଂଖ୍ୟକ ମାଓବାଦୀ ମୁଖ୍ୟ ସ୍ରୋତରେ ଫେରିଛନ୍ତି। ୨୦୨୫ ରୁ ଏଯାବତ ଓଡ଼ିଶା ପୁଲିସ ୨୭ ଜଣ ଦୁର୍ଦ୍ଧାନ୍ତ ମାଓବାଦୀଙ୍କୁ ନିପାତ କରାଯାଇଛି। ଏହାସହ ୭୨ ଜଣ ମାଓବାଦୀ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ପୁଲିସ ସାଇବର ଅପରାଧକୁ ଆଜିର ଯୁଗର ଏକ ଗୁରୁତର ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଛି। 'ଅପରେସନ୍ ସାଇବର୍ କବଚ' ମାଧ୍ୟମରେ ୩୯,୭୧୪ଟି ସନ୍ଦେହଜନକ ବ୍ୟାଙ୍କ ଆକାଉଟ ଯାଞ୍ଚ କରାଯାଇ ୧୪୨୨ଟି ନୂତନ ମାମଲା ରୁଜୁ ହୋଇଛି ଏବଂ ୩୭୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ସେ କହିଥିଲେ। ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଓଡ଼ିଶା ପୁଲିସ ଐତିହାସିକ ସଫଳତା ହାସଲ କରିଛି। ପ୍ରାୟ ୩୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଗଞ୍ଜେଇ, ବ୍ରାଉନସୁଗାର ଓ ଗଞ୍ଜେଇ ତେଲ ଜବତ କରାଯିବା ସହ ୪୮,୧୬୦ ଏକର ଜମିରେ ବେଆଇନ ଚାଷକୁ ଧ୍ୱଂସ କରାଯାଇଛି। ଏହି ପ୍ରକ୍ରିୟାରେ ୬୫୪ ଜଣ ଆନ୍ତଃରାଜ୍ୟ ନିଶା ବେପାରୀଙ୍କୁ ଗିରଫ କରାଯାଇଥିବା ବେଳେ ନିଶା ମାଫିଆଙ୍କ ୧୦ କୋଟିରୁ ଅଧିକ ଟଙ୍କାର ସମ୍ପତି ବାଜ୍ୟାପ୍ତି କରାଯାଇଛି। ଆଗାମୀ ତିନି ବର୍ଷରେ ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ପୁଲିସ ସଂକଳ୍ପବଦ୍ଧ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଥିଲେ। ନୂତନ ଭାରତୀୟ ନ୍ୟାୟ ସଂହିତା ଲାଗୁ ହେବା ପରେ ଓଡ଼ିଶା ପୁଲିସର ତଦନ୍ତ ପ୍ରକ୍ରିୟା ଓ ବୃତିଗତ ଦକ୍ଷତାରେ ଆସିଥିବା ଲକ୍ଷଣୀୟ ପରିବର୍ତ୍ତନ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ବିଗତ ଏବଂ ଚଳିତ ବର୍ଷରେ ଓଡ଼ିଶା ପୁଲିସର କ୍ରୀଡ଼ାବିତମାନେ ସର୍ବଭାରତୀୟ ସ୍ତରରେ ରାଜ୍ୟର ଗୌରବ ବଢ଼ାଇଛନ୍ତି। ଓଡ଼ିଶା ପୁଲିସର କ୍ରୀଡ଼ା ଦକ୍ଷତାରେ ଏକ ନୂତନ ମାଇଲସ୍ଥମ୍ଭ ସ୍ଥାପନ କରିପାରିଛି ବୋଲି ଡିଜିପି ଉଲ୍ଲେଖ କରିଥିଲେ।ଏହି ଅବସରରେ ମାନ୍ୟବର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତାକୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି ପାଠ କରିଥିଲେ। ଏହା ପରେ ମୁଖ୍ୟ ଅତିଥି ଉଲ୍ଲେଖନୀୟ ପୁଲିସ ସେବା ପାଇଁ ପୁଲିସ ଅଧିକାରୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ଏହି ଆନୁଷ୍ଠାନିକ ପରେଡ୍‌ରେ ସର୍ବମୋଟ ୧୧ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ୟାରେଡର ମୁଖ୍ୟ କମାଣ୍ଡର୍‌ର କେ. ଶ୍ରୀନିବାସୁଲୁ, ଆଇ.ପି.ଏସ୍ (ଅଣ୍ଡର ଟ୍ରେନିଂ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ୟାରେଡ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ

## ମହାନଗର ନାଗରିକ ମହାସଭା

**କଟକ,୧।୪/ଏନ୍ଏନ୍ଏସ୍:** ପବିତ୍ର ଉତ୍କଳ ଦିବସ କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ୯୦ତମ ଉତ୍କଳ ଦିବସ ଅବସରରେ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ, ଉପ-ସଭାପତି ଅରୁଣା ସାମନ୍ତରାୟ, ସମ୍ପାଦକ ମାଧବ ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ଉତ୍କଳ ଗୌରବ ମଧୁସୂଦନଙ୍କ ଗୋରାକବରସ୍ଥ ସମାଧିପୀଠରେ ପ୍ରାରମ୍ଭରେ ମାଲ୍ୟାର୍ପଣ ପରେ କଟକରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରାଯାଇଥିଲା ।

## ଡ୍ରିମ୍ସ ବିଶ୍ୱବିଦ୍ୟାଳୟ



ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଏହି ଜାତୀୟ ପର୍ବର ଅଭିନନ୍ଦନ ଜଣାଇବା ସହିତ ମା' ମାଟି ମାତୃଭାଷା ପ୍ରତି ଅନୁରକ୍ତ ରହି ବିକଶିତ ଓଡ଼ିଶାର ନିର୍ମାଣରେ ବ୍ରତୀ ହେବାକୁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ନିର୍ଦ୍ଦେଶିକା (ସମନ୍ୱୟ) ଚିନ୍ମୟୀ ରଥ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ଉପଦେଷ୍ଟା ସୁଶାନ୍ତ କୁମାର ଦାସ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଡ. ଆଲୋକ ରଂଜନ ବିଶ୍ୱାଳ, ମେଡିକାଲ କଲେଜର 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ଡା. ଦୁର୍ଗା ପ୍ରସାଦ ମିଶ୍ର, ଡ. କୁମ୍ଭକର୍ଣ୍ଣ ରାଉତ, ଡ. ବିଶ୍ୱରଞ୍ଜନ ମହାନ୍ତି, ଡ. ଯାମିନୀ ରଞ୍ଜନ ମହାନ୍ତି, ଡ. ଦୀପକ ରଞ୍ଜନ ବିଶ୍ୱାଳ, ଡିନ୍ ବିକାଶ ଦାସ, ପରୀକ୍ଷା ନିୟନ୍ତ୍ରକ ଡ. ଦୟାନନ୍ଦ ଷଡଙ୍ଗୀ, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ, ଡ. ଅଜିତ୍ କୁମାର ମହାପାତ୍ର, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ର, ଅଜିତ୍ କୁମାର ମିଶ୍ର, ସୁଧାଂଶୁ ଭୂଷଣ କରଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ, ଓ କର୍ମଚାରୀ ଯୋଗଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସିବ୍‌ନାମ



ସିଡିଏ ବରିଷ୍ଠ ନାଗରିକ ମହାସଂଘ (ସିବନାମ)ପକ୍ଷରୁ ସିଡିଏ ସେକ୍ଟର ୯ସ୍ଥିତ ଯୁଗଳ କିଶୋର ମହାନ୍ତି ପାର୍କ ରେ ଅନୁଷ୍ଠାନ ର ମହା ସଚିବ ବିଶିଷ୍ଟ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟଙ୍କ ଅଧ୍ୟକ୍ଷତାରେ ରାଜ୍ୟର ୯୦ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ଆଡ଼ଭୋକେଟ ଧରଣୀ ପଟ୍ଟନାୟକ, ଉପସଭାପତି ବିଶିଷ୍ଟ ଚିତ୍ର ଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା, ସରୋଜ କୁମାର ରାୟ, ଇଂ ବିଜୟ କୁମାର ପାତ୍ର, ଗୌରାଙ୍ଗ ଚରଣ ଦାସ, ପ୍ରଦୀପ କୁମାର ସାହୁ, ରମେଶ ଚନ୍ଦ୍ର ସେଠୀ, ଶ୍ରୀମତି ଦେହୁରୀ, କାଞ୍ଚନ ମାଣିଆ, ଜୟନ୍ତୀମାହାନ୍ତ, ଲିଲି ମହାରଣା, କେ. କେ. ନାୟକ ପ୍ରମୁଖ ଯୋଗ ଦେଇ ଉତ୍କଳ ଦିବସ ପାଳନ ସମ୍ପର୍କ ରେ ଆଲୋଚନା କରିଥିଲେ।

## ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟ

ଦୋଳ ମୁଣ୍ଡାଇ ସ୍ଥିତ କଟକ ଜିଲ୍ଲା ବିଜୁ ଜନତାଦଳ କାର୍ଯ୍ୟାଳୟଠାରେ ୯୦ତମ ଓଡ଼ିଶା ଦିବସ ବିଜୁ ଜନତା ଦଳର କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ମେୟର୍ ସୁବାସ ସିଂହ, ଡେପୁଟି ମେୟର ଦମୟନ୍ତୀ ମାଝି, ମଧୁସୂଦନ ସାହୁ, ବରିଷ୍ଠ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ, ସୈୟଦ୍ ଏକ୍ରାମ ହୁସେନ, ପୂର୍ବତନ ମେୟର ଅନିତା ବେହେରା, ତାପସ ମହାନ୍ତି, ପ୍ରକାଶ ସିଂ, ନନ୍ଦଲାଲ ସିଂ, ପ୍ରଫୁଲ୍ଲ ବେହେରା, ଚିରଞ୍ଜୟ ସାହୁ, ସ୍ମୃତି ରଞ୍ଜନ ନାୟକ, ମନୋଜ ମହାନ୍ତି, ଶିଶିର ପରିଜା ପ୍ରମୁଖ ଉଦ୍‌ବୋଧନ ଦେଇ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ରଣା, ବିଷ୍ଣୁ ସାହୁ, ବିଭୁତି ସ୍ୱାଇଁ,ତନ୍ମୟା ରାୟ, କର୍ପୋରେଟର ପ୍ରିୟମ୍ବଦା ମହାନ୍ତି, କୋରେଶା ନୁର, ରିତାଞ୍ଜଳି ବେହେରା, କେ. ଜେଡ୍ ଆଫରିନ୍, ଏସ୍. ଶ୍ରୀଦେବୀ, ବିକାଶ ବେହେରା, ପୁଷ୍ପିତା ମହାନ୍ତି, ନମିତା ବାରିକ, ବନଲତା ପ୍ରଧାନ, ମମତା ନାୟକ, ମୋନାଲିସା ଦାସ, ଝିଲ୍ଲିକ ବିହାରୀ, ଜୟଦେବ ଜେନା, ରେଣୁକା ମହାନ୍ତି ଜନସନ ମହାପାତ୍ର, ଇତିଶ୍ରୀ ଦାସ, ସେଖ ରିୟାଜୁଲ୍ଲା, ବିରେନ ବେହେରା, ମନୋରଞ୍ଜନ ଦାସ, ମିତାଲୀ ଭଞ୍ଜ, ସୋଦେଶ ଦାସ, ସ୍ମିତା ମୂଳିଆ, ସୁଦର୍ଶନ ଜେନା, ବିଜୟ ଓଝା, ଯୁଧିଷ୍ଠିର ବିଶ୍ୱାଳ, ପ୍ରତାପ ନାୟକ, ପ୍ରେମାଂଶୁ ବେହେରା ଓ ନିମାଇଁ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଥିଲେ। ବିନୋଦ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଓଡ଼ିଶା ଜନତା କଂଗ୍ରେସର ବିଶାଳ ମିଶ୍ରଣ ପର୍ବ



**କଟକ,୧।୪/ଏନ୍ଏନ୍ଏସ୍:** ସ୍ଥାନୀୟ ଖ୍ରୀଷ୍ଟିୟାନ୍ ପଡ଼ିଆଠାରେ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ସହରର ବିଭିନ୍ନ ରାଜନୈତିକ ଦଳର ଶତାଧିକ ନେତା ଓ କର୍ମୀ ଓଡ଼ିଶା ଜନତା କଂଗ୍ରେସର ଆଦର୍ଶ ତଥା ବିଚାରଧାରାରେ ଅନୁପ୍ରାଣିତ ହୋଇ ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇଛନ୍ତି। ପାର୍ଟିର ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ଏହି ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ମୋକିମ୍ କହିଛନ୍ତି ଯେ, ଓଡ଼ିଶା ରାଜନୀତି ବର୍ତ୍ତମାନ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ରାଜ୍ୟର ସାମଗ୍ରିକ ବିକାଶ ଓ ସମୃଦ୍ଧି ପାଇଁ ଜନସାଧାରଣ ଏବେ ଏକ ବିଶ୍ୱାସଯୋଗ୍ୟ ବିକଳ୍ପ ଦଳ ଖୋଜୁଛନ୍ତି। ଆଗାମୀ ଦିନରେ ଓଡ଼ିଶାବାସୀଙ୍କ ଅକୁଣ୍ଠ ସମର୍ଥନରେ ଏହି ଦଳ ଏକ ଶକ୍ତିଶାଳୀ ରାଜନୈତିକ ଶକ୍ତି ଭାବେ ଗଢ଼ିଉଠିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୱାର୍ଡରୁ ବିଭିନ୍ନ ଦଳର ବହୁ ପ୍ରମୁଖ କର୍ମକର୍ତାମାନେ, ପୂର୍ବତନ କର୍ପୋରେଟର, କଂଗ୍ରେସ ଦଳର ବ୍ଲକ କଂଗ୍ରେସ ସଭାପତି ସିନେ ଅଭିନେତ୍ରୀ ନିକିତା ମିଶ୍ର ଏହି ଦଳରେ ହୋଇଥିଲେ। କଟକ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା ସମସ୍ତ କର୍ମୀମାନଙ୍କୁ ନୂତନ ପାର୍ଟିକୁ ସ୍ୱାଗତ କରିଥିଲେ। ଏହି ଅବସରରେ ସୂଚନା ଅଧିକାରୀ କର୍ମୀ ପ୍ରଦୀପ ପ୍ରଧାନ, ବାସୁଦେବ ଭଞ୍ଜ, ମନୋଜ ଜେନା, ତପନ ମିଶ୍ର, ପୂର୍ବତନ କୃଷି ଅଧିକାରୀ ସମରେଶ ବେହେରା, ନିକୁଞ୍ଜ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ତିନିମହଲା ଉପରୁ ପଡ଼ି ଯୁବତୀ ମୃତ

**କଟକ,୧।୪/ଏନ୍ଏନ୍ଏସ୍:** ବାଦାମବାଡ଼ି ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ଫୋନ୍‌ରେ କଥା ହେଉଥିବା ବେଳେ ଛାତ ଉପରୁ ପଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ଘର ଜଗତସିଂହପୁର ଅଞ୍ଚଳରେ ହୋଇଥିବା ବେଳେ ସେ ସ୍ଥାନୀୟ ବାଦାମବାଡ଼ିରେ ଭଡ଼ାରେ ରହୁଥିଲେ। ତାଙ୍କ ମୃତଦେହ ନିକଟରୁ ପୁଲିସ ମୋବାଇଲ ଫୋନ୍ ଜବତ କରିଛି। ବାଦାମବାଡ଼ି ଥାନା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛି। ଯୁବତୀ ଜଣକ ଜୀବନ ହାରିଛନ୍ତି ବା ତାଙ୍କୁ କିଏ ଛାତ ଉପରୁ ଠେଲି ଦେଇଛି ଏହାର କାରଣ ଅସ୍ପଷ୍ଟ ରହିଛି ପୁଲିସର ତଦନ୍ତ ଜାରି ରହିଛି।

## ବିଜେଡିରୁ ଇସ୍ତଫା ଦେଲେ ପୂର୍ଣ୍ଣିମା

**କଟକ,୧।୪/ଏନ୍ଏନ୍ଏସ୍:** ଜିଲ୍ଲା ବିଜେଡି ମହିଳା କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣିମା ସିଂହ ଦଳରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପଠାଇ ଦେଇଛନ୍ତି। ଦଳ ମୂଳ ବିଚାରଧାରାରୁ ଦୂରେଇ ଯାଇଥିବା ପୂର୍ଣ୍ଣିମା ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି। ଦଳ ପ୍ରତି ସମର୍ପଣ ଭାବର କିଛି ମୂଲ୍ୟ ନାହିଁ, କର୍ମୀଙ୍କୁ ଅଣଦେଖା କରାଯାଉଛି। ଦଳ ପାଇଁ ସତ କହିଲେ ଅପରାଧି ବୋଲି କୁହାଯାଉଛି। ବିଜେଡ଼ି ସୁପ୍ରିମୋଙ୍କ ନିକଟକୁ ପୂର୍ଣ୍ଣିମା ପଠାଇଥିବା ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବିଜେଡ଼ି ତାର ମୂଳ ନୀତି ଓ ବିଚାରଧାରାକୁ ଭୁଲି ଯାଇଛି। ଏବେ ଦଳରେ ଆନୁଗତ୍ୟ ଓ ଆଦର୍ଶର କୌଣସି ମୂଲ୍ୟ ନାହିଁ। ଦଳ ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିଙ୍କ ସ୍ୱାର୍ଥରେ କାମ କରୁଛି ବୋଲି ପୂର୍ଣ୍ଣିମା ତାଙ୍କ ଇସ୍ତଫା ପତ୍ରରେ ଲେଖିଛନ୍ତି।

## ଚୌଦ୍ୱାର କଟକର ଯୁବ-ଛାତ୍ର ବିଜେଡି କର୍ମୀଙ୍କ ଇସ୍ତଫା

**କଟକ,୧।୪/ଏନ୍ଏନ୍ଏସ୍:** ମାଛୁଆ ବଜାରସ୍ଥିତ ସର୍କିଟ ହାଉସ ଠାରେ ଚୌଦ୍ୱାର କଟକର ଶତାଧିକ ବିଜୁ ଯୁବ ଛାତ୍ର ଜନତା ଦଳର କର୍ମୀମାନେ ନିଜର ପଦବୀ ସହିତ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି । ଏହି ଇସ୍ତଫା ପ୍ରଦାନ ସମୟରେ ଅଶୋକ ମିଶ୍ର, ଅଚ୍ୟୁତ ନନ୍ଦ ଘୋଷ, ଜିତେନ୍ଦ୍ର ବେହେରା, ଅଭିଜିତ ଦାସ, ପ୍ରିୟବ୍ରତ ଗୋଛାୟତ, ଅଭିଜିତ ପାତ୍ର, ପପୁ ପାତ୍ର, ଶଙ୍କର୍ଷଣ ପ୍ରଧାନ, ସୁମିତ ସିହ୍ନା, ଜ୍ଞାନରଞ୍ଜନ ଜେନା, ଲୋକରଞ୍ଜନ ଦାସ, ବିଶ୍ୱ ରଞ୍ଜନ ଖଟୁଆଙ୍କ ସମେତ ଶତାଧିକ ଯୁବ ଛାତ୍ର କର୍ମୀମାନେ ଉପସ୍ଥିତ ରହି ପ୍ରଭାତଙ୍କ ବହିଷ୍କାରକୁ ଦୃଢ଼ ନିନ୍ଦା କରିଥିଲେ।

## ଉତ୍କଳ ଦୀପିକା ଓ ଉତ୍କଳ ସଭା ଉପରେ ଆଲୋଚନାଚକ୍ର

**କଟକ,୧।୪/ଏନ୍ଏନ୍ଏସ୍:** ଉତ୍କଳ ଦିବସରେ ସ୍ଥାନୀୟ କାଠଗଡା ସାହି କାୟସ୍ଥ ସଭା ଗୃହରେ ଓଡ଼ିଆ ଅସ୍ମିତାର ମୂଳଉସ 'ଉତ୍କଳ ଦୀପିକା ଓ ଉତ୍କଳ ସଭା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡ. ବାବାଜୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବିଶିଷ୍ଟ ଐତିହାସିକ ଡ. ଖାରବେଳ ମହାନ୍ତି ଯୋଗ ଦେଇ କହିଥିଲେ ଯେ ଉତ୍କଳ ଦୀପିକା ଥିଲା ଓଡ଼ିଆ ଜାଗରଣର ଉସ। ବିଚ୍ଛିନ୍ନ ହୋଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିକରଣ କରିପାରିଥିଲା। ଆବାହକ ଅକ୍ଷୟ ଦାସ କହିଲେ ନଅଙ୍କ ଦୁର୍ଭିକ୍ଷ ବେଳେ ଇଂରେଜ ଓ ବିଦେଶୀ ରାଜକର୍ମଚାରୀମାନଙ୍କର କୁଶାସନର ପରିଣତିର ପର୍ଦ୍ଦାଫାସ କରିଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ରମାକାନ୍ତ ମିଶ୍ର କହିଲେ ଉତ୍କଳ ଦୀପିକା ଥିଲା ଜାତୀୟ ଜୀବନର ଅମା ଅନ୍ଧକାରରେ ଦୀପଟିଏ ଭଳି କାର୍ଯ୍ୟ କରିଥିଲା। ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଲେ ଯେ ଡ. ନଟବର ଶତପଥୀ ଯେ ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରସାର, ଭାଷାର ପ୍ରତିଷ୍ଠା ଓ ମର୍ଯ୍ୟାଦା ରକ୍ଷା ଏହାର ଅନ୍ୟତମ ଆଭିମୁଖ୍ୟ ଥିଲା। ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସରେ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



**କଟକ,୧।୪/ଏନ୍ଏନ୍ଏସ୍:** କଟକ ଜିଲ୍ଲା ପ୍ରଶାସନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇ ସହର ପରିକ୍ରମା କରାଯାଇଥିଲା। ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଅବସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଗୋରା କବରଠାରେ ଉତ୍କଳ ଗୌରବ ମଧୁବାବୁଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଓ ସମାଧିପୀଠ, ବିଜୁ ପଟ୍ଟନାୟକ ଛକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି, କ୍ୟାଣ୍ଟନମେଣ୍ଟ ରାସ୍ତାରେ ଅବସ୍ଥିତ ଗୋପବନ୍ଧୁ ଓ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମେତ ସହିଦ ପାର୍କର ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ସମୟରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ, କଟକ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ କିରନଦୀପ କୌର ସହୋତା, ସୂଚନା ଓ ଲୋକସମ୍ପର୍କ ବିଭାଗ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ବରପୁତ୍ରଙ୍କ ଜୀବନୀ ଓ ଓଡ଼ିଶାର ଐତିହ୍ୟକୁ ନେଇ ନେତାଜୀ ସଂସ୍କୃତି ଭବନଠାରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସନ୍ଧ୍ୟା ସମୟରେ ଏକ ଭବ୍ୟ ସଭାର ଆୟୋଜନ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ବାଲିଯାତ୍ରାକୁ ୟୁନେସ୍କୋ ମାନ୍ୟତା ଦେବା ପାଇଁ ସହଯୋଗ କରିଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କଟକ ସହରକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରାଣକେନ୍ଦ୍ର ଭାବେ ଅଭିହିତ କରିଥିଲେ। ସେ କହିଥିଲେ ଯେ, ଆମେ ଆମ ରାଜ୍ୟକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରିବାର ସ୍ୱପ୍ନକୁ ସଫଳ କରିବା ଏବଂ 'ବିକଶିତ ଓଡ଼ିଶା ଓ ବିକଶିତ ଭାରତ' ଗଠନ ପାଇଁ ସଂକଳ୍ପବଦ୍ଧ ହେବା ଆଜିର ସର୍ବୋତ୍ତମ ଆବଶ୍ୟକତା। ସମ୍ମାନିତ ଅତିଥି ଭାବେ କଟକ-ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଏବଂ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ଓଡ଼ିଆ ଭାଷା ଓ ପ୍ରଗତିର ଗାଥା ବର୍ଣ୍ଣନା କରିଥିଲେ। ଜିଲ୍ଲାପାଳ ଶ୍ରୀ ଭାଉ ସାହେବ ଶିନ୍ଦେ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସୁଶ୍ରୀ କିରନଦୀପ କୌର ସହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଉପ ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଭବାନୀ ଶଙ୍କର ଭୂୟାଁ ଏବଂ ଜିଲ୍ଲା କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# 'ବୈଭବ ଓଡ଼ିଶା' କାର୍ଯ୍ୟକ୍ରମ

## ଗୁରୁ ପଦ୍ମସମ୍ଭବଙ୍କ ସ୍ମୃତି ରକ୍ଷା ପାଇଁ 'କଟକ ଘୋଷଣା ପତ୍ର' ଜାରି

**କଟକ,୧।୪/ଏନ୍ଏନ୍ଏସ୍:** ପବିତ୍ର ଉତ୍କଳ ଦିବସ ଅବସରରେ 'ବୈଭବ ଓଡ଼ିଶା' ଏବଂ 'ଇନଟ୍ରିନସିକ ହୋପ ଫାଉଣ୍ଡେସନ'ର ମିଳିତ ଆନୁକୂଲ୍ୟରେ କଟକସ୍ଥିତ ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟ ପ୍ରେକ୍ଷାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଷ୍ଟମ ଶତାବ୍ଦୀରେ ଓଡ଼ିଶା ମାଟିରେ ଜନ୍ମିତ 'ଦ୍ୱିତୀୟ ବୁଦ୍ଧ' ଗୁରୁ ପଦ୍ମସମ୍ଭବଙ୍କ ସମ୍ବନ୍ଧରେ ଏକ ବିଶେଷ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।




ଗଜପତି ଜିଲ୍ଲାର ଜିରାଙ୍ଗସ୍ଥିତ ପଦ୍ମସମ୍ଭବ ମହାବିହାରର ବୌଦ୍ଧ ଭିକ୍ଷୁ ପୂଜ୍ୟ ଗୁରୁଜୀ ଏହି ଆଲୋଚନା ଚକ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ 'ନିତିଦିନ' ସମ୍ବାଦପତ୍ରର ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବିଖ୍ୟାତ ବୌଦ୍ଧ ଗବେଷକ ପ୍ରବୀର କୁମାର ପଟ୍ଟନାୟକ ଏବଂ ଆଲୋଚକ ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ପ୍ରଫେସର ଡକ୍ଟର ଉମାକାନ୍ତ ମିଶ୍ର, ସଂସ୍କୃତି ଗବେଷକ ଡକ୍ଟର ଅନିତା ସାବତ ଓ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଭାରତ ସରକାରଙ୍କ ସେବାନିବୃତ୍ତ ଚିଫ୍ ମିଡିଆ ଆଡଭାଇଜର ଡକ୍ଟର ଉମାକାନ୍ତ ମିଶ୍ର ସଭାପତିତ୍ୱ କରିଥିବା ବେଳେ ବକ୍ତା ଭାବେ ଡକ୍ଟର ରବୀନ୍ଦ୍ର ବିହାରୀ, ଲଚ୍ଛମନ ରାଉତ ଓ ସମ୍ବର୍ଦ୍ଧିତ ଅତିଥି ଭାବେ ନଟବର ଶତପଥୀ ଯୋଗଦେଇଥିଲେ। ଆଇନଜୀବୀ ପ୍ରଫୁଲ୍ଲ କୁମାର ନାୟକ ସଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଡକ୍ଟର ବଳଦେବ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ସମାଜସେବୀ ତଥା ପରିବେଶବିତ ସୁଶାନ୍ତ କୁମାର ସାମଲ, ନିର୍ଦ୍ଦେଶକ ଗଣେଶ୍ୱର ସାମଲ, ସ୍ମିତା ରାଣୀ, ଡକ୍ଟର ଦେବଶ୍ରୀ, ଡକ୍ଟର ତ୍ରିଲୋଚନ ଜେନା, ଅସୀତ ଭାଇ, ନିବାରଣ ସାମଲ, ଅନୀଲ, ଗିରୀଶ କବି ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଗୁରୁ ପଦ୍ମସମ୍ଭବଙ୍କ ସ୍ମୃତି ରକ୍ଷା ପାଇଁ ସର୍ବସମ୍ମତି କ୍ରମେ ଏକ 'କଟକ ଘୋଷଣା ପତ୍ର' ଜାରି କରାଯାଇ ସରକାରଙ୍କୁ ଅନେକ ପ୍ରସ୍ତାବ ଦିଆଯାଇଥିଲା।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ

# ରୋଗୀ ଓ ଅନ୍ତେବାସୀଙ୍କୁ ଫଳ ବାଣ୍ଟିଲେ ମନ୍ତ୍ରୀ



**ଯାଜପୁର,୧୪/ଏନ୍‌ଏନ୍‌ଏସ୍:** ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ-୨୦୨୬ ଏବଂ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଛି । ଏଥିରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମନ୍ତ୍ରୀ ଡ. ମହାପାତ୍ର ଯାଜପୁର ସହରର ବିଭିନ୍ନ ସ୍ଥାନ ଗସ୍ତକରି ମେଡିକାଲ କଲେଜ୍ ଛକ, ଗାନ୍ଧୀ ଛକ ଏବଂ ଜିଲ୍ଲା ସ୍କୁଲରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉତ୍କଳ ବାଳାଶ୍ରମ ଏବଂ ଉପକାରାଗାର ପରିଦର୍ଶନ କରି ରୋଗୀ ଓ ଅନ୍ତେବାସୀମାନଙ୍କୁ ଫଳ ଏବଂ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ମନ୍ତ୍ରୀ ଡ. ମହାପାତ୍ର ଉତ୍କଳ ବାଳାଶ୍ରମରେ ପହଞ୍ଚିବା ପରେ ସେଠାରେ କୁନି କୁନି ଶିଶୁମାନଙ୍କ ଗହଣରେ ବସି କଥାବାର୍ତ୍ତା ହୋଇଥିଲେ ଏବଂ ଚକୋଲେଟ୍ ବାଣ୍ଟିଥିଲେ । ଏହା ପରେ ସଂସ୍କୃତି ଭବନ ପରିସରରେ ଏକ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ, ମହାରାଜ ଯଯାତି କେଶରୀଙ୍କ ନାମରେ ନାମିତ ଯାଜପୁର ଜିଲ୍ଲାରେ ଏକ ସମୃଦ୍ଧ ଇତିହାସ ରହିଛି । ଯାଜପୁରର ଅନେକ ବିଦଗ୍ଧ କବି, ସନ୍ଥ, ସାହିତ୍ୟିକ ଓଡ଼ିଆ ବାଣୀ ଭଣ୍ଡାରକୁ ରୁଦ୍ଧିମନ୍ତ କରିଛନ୍ତି ଏବଂ ଉତ୍କଳୀୟ ସଂସ୍କୃତିକୁ ସମୃଦ୍ଧ କରିଛନ୍ତି । ଓଡ଼ିଆ ଜାତୀୟ ଜାଗରଣର ଅଗ୍ରଣୀ ନେତୃତ୍ୱ ବିଚିତ୍ରାନନ୍ଦ ଦାସଙ୍କ ଜନ୍ମଭୂମି ହେଉଛି ଯାଜପୁର । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଓଡ଼ିଆଙ୍କ ପ୍ରମୁଖ ସ୍ୱର ସାଜିଥିବା 'ଉତ୍କଳ ଦୀପିକା'ର ପ୍ରକାଶନରେ ବିଚିତ୍ରାନନ୍ଦ ଦାସଙ୍କ ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ସେ କହିଥିଲେ । ଏହାସହ ଯାଜପୁର ସହରରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା ହୋଇଥିବା ବିକାଶମୂଳକ ପଦକ୍ଷେପ ଏବଂ ପୌର ପରିଷଦ ପକ୍ଷରୁ ବାରୁଣୀ ମେଳାର ସଫଳ ଆୟୋଜନ ସମ୍ପର୍କରେ ମନ୍ତ୍ରୀ ଆଲୋକପାତ କରିଥିଲେ । ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଯେନା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପଛରେ ମହାପୁରୁଷଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ଓଡ଼ିଆ ଜାତିର ସଂସ୍କୃତି, ଐତିହ୍ୟ, ମହାନତା ସମ୍ପର୍କରେ ବକ୍ତବ୍ୟ ଦେବା ସହ ଉତ୍କଳ ଭଳି ମହାନ୍ ରାଜ୍ୟ ଏ ଧରା ପୃଷ୍ଠରେ ନାହିଁ ବୋଲି ଶାସ୍ତ୍ର ଉକ୍ତିକୁ ଉଲ୍ଲେଖ କରିଥିଲେ । ଜିଲ୍ଲାପାଳ ଅମ୍ବର କୁମାର କର ଉତ୍ସବରେ ଅଧ୍ୟକ୍ଷତା କରି କହିଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଆଜି ୯୦ ବର୍ଷରେ ପଦାର୍ପଣ କରିଛି । ମହାପ୍ରଭୁ ଶ୍ରୀଜଗନ୍ନାଥ, ଓଡ଼ିଶୀ ନୃତ୍ୟ, ଓଡ଼ିଆ ଭାଷା ସାହିତ୍ୟ, ବିସ୍ତୃତ ବେଳାଭୂମି, ଖଣିଜ ସମ୍ପଦ, ଗୋପବନ୍ଧୁଙ୍କ ଭଳି ବରପୁତ୍ରମାନଙ୍କ ଆଦର୍ଶକୁ ନେଇ ଆମର ଏକ ସ୍ୱତନ୍ତ୍ର ପରିଚୟ ଅଛି । ସେହି ପରିଚୟକୁ ଆମେ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ଏବଂ ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ଆବଶ୍ୟକ । ସ୍ୱାଭିମାନୀ ଓଡ଼ିଆ ଭାବେ ଆମେ ଏକତା ସୂତ୍ରରେ ବାନ୍ଧି ରହିଲେ ହିଁ ଜାତିର ଉନ୍ନତି ହୋଇପାରିବ ବୋଲି ଜିଲ୍ଲାପାଳ କହିଥିଲେ । ମଞ୍ଚାସୀନ ଅତିଥି ଭାବେ ଯାଜପୁର ପୌର ପରିଷଦ ରଞ୍ଜୁଲତା ହୋତା, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଏବଂ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ଜିଲ୍ଲାର ଅଗ୍ରଣୀ କୃଷକମାନଙ୍କୁ ଏବଂ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ସଭା ପରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପ୍ରଶାସନର ଅଧିକାରୀମାନେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଶେଷରେ ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ ପ୍ରଶାସନର ବରିଷ୍ଠ ଅଧିକାରୀଗଣ, ଜିଲ୍ଲାର ମାନ୍ୟଗଣ୍ୟ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାରୁ

## ଓଡ଼ିଆ ଜାତିକୁ କେହି...

ସହ ଏହି ଅବସରରେ ସତ୍ୟବାଦୀ ମହୋତ୍ସବ ସମୟରେ ସେ କରିଥିବା ଘୋଷଣା ବିଷୟରେ ଦୋହରାଇଥିଲେ । ସତ୍ୟବାଦୀ ବନ ବିଦ୍ୟାଳୟ ଓ ସମଗ୍ର ଅଞ୍ଚଳର ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଏଥିପାଇଁ ରାଜ୍ୟ ସରକାର ୫୮୫ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବେ । ଏହା ଖୁବ୍ ଶୀଘ୍ର ଆରମ୍ଭ ହେବ । ଐତିହାସିକ ବକୁଳବନର ପୁନରୁତ୍ଥାନ ଓ ବିକାଶ ପାଇଁ ପ୍ରାୟ ୯୦ କୋଟି ଟଙ୍କା ବିନିଯୋଗ କରାଯିବ । ଏହାକୁ ଏକ ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଶିକ୍ଷା କେନ୍ଦ୍ରରେ ପରିଣତ କରାଯାଇ ଏହାର ଐତିହାସିକ ପରିଚୟକୁ ସୁରକ୍ଷିତ କରାଯିବ । ଏହା ସହିତ ୪୯୫ କୋଟି ଟଙ୍କାରେ ସତ୍ୟବାଦୀ ଅଞ୍ଚଳର ପୁନର୍ବିକାଶ କରାଯିବ । ଏଠାରେ ହେରିଟେଜ କରିଡର ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେହିପରି ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ଓ ପୁରୀ ସହରର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ମହାପ୍ରଭୁଙ୍କ ମହିମାର ପ୍ରସାର ପାଇଁ ପୁରୀଠାରେ ଏକ ହଜାର କୋଟି ଟଙ୍କା ବ୍ୟୟରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ପ୍ରତିଷ୍ଠା କରାଯିବା ସହିତ ଗୁଣ୍ଡିଚା ମନ୍ଦିର, ଏମାର ମଠ ଓ ରଘୁନନ୍ଦନ ଲାଇବ୍ରେରୀ ଭଳି ଐତିହାସିକ ଓ ଆଧ୍ୟାତ୍ମିକ ପୀଠର ଗୌରବର ପୁନଃଉଦ୍ଧାର କରାଯିବ । ପୁରୀକୁ ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳରେ ପରିଣତ କରିବା ପାଇଁ ଆମ ସରକାର ୧୫୦୦ ଏକର ପରିମିତ ଅଞ୍ଚଳରେ ଶାମୁକା ପ୍ରକଳ୍ପ କାର୍ଯ୍ୟକାରୀ କରିବେ ।

ଏହି ପ୍ରକଳ୍ପ ନୈସର୍ଗିକ ବେଳାଭୂମି ଓ ଅତ୍ୟାଧୁନିକ ଭିତ୍ତିଭୂମିର ସମନ୍ୱୟରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହେବ ବୋଲି ସେ କହିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ ପୁରୀ ଠାରେ ଏକ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା କରାଯିବ । ପୁରୀରେ କ୍ରୁଜ୍ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ ମଧ୍ୟ ଆମେ ପଦକ୍ଷେପ ନେଇଛୁ । ଏହା ସହିତ ଆମର ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଚିଲିକାର ପୁନରୁଦ୍ଧାର କରାଯାଇ ଏହାକୁ ମଧ୍ୟ ବିଶ୍ୱସ୍ତରୀୟ ଇକୋଟୁରିଜିମ୍ ହବ୍‌ରେ ପରିଣତ କରାଯିବ । ପୁରୀରେ ଏୟାରପୋର୍ଟ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଜାରି ରହିଛି । ଭୁବନେଶ୍ୱରରୁ ପୁରୀ ଏନଏଚ୍‌ର ପ୍ରଶସ୍ତିକରଣ କରାଯିବ ।

ସମଗ୍ର ପୁରୀ ଜିଲ୍ଲା ଏକ ବିକଶିତ ଅଞ୍ଚଳରେ ପରିଣତ ହେବାକୁ ଯାଉଛି । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଦିବସ ଉପଲକ୍ଷେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତାକୁ ମୁଖ୍ୟମନ୍ତ୍ରୀ ପାଠ କରିବା ସହିତ ଉଭୟଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ । ଭାରତର ରାଷ୍ଟ୍ରପତି, ଓଡିଶା ପୁଲିସର ୯୧ତମ ସ୍ଥାପନା ଦିବସ ଅବସରରେ ଉତ୍କୃଷ୍ଟ ସେବା ପାଇଁ ଐତିହାସିକ ସମ୍ମାନ 'ପ୍ରେସିଡେଣ୍ଟସ୍ କଲର୍ ଆୱାର୍ଡ' କୁ ଅନୁମୋଦନ କରିବା ନେଇ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଉତ୍କଳମଣି ସ୍ମୃତି ପରିଷଦର ସଭାପତି ଧୀରେନ୍ଦ୍ର ଦାସ ଏବଂ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଶ୍ରୀ ଓମ୍ ପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

## ସିଏମ୍‌ଙ୍କୁ ପିଏମ୍‌ଙ୍କ...

ଶିକ୍ଷାବିତ୍ ଓ ଗବେଷକ, କ୍ରୀଡ଼ାବିତ, କଳାକାର ଏବଂ ଶ୍ରେଷ୍ଠ ବ୍ୟକ୍ତିତ୍ୱ ମଧ୍ୟ ରହିଛନ୍ତି ବୋଲି ପିଏମ୍ ମୋଦୀ ଚିଠିରେ ଲେଖିଛନ୍ତି । ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ ଲେଖିଛନ୍ତି ଯେ ସେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ ଓଡ଼ିଶା ସହିତ ମୋର ଘନିଷ୍ଠ ସମ୍ପର୍କ ଜାରି ରହିଛି । ମୁଁ ଏହାକୁ ମୋର ସୌଭାଗ୍ୟ ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ବୋଲି ମନେ କରୁଛି ଯେ ଗତ ଏକ ଦଶନ୍ଧି ଧରି, ମୁଁ ଓଡ଼ିଶାର ପ୍ରଗତି ତଥା ଏହାର ଲୋକଙ୍କ ସମୃଦ୍ଧି ପାଇଁ କାମ କରିବାକୁ ସୁଯୋଗ ପାଇଛି । ଚଳିତ ବର୍ଷ ଏହାର ଏକ ଝଲକ ଦେଖିବାକୁ ମିଳିଛି । ଏ ବର୍ଷ ଓଡ଼ିଶାକୁ ରେଳ ଏବଂ ସଡ଼କ ପାଇଁ ସର୍ବାଧିକ ପାଣ୍ଠି ଆବଣ୍ଟନ କରାଯାଇଛି ।

୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ରେଳ ଆବଣ୍ଟନ ୧୦,୬୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହା ତୁଳନାରେ ୨୦୦୯ରୁ ୨୦୧୪ ମଧ୍ୟରେ ବାର୍ଷିକ ହାରାହାରି ଆବଣ୍ଟନ ମାତ୍ର ୮୩୮ କୋଟି ଟଙ୍କା ଥିଲା । କେନ୍ଦ୍ରର ଏନଡିଏ ସରକାର ବନ୍ଦର ଆଧାରିତ ବିକାଶ ମାଧ୍ୟମରେ ଓଡ଼ିଶାକୁ ଏକ ପ୍ରମୁଖ ସାମୁଦ୍ରିକ ଏବଂ ଶିଳ୍ପଭିତ୍ତିକ ରାଜ୍ୟ ଭାବରେ ବିକଶିତହେବା ଲାଗି ସମର୍ଥନ କରୁଛି । ଏଥିରେ ପାରଦୀପ ଚାରିପାଖରେ ଶିଳ୍ପ ଅନୁକୂଳ ପରିବେଶର ବିକାଶ, ପାରାଦୀପ ଓ ଗୋପାଳପୁରରେ ପ୍ରସ୍ତାବିତ ଏଲଏନଜି ଟର୍ମିନାଲ ଏବଂ ବାହୁଦା ବନ୍ଦର ତଥା ମହାନଦୀରେ ନଦୀ ଆଧାରିତ ଜାହାଜ ନିର୍ମାଣ ଓ ବନ୍ଦର ଭଳି ପ୍ରକଳ୍ପର ବ୍ୟାପକ ସମ୍ଭାବନା ଅନ୍ତର୍ଭୁକ୍ତ ବୋଲି ଚିଠିରେ ଉଲ୍ଲେଖ ରହିଛି । ବାମପନ୍ଥୀ ଉଗ୍ରବାଦୀ ବିରୁଦ୍ଧରେ କେନ୍ଦ୍ର ସରକାରଙ୍କ ସଫଳତା ପାଇଁ ଗର୍ବିତ ବୋଲି ପିଏମ୍ ମୋଦୀ କହିଛନ୍ତି । ଏନ୍‌ଡିଏ ସରକାର ମାଓବାଦର ବିପଦକୁ ମୂଳପୋଛ କରିବା ଉପରେ ଯଥୋଚିତ ଭାବେ ଧ୍ୟାନ ଦେବା ସହିତ ବାମପନ୍ଥୀ ଉଗ୍ରବାଦ ଦ୍ୱାରା ଶୋଷିତ ହେଉଥିବା ଲୋକଙ୍କୁ ସମ୍ମାନର ଜୀବନ ଦେବା ପାଇଁ ମଧ୍ୟ କାର୍ଯ୍ୟ କରୁଛି ।

ଓଡ଼ିଶା ଭଳି ଏକ ରାଜ୍ୟ ଏହି ପ୍ରୟାସଗୁଡ଼ିକକୁ ଯଥେଷ୍ଟ ଭାବେ ସ୍ୱୀକାର କରିପାରିବ କାରଣ ବାମପନ୍ଥୀ ଉଗ୍ରବାଦୀଙ୍କ ହିଂସା ଓଡ଼ିଶାର ବିକାଶ ପଥକୁ ମନ୍ଥର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଗତ ଦୁଇ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ସରକାର ଯେଉଁ ଅସାଧାରଣ କାର୍ଯ୍ୟ କରୁଛନ୍ତି ତାହାକୁ ପିଏମ୍ ମୋଦୀ ପ୍ରଶଂସା କରିଛନ୍ତି । ଲୋକମାନେ ଏହି ଦଳ ଉପରେ ଅତୁଟ ବିଶ୍ୱାସ ରଖିଛନ୍ତି । ତେଣୁ ଲୋକଙ୍କ ସ୍ୱପ୍ନ ପୂରଣ କରିବାରେ କୌଣସି ପ୍ରକାର ସୁଯୋଗ ଛଡ଼ାଯିବ ନାହିଁ ବୋଲି ନରେନ୍ଦ୍ର ମୋଦୀ କହିଛନ୍ତି । ସେହିପରି ସୁଭଦ୍ରା ଯୋଜନାକୁ ନେଇ ମୋଦୀ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି । ଏହି ଯୋଜନା ଆମର ନାରୀ ଶକ୍ତିକୁ ଆର୍ଥିକ ସହାୟତା, ଆତ୍ମବିଶ୍ୱାସ ଏବଂ ମର୍ଯ୍ୟାଦା ଆଣି ଦେଇଛି । ଲକ୍ଷପତି ଦିଦି ସୃଷ୍ଟି କରିବାରେ ଏକ ଅଗ୍ରଣୀ ରାଜ୍ୟ ହୋଇଥିବାରୁ ଓଡ଼ିଶାକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ । ମୋଦୀ ଆହୁରି ମଧ୍ୟ ଲେଖିଛନ୍ତି, ଆଗାମୀ ଏକ ଦଶନ୍ଧି ମଧ୍ୟରେ, ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ହେବାର ଶହେ ବର୍ଷ ପୂରଣ କରିବ । ଏହି ଅବସରରେ ଓଡ଼ିଶାର ବିକାଶ ପାଇଁ ଆହୁରି କ'ଣ କରାଯାଇପାରିବ ସେ ବିଷୟରେ ବିଚାର କରନ୍ତୁ ବୋଲି ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି । ଏହା ସହିତ ଉତ୍କଳ ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ । ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଏଠାକାର ଲୋକଙ୍କ ସାମର୍ଥ୍ୟ ଓ ଆକାଂକ୍ଷା ସହିତ ଓଡ଼ିଶା ସମୃଦ୍ଧିର ନୂତନ ମାଇଲଖୁଣ୍ଟ ହାସଲ ହୋଇ ପାରିବଲ ବୋଲି ମୋଦୀ ଚିଠିରେ କହିଛନ୍ତି ।

## ୧୦ ସଂକଳ୍ପ ନେବାକୁ...

ସଚେତନ କରିବା । ଆମର ବିଦ୍ୟାଳୟ, ମନ୍ଦିର, ଐତିହ୍ୟ ସ୍ଥଳୀ ଓ ରାସ୍ତାଘାଟକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା । ଜଳ ଓ ଶକ୍ତିର ସଂରକ୍ଷଣ କରି ପ୍ରକୃତିର ସୁରକ୍ଷା କରିବା । ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଦେଖାଯାଇଥିବା ସ୍ଥିତି ବା ଯେକୌଣସି ଘଡ଼ିସନ୍ଧି ମୁହୂର୍ତ୍ତରେ ଧୈର୍ଯ୍ୟର ସହ ପରିସ୍ଥିତିକୁ ମୁକାବିଲା କରିବା ଏବଂ ଅନ୍ୟମାନଙ୍କୁ ମଧ୍ୟ ଭୟଭୀତ ନ ହେବା ପାଇଁ ସାହସ ଓ ସହଯୋଗ ପ୍ରଦାନ କରିବା । ପ୍ରଧାନମନ୍ତ୍ରୀଙ୍କ 'ଭୋକାଲ୍ ଫର୍ ଲୋକାଲ' ଆହ୍ୱାନରେ ଅନୁପ୍ରାଣିତ ହୋଇ ଓଡ଼ିଶାର ସ୍ଥାନୀୟ ସାମଗ୍ରୀକୁ ପୋତ୍ସାହନ ଦେବା ସହ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବା । ସର୍ବୋପରି, ଜଣେ ସଚେତନ ନାଗରିକ ଭାବେ ନିଜର ଅଧିକାରକୁ ସାବ୍ୟସ୍ତ କରିବା ନିଜର କର୍ତ୍ତବ୍ୟ ସମ୍ପାଦନ କରିବା । ଏହି ସଂକଳ୍ପ ଗୁଡ଼ିକ ହିଁ ଆମକୁ ଆଗାମୀ ଦିନରେ ଏକ ସ୍ୱାଭିମାନୀ, ସମୃଦ୍ଧ ଏବଂ ବିକଶିତ ଓଡ଼ିଶା ଗଠନର ମାର୍ଗ ଦେଖାଇବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଆଜିର ଓଡ଼ିଶା ଏକ ବଡ଼ ପରିବର୍ତ୍ତନର ପଥରେ ଅଗ୍ରସର ହେଉଛି । ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ଓଡ଼ିଆ ଜାତିର ଅକ୍ଳାନ୍ତ ପରିଶ୍ରମ ବଳରେ ଆମେ 'ବିକଶିତ ଓଡ଼ିଶା' ଗଠନ କରିବା ପାଇଁ ସଂକଳ୍ପବଦ୍ଧ । ଆମର କଳା, ଭାସ୍କର୍ଯ୍ୟ, ଶିଳ୍ପ ଏବଂ ଯୁବଶକ୍ତିର ଅସୀମ ଦକ୍ଷତା ସାରା ଦୁନିଆରେ ଓଡ଼ିଶା ପାଇଁ ଏକ ନୂତନ ପରିଚୟ ସୃଷ୍ଟି କରୁଛି । ଓଡ଼ିଶାର ଏହି ସମୃଦ୍ଧ ସଂସ୍କୃତି, ଭାଷା ଓ ଐତିହ୍ୟକୁ ଯୁବପିଢ଼ିଙ୍କ ପାଖରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ଆଜି ଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' ପାଳନ କରିବା ଖୁସିର ବିଷୟ ।

ଏହି 'ଓଡ଼ିଆ ପକ୍ଷ' ଅଭିଯାନ ଅଧୀନରେ ଶିଶୁମାନଙ୍କ ପାଇଁ ଖଡ଼ିଛୁଆଁ ଓ ବର୍ଣ୍ଣବୋଧ ବଣ୍ଟନ, ଓଡ଼ିଆ ନାମଫଳକ ଲଗାଇବା ପାଇଁ ସଚେତନତା, ପୁସ୍ତକ ମେଳା, ସାହିତ୍ୟ ଚର୍ଚ୍ଚା ସହ ବରପୁତ୍ରମାନଙ୍କ ଆଦର୍ଶ ଉପରେ ଆଲୋଚନା କରାଯିବ । ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଆମ ଐତିହ୍ୟକୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ପ୍ରଦାନ କରିବା ସହ ଓଡ଼ିଆ ଅସ୍ମିତାକୁ ଆହୁରି ସୁଦୃଢ଼ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

## ରାଜ୍ୟପାଳଙ୍କଠୁ ଆରମ୍ଭ...

ପର୍ଯ୍ୟାୟ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ ନାଗରିକମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି । ଏହି ପ୍ରକ୍ରିୟାରେ ଯେପରି କୌଣସି ବ୍ୟକ୍ତି କିମ୍ବା ପରିବାର ବାଦ ନପଡ଼ିବେ, ସେ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି । ଜନଗଣନାକୁ ସଠିକ ଏବଂ ସଫଳ କରିବା ପାଇଁ ଜନସାଧାରଣ ସହଯୋଗ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି । ସାମୂହିକ ଦାୟିତ୍ୱର ଗୁରୁତ୍ୱକୁ ଦୋହରାଇ ରାଜ୍ୟପାଳ କହିଛନ୍ତି ଯେ ସକ୍ରିୟ ଜନଭାଗିଦାରୀ ଶାସନକୁ ଆହୁରି ସୁଦୃଢ଼ କରିବ ଏବଂ ସମାଜର ସମସ୍ତ ବର୍ଗ ପାଇଁ ସେବା ପ୍ରଦାନକୁ ଉନ୍ନତ କରିବ । ରାଜ୍ୟପାଳ ନିଜର ତଥ୍ୟ ପ୍ରଦାନ କରିବା ସମୟରେ ଓଡ଼ିଶା ଜନଗଣନା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନର କମିଶନର ଚଞ୍ଚଳ ରାଣା ଉପସ୍ଥିତ ଥିଲେ । ୧୫ ବର୍ଷ ପରେ ଆରମ୍ଭ ହୋଇଥିବା ଜନଗଣନାର ପ୍ରଥମ ସୋପାନରେ ରହିଛି ଦୁଇଟି ପର୍ଯ୍ୟାୟ । ଆଜିଠୁ ୧୫ ତାରିଖ ପର୍ଯ୍ୟନ୍ତ ଆତ୍ମ ବା ସ୍ୱ- ଗଣନା ଏବଂ ୧୬ରୁ ମେ ୧୫ ଯାଏଁ ଗୃହ ତାଲିକା ପ୍ରସ୍ତୁତି ।

# ଜିଲ୍ଲାସ୍ତରୀୟ ଜିଲ୍ଲା ପ୍ରତିଷ୍ଠା ଓ ସ୍ୱତନ୍ତ୍ର ଓଡ଼ିଶା ଦିବସ



**କେନ୍ଦ୍ରାପଡ଼ା,୧୪/ଏନ୍‌ଏନ୍‌ଏସ୍:** ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ୯୧ତମ ଓଡିଶା ଦିବସ ଓ ୩୩ତମ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡିଶା ଗଠନର ବିନ୍ଧାଣୀମାନଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ସାଂସଦଙ୍କ ପ୍ରତିନିଧି ଶଶାଙ୍କଶେଖର ସେଠୀ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡ଼ା ପୌରାଧକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ଓ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ମଞ୍ଚାସୀନ ଥିଲେ । ବିଶିଷ୍ଟ ଶିକ୍ଷାବିତ୍ ଡ. ନିରଞ୍ଜନ ମେକାପ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ମାର୍ଶାଘାଇ ମହାବିଦ୍ୟାଳୟର ବରିଷ୍ଠ ଅଧାପକ ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ' କାର୍ଯ୍ୟକ୍ରମରେ ଉଲ୍ଲେଖିତ ଚାନ୍ଦୋଳ ଏଚଏନଏସ ମହାବିଦ୍ୟାଳୟର ଛାତ୍ର ଓମ ପ୍ରକାଶ ରଥଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଆଜିଠାରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା 'ଓଡିଆ ପକ୍ଷ'ର ଲୋଗୋ ଉନ୍ମୋଚିତ କରାଯାଇଥିଲା । ଉପଜିଲ୍ଲାପାଳ ଉତ୍ତୋଳନ କରିଥିବା ଏକ ଫଟୋ ଚିତ୍ରକୁ ମନ୍ତ୍ରୀଙ୍କୁ ସ୍ମୃତିଚିହ୍ନ ଭାବେ ପ୍ରଦାନ କରିଥିଲେ । ପରବର୍ତ୍ତୀକାଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜି ସକାଳେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା । ସଂସ୍କୃତି ବିଭାଗ ପକ୍ଷରୁ ଭାବଗ୍ରାହୀ କଳା ନିକେତନ, ଗୋକୁଳଚନ୍ଦ୍ର ସଙ୍ଗୀତ ସଦନ, ରୟାଲ୍ ଡ୍ୟାନ୍ସ ଏକାଡେମୀ ଓ ନୁପୁର ଡ୍ୟାନ୍ସ ଏକାଡେମୀର କଳାକାରମାନେ ମଞ୍ଚକୁ ରଙ୍ଗିନ କରିଥିଲେ । ଏହା ସହିତ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଆଳି ଉଚ୍ଚ ବିଦ୍ୟାଳୟ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ପକ୍ଷରୁ ଡିଖିରି ରେସିଡେନ୍ସିଆଲ ସ୍କୁଲ, ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆରତୀ ଦେବୀ ସୋସାଇଟି, ମାର୍ଶାଘାଇର ଶ୍ରବଣବାଧିତ ଛାତ୍ରଛାତ୍ରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପଲ୍ଲୀଶ୍ରୀ ମହିଳା ସମିତି, ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ମନୋହର ନୃତ୍ୟ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ସକାଳେ ଜିଲ୍ଲାପାଳ ରଘୁରାମ ଆର. ଆୟର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମ ଜନସାଧାରଣଙ୍କ ମଧ୍ୟରେ ଦେଶଭକ୍ତି ଓ ଓଡିଆ ଅସ୍ମିତାର ଭାବନାକୁ ଜାଗୃତ କରିଥିଲା । ଶେଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ୯୧ତମ ପୁଲିସ ପ୍ରତିଷ୍ଠା ଦିବସ



**କେନ୍ଦ୍ରାପଡ଼ା,୧୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡାରେ ୯୧ତମ ଜିଲ୍ଲାସ୍ତରୀୟ ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜଜାଙ୍ଗସ୍ଥିତ ପୁଲିସ ରିଜର୍ଭ ପଡିଆରେ ଅନୁଷ୍ଠିତ ପ୍ୟାରେଡ୍‌ରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିଆ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ କଟ୍ଟାରିଆ ପ୍ରଥମେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପ୍ରାପ୍ତ ବାର୍ତ୍ତାକୁ ପାଠ କରିବା ପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଏଥିସହିତ ଗତ ୨୦୨୫ମସିହାରେ କେନ୍ଦ୍ରାପଡା ପୁଲିସ ଜିଲ୍ଲାର ଶ୍ରେଷ୍ଠ ପୁଲିସ ସବଇନିସପେକ୍ଟର ଦିପ୍ତିମୟୀ ରାଉତ, ଶ୍ରେଷ୍ଠ ଏଏସ୍‌ଆଇ. ମିନତୀ ରାଉଳ, ଶ୍ରେଷ୍ଠ ହାବିଲଦାର ଜିତେନ୍ଦ୍ର କୁମାର ଜେନା, ଶ୍ରେଷ୍ଠ ଓଆର୍ କନେଷ୍ଟବଳ ଶୋଭାନ୍ତ କାନ୍ତ ଜେନା, ଶ୍ରେଷ୍ଠ ଏପିଆର୍ କନେଷ୍ଟବଳ ସୁଜିତ କୁମାର ସାମଲ ଏବଂ ଶ୍ରେଷ୍ଠ ଟ୍ରାଫିକ କନେଷ୍ଟବଳ ନିରଞ୍ଜନ ପଲାଇଙ୍କୁ ଆରକ୍ଷୀ ଅଧୀକ୍ଷକ ପୁରସ୍କୃତ କରିଥିଲେ । ରିଜର୍ଭ ଇନସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ ଏହି ପ୍ୟାରେଡକୁ ପରିଚାଳନା କରିଥିବାବେଳେ ସବ୍‌ଇନସପେକ୍ଟର ପୁଲିସ(ଆର୍ମଡ)ଅକ୍ଷୟ ଘଡେଇ ଏଥିରେ ତାଙ୍କୁ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭାତ ବିଶ୍ୱାଳ ଓ ସୁଧାକର ସାହୁ, ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର, କେନ୍ଦ୍ରାପଡା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ, ଡିଏସପି ଲକ୍ଷ୍ମୀନାରାୟଣ ତିୱାରୀ, ଡିଏସପି ସରୋଜ ସାହୁ, ଡିଏସପି ସସ୍ମିତା ସାହୁ, ସାଇବର ଥାନା ଭାରପ୍ରାପ୍ତ ଅଧିକାରୀ ଡିଏସପି ଗୋପିନାଥ ପ୍ରଧାନ, ସହକାରୀ କମାଣ୍ଡା(ଗୃହରକ୍ଷୀ) ରାମକୃଷ୍ଣ ମହାନ୍ତି, ଟାଉନ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ସଦରଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ, ମୁଖ୍ୟାଳୟ ଇନସପେକ୍ଟର ଅରବିନ୍ଦସରଣ ମହାନ୍ତି,ସୌମ୍ୟରଞ୍ଜନ ବିଶ୍ୱାଳ, ସାଇବର ଥାନା ଇନସପେକ୍ଟର ଦିଲ୍ଲିପ କୁମାର ସାହୁ, ଇନସପେକ୍ଟର ଧିରଜ ଲେଙ୍କା, ଇନସପେକ୍ଟର ସୌମ୍ୟରଞ୍ଜନ ପାଣିଗ୍ରାହୀ, ଇନସପେକ୍ଟର ସୁଧାସ୍ମିତା ପୃଷ୍ଟି ଓ ଇନସପେକ୍ଟର କିଶୋର ତରାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ପୌରପରିଷଦର କନିଷ୍ଠ ଯନ୍ତ୍ରୀଙ୍କ ପଦୋନ୍ନତି

**କେନ୍ଦ୍ରାପଡ଼ା,୧୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ପୌରପରିଷଦର କନିଷ୍ଠଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଯନ୍ତ୍ରୀ ବିଶ୍ୱରଞ୍ଜନ ଜେନାଙ୍କୁ ରାଜ୍ୟ ସରକାର ଆସିଷ୍ଟାଣ୍ଟ ଇଞ୍ଜିନିୟର ଭାବେ ପଦୋନ୍ନତି ଦେଇଛନ୍ତି । ରାଜ୍ୟ ନଗର ଉନ୍ନୟନ ବିଭାଗ ପତ୍ର ସଂଖ୍ୟା ୯୬୩୭/ ୩୧-୩-୨୦୨୬ ଅନୁଯାୟୀ ରାଜ୍ୟର ପ୍ରାୟ ୪୧ ଜଣ କନିଷ୍ଠ ଯନ୍ତ୍ରୀଙ୍କୁ ପଦୋନ୍ନତି ଦିଆଯାଇଥିବାବେଳେ କେନ୍ଦ୍ରାପଡା ପୌରପରିଷଦରେ ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିବା ଜେ.ଇ ବିଶ୍ୱରଞ୍ଜନ ଜେନାଙ୍କୁ ପଦୋନ୍ନତି ମିଳିଛି । ପ୍ରକାଶ, ଏକ କାର୍ଯ୍ୟକୁ ନେଇ ଗତ ଫେବୃୟାରୀ ୧୨ ତାରିଖ ଦିନ ଜେ.ଇ ଶ୍ରୀ ଜେନାଙ୍କ ସହିତ ପୌରାଧକ୍ଷାଙ୍କ ପ୍ରତିନିଧିଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ସେହିଦିନ ଠାରୁ କିଛି ଦିନ ଜେ.ଇ ଛୁଟିରେ ରହିଥିଲେ । ପରେ କାର୍ଯ୍ୟରେ ଯୋଗଦେବା ପରେ ତାଙ୍କୁ ପୌରପରିଷଦର କୌଣସି ୱାର୍ଡର କାର୍ଯ୍ୟଭାର ନ ଦେଇ କାର୍ଯ୍ୟଳୟରେ ଡେମୋ କରି ବସାଯାଇଥିଲା । ସେ କାର୍ଯ୍ୟଳୟରେ ବସିବସି ପ୍ରାୟ ୧ ଲକ୍ଷ ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନେଉଥିବା କଥା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା । ପରେ କନିଷ୍ଠଯନ୍ତ୍ରୀ ଜେନାଙ୍କୁ ରାଜ୍ୟସରକାର ଆସିଷ୍ଟାଣ୍ଟ ଇଞ୍ଜିନିୟର (ସିଭିଲ) ଭାବେ ସେହି କେନ୍ଦ୍ରାପଡା ପୌରପରିଷଦରେ ନିଯୁକ୍ତି ପ୍ରଦାନ କରିଛନ୍ତି । ବିଭିନ୍ନ ୱାର୍ଡରେ ଦକ୍ଷତାର ସହ କାର୍ଯ୍ୟ କରି ଶ୍ରୀଯୁକ୍ତ ଜେନା ସାଧାରଣ ଲୋକଙ୍କର ବେଶ୍ ପ୍ରିୟଭାଜନ ହୋଇପାରିଥିଲେ । କୌଣସି କାର୍ଯ୍ୟରେ ସେ ସାଲିସ୍ କରିବାକୁ ପସନ୍ଦ କରୁନଥିଲେ । ତେଣୁ ତାଙ୍କୁ ବିଭିନ୍ନ ସମୟରେ ବାଧାବିଘ୍ନ ସହିବାକୁ ପଡିଥିଲା । ଶ୍ରୀଯୁକ୍ତ ଜେନାଙ୍କୁ ରାଜ୍ୟ ସରକାର ନଗର ଉନ୍ନୟନ ବିଭାଗ ପ୍ରମୋସନ ଦେଇଥିବାରୁ ଶ୍ରୀଯୁକ୍ତ ଜେନା କୃତଜ୍ଞତା ଜଣାଇଛନ୍ତି ।

# ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ



**ଯାଜପୁର,୧୪/ଏନ୍‌ଏନ୍‌ଏସ୍:** ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯାଜପୁର ଜିଲ୍ଲା ଗସ୍ତ କରିଛନ୍ତି । ଏହି ଅବସରରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ଯୋଗଦେବା ସହ ସଭା କାର୍ଯ୍ୟ ପରେ ଅପରାହ୍ନରେ ସର୍କିଟ ହାଉସ ଠାରେ ଯାଜପୁର ଏବଂ ବ୍ୟାସନଗର ପୌର ପରିଷଦର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ମନ୍ତ୍ରୀ ଡ.ମହାପାତ୍ର ରାସ୍ତା ପାର୍ଶ୍ୱ ଆଲୋକୀକରଣ, ଷ୍ଟ୍ରିଟ୍ ଲାଇଟ, ପାନୀୟଜଳ ଯୋଗାଣ, ସହର ପରିମଳ ଓ ସଫେଇ କାର୍ଯ୍ୟ, ଟିକସ ଆଦାୟ, ତରଳ ବର୍ଜ୍ୟ ପରିଚାଳନା, ୨୪ ଘଣ୍ଟା ୭ ଜଳ ଯୋଗାଣ, ପବ୍ଲିକ ଶୌଚାଳୟ, ପିଏମ ସ୍ୱନିଧି, ଆହାର ଇତ୍ୟାଦି ଯୋଜନା ଏବଂ ପ୍ରକଳ୍ପ ସମ୍ବନ୍ଧରେ ସମୀକ୍ଷା କରିବା ସହ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତୁରନ୍ତ ହିତାଧିକାରୀମାନଙ୍କୁ ଗୃହ ଯୋଗାଇବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଯାଜପୁର ସହରରେ ବିଭିନ୍ନ ରାସ୍ତାରେ ଖରାପ ହୋଇଥିବା ଲାଇଟ ଏବଂ ପୋଲଗୁଡିକୁ ବଦଳାଇବା ପାଇଁ ମଧ୍ୟ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ପିଡି-ଡିୟୁଡିଏ ଦେବୀପ୍ରସାଦ ମହାନ୍ତି, ଯାଜପୁର ଓ ବ୍ୟାସନଗର ପୌରପରିଷଦର ନିର୍ବାହୀ ଅଧିକାରୀମାନେ, ମ୍ୟୁନିସିପାଲିଟି ଯନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

## ଇରାନ୍ ଯୁଦ୍ଧ ମଧ୍ୟରେ...

ସମ୍ପ୍ରତି ଏକ ମିଳିତ ବିବୃତ୍ତିରେ ସ୍ୱାକ୍ଷର କରିଛନ୍ତି, ଯେଉଁଥିରେ ହର୍ମୁଜ୍ ଦେଇ ଜାହାଜଗୁଡ଼ିକର ସୁରକ୍ଷିତ ପଥ ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି । ଅବଶ୍ୟ ପ୍ରଧାନମନ୍ତ୍ରୀ ଷ୍ଟାର୍ମର୍ କୂଟନୀତିର ସୂକ୍ଷ୍ମତାକୁ ବୁଝିବା ସହିତ ସମ୍ପୂର୍ଣ୍ଣ ହାତ ଛାଡ଼ି ନାହାନ୍ତି । ବ୍ରିଟେନ୍ ସାଇପ୍ରସ୍‌ରେ ଥିବା ନିଜର 'ଆର୍‌ଏଏଫ୍ ଆକ୍ରୋଟିରି' ସୈନ୍ୟ ଘାଟିର ବ୍ୟବହାର ପାଇଁ ଆମେରିକାକୁ ଅନୁମତି ଦେଇଛି । ତେବେ ଏଥିପାଇଁ କଡ଼ା ସର୍ତ୍ତ ମଧ୍ୟ ରଖିଛି । ଷ୍ଟାର୍ମର ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ଘାଟି କେବଳ ପ୍ରତିରକ୍ଷା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ, ଯେପରିକି ଆସୁଥିବା କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍‌କୁ ଗୁଳି କରି ଖସାଇଦେବା ଆଦି । ନିକଟରେ ରୟାଲ୍ ଏୟାର୍ ଫୋର୍ସ (ଆର୍‌ଏଫ୍‌ଏଫ୍) ଉପସାଗରୀୟ ଅଞ୍ଚଳରେ ସହଯୋଗୀମାନଙ୍କ ସମର୍ଥନରେ ଅନେକ ଇରାନୀ ଡ୍ରୋନ୍‌କୁ ଖସାଇଥିଲା । ବ୍ରିଟେନ୍‌ର ଏହି କଠୋର ଆଭିମୁଖ୍ୟ ପ୍ରତି ଆମେରିକା ରାଷ୍ଟ୍ରପତିଙ୍କ ଅସନ୍ତୋଷ ସ୍ପଷ୍ଟ ଭାବରେ ଦୃଶ୍ୟମାନ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ବ୍ରିଟେନ ତାର ସାମରିକ ଘାଟିର ଅବାଧ ବ୍ୟବହାରକୁ ଅନୁମତି ଦେବାକୁ ମନା କରିବା ଦୁଇ ଦେଶ ମଧ୍ୟରେ ଦୀର୍ଘକାଳୀନ ଏବଂ ବିଶେଷ ସମ୍ପର୍କରେ ଫାଟ ସୃଷ୍ଟି କରୁଛି । ଏହି ନିଷ୍ପତ୍ତି ବ୍ରିଟେନ୍‌ର ଅର୍ଥନୀତି ଉପରେ ମଧ୍ୟ ସିଧାସଳଖ ପ୍ରଭାବ ପକାଉଛି । ଷ୍ଟାରମର ଭଲ ଭାବରେ ଜାଣନ୍ତି ଯେ ଯଦି ବ୍ରିଟେନ ଏହି ଯୁଦ୍ଧରେ ପ୍ରବେଶ କରେ ତେବେ ସୁଏଜ୍ କେନାଲ୍ ଏବଂ ହର୍ମୁଜ୍ ପ୍ରଣାଳୀ ଭଳି ସମୁଦ୍ର ପଥ ଅବରୋଧ ହେବା ଫଳରେ ବ୍ରିଟେନ୍‌ରେ ତୈଳଦର ଆକାଶଛୁଆଁ ହୋଇଯିବ । ବର୍ତ୍ତମାନ ପାଇଁ ବ୍ରିଟିଶ ପ୍ରଧାନମନ୍ତ୍ରୀ ଜାତୀୟ ସୁରକ୍ଷା ଏବଂ ଅର୍ଥନୀତିକୁ ପ୍ରାଥମିକତା ଦେଇ ତାଙ୍କ ସହଯୋଗୀମାନଙ୍କୁ ଏକ ଦୃଢ଼ ବାର୍ତ୍ତା ଦେଇଛନ୍ତି ।

## ୩୦ ନେତାଙ୍କୁ ଯୋଜନା...

ଛବି ମଲ୍ଲିକ-କଟକ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ-ଦେଓଗଡ଼, ସୀମାରାଣୀ ନାୟକ-ଢେଙ୍କାନାଳ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ-ଗଜପତି, ପୂର୍ଣ୍ଣଚନ୍ଦ୍ର ସେଠୀ-ଗଞ୍ଜାମ, ଅମରେନ୍ଦ୍ର ଦାସ-ଜଗତସିଂହପୁର, ଟଙ୍କଧର ତ୍ରିପାଠୀ-ଝାରସୁଗୁଡ଼ା, ଆକାଶ ଦାଶନାୟକ-ଯାଜପୁର, ସୁଧୀର ରଞ୍ଜନ ପାଟଯୋଶୀ-କଳାହାଣ୍ଡି, ଉମାଚରଣ ମଲ୍ଲିକ-କନ୍ଧମାଳ, ଡ ଦୁର୍ଗାପ୍ରସନ୍ନ ନାୟକ-କେନ୍ଦ୍ରପଡ଼ା, ଡ ଫକୀର ମୋହନ ନାୟକ-କେନ୍ଦୁଝର, ପ୍ରଶାନ୍ତ କୁମାର ଜଗଦେବ-ଖୋର୍ଦ୍ଧା, ରଘୁରାମ ମାଚ୍ଛ-କୋରାପୁଟ, ନରସିଂହ ମାଡକାମୀ-ମାଲକାନଗିରି, ଭାସ୍କର ମଢ଼େଇ-ମୟୂରଭଞ୍ଜ, ଗୌରୀଶଙ୍କର ମାଝି-ନବରଙ୍ଗପୁର, ଦୁଷ୍ମନ୍ତ କୁମାର ସ୍ୱାଇଁ-ନୟାଗଡ଼, ଜୟ ଡୋଲକିଆ-ନୂଆପଡ଼ା, ଓମ୍ ପ୍ରକାଶ ମିଶ୍ର-ପୁରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ-ରାୟଗଡ଼ା, ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର-ସମ୍ବଲପୁର, ରଘୁନାଥ ଜଗଦଲା-ସୁବର୍ଣ୍ଣପୁର ଓ ଦୁର୍ଗାଚରଣ ତନ୍ତିଙ୍କୁ ସୁନ୍ଦରଗଡ଼ ଜିଲ୍ଲାର ଦାୟିତ୍ୱ ଦିଆଯାଇଛି ।

## ଧାନ କିଣା ଅବଧି...

ଜିଲ୍ଲାଗୁଡ଼ିକରେ ଚାଷୀମାନଙ୍କ ପାଖରେ ବିକ୍ରି ନହୋଇ ପଡ଼ିରହିଥିବା ଧାନକୁ ନେଇ ଅସନ୍ତୋଷ ଦେଖାଦେଇଥିଲା । ଚାଷୀଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ଏବଂ ସେମାନେ ଯେପରି ଅଭାବୀ ବିକ୍ରିର ଶିକାର ନହୁଅନ୍ତି, ସେଥିପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏହି ସମୟସୀମାକୁ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ଚାଷୀଙ୍କ ପାଖରେ ବୈଧ ଟୋକନ୍ ଅଛି କିନ୍ତୁ ଧାନ ବିକ୍ରି କରିପାରିନାହାନ୍ତି, ସେମାନଙ୍କୁ ପ୍ରାଥମିକତା ଦିଆଯିବ । ସମସ୍ତ ମଣ୍ଡି କର୍ତ୍ତୃପକ୍ଷଙ୍କୁ ସଜାଗ ରହିବାକୁ ଏବଂ ସ୍ୱଚ୍ଛତାର ସହ ଧାନ ସଂଗ୍ରହ କରିବାକୁ କୁହାଯାଇଛି । ଏହି ନିଷ୍ପତ୍ତି ଫଳରେ ହଜାର ହଜାର ଚାଷୀ ଉପକୃତ ହେବେ ।

**ଅଟିଜିମ୍ ଏପରି ଏକ ରୋଗ ଯାହା ମସ୍ତିଷ୍କକୁ ପ୍ରଭାବିତ କରିଥାଏ ଯେଉଁ କାରଣରୁ ପୀଡ଼ିତ ବ୍ୟକ୍ତିର ବ୍ୟବହାରରେ ପରିବର୍ତ୍ତନ ଦେଖିବାକୁ ମିଳେ। ଏହି ସ୍ଥିତିରେ ଚିକିତ୍ସାର ଆବଶ୍ୟକ ହୋଇପାରେ। ଯଦି ସମୟାନୁସାରେ ଏହି ସ୍ଥିତିର ଚିକିତ୍ସା ନହୁଏ ତେବେ ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ। ପୂରା ଦୁନିଆରେ ପ୍ରତି ୧୦୦ ଜଣ ପିଲାଙ୍କ ମଧ୍ୟରୁ ଜଣେ ପିଲା ଅଟିଜିମ୍ ଦ୍ୱାରା ପୀଡ଼ିତ ରହୁଛି। ଅନେକ ରିପୋର୍ଟ ଅନୁସାରେ ଏହି ସମସ୍ୟା ପୁଅମାନଙ୍କ ମଧ୍ୟରେ ଅଧିକ ଦେଖିବାକୁ ମିଳେ। ତେବେ ଏହି ସମସ୍ୟାରେ ପୀଡ଼ିତ ପିଲାମାନଙ୍କୁ ଆଗକୁ ବଢ଼ାଇବା ପାଇଁ ପ୍ରୟାସ କରୁଛନ୍ତି ଡକ୍ଟର ରଶ୍ମି ଦାସ। ଅଟିଜିମ୍ ପ୍ରତି ସେ ଯେଉଁ ପ୍ରକାରର ସଚେତନତା ସୃଷ୍ଟି କରିଛନ୍ତି ବାସ୍ତବରେ ତାହା ପ୍ରଶଂସନୀୟ।**



# ଡକ୍ଟର ରଶ୍ମି ଦାସ

ଆଜି ପୂରା ବିଶ୍ୱ ପାଳନ କରୁଛି ଅଟିଜିମ୍ ସଚେତନତା ଦିବସ ଯାହାର ଉଦ୍ଦେଶ୍ୟ ଅଟିଜିମ୍ ସ୍ପେକ୍ଟ୍ରମ୍ ଡିସ୍‌ଅର୍ଡରରେ ଦ୍ୱାରା ଗ୍ରସ୍ତ ଲୋକମାନଙ୍କୁ ବୁଝିବା, ସେମାନଙ୍କୁ ସ୍ୱୀକୃତି ଦେବା ଓ ସେମାନଙ୍କ ଅଧିକାରଗୁଡ଼ିକୁ ପ୍ରଦାନ କରିବା। ମିଳିତ ଜାତିସଂଘ ଦ୍ୱାରା ଘୋଷିତ ଏହି ଦିନରେ ଅଟିଷ୍ଟିକ୍ ବ୍ୟକ୍ତିମାନଙ୍କୁ ସମାନ ଅବସର, ସମାବେଶୀ ଶିକ୍ଷା ଓ ଆତ୍ମନିର୍ଭର ଜୀବନ ଜିଇଁବା ପାଇଁ ସମର୍ଥନ ଦେବା ଉପରେ ଧ୍ୟାନ କେନ୍ଦ୍ରିତ କରାଯାଏ। ଅଟିଜିମ୍ ଆଜୀବନ ଚାଲିବା ପରି ଏକ ବିକାଶାତ୍ମକ ସ୍ଥିତି ଯାହା କୌଣସି ବ୍ୟକ୍ତିକୁ କଥାବାର୍ତ୍ତା, ବ୍ୟବହାର ଓ ସାମାଜିକ ସ୍ତରରେ ପ୍ରଭାବିତ କରିଥାଏ। ଏହା କୌଣସି ରୋଗ ନୁହେଁ, ମସ୍ତିଷ୍କର କାମ କରିବାର ଏକ ଅଲଗା ଉପାୟ ଅଟେ। ପ୍ରତି ଥର ଏକ ଥିମ୍ ଜରିଆରେ ଏହି ଦିବସ ପାଳନ କରାଯାଏ। ଏ ବର୍ଷର ଥିମ୍ ରଖାଯାଇଛି- 'ଅଟିଜିମ୍ ଓ ମାନବତା-ପ୍ରତି ଜୀବନର ମୂଲ୍ୟ ଅଟେ।'

ଡକ୍ଟର ରଶ୍ମି ଦାସ ଅଟିଜିମ୍ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଏପରି ଏକ ମଞ୍ଚ ତିଆରି କରିଛନ୍ତି ଯେଉଁଥିରେ ଲକ୍ଷାଧିକ ପିଲା ଓ ତାଙ୍କ ପରିବାରକୁ ସାହାଯ୍ୟ ମିଳୁଛି ଓ ସେମାନଙ୍କ ମନରେ ପିଲାମାନଙ୍କ ପାଇଁ ସେ ଏହି ମଞ୍ଚ ଏପରି ତିଆରି କରିନଥିଲେ। ଏହି ଡିସ୍‌ଅର୍ଡର ବିଷୟରେ ସେ ସେତେବେଳେ ଗଭୀରତାର ସହିତ ଜାଣିଲେ ଯେତେବେଳେ ତାଙ୍କର ଦୁଇ ବର୍ଷ ଆଠ ମାସର ପୁଅ ଅଟିଜିମ୍‌ରେ ପୀଡ଼ିତ ଥିବା ବିଷୟରେ ଜାଣିଲେ।

**ଯେମିତି ଯେମିତି ଜୀବନଶୈଳୀରେ ପରିବର୍ତ୍ତନ ହେଉଛି ସେତିକି ସେତିକି ଅନେକ ରୋଗ ବ୍ୟାପୁଛି ଯେଉଁଗୁଡ଼ିକ ସମ୍ପର୍କରେ ଲୋକମାନଙ୍କ ପାଖରେ କମ୍ ତଥ୍ୟ ରହୁଛି। ଏହିପରି ଏକ ରୋଗ ହେଉଛି ଅଟିଜିମ୍ ବା ଅଟିଜିମ୍ ସ୍ପେକ୍ଟ୍ରମ୍ ଡିସ୍‌ଅର୍ଡର। ବିଗତ କିଛି ବର୍ଷ ହେଲାଣି ଅଟିଜିମ୍ ସମସ୍ୟା ଦ୍ରୁତ ଗତିରେ ବ୍ୟାପୁଛି ବିଶେଷ କରି ଏହି ରୋଗ ପିଲାମାନଙ୍କୁ ଅଧିକ ଟ୍ରିଗର୍ କରିବାର ଦେଖିବାକୁ ମିଳୁଛି। ଏଥିପାଇଁ ଏହି ସ୍ଥିତି ବିଷୟରେ ସମସ୍ତେ ଜାଣିବା ଉଚିତ।**



ନୂଆ ଆଶାର କିରଣ ସୃଷ୍ଟି ହୋଇଛି। ଡକ୍ଟର ରଶ୍ମି ଦାସ ଜଣେ ଜର୍ଣ୍ଣାଲିଷ୍ଟ ଓ ଲେଖିକା। ସେ ନିଜକୁ 'ଅଟିଜିମ୍ ମମ୍' ବୋଲି ମଧ୍ୟ କହନ୍ତି। ଅଟିଜିମ୍ ଡିସ୍‌ଅର୍ଡର ଉପରେ ବଲିଉଡ୍‌ରେ ଅନେକ ଫିଲ୍ମର ନିର୍ମାଣ ହୋଇସାରିଲାଣି। କିନ୍ତୁ ଏହାର ସଠିକ୍ ଅର୍ଥ ବୋଧହୁଏ ଲୋକମାନେ ବୁଝିପାରିଥିବେ। ଯେତେବେଳେ କୌଣସି ପିଲା ମଧ୍ୟରେ ଏପରି ସ୍ଥିତି ନଜର ଆସେ ତା'ର ମାଙ୍କୁ ଧୈର୍ଯ୍ୟ ଓ ସାହସର ସହିତ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହୋଇ ରହିବାକୁ ପଡ଼େ। ଏପରି ସ୍ଥିତିରେ ପ୍ରଥମେ ଜଣେ ମା' ହିଁ ଉଚିତ ଢ଼ଙ୍ଗରେ ବୁଝିପାରିଥାଏ। କିନ୍ତୁ ଏହି ତଥ୍ୟକୁ ଖୁବ୍ ଭଲ ଭାବରେ ଲୋକମାନଙ୍କୁ ବୁଝେଇ ପାରିଛନ୍ତି ଡକ୍ଟର ରଶ୍ମି ଦାସ। ଏ ସମ୍ପର୍କରେ ରଶ୍ମିଙ୍କର ପ୍ରୟାସ ପ୍ରଶଂସନୀୟ। ସେ ଏପରି ଡିସ୍‌ଅର୍ଡର ଦ୍ୱାରା ଗ୍ରସ୍ତ ପିଲାମାନଙ୍କ ପାଇଁ 'ଏୟୁ ଟିପିକାଲ୍' ପରି ଏକ ମଞ୍ଚ ତିଆରି କରି ଏହା ସହିତ ପିଲା ଓ ସେମାନଙ୍କ ପରିବାରକୁ ପରିଚୟ କରାଇଛନ୍ତି।

୨୫ ବର୍ଷର ପତ୍ରକାରିତାର କ୍ୟାରିୟର୍ ମଧ୍ୟରେ ସେ ନିଜ ପାଇଁ ଅନ୍ୟ ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ଫାଇନାନ୍ସ, ଟେକ୍ ଓ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଉପରେ ତାଙ୍କର ଭଲ ଜ୍ଞାନ ରହିଛି। କେବଳ ଏତିକି ନୁହେଁ ସେ 'ଇ-କମ୍ ଇନ୍ ଇଣ୍ଡିଆ-ଡାଓଲେସନ୍ସ ଆଣ୍ଡ୍ ଟ୍ୟାକ୍ସ ଆଉଏଡାନ୍ସ' ନାମକ ଏକ ପୁସ୍ତକ ମଧ୍ୟ ଲେଖିଛନ୍ତି ଯାହା ଆମ ଦେଶର ଇ-କମ୍ କମ୍ପାନୀଗୁଡ଼ିକୁ ବିଜନେସ୍ ଷ୍ଟ୍ରକଚର୍ ବିଷୟରେ ବୁଝିବା ପାଇଁ ସାହାଯ୍ୟ କରୁଛି। ତେବେ ଅଟିଜିମ୍ ଦ୍ୱାରା ପୀଡ଼ିତ ଅନେକ ଅନ୍ୱେଷଣ କରିବା ପରେ ଡକ୍ଟର ରଶ୍ମି ଏହି ଦିଗରେ ନିଜର ଯାତ୍ରା ଆରମ୍ଭ କଲେ। ଏହା ଉପରେ ସର୍ବୋତ୍ତମ ଶିକ୍ଷା ଓ ପାଠ୍ୟକ୍ରମ ଖୋଜିବା ଥିଲା ତାଙ୍କର ଉଦ୍ଦେଶ୍ୟ। ସେ ୟୁକେ, ୟୁଏସ୍ ଓ ଜାପାନର କେତେକ କ୍ଷେତ୍ରକୁ ଯାତ୍ରା କରି ସେଠିକାର ବିଶେଷଜ୍ଞମାନଙ୍କ ସହିତ ସାକ୍ଷାତ କରିବା ପରେ ସେ ଏକ ମଜଭୁତ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ପାଇଁ ସକ୍ଷମ ହୋଇଥିଲେ।

**କିପରି ଆରମ୍ଭ ହେଲା**-ଏୟୁ ଟିପିକାଲ୍ ଏପରି ଏକ ମଞ୍ଚ ଯାହା କଳା କ୍ଷେତ୍ରରେ ଅଟିଜିମ୍ ଗ୍ରସ୍ତ ପିଲାମାନଙ୍କର ସକ୍ଷମତାକୁ ଦର୍ଶାଇଥାଏ। କଳା କ୍ଷେତ୍ରରେ ଅଟିଷ୍ଟିକ୍ ପିଲା ଓ ଯୁବା ବୟସ୍କମାନଙ୍କ କ୍ଷମତାଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ ଏୟୁ ଟିପିକାଲ୍ ଏକ ସାର୍ବଜନିକ ଉଦ୍ଦେଶ୍ୟର ମଞ୍ଚ। ଭିଜୁଆଲ୍ ଲର୍ଣ୍ଣିଂ ଓ ଟିଚିଂର ଏହି ବିଷୟ ଭିତରକୁ ଗଭୀରତାର ସହିତ ପ୍ରବେଶ କଲେ ଜଣାପଡ଼େ ଯେ ଅଟିଷ୍ଟିକ ଦ୍ୱାରା କଳା ଅନେକ ରିସର୍ଚ୍ଚର ଏକ ବିଷୟ। ଅଧିକାଂଶ ଅଟିଜିମ୍ ପିଲା କୌଣସି ନା କୌଣସି ପ୍ରକାରର କଳା ଉପରେ ରୁଚି ରଖିଥାନ୍ତି ଓ ଅନେକ ପିଲାଙ୍କ ଭିତରେ ଉନ୍ନତମାନର କୌଶଳ ମଧ୍ୟ ରହିଥାଏ। ତେବେ ଡକ୍ଟର ରଶ୍ମିଙ୍କ ମନରେ ଏହିପରି ଅନେକ ପ୍ରଶ୍ନ ରହିଥିଲା କିନ୍ତୁ ସିନେସ୍ଥେସିଆରେ ଧ୍ୱନିଗୁଡ଼ିକୁ ଶୁଣିବା ସମୟରେ ରଙ୍ଗଗୁଡ଼ିକୁ ଦେଖିବାର ଉଦାହରଣ ସର୍ବବିଦିତ ଅଟେ। ତେବେ ତାଙ୍କ ମନରେ ଉଠୁଥିବା ଅନେକ ପ୍ରଶ୍ନର ଉତ୍ତର ବିଜ୍ଞାନ ପାଖରେ ଥିଲା। କିନ୍ତୁ ତାଙ୍କ ମନରେ ଉତ୍ସୁକତା ରହିଥିଲା ଓ ସେ ଅନୁଭବ କଲେ ଯେ ଅଟିଷ୍ଟିକ କ୍ଷମତାଗୁଡ଼ିକ ପ୍ରତି ଜଣେ ବୈଜ୍ଞାନିକ ଓ ପ୍ରଗତିଶୀଳ ଅଭିବିନ୍ୟାସର ଆବଶ୍ୟକତା ରହିଛି। ଏହି ଠାରୁ ଆରମ୍ଭ ହୋଇଥିଲା ଏୟୁ ଟିପିକାଲ୍‌ର କାହାଣୀ।



ଏହି ମଞ୍ଚ ସମୟ ସମୟରେ ତାଙ୍କ ଦଳ ସହିତ ବିଶେଷ ଆବଶ୍ୟକତା ଥିବା ସମୁଦାୟଗୁଡ଼ିକ ପର୍ଯ୍ୟନ୍ତ ଡିଜିଟାଲ୍, ପ୍ରିଣ୍ଟ ଓ କ୍ୟାମ୍ପେନ୍ ଦ୍ୱାରା ଏପରି ପିଲାମାନଙ୍କୁ ସାହାଯ୍ୟ କରିବାକୁ ପହଞ୍ଚିଥାଏ। ଆର୍ଟିଷ୍ଟିକ ପିଲା ଓ ଯୁବ ବୟସ୍କମାନଙ୍କ ପରିବାରରୁ ସେମାନଙ୍କ ଆର୍ଟକୁ ଆଣି ରଶ୍ମିଙ୍କ ଏୟୁ ଟିପିକାଲ୍ ପର୍ଯ୍ୟନ୍ତ ପହଞ୍ଚେଇବା ସମ୍ପର୍କରେ କଥାବାର୍ତ୍ତା କରନ୍ତି। ହାଇ-ରିଜୋଲ୍ୟୁସନ ସହିତ ସେମାନଙ୍କ କଳାକୃତିଗୁଡ଼ିକୁ ପାଇବା ପରେ ଆର୍ଟିଷ୍ଟର ଏକ ଛୋଟ ବାୟୋ ସହିତ ଟ୍ୟୁରେଟ୍ ଓ ଡିଜିଟାଲ୍ ଭାବରେ ପ୍ରସ୍ତୁତ କରାଯାଏ। ଏୟୁ ଟିପିକାଲ୍‌ର ଉଦ୍ଦେଶ୍ୟ ଅଟିଷ୍ଟିକ୍ କଳାକାରମାନଙ୍କୁ ପ୍ରଦର୍ଶିତ କରି ସେମାନଙ୍କୁ ସମାଜର ମୁଖ୍ୟ ଧାରାକୁ ଆଣିବା। ସେମାନଙ୍କ କାମଗୁଡ଼ିକୁ କିଣାବିକା କରିବା ପାଇଁ ଏକ ବଜାର ଖୋଜିବାରେ ସାହାଯ୍ୟ ମଧ୍ୟ କରିବା।

ତେବେ ଏୟୁ ଟିପିକାଲ୍ ଏକ ସ୍ୱୟଂସେବୀ ସଂସ୍ଥା। ଏହି ସଂସ୍ଥା ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମର ଆୟୋଜନ କରି ଅଟିଜିମ୍ ପ୍ରତି ଲୋକମାନଙ୍କୁ ସଚେତନ କରାଇଥାଏ ଓ ଏହିଭଳି କାର୍ଯ୍ୟକ୍ରମଗୁଡ଼ିକ ଦ୍ୱାରା ଏହା ବିଶ୍ୱ ମଞ୍ଚ ସହିତ ମଧ୍ୟ ଜଡ଼ିତ ହୋଇ ରହିଛି। ଗୋଟିଏ ଦୀପରୁ ଆଉ ଏକ ଦୀପ ପ୍ରଜ୍ୱଳିତ ହେବା ପରି ଏହି କ୍ୟାମ୍ପେନ ଆଗକୁ ଆଗକୁ ବଢ଼ି ଚାଲିଛି। ଏହି କାମରେ ଯେତେବେଳେ ତାଙ୍କ ପିଲାମାନେ ଆଗକୁ ବଢ଼ୁଛନ୍ତି ତାହା ଡକ୍ଟର ରଶ୍ମି ଦାସଙ୍କୁ ଖୁବ୍ ଆନନ୍ଦ ଦେଉଛି। ବଡ଼ ବଡ଼ ଆର୍ଟ ଶୋ'ରେ ଲୋକମାନେ ତାଙ୍କୁ ଯେତେବେଳେ ପ୍ରଶଂସା କରୁଛନ୍ତି ସେ ଅତ୍ୟନ୍ତ ଆନନ୍ଦିତ ହେଉଛନ୍ତି। ତେବେ ସମାଜ ପାଇଁ ସେ ଜଣେ ପ୍ରେରଣା। ତାଙ୍କ କାର୍ଯ୍ୟକୁ ଯେତେ ପ୍ରଶଂସା କରାଯିବ ତାହା କମ୍ ପଡ଼ିବ। ଅଟିଜିମ୍ ପରି ଏକ ମସ୍ତିଷ୍କ ବିକାର ସମ୍ପର୍କରେ ଯେ ଯେଉଁ ପ୍ରୟାସ କରିଛନ୍ତି ସେଥିପାଇଁ ତାଙ୍କୁ ସଲାମ୍।

---

ସୌନ୍ଦର୍ଯ୍ୟ

# ଜ୍ୟୋତିଷ ଶାସ୍ତ୍ର ଓ ଶୃଙ୍ଗାର ସାମଗ୍ରୀ

**ମହିଳାମାନଙ୍କ ଶୃଙ୍ଗାର ସାମଗ୍ରୀଗୁଡ଼ିକ ଗ୍ରହଗୁଡ଼ିକୁ ସନ୍ତୁଳିତ କରିବା ସହିତ ସ୍ୱାସ୍ଥ୍ୟରେ ସୁଧାର ଆଣିଥାଏ ବୋଲି ଜ୍ୟୋତିଷ ଶାସ୍ତ୍ରରେ କୁହାଯାଇଛି। ଏହି ଶାସ୍ତ୍ର ଅନୁସାରେ ବିନ୍ଦିରେ ସୂର୍ଯ୍ୟ, ନାକଫୁଲ ବା ନଥ୍‌ରେ ଚନ୍ଦ୍ର, ପାଉଁଜିରେ ଶୁକ୍ର ଓ କାଜଲ୍‌ରେ ଶନି ଗ୍ରହ ମଜଭୁତ ହୋଇ ରହିଥାନ୍ତି। ଏମାନେ ମାନସିକ ଶାନ୍ତି, ସମୃଦ୍ଧି ଓ ସୁରକ୍ଷା ପ୍ରଦାନ କରିଥାନ୍ତି। ସବୁଜ ଚୁଡ଼ି ବୁଧ ଓ ସୁନେଲି ଆଭୂଷଣ ଗୁରୁ (ବୃହସ୍ପତି)କୁ ମଜଭୁତ କରିଥାନ୍ତି ଯେଉଁ କାରଣରୁ ଘରକୁ ସୌଭାଗ୍ୟ ଆସିଥାଏ।**



**ସୂର୍ଯ୍ୟ** (ବିନ୍ଦି)-ଆଜ୍ଞା ଚକ୍ର ଉପରେ ବିନ୍ଦି ଲଗେଇଲେ ସୂର୍ଯ୍ୟଙ୍କ ଶୁଭ ପ୍ରଭାବ ବୃଦ୍ଧି ପାଏ ଯେଉଁ କାରଣରୁ ଆତ୍ମିକ ବ୍ୟବହାର ଓ ନିୟମିତ ଦିନଚର୍ଯ୍ୟା ଭଲରେ ସମ୍ପନ୍ନ ହୁଏ।

**ଚନ୍ଦ୍ର** (ନଥ୍)-ନଥ୍ ବା ନଥୁଣି ପିନ୍ଧିବା ଦ୍ୱାରା ଚନ୍ଦ୍ର ନିୟନ୍ତ୍ରଣରେ ରହନ୍ତି ଓ ଏଥିପାଇଁ ମହିଳାମାନଙ୍କ ମଧ୍ୟରେ କରୁଣା ଭାବ ବୃଦ୍ଧି ପାଏ।

**ମଙ୍ଗଳ** (ଲିପ୍‌ଷ୍ଟିକ/ସିନ୍ଦୂର)- ଓଠକୁ ବିଭିନ୍ନ ରଙ୍ଗରେ ରଙ୍ଗେଇବା ବା ସିନ୍ଦୂର ପିନ୍ଧିବା ଦ୍ୱାରା ମଙ୍ଗଳ ଗ୍ରହକୁ ମଜଭୁତି ମିଳେ। ଏହି ଗ୍ରହ ଘର ପ୍ରତି ସମର୍ପଣ ଭାବ ଓ ଶକ୍ତିକୁ ଦର୍ଶାଇଥାଏ।

**ବୁଧ** (ସବୁଜ ରଙ୍ଗର ଚୁଡ଼ି)- ସବୁଜ ରଙ୍ଗର ଚୁଡ଼ି ବୁଧ ଗ୍ରହକୁ ଶକ୍ତିଶାଳୀ କରେ ଯେଉଁ କାରଣରୁ ପାରିବାରିକ ସନ୍ତୁଳନ ଓ ସଦସ୍ୟମାନଙ୍କ ସହିତ ସମ୍ପର୍କ ଠିକ୍‌ଠାକ୍ ରହେ।

**ଗୁରୁ** (ସୁନା)-ସୁନା ଗହଣା ପିନ୍ଧିବା ଦ୍ୱାରା ଗୁରୁ ଗ୍ରହ ଶକ୍ତିଶାଳୀ ହୋଇ ରହେ ଯେଉଁଥି ପାଇଁ ଘରେ ସୁଖ-ସମୃଦ୍ଧି ଓ ମାଙ୍ଗଳିକ କାର୍ଯ୍ୟ ହୋଇଥାଏ।

**ଶୁକ୍ର** (ପାଉଁଜି ଓ ଗୋଡ଼ମୁଦି)-ମହିଳାମାନେ ପାଦରେ ପାଉଁଜି ଓ ଗୋଡ଼ରେ ମୁଦି ପିନ୍ଧିଲେ ଶୁକ୍ର ଗ୍ରହ ଶୁଭ ଫଳ ଦେଇଥାନ୍ତି।

**ଶନି** (କାଜଲ୍)-ଆଖିରେ କାଜଲ୍ ଲଗାଇଲେ ଶନି ଶାନ୍ତ ହୋଇ ରହନ୍ତି ଓ ଖରାପ ଦୃଷ୍ଟିରୁ ରକ୍ଷା ମିଳିଥାଏ।



**ରାହୁ**-କେତୁ (କେଶ/କୁଣ୍ଡଳ)- କେଶକୁ ବାନ୍ଧି ରଖିବା ଦ୍ୱାରା ରାହୁ ନିୟନ୍ତ୍ରଣରେ ରହନ୍ତି ଓ କାନରେ କୁଣ୍ଡଳ ପିନ୍ଧିଲେ କେତୁଙ୍କର ଶୁଭ ପ୍ରଭାବ ପଡ଼େ।

**ନିଜକୁ ସୁନ୍ଦର କରିବା ପାଇଁ ଯେ କେବଳ ଗହଣା ପିନ୍ଧାଯାଏ ତାହା ନୁହେଁ, ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଗ୍ରହଗୁଡ଼ିକର ପ୍ରଭାବକୁ ସନ୍ତୁଳନ କରି ରଖିବା ପାଇଁ ମଧ୍ୟ ମହିଳାମାନେ ଗହଣା ପିନ୍ଧିବା ଉଚିତ।**



---

ଫ୍ୟାସନ୍

# ଫାର୍ସୀ ସାଲୱାର୍

ମୋଗଲ୍ କାଳରୁ ଚାଲିଆସୁଥିବା ଏକ ଶାହୀ, ଓଜନିଆ ଓ ଓସାରିଆ ଘେରବାଲା ଏକ ପାରମ୍ପରିକ ପୋଷାକ ଫାର୍ସୀ ସାଲୱାର୍। ଆଣ୍ଠୁ ପର୍ଯ୍ୟନ୍ତ ଏକ କୁର୍ତ୍ତୀ ସହିତ ଏହାକୁ ପିନ୍ଧାଯାଏ। ସାଲୱାର୍‌ରେ ଭାରି ପ୍ଲେଟ୍ସ ଥାଏ ଯେଉଁଗୁଡ଼ିକ ସାଲୱାର୍‌କୁ ଆଲିଶାନ୍ ଡ୍ରେପ୍ ଦେଇଥାନ୍ତି ତେଣୁ ଏହାକୁ ଦାମୀ ଓ ବିରାସତର ପ୍ରତୀକ ଭାବରେ ନିଆଯାଏ। ମୋଗଲ୍ କାଳର ରାଜ ପରିବାରର ମହିଳାମାନେ ଫାର୍ସୀ ସାଲୱାର୍ ପିନ୍ଧୁଥିଲେ। ବର୍ତ୍ତମାନ ଏହାର ଫ୍ୟାସନ୍ ଅଧିକ ଦେଖିବାକୁ ମିଳୁଛି ଆମ ଦେଶରେ। ଆମ ଦେଶ ସହିତ ପାକିସ୍ତାନରେ ବ୍ରାଇଡାଲ୍ ୱିଅର୍ ଭାବରେ ଫାର୍ସୀ ସାଲୱାର୍‌ର ବ୍ୟବହାର ଅଧିକ ପରିମାଣରେ କରାଯାଉଛି। ସିଲ୍‌କ, ଭେଲଭେଟ୍ ଓ ବ୍ରୋକେଡ୍ ପରି ଓଜନିଆ କପଡ଼ାରେ ଫାର୍ସୀ ସାଲୱାର୍ ତିଆରି କରାଯାଏ। ଏଥିରେ ଜଟିଳ ହସ୍ତକଳା ଡିଜାଇନ୍ ରହିଥାଏ। ସାମାନ୍ୟ ପଟିୟାଲା ସାଲୱାର୍ ଠାରୁ ଏହା ଅଲଗା କାରଣ ଫାର୍ସୀ ସାଲୱାର୍ ବହୁତ ଅଧିକ ଲମ୍ବା ଓ ଓସାରିଆ ହୋଇଥାଏ।

◆ମୋଗଲ୍ କାଳରୁ ଆରମ୍ଭ ହୋଇଥିବା ଏହି ସାଲୱାର୍‌କୁ ୧୯୭୦-୮୦ ଦଶକରେ ଶାହୀ ଓ ନବାବମାନଙ୍କ ପରିବାରର ମହିଳାମାନେ ପିନ୍ଧୁଥିଲେ। ଡିଜାଇନ୍‌କୁ ଆହୁରି ଖାସ୍ କରିବା ପାଇଁ ବଟନ୍ ପରି କେତେକ ଏଲିମେଣ୍ଟ ଯୋଡ଼ି ଦିଆଯାଉଥିଲା। କିନ୍ତୁ ସମୟ ସହିତ ଫାର୍ସୀ ସାଲୱାର୍ ଷ୍ଟାଇଲ୍‌ରେ ପରିବର୍ତ୍ତନ ହୋଇଛି। ଏଥିରେ ଆଧୁନିକତାର ସ୍ପର୍ଶ ଦେଖିବାକୁ ମିଳୁଛି।

◆ଫାର୍ସୀ ଶବ୍ଦ ଫାରସୀ ଭାଷାରୁ ଆସିଛି। ଏହି ଶବ୍ଦର ଅର୍ଥ ଫ୍ଲୋର୍। ସାଧାରଣ ସାଲୱାର୍ ଆଙ୍କଲ୍ ପର୍ଯ୍ୟନ୍ତ ରହୁଥିବା ବେଳେ ଫାର୍ସୀ ସାଲୱାର୍‌ର କପଡ଼ା ଫ୍ଲୋର୍ ବା ଭୂମିକୁ ସ୍ପର୍ଶ କରେ। ଏଥିପାଇଁ ଏହା ଅନ୍ୟ ସାଲୱାର୍ ଅପେକ୍ଷା ଅଲଗା। ଏହି ସାଲ୍‌ୱାର୍‌ର ଘେର ଖୁବ୍ ଓସାର ଓ ଲମ୍ବା ଏତେ ଅଧିକ ହୋଇଥାଏ ଯେ ଏହାର ନିମ୍ନ ଭାଗ ଭୂମିକୁ ଅଳ୍ପ ଛୁଉଁଥାଏ। ଏହି କାରଣରୁ ଯିଏ ବି ଏହାକୁ ପିନ୍ଧନ୍ତି ତାଙ୍କୁ ରୟାଲ୍ ଓ ଏଲିଗାଣ୍ଟ ଲୁକ୍ ମିଳିଥାଏ। ଫାର୍ସୀ ସାଲୱାର୍‌ର ବିଶେଷତା ହେଉଛି ଏହାର ଭାରି ଘେର ଓ ଢ଼ିଲା ଷ୍ଟାଇଲ୍। ଏହା ବ୍ୟତୀତ ଫାର୍ସୀ ସାଲୱାର୍ ଉପରେ ସାଧାରଣତଃ ସୁନ୍ଦର ଏମ୍ବ୍ରୋଇଡୋରି, ଗୋଟା-ପଟ୍ଟି, ଜରି ବା ଚିକନକାରୀର କାମ କରାଯାଇଥାଏ ଯେଉଁ କାରଣରୁ ଏହି ସାଲୱାର୍‌ର ସୁନ୍ଦରତା ଦ୍ୱିଗୁଣ ହୋଇଯାଏ।





◆ବହୁତ ସୁନ୍ଦର ଫାର୍ସୀ ସାଲୱାର୍‌ର କଟିଂ ସାଧାରଣ ସାଲୱାର୍ ଅପେକ୍ଷା ଅଲଗା ହୋଇଥାଏ। ଏହାକୁ ତିଆରି କରିବା ପାଇଁ ଅତି କମ୍‌ରେ ୧୦ ମିଟର କପଡ଼ାର ଆବଶ୍ୟକ ହୁଏ। ଫ୍ଲୋର୍ ବା ଭୂମିକୁ ସ୍ପର୍ଶ କରୁଥିବାରୁ ଏହାର ମୋହରି ଖୁବ୍ ଚଉଡ଼ା ଥାଏ। ଏଥିପାଇଁ ଫାର୍ସୀ ସାଲୱାର୍ ଉପରେ ସର୍ଟ କୁର୍ତ୍ତୀ ପିନ୍ଧାଯାଏ। କିନ୍ତୁ କୁର୍ତ୍ତୀକୁ ଫିଟିଂ ନକରାଇ ଢ଼ିଲା ରଖିଲେ ଏହା ରିଚ୍ ଲୁକ୍ ଦେବ। ଏହି ସାଲୱାର୍ ସହିତ ହିଲ୍ସ ପୁଣି ମୋଜରି ପିନ୍ଧି ପାରିବେ। ଫାର୍ସୀ ସାଲୱାର୍ ସୁଟ୍ ଷ୍ଟାଇଲ୍ ଏପରି ଯେ ଏହା ସହିତ ଦୁପଟ୍ଟା କ୍ୟାରି ନକଲେ ମଧ୍ୟ ଚଳିବ।

---

ଖାଦ୍ୟଶାଳ

# ଲାଲ୍ ଶାଗ ଓ ଚିଙ୍ଗୁଡ଼ି ତରକାରି

**ଆବଶ୍ୟକ ସାମଗ୍ରୀ**-କଟାଯାଇଥିବା ଲାଲ୍ ଶାଗ-ଅଧା କି.ଗ୍ରା, ଧୁଆଯାଇଥିବା ଚିଙ୍ଗୁଡ଼ି ମାଛ-୭୫୦ ଗ୍ରାମ, ତେଲ-୪ ବଡ଼ ଚାମଚ, କଟାଯାଇଥିବା ଟମାଟୋ ଓ ପିଆଜ-ଗୋଟିଏ ଲେଖାଏଁ, କଟାଯାଇଥିବା କଞ୍ଚା ଲଙ୍କା-୨ଟି, ଅଦା-ରସୁଣ ପେଷ୍ଟ-୧ ବଡ଼ ଚାମଚ, ଲୁଣ-ସ୍ୱାଦ ଅନୁସାରେ।

**ପ୍ରଣାଳୀ**-ପ୍ରଥମେ ଲାଲ୍ ଶାଗକୁ ଧୋଇ ଛୋଟ ଛୋଟ କରି କଟାଯିବ। ଚିଙ୍ଗୁଡ଼ି ମାଛକୁ ପରିଷ୍କାର କରି ଧୁଆଯିବ। ଏକ ପ୍ୟାନ୍‌ରେ ଅଳ୍ପ ତେଲ ଗରମ କରି ଚିଙ୍ଗୁଡ଼ି ମାଛକୁ ହାଲୁକା ଭାଜିଦେବେ। ଏବେ ସେହି ପ୍ୟାନ୍‌ରେ ବାକି ତେଲକୁ ଢ଼ାଳି ପିଆଜ ଓ କଞ୍ଚା ଲଙ୍କାକୁ ପକାଇ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜିବେ। ଏହାପରେ ସେଥିରେ ଅଦା-ରସୁଣ ପେଷ୍ଟକୁ ପକାଇ ଅଳ୍ପ ଭାଜିବା ପରେ କଟାଯାଇଥିବା ଲାଲ୍ ଶାଗକୁ ପକାଇ ମିଶେଇ ଦିଅନ୍ତୁ। ଏହା ଉପରେ କଟାଯାଇଥିବା ଟମାଟୋ ପକାଇ ୫-୧୦ ମିନିଟ୍ ପର୍ଯ୍ୟନ୍ତ ଘୋଡ଼େଇ ଦିଅନ୍ତୁ। ଟମାଟୋ ସିଝିଯିବା ପରେ ସ୍ୱାଦାନୁସାରେ ଲୁଣ ପକେଇବେ। ଶାଗ ଓ ଟମାଟୋ ସିଝି ମିଶିଯିବା ପରେ ସେଥିରେ ଭଜାଯାଇଥିବା ଚିଙ୍ଗୁଡ଼ି ମାଛ ପକାଇ ୫ ମିନିଟ୍ ପାଇଁ ଘୋଡ଼େଇ ରଖନ୍ତୁ। ଘୋଡ଼ଣି କାଢ଼ିବା ପରେ ଭଲ ଭାବରେ ଗୋଳେଇ ଦେବେ। ଗାର୍ଣ୍ଣିସ୍ ପାଇଁ ଧଣିଆ ପତ୍ର ପକାଇ ପାରିବେ। ଏବେ ପ୍ରସ୍ତୁତ ହୋଇଗଲା ଲାଲ୍ ଶାଗ ଓ ଚିଙ୍ଗୁଡ଼ି ମାଛ ତରକାରି। ଏହାକୁ ରୁଟି କିମ୍ବା ଭାତ ସହିତ ଖାଇପାରିବେ।



---

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ**: ଦିନଟି ସମସ୍ୟାରେ ଭରି ରହିବ। ନୂଆ ଅବସର ରହିଛି। ଘରେ ଅଳ୍ପ ତର୍କ ହୋଇପାରେ। ନୂଆ ଦାୟିତ୍ୱ ମିଳିବ। ଚିନ୍ତା କରି ନିର୍ଣ୍ଣୟ ନେବେ। ପୁରୁଣା ପ୍ରୋଜେକ୍ଟ ପୂରା କରିବେ।

**ବୃଷ**: ମୁଡ୍ ସମ୍ବେଦନଶୀଳ ରହିବ। ବିତ୍ତୀୟ ମାମଲା ଆହ୍ୱାନମୂଳକ ହୋଇପାରେ। ଚିନ୍ତା କରି ନିବେଶ କରନ୍ତୁ। ସହକର୍ମୀଙ୍କ ସହିତ ତାଳମେଳ ବଜାୟ ରଖିବେ। କାନ ଓ ଗଳା ଉପରେ ଧ୍ୟାନ ରଖିବେ।

**ମିଥୁନ**: ଆଜି ଉର୍ଜାବାନ ରହିବେ। ଛୋଟ ଯାତ୍ରା ଯୋଗ ରହିଛି। ଲୋକମାନେ ପରାମର୍ଶ ମାଗି ପାରନ୍ତି। ନୂଆ ଶିକ୍ଷା ପାଇଁ ସମୟ ଅନୁକୂଳ। ସାଥି ସହିତ ରୋମାଣ୍ଟିକ ମୁହୂର୍ତ୍ତ ବିତେଇବେ।

**କର୍କଟ**: ଭାବନାତ୍ମକ ସ୍ତରରେ ସମ୍ବେଦନଶୀଳ ଦିନଟିଏ। ପୁରୁଣା ମୁଦ୍ଦାର ସମାଧାନ ମିଳିବ। ପିଲାଙ୍କ ସହିତ ସମୟ ବିତେଇବେ। ଟିମ୍‌ୱାର୍କ ଜରୁରୀ। ରୋମାନ୍ସ ପାଇଁ ଦିନଟି ଉତ୍ତମ।

**ସିଂହ**: ଉର୍ଜା ଓ ଆତ୍ମବିଶ୍ୱାସ ଚରମ ସୀମାରେ ରହିବ। ଅନ୍ୟକୁ ପ୍ରେରିତ କରିପାରିବେ। ପରିବାରରେ ଛୋଟ ଛୋଟ ଖୁସି ଆସିବ। ପିଲାଙ୍କ ଉପଲବ୍ଧିରେ ମନ ପ୍ରସନ୍ନ ରହିବ।

**କନ୍ୟା**: ଦିନଟି ସାମାନ୍ୟ ରହିବ। ବିତ୍ତୀୟ ନିଷ୍ପତ୍ତିରେ ସାବଧାନ ରହିବେ। ନୂଆ ଅବସର ରହିଛି। ମାତାପିତା ମାର୍ଗଦର୍ଶନ କରେଇବେ। ନୂଆ କାମ ମିଳିପାରେ। ପରିଶ୍ରମରୁ ଲାଭ ପାଇବେ।

**ତୁଳା**: ଦିନଟି ମିଶ୍ରିତ ଫଳ ଦେବ। ନୂଆ ଅବସର ପାଇବେ। ମନକୁ ଶାନ୍ତ ରଖନ୍ତୁ। ଚର୍ଚ୍ଚାରୁ ସମସ୍ୟାର ସମାଧାନ ହେବ। ନୂଆ ପ୍ରୋଜେକ୍ଟର ଦାୟିତ୍ୱ ମିଳିବ। ପାଠପଢ଼ା ଓ ଶିଖିବା ପାଇଁ ଭଲ ସମୟ।

**ବିଛା**: ମନ ଗଭୀର ଚିନ୍ତାରେ ରହିବ। କିଛି ଲୋକ ସାହାଯ୍ୟ ମାଗିପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିବ। ନୂଆ ଉପାୟ ଆପଣାଇବେ। ରୋମାନ୍ସ ପାଇଁ ଉଚିତ ସମୟ। ପାଚନ ସମ୍ବନ୍ଧୀୟ ସମସ୍ୟା ହୋଇପାରେ।

**ଧନୁ**: ଉତ୍ସାହ ଓ ଜୋଶ୍ ଭରା ଦିନଟିଏ। ନୂଆ କାମର ଆରମ୍ଭ କରିପାରନ୍ତି। ନୂଆ କଣ୍ଟ୍ରାକ୍ଟରୁ ଲାଭ ପାଇବେ। ଶିକ୍ଷା ଓ କୌଶଳ ବୃଦ୍ଧି ହେବ। ଭ୍ରମଣ ପାଇଁ ଉପଯୁକ୍ତ ସମୟ। କ୍ଳାନ୍ତ ଅନୁଭବ କରିପାରନ୍ତି।

**ମକର**: ଆଜି ମାନସିକ ସ୍ତରରେ ସ୍ଥିର ରହିବେ। ପରିବାର ଓ କାମରେ ସନ୍ତୁଳନ ଜରୁରୀ। ପୁରୁଣା ପ୍ରୋଜେକ୍ଟରୁ ଲାଭ ପାଇବେ। ପାଠପଢ଼ାରେ ନିୟମିତତା ଜରୁରୀ।

**କୁମ୍ଭ**: ନୂଆ ବିଚାର ଓ ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ମାନସିକ ଶାନ୍ତି ଜରୁରୀ। ପିଲାଙ୍କ ସହିତ ସମୟ ବିତେଇଲେ ଲାଭରେ ରହିବେ। ନୂଆ ଯୋଜନା ସକାରାତ୍ମକ ପରିଣାମ ଦେବ।

**ମୀନ**: ଦିନଟି ରୋମାଞ୍ଚ ଓ ନୂଆ ଅବସର ନେଇ ଆସିବ। ସାଥିଙ୍କ ସହଯୋଗ ପାଇବେ। ପରିବାରକୁ ନୂଆ ସଦସ୍ୟ ଆସି ଖୁସି ଦେବ। ପାଠପଢ଼ା ଓ ପରୀକ୍ଷାରୁ ସଫଳତା ପାଇବେ। ସାଥି ସହିତ ରୋମାନ୍ସର ଦିନ।



**ଆଜିର ମ୍ୟାଚ୍**

**କୋଲ୍‌କାତା ନାଇଟ୍ ରାଇଡର୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ**

**ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: କୋଲ୍‌କାତା**

ନିତିଦିନ NITIDIN

### ଇତିହାସ ରଚିଲା ନ୍ୟୁଜିଲାଣ୍ଡ୍

# ମହିଳା ଦିନିକିଆରେ ସବୁଠୁ ବଡ଼ ରନ୍ ଚେଜ୍

**ୱେଲିଂଟନ୍,୧୪/ଏଜେନ୍ସି:** ନ୍ୟୁଜିଲାଣ୍ଡ ମହିଳା ଦିନିକିଆର ସବୁଠୁ ବଡ଼ ରନ୍ ଚେଜ୍ କରିଛି । ଟିମ୍ ଦ୍ୱିତୀୟ ଦିନିକିଆରେ ସାଉଥ୍ ଆଫ୍ରିକା ବିପକ୍ଷରେ ୨ ୱିକେଟ୍‌ରେ ବିଜୟୀ ହୋଇଛି । ଆମେଲିଆ କେର୍‌ଙ୍କ ଅପରାଜିତ ୧୭୯ ରନ୍‌ର ଇନିଂସ୍

- **ଭାରତର ରେକର୍ଡ଼ ଭାଙ୍ଗିଲା**
- **ଆମେଲିଆ କେର୍‌ଙ୍କ ୧୭୯ ରନ୍**
- **ସାଉଥ୍ ଆଫ୍ରିକା ୨ ୱିକେଟ୍‌ରେ ପରାଜିତ**



ଦମ୍‌ରେ ନ୍ୟୁଜିଲାଣ୍ଡ ୩୪୮ ରନ୍‌ର ଲକ୍ଷ୍ୟ ୪୯.୪ ଓଭର୍‌ରେ ୮ ୱିକେଟ୍ ହରାଇ ହାସଲ କରିବା ସହିତ ସିରିଜ୍ ୧-୧ରେ ବରାବର କରିଛି । ୱେଲିଂଟନ୍‌ରେ ବୁଧବାର ଭାରତର ରେକର୍ଡ ଭଙ୍ଗ କରିଛି । ମହିଳା ବିଶ୍ୱକପ୍ ୨୦୨୫ ସେମିଫାଇନାଲ୍‌ରେ ଭାରତୀୟ ମହିଳା ଟିମ୍ ଅଷ୍ଟ୍ରେଲିଆ ବିପକ୍ଷରେ ୫ ୱିକେଟ୍ ହରାଇ ୩୪୧ ରନ୍‌ର ଲକ୍ଷ୍ୟ ହାସଲ କରିଥିଲା ।

୨୪୮ ରନ୍‌ର ବଡ଼ ଲକ୍ଷ୍ୟକୁ ପିଛା କରୁଥିବା ନ୍ୟୁଜିଲାଣ୍ଡ ଆରମ୍ଭରୁ ସୁଜି ବେଟ୍ସଙ୍କୁ ଶୀଘ୍ର ହରାଇଥିଲା । ଏହାପରେ ଆମେଲିଆ କେର୍ ଇନିଂସ୍ ସମ୍ଭାଳି ଜର୍ଜିଆ ପ୍ଲିମର୍‌ଙ୍କ ସହ ୫୨ ରନ୍‌ର ପାର୍ଟନରଶିପ୍ କରିଥିଲେ । ମିଡିଲ୍ ଓଭର୍‌ରେ ଟିମ୍‌ର ସ୍କୋର୍ ୧୩୦/୪ ହୋଇଥିବା ବେଳେ କେର୍‌ଙ୍କୁ ଇସାବେଲା ଗେଜ୍‌ଙ୍କ ସାଥ୍ ମିଳିଥିଲା । ଗେଜ୍ ୪୮ ବଲ୍‌ରେ ୬୮ ରନ୍ କରି ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲେ । ଦୁହେଁ ଦ୍ରୁତ ୧୨୦ ରନ୍‌ର ପାର୍ଟନରଶିପ୍ କରି ନ୍ୟୁଜିଲାଣ୍ଡର ପ୍ରତ୍ୟାବର୍ତ୍ତନ ଘଟାଇଥିଲେ । ଆମେଲିଆ କେର୍ ୧୩୯ ବଲ୍‌ରେ ୨୩ ଚୌକା ଓ ଗୋଟିଏ ଛକା ସହାୟତାରେ ଅପରାଜିତ ୧୭୯ ରନ୍ କରିଥିଲେ । ଶେଷରେ କେର୍ ଚୌକା ମାରି ମ୍ୟାଚ୍ ଶେଷ କରିବା ସହିତ ଟିମ୍‌କୁ ସ୍ମରଣୀୟ ବିଜୟ ଦେଇଥିଲେ ।

ଏହା ପୂର୍ବରୁ ସାଉଥ୍ ଆଫ୍ରିକା ୫୦ ଓଭର୍‌ରେ ୬ ୱିକେଟ୍ ହରାଇ ୩୪୭ ରନ୍ କରିଥିଲା । ଲୌରା ୱୁଲ୍‌ଭାର୍ଟ (୬୯) ଏବଂ ଏନେକେ ବୋଶ୍ (୯୧) ଦ୍ୱିତୀୟ ୱିକେଟ୍ ପାଇଁ ୧୩୨ ରନ୍ ଯୋଡ଼ି ଟିମ୍‌କୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ । ଅନ୍ତରେ କ୍ଲୋ ଟ୍ରାୟନ୍ ୨୫ ବଲ୍‌ରେ ଅପରାଜିତ ୫୨ ରନ୍ କରି ସ୍କୋର୍ ୩୪୭ ରନ୍‌ରେ ପହଞ୍ଚାଇଥିଲେ ।

### ରିଜ୍‌ଭିଙ୍କ ଅର୍ଦ୍ଧଶତକ; ନଟରାଜନ୍ ଓ ଏନ୍‌ଗିଡିଙ୍କୁ ୩-୩ ୱିକେଟ୍

# ଲକ୍ଷ୍ନୌକୁ ୬ ୱିକେଟ୍‌ରେ ହରାଇଲା ଦିଲ୍ଲୀ

**ଲକ୍ଷ୍ନୌ,୧୪/ଏଜେନ୍ସି:** ଆଇପିଏଲ୍ ୨୦୨୬ର ପଞ୍ଚମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ (ଏଲ୍‌ଏସ୍‌ଜି)କୁ ହରାଇ ଦେଇଛି । ଏହା ଏଲ୍‌ଏସ୍‌ଜି ବିପକ୍ଷରେ ଦିଲ୍ଲୀର ଲଗାତାର ପଞ୍ଚମ ବିଜୟ । ବୁଧବାର ଏକାନା ଷ୍ଟାଡିୟମ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା । ଲକ୍ଷ୍ନୌ ୧୮.୪ ଓଭର୍‌ରେ ୧୪୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୭.୧ ଓଭ୍‌ରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା । ସମୀର ରିଜଭିଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ମଧ ବିବେଚିତ କରାଯାଇଥିଲା ।



ଲକ୍ଷ୍ୟର ପିଛା କରୁଥିବା ଦିଲ୍ଲୀ ପ୍ରଥମ ବଲ୍‌ରେ ହିଁ ଓପ୍ନର୍ କେଏଲ୍ ରାହୁଲଙ୍କ ୱିକେଟ୍ ହରାଇଥିଲା । ତୃତୀୟ ନମ୍ବରରେ ବ୍ୟାଟିଂ ପାଇଁ ଆସିଥିବା ନିତିଶ ରାଣା ୧୫ ରନ୍ କରି ମୋହସିନ୍ ଖାନ୍‌ଙ୍କ ଓଭର୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ । ଆଇପିଏଲ୍‌ରେ ପ୍ରଥମ ମ୍ୟାଚ୍ ଖେଳିଥିବା ଅନ୍ୟତମ ଓପ୍ନର୍ ଶ୍ରୀଲଙ୍କାର ପାଥୁମ୍ ନିସଙ୍କା ମାତ୍ର ୧ ରନ୍ କରି ପ୍ରିନ୍ସ ଯାଦବଙ୍କ ଶିକାର ହୋଇଥିଲେ । ସେହି ଓଭର୍‌ରେ ପ୍ରିନ୍ସ ଯାଦବ ଖାତା ଖୋଲିବା ପୂର୍ବରୁ କ୍ୟାପ୍ଟେନ୍ ଅକ୍ଷର ପଟେଲ୍‌ଙ୍କୁ ପ୍ୟାଭିଲିୟନ୍ ଫେରାଇ ଲକ୍ଷ୍ନୌ ସ୍କୋର୍ ୨୬/୪ କରିଦେଇଥିଲେ । ତେବେ ଇମ୍ପାକ୍ଟ ପ୍ଲେୟାର୍ ସମୀର ରିଜ୍‌ଭି ପଞ୍ଚମ ୱିକେଟ୍ ପାଇଁ ଟ୍ରିଷ୍ଟନ୍ ଷ୍ଟବ୍ସଙ୍କ ସହ ଶତକୀୟ ଇନିଂସ୍ କରି ଟିମ୍‌କୁ ବିଜୟୀ କରାଇଥିଲେ । ରିଜ୍‌ଭି ୪୭ ବଲ୍‌ରେ ୫ ଚୌକା ଓ ୪ ଛକା ସହାୟତାରେ ଅପରାଜିତ ୭୦ ଏବଂ ଷ୍ଟବ୍ସ ୩୨ ବଲ୍‌ରେ ୩୯ ରନ୍ କରି ଅପରାଜିତ ଫେରିଥିଲେ ।

ପ୍ରଥମେ ବ୍ୟାଟିଂ ପାଇଥିବା ଲକ୍ଷ୍ନୌ ତୃତୀୟ ଓଭର୍‌ରେ କ୍ୟାପ୍ଟେନ୍ ଋଷଭ ପନ୍ତଙ୍କ ୱିକେଟ୍ ହରାଇଥିଲା । ପନ୍ତ୍ ୯ ବଲ୍‌ର ସମ୍ମୁଖୀନ ହୋଇ ମାତ୍ର ୭ ରନ୍‌ରେ ରନ୍‌ଆଉଟ୍ ହୋଇଥିଲେ । ଏହାପରେ ତୃତୀୟରେ ବ୍ୟାଟିଂ ପାଇଁ ଆସିଥିବା ଏଡେନ୍ ମାର୍କରାମ୍ ୧୧ ରନ୍ କରିଥିବା ବେଳେ ଅକ୍ଷର ପଟେଲ୍‌ଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ । ଆୟୁଷ ବଡ଼ୋନୀ ଖାତା ଖୋଲିବା ପୂର୍ବରୁ ନଟରାଜନ୍‌ଙ୍କ ଶିକାର ହୋଇଥିଲେ । ନିକୋଲାସ ପୁରନ୍ ମଧ ଖାସ୍ ପ୍ରଦର୍ଶନ କରିପାରି ନଥିଲେ । ୮ ରନ୍ କରି ଲୁଙ୍ଗି ଏନ୍‌ଗିଡ଼ିଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ । ଓପ୍ନର୍ ମିଚେଲ୍ ମାର୍ଶ ୨୮ ବଲ୍‌ରେ ୨୮ ବଲ୍‌ରେ ୨ ଚୌକା ଓ ୩ ଛକା ସହାୟତାରେ ୩୫ ରନ୍‌ର ଇନିଂସ୍ ଖେଳିଥିଲେ । ଟିମ୍ ପକ୍ଷରୁ ଅବ୍‌ଦୁଲ୍ ସମଦ ସର୍ବାଧିକ ୩୬ ରନ୍ କରିଥିବା ବେଳେ ଶାହାବାଜ୍ ଅହମଦ ୧୫ ଏବଂ ମୁକେଶ୍ ଚୌଧୁରୀ ୧୪ ରନ୍‌ର ଯୋଗଦାନ ଦେଇଥିଲେ । ଦିଲ୍ଲୀ ପକ୍ଷରୁ ଥାଙ୍ଗାରାସୁ ନଟରାଜନ୍ ଏବଂ ଲୁଙ୍ଗି ଏନ୍‌ଗିଡି ୩ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ କୁଲଦୀପ ଯାଦବଙ୍କୁ ୨ଟି ସଫଳତା ମିଳିଥିଲା । ଅକ୍ଷର ପଟେଲ୍ ଜଣଙ୍କୁ ଆଉଟ୍ କରିଥିଲେ ।

# ଜୁଲାଇରେ ଜିମ୍ବାୱେ ଯିବ ଟିମ୍ ଇଣ୍ଡିଆ

### ୨୩ ତାରିଖରୁ ୩ ଟି-୨୦ ମ୍ୟାଚ୍ ଖେଳାଯିବ

**ନୂଆଦିଲ୍ଲୀ,୧୪/ଏଜେନ୍ସି:** ଭାରତୀୟ କ୍ରିକେଟ୍ ଟିମ୍ ଚଳିତ ବର୍ଷ ଜୁଲାଇରେ ତିନି ମ୍ୟାଚ୍‌ର ଟି-୨୦ ସିରିଜ୍ ଖେଳିବା ପାଇଁ ଜିମ୍ବାୱେ ଗସ୍ତ କରିବ । ସମସ୍ତ ମ୍ୟାଚ୍ ହରାରେ ଖେଳାଯିବ । ବୁଧବାର ଜିମ୍ବାୱେ କ୍ରିକେଟ୍ ବୋର୍ଡ ସିରିଜ୍‌ର କାର୍ଯ୍ୟସୂଚୀ ଘୋଷଣା କରିଛି । ଜୁଲାଇ ୨୩ରେ ପ୍ରଥମ ଟି-୨୦ ଖେଳାଯିବ । ଏହାପରେ ୨୫ ଏବଂ ୨୬ ଜୁଲାଇରେ ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ହେବ । ଟିମ୍ ଇଣ୍ଡିଆ ଶେଷଥର ପାଇଁ ୨୦୨୪ରେ ଜିମ୍ବାୱେ ଗସ୍ତ କରିଥିଲା । ସେତେବେଳେ ନେତୃତ୍ୱ ଶୁଭମନ୍ ଗିଲ୍ ସମ୍ଭାଳିଥିଲେ । ଭାରତ ପ୍ରଥମ ମ୍ୟାଚ୍ ହରାଇବା ପରେ ପ୍ରତ୍ୟାବର୍ତ୍ତନ କରି ସିରିଜ୍ ୪-୧ରେ ନିଜ ନାମରେ କରିଥିଲା ।

ଜିମ୍ବାୱେ କ୍ରିକେଟ୍ ନିର୍ଦ୍ଦେଶକ ଶିବମୋର ମକୋନୀ କହିଛନ୍ତି, ଭାରତ ବିପକ୍ଷ ମ୍ୟାଚ୍ ସର୍ବଦା ଦର୍ଶକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥାଏ । ସେହି ଅନୁସାରେ ଏହି ସିରିଜ୍ ଘରୋଇ ପଡ଼ିଆରେ ଖେଳାଳିଙ୍କ ପାଇଁ ନିଜକୁ ପରଖିବାର ଏକ ଉନ୍ନତ ଅବସର ହେବ । ସେହିପରି ଜିମ୍ବାୱେ ଟିମ୍ ୨୦୨୭ ଜାନୁଆରୀରେ ଭାରତ ଗସ୍ତରେ ଆସିବ । ଏହି ଅବସରରେ ତିନି ଦିନିକିଆ ମ୍ୟାଚ୍ ଖେଳାଯିବ । ମ୍ୟାଚ୍ କୋଲ୍‌କାତା (ଜାନୁଆରୀ ୩), ହାଇଦ୍ରାବାଦ (ଜାନୁଆରୀ ୬) ଏବଂ ମୁମ୍ବାଇ (ଜାନୁଆରୀ ୯)ରେ ହେବ ।

### ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍ : ହାର୍ଦ୍ଦିକ ପାଣ୍ଡ୍ୟା ଶୀର୍ଷ-୨ ଅଲ୍‌ରାଉଣ୍ଡର୍

# ଶୀର୍ଷ-୧୦ରେ ଭାରତର ୪ ବ୍ୟାଟର୍

**ଦୁବାଇ,୧୪/ଏଜେନ୍ସି:** ଆଇସିସି ପକ୍ଷରୁ ଜାରି ସଦ୍ୟତମ ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତର ୪ ଜଣ ବ୍ୟାଟର୍ ଶୀର୍ଷ-୧୦ରେ ସ୍ଥାନ ପାଇଛନ୍ତି । ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍‌ର ଟି-୨୦ ସିରିଜ୍‌ରେ ୨୦୦ ରନ୍ କରିଥିବା ସାଉଥ୍ ଆଫ୍ରିକା କନର୍ ଏଷ୍ଟରହୁଇଜନ୍ ୬୪ ସ୍ଥାନର ଲମ୍ଫ ପ୍ରଦାନ କରି ୩୯ ନମ୍ବରରେ ପହଞ୍ଚିଛନ୍ତି । ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଙ୍ଗ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ନମ୍ବର-୨ରେ ରହିଛନ୍ତି ।



ଟି-୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ଅଭିଷେକ ଶର୍ମା ୮୭୫ ରେଟିଂ ପଏଣ୍ଟ ସହ ପ୍ରଥମ ସ୍ଥାନରେ ଥିବାବେଳେ ଈଶନ୍ କିଶନ୍ (୮୭୧) ତାଙ୍କ ପଛରେ ରହିଛନ୍ତି । ଏହା ବ୍ୟତୀତ ତିଳକ ବର୍ମା (୬ଷ୍ଠ) ଏବଂ ସୂର୍ଯ୍ୟକୁମାର ଯାଦବ (୭ମ) ମଧ ଶୀର୍ଷ-୧୦ରେ ସ୍ଥାନ ହାସଲ କରିବାରେ ସଫଳ ହୋଇଛନ୍ତି । ପାକିସ୍ତାନର ସାହିବଜାଦା ଫରହାନ୍ ତୃତୀୟ ଏବଂ ଇଂଲଣ୍ଡର ଫିଲ୍ ସଲ୍ଟ ଚତୁର୍ଥ ସ୍ଥାନରେ ରହିଛନ୍ତି ।

ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଙ୍ଗ୍‌ରେ ସିକନ୍ଦର ରଜା ୩୨୮ ରେଟିଂ ସହିତ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା (୨୯୯) ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି । ପାକିସ୍ତାନର ସାମ୍ ଅୟୁବ ଏବଂ ନେପାଳର ଦୀପେନ୍ଦ୍ର ସିଂହ ଐରୀ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି । ବୋଲିଂ ର୍‍ୟାଙ୍କିଙ୍ଗ୍ ଶୀର୍ଷରେ ଆଫଗାନିସ୍ତାନ ସ୍ପିନର୍ ରଶିଦ୍ ଖାନ୍ ୭୫୩ ରେଟିଂ ସହିତ ପ୍ରଥମ ସ୍ଥାନରେ ରହିଛନ୍ତି । ଭାରତର ବରୁଣ ଚକ୍ରବର୍ତ୍ତୀ (୭୪୦) ଦ୍ୱିତୀୟ ଏବଂ ପାକିସ୍ତାନର ଅବରାର୍ ଅହମଦ (୭୩୬) ତୃତୀୟ ସ୍ଥାନ ହାସଲ କରିଛନ୍ତି । ଶୀର୍ଷ-୧୦ରେ ଜସ୍‌ପ୍ରୀତ୍ ବୁମ୍ରା (୬ଷ୍ଠ) ମଧ ସାମିଲ ଅଛନ୍ତି ।

# ଜାଡ଼େଜାଙ୍କ ଆଇପିଏଲ୍ ରେକର୍ଡ ଭାଙ୍ଗିଲେ ଚହଲ୍

**ନୂଆଦିଲ୍ଲୀ,୧୪/ଏଜେନ୍ସି:** ଆଇପିଏଲ୍ ୨୦୨୬ରେ ମଙ୍ଗଳବାର ପଞ୍ଜାବ କିଙ୍ଗ୍‌ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ନ୍ୟୁ ଚଣ୍ଡିଗଡ଼ରେ ଖେଳାଯାଇଥିବା ମ୍ୟାଚ୍‌ରେ ଦୁଇଟି ରେକର୍ଡ ହୋଇଛି । ଯୁଜବେନ୍ଦ୍ର ଚହଲ୍ ଆଇପିଏଲ୍ ମ୍ୟାଚ୍‌ରୁ ୭-୧୫ ଓଭର୍ ଫେଜ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର୍ ହୋଇଛନ୍ତି । ସେହିପରି ଅର୍ଶଦୀପ ସିଂହ ଗୋଟିଏ ଓଭର ପୂରା କରିବା ପାଇଁ ସର୍ବାଧିକ ବଲ୍ ପକାଇବାର ଅଦରକାରୀ ରେକର୍ଡ ସମକକ୍ଷ ହୋଇଛନ୍ତି ।



ମ୍ୟାଚ୍‌ରେ ଚହଲ୍ ଦୁଇଟି ୱିକେଟ୍ ନେଇଥିଲେ । ସେ କ୍ୟାପ୍ଟେନ୍ ଶୁଭମନ୍ ଗିଲ୍ ଏବଂ ଜୋସ୍ ବଟ୍‌ଲର୍‌ଙ୍କୁ ଆଉଟ୍ କରିଥିଲେ । ଏହି ଦୁଇ ୱିକେଟ୍ ୭ରୁ ୧୫ ଓଭର୍ ମଧ୍ୟରେ ଆସିଥିଲା । ଏହା ସହିତ ଆଇପିଏଲ୍‌ର ଏହି ଫେଜ୍‌ରେ ଚହଲ୍ ସର୍ବାଧିକ ୱିକେଟ୍ ହାସଲକାରୀ ହୋଇଛନ୍ତି । ତାଙ୍କ ୱିକେଟ୍ ସଂଖ୍ୟା ୧୩୮ ହୋଇଥିବା ବେଳେ ଏହି ମାମଲାରେ ସେ ରବୀନ୍ଦ୍ର ଜାଡ଼େଜା (୧୩୬)ଙ୍କୁ ପଛରେ ପକାଇଛନ୍ତି । ସେହିପରି ଅର୍ଶଦୀପ ସିଂହ ଗୁଜରାଟ ବିପକ୍ଷରେ ୧୧ ବଲ୍‌ର ଓଭର୍ ବୋଲିଂ କରିଛନ୍ତି । ଇନିଂସ୍‌ର ଶେଷ ଓଭର୍‌ରେ ଅର୍ଶଦୀପ୍ ୪ ୱାଇଡ୍ ଏବଂ ଗୋଟିଏ ନୋ-ବଲ୍ ପକାଇଥିଲେ । ଫଳରେ ତାଙ୍କୁ ଓଭର୍ ପୂରା କରିବାକୁ ୧୧ ବଲ୍ ଲାଗିଥିଲା । ଏହି ଓଭର୍‌ରେ ଗୁଜରାଟ ୧୨ ରନ୍ ସଂଗ୍ରହ କରିଥିଲା । ଅର୍ଶଦୀପ୍‌ଙ୍କ ପୂର୍ବରୁ ମହମ୍ମଦ ସିରାଜ୍, ତୁଷାର ଦେଶପାଣ୍ଡେ, ଶାର୍ଦ୍ଦୁଳ ଠାକୁର, ସନ୍ଦୀପ ଶର୍ମା ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ମଧ ଆଇପିଏଲ୍‌ରେ ୧୧-୧୧ ବଲ୍‌ର ଓଭର୍ ବୋଲିଂ କରିସାରିଛନ୍ତି ।

# ମାକ୍ସୱେଲ୍-ରିଚାର୍ଡସନ୍ ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟରୁ ବାଦ୍

### ୱେଦରାଲ୍ଡ ଓ ନେସର୍‌ଙ୍କୁ ସୁଯୋଗ, ୨୧ ଖେଳାଳିଙ୍କ ଲିଷ୍ଟ ଜାରି

**ମେଲ୍‌ବର୍ଣ୍ଣ,୧୪/ଏଜେନ୍ସି:** ଅଷ୍ଟ୍ରେଲିଆ କ୍ରିକେଟ୍ ବୋର୍ଡ (ସିଏ) ୨୦୨୬-୨୭ ସିଜନ୍ ପାଇଁ ୨୧ ଖେଳାଳିଙ୍କ ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟ ଲିଷ୍ଟ ଜାରି କରିଛି । ଏହି କଣ୍ଟ୍ରାକ୍ଟରେ ବିଶେଷ ଭାବେ ଟେଷ୍ଟ ଏବଂ ମଲ୍ଟି-ଫର୍ମାଟ୍ ଖେଳାଳିମାନଙ୍କୁ ପ୍ରାଥମିକତା ଦିଆଯାଇଛି । ଏହି ଲିଷ୍ଟରେ ବହୁ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି ।



ଗ୍ଲେନ୍ ମାକ୍ସୱେଲ୍, ମାଥ୍ୟୁ ଶର୍ଟ, ଝାଏ ରିଚାର୍ଡସନ୍, ଲାନ୍ସ ମୋରିସ୍ ଏବଂ ଅବସର ନେଇସାରିଥିବା ଉସ୍ମାନ୍ ଖ୍ୱାଜାଙ୍କୁ କଣ୍ଟ୍ରାକ୍ଟରୁ ବାଦ୍ ଦିଆଯାଇଛି । ଯୁବ ବ୍ୟାଟର୍ ସାମ୍ କୋନ୍‌ଷ୍ଟାସ୍‌ଙ୍କୁ ମଧ ସୁଯୋଗ ମିଳିନାହିଁ । ରିଚାର୍ଡସନ୍‌ଙ୍କୁ ଗତଥର ହିଁ କଣ୍ଟ୍ରାକ୍ଟ ମିଳିଥିଲା ଏବଂ ଏକ ବର୍ଷ ମଧ୍ୟରେ ତାଙ୍କୁ ବାହାର କରାଯାଇଛି । ଅନ୍ୟପକ୍ଷରେ ଓପ୍ନର୍ ଜ୍ୟାକ୍ ୱେଦରାଲ୍ଡ ଏବଂ ଫାଷ୍ଟ ବୋଲର୍ ମାଇକେଲ୍ ନେସର୍‌ଙ୍କୁ ଲିଷ୍ଟରେ ସାମିଲ କରାଯାଇଛି । ନେସର୍ ନିକଟରେ ଶେଷ ହୋଇଥିବା ଆଶେସ୍ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ । ଏହି କାରଣରୁ ତାଙ୍କ ଚଳିତ ଥର କଣ୍ଟ୍ରାକ୍ଟ ଲିଷ୍ଟରେ ସ୍ଥାନ ମିଳିଛି ।

**ଫିଫା ବିଶ୍ୱକପ୍ ୨୦୨୬**

# ଲଗାତାର ୩ୟ ଥର ଯୋଗ୍ୟତା ଅର୍ଜନ କରପାରିଲାନି ଇଟାଲୀ

**ମିଲାନ୍,୧୪/ଏଜେନ୍ସି:** ଚାରି ଥରର ଫିଫା ବିଶ୍ୱକପ୍ ଚାମ୍ପିଅନ୍ ଇଟାଲୀକୁ ପୁଣିଥରେ ବଡ଼ ଝଟ୍‌କା ଲାଗିଛି । ଟିମ୍ ଲଗାତାର ତୃତୀୟ ଥର ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି । ୨୦୨୬ ବିଶ୍ୱକପ୍‌ର ୟୁରୋପୀୟ ପ୍ଲେଅଫ୍‌ରେ ଇଟାଲୀ ୧-୪ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ବୋସ୍‌ନିଆ ଓ ହର୍ଜଗୋଭିନାଠାରୁ ପରାଜିତ ହୋଇଛି । ଏହି ମ୍ୟାଚ୍ ନିୟମିତ ସମୟ ପରେ ୧-୧ରେ ଡ୍ର' ହୋଇଥିଲା । କିନ୍ତୁ ପେନାଲ୍ଟିରେ ଇଟାଲୀ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଥିଲା । ଏହି ପରାଜୟ ସହ ଇଟାଲୀ ଇତିହାସରେ ପ୍ରଥମ ଥର ଲଗାତାର ତିନି ବିଶ୍ୱକପ୍ ଫାଇନାଲ୍ସରୁ ବାଦ୍ ପଡ଼ିବାର ଲଜ୍ଜାଜନକ ରେକର୍ଡ ନିଜ ନାମରେ କରିଛି ।



ମ୍ୟାଚ୍ର ୧୫ତମ ମିନିଟ୍‌ରେ ମୋଇଜେ କିନ୍ ଏକ ସୁନ୍ଦର ଗୋଲ୍ କରରେ ଇଟାଲୀକୁ ଆଗୁଆ କରିଥିଲେ । ମାତ୍ର ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ଖେଳ ମୋଡ଼ ବଦଳାଇଥିଲା । ଡିଫେଣ୍ଡର୍ ଆଲେସାନ୍ଦ୍ରୋ ବାସ୍ତୋନୀଙ୍କୁ ପ୍ରଫେସନାଲ୍ ଫାଉଲ୍ କାରଣରୁ ରେଡ୍ କାର୍ଡ ମିଳିଥିଲା । ଫଳରେ ଇଟାଲୀ ୧୦ ଖେଳାଳିଙ୍କ ସହ ଖେଳିବାକୁ ବାଧ୍ୟ ହୋଇଥିଲା । ଏହାର ଫାଇଦା ଉଠାଇ ବୋସ୍‌ନିଆ-ହର୍ଜଗୋଭିନା ଚାପ ସୃଷ୍ଟି କରିଥିଲା । ଶେଷରେ ହାରିସ୍ ସବାକୋଭିଚ୍ ପେନାଲ୍ଟି କର୍ଣ୍ଣର୍‌କୁ ଗୋଲ୍‌ରେ ପରିବର୍ତ୍ତନ କରି ସ୍କୋର୍ ୧-୧ କରିଥିଲେ । ଅତିରିକ୍ତ ସମୟରେ କୌଣସି ଟିମ୍ ନିର୍ଣ୍ଣାୟକ ଅଗ୍ରଣୀ ହାସଲ କରିପାରି ନଥିଲେ । ପେନାଲ୍ଟି ଶୁଟ୍‌ଆଉଟ୍‌ରେ ଇଟାଲୀ ପ୍ରଥମ ଏବଂ ତୃତୀୟ ପେନାଲ୍ଟି ମିସ୍ କରିଥିବା ବେଳେ ପସ୍ଥିର ବଜରାକତରେଭିକ୍ ନିର୍ଣ୍ଣାୟକ ପେନାଲ୍ଟି ମାରି ନିଜ ଟିମ୍‌କୁ ଐତିହାସିକ ବିଜୟ ଦେଇଥିଲେ ।

ଏହି ପରାଜୟ ଇଟାଲୀର ଫୁଟ୍‌ବଲ୍ ଇତିହାସରେ ସବୁଠୁ ଖରାପ ସମୟ ମଧ୍ୟରୁ ଅନ୍ୟତମ । ୨୦୦୬ରେ ଶେଷ ଥର ପାଇଁ ବିଶ୍ୱକପ୍ ଜିତିଥିବା ଏହି ଟିମ୍ ଏବେ ଲଗାତାର ତିନିଥର ଟୁର୍ଣ୍ଣାମେଣ୍ଟରେ ସ୍ଥାନ ହାସଲ କରିପାରି ନାହିଁ । ଟିମ୍ ଶେଷଥର ପାଇଁ ୨୦୧୪ରେ ବିଶ୍ୱକପ୍ ଖେଳିଥିଲା ଏବଂ ପ୍ରଥମ ରାଉଣ୍ଡରୁ ହିଁ ବିଦାୟ ନେଇଥିଲା । ଏହାପରେ ୨୦୧୮ ଏବଂ ୨୦୨୨ ଫିଫା ବିଶ୍ୱକପ୍‌ରେ ଖେଳିପାରି ନଥିଲା ।

# ଫିଫା ର୍‍ୟାଙ୍କିଙ୍ଗ୍: ପାଞ୍ଚ ସ୍ଥାନ ଉଠିଲା ଭାରତ

**ନୂଆଦିଲ୍ଲୀ,୧୪/ଏଜେନ୍ସି:** ଏଏଫ୍‌ସି ଏସିଆନ୍ କପ୍ ୨୦୨୭ କ୍ୱାଲିଫାୟର୍ସର ଶେଷ ମ୍ୟାଚ୍‌ରେ ମଙ୍ଗଳବାର ହଂକଂ ବିପକ୍ଷରେ ୨-୧ର ବିଜୟ ଫଳରେ ଭାରତୀୟ ଫୁଟ୍‌ବଲ୍ ଟିମ୍ ସଦ୍ୟତମ ଫିଫା ର୍‍ୟାଙ୍କିଙ୍ଗ୍‌ରେ ପାଞ୍ଚ ସ୍ଥାନର ଲମ୍ଫ ପ୍ରଦାନ କରିଛି । ଭାରତ ୧୪୧ରୁ ୧୩୬ତମ ସ୍ଥାନରେ ପହଞ୍ଚିବା ସହିତ ମିଆଁମାର ଓ ଲାଓସ୍ ସହିତ ଏସିଆରେ ତୃତୀୟ ସର୍ବାଧିକ ବୃଦ୍ଧି କରିଛି । ହଂକଂ ବିପକ୍ଷ ମ୍ୟାଚ୍‌ର ଉଭୟ ହାଫ୍‌ରେ ର୍‍ୟାନ୍ ୱିଲିଅମ୍ସ ଏବଂ ଆକାଶ ମିଶ୍ରଙ୍କ ଉଭୟ ହାଫ୍‌ରେ ଗୋଲ୍ ବଳରେ ଭାରତ କ୍ୱାଲିଫାୟର୍ସ ଏକମାତ୍ର ବିଜୟ ହାସଲ କରିଛି । ସେହିପରି ଏହା ମଧ ମୁଖ୍ୟ କୋଚ୍ ଖାଲିଦ୍ ଜମିଲ୍‌ଙ୍କ ଘରୋଇ ମାଟିରେ ପ୍ରଥମ ବିଜୟ । ହଂକଂ ବିପକ୍ଷ ବିଜୟ ସତ୍ତ୍ୱେ ଭାରତ ଏଏଫ୍‌ସି ଏସିଆନ୍ କପ୍ ୨୦୨୭ରେ ସ୍ଥାନ ହାସଲ କରିବାରେ ବିଫଳ ହୋଇଛି । ଏହା ସହିତ ୧୧ ବର୍ଷରେ ଟିମ୍ ପ୍ରଥମ ଥର ଏହି ମହାଦେଶୀୟ ଟୁର୍ଣ୍ଣାମେଣ୍ଟରେ ସ୍ଥାନ ସୁରକ୍ଷିତ କରିପାରି ନାହିଁ । କ୍ୱାଲିଫାୟର୍ସରେ ବ୍ଲୁ ଟାଇଗର୍ସ ୬ଟି ମ୍ୟାଚ୍‌ରେ ପାଞ୍ଚ ପଏଣ୍ଟ ହାସଲ କରି ବାଂଲାଦେଶ (୫), ହଂକଂ (୮) ଏବଂ ସିଙ୍ଗାପୁର (୧୪) ପଛରେ ଗ୍ରୁପ୍ ନିମ୍ନରେ ରହିଥିଲା । ୨୦୧୫ ମାର୍ଚ୍ଚରେ ଭାରତ ଫିଫା ର୍‍ୟାଙ୍କିଙ୍ଗ୍‌ରେ ସର୍ବନିମ୍ନ ୧୭୩ ତମ ସ୍ଥାନରେ ରହିଥିଲା ।



### ଦେଶରେ ଆରମ୍ଭ ହେଲା ଜନଗଣନା

# ଅନ୍‌ଲାଇନ୍ ଫର୍ମ ଭରିଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୪/ଏଜେନ୍ସି:** ଦେଶରେ ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଆଜିଠାରୁ (ଏପ୍ରଇ୍ ୧) ଆରମ୍ଭ ହୋଇଛି । ଦେଶର ଏହି ସର୍ବବୃହତ ପ୍ରଶାସନିକ ଏବଂ ପରିସଂଖ୍ୟାନ ଅଭିଯାନ ଚଳିତ ବର୍ଷ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲବ । ଦେଶର ପ୍ରଥମ ନାଗରିକଙ୍କ ଦ୍ୱାରା ଜନଗଣନା ଆରମ୍ଭ କରିବାର ଗୌରବମୟ ପରମ୍ପରାକୁ ଜାରି ରଖି





ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱ-ଗଣନା (ସେଲ୍ଫ-ଏନ୍ୟୁମରେସନ୍) ବିକଳ୍ପ ମାଧ୍ୟମରେ ରାଷ୍ଟ୍ରୀୟ ଗଣନା ପ୍ରକ୍ରିୟା ଆରମ୍ଭ କରିଥିଲେ । ଉପରାଷ୍ଟ୍ରପତି ଭବନରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ଜନଗଣନା ୨୦୨୭ ପାଇଁ ଅନ୍‌ଲାଇନ୍ ସ୍ୱ-ଗଣନା ଫର୍ମ ପୂରଣ କରିଥିଲେ । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ ତାଙ୍କର ସ୍ୱ-ଗଣନା ସମ୍ପୂର୍ଣ୍ଣ କରିଛନ୍ତି । ପ୍ରଧାନମନ୍ତ୍ରୀ ଭାରତର ଲୋକମାନଙ୍କୁ ସେମାନଙ୍କ ପରିବାରର ବିବରଣୀ ସହ ସ୍ୱୟଂ-ପଞ୍ଜିକରଣ କରିବା ଏବଂ ଜନଗଣନା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ନିବେଦନ କରିଛନ୍ତି ।

ଜନଗଣନାର ପ୍ରଥମ ପର୍ଯ୍ୟାୟରେ 'ହାଉସ୍ ଲିଷ୍ଟିଂ' ଅର୍ଥାତ୍ ଘର ଗଣତି କରାଯାଉଛି । ଦ୍ୱିତୀୟ ପର୍ଯ୍ୟାୟରେ 'ଜନସଂଖ୍ୟା ଗଣନା' ଫେବୃଆରୀ ୨୦୨୭ରୁ ହେବ । ଏଥିରେ ଲୋକଙ୍କୁ ସେମାନଙ୍କ ଜାତି ପଚରାଯିବ । ସ୍ୱାଧୀନତା ପରେ ପ୍ରଥମ ଥର ଜାତିର ଡାଟା ଏକତ୍ର କରାଯିବ । ଏହା ପୂର୍ବରୁ ୧୯୩୧ରେ ଏପରି ହୋଇଥିଲା ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଆଜିଠାରୁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଗୋଆ, କର୍ଣ୍ଣାଟକ, ଲାକ୍ଷାଦ୍ୱୀପ, ମିଜୋରାମ, ଓଡ଼ିଶା, ସିକିମ ଏବଂ ରାଜଧାନୀ ଦିଲ୍ଲୀର ନୂଆଦିଲ୍ଲୀ ନଗର ପାଳିକା ଏବଂ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ବୋର୍ଡ ଅଞ୍ଚଳ ସମେତ ୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱ-ଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ ପ୍ରଥମ ଦିନରେ ଏହି ସ୍ଥାନଗୁଡ଼ିକର ପ୍ରାୟ ୫୫ ହଜାର ପରିବାର ଏହି ସୁବିଧା ପାଇଛନ୍ତି ।

ପ୍ରଥମ ଥର ପାଇଁ ଜନଗଣନା ସମ୍ପୂର୍ଣ୍ଣ ଭାବେ ଡିଜିଟାଲ୍ ମାଧ୍ୟମରେ ହେବ । କର୍ମଚାରୀମ ମୋବାଇଲ୍ ଆପ୍ ଜରିଆରେ ଡାଟା ସିଧା ନିଜ ସ୍ମାର୍ଟଫୋନ୍‌ରେ ସଂଗ୍ରହ କରିବେ । ପୂର୍ବରୁ ଜନଗଣନାର ତଥ୍ୟ କାଗଜରେ ରେକର୍ଡ କରାଯାଉଥିଲା ଏବଂ ପୁଣି ଏହାକୁ ଡିଜିଟାଇଜ୍ କରାଯାଉଥିଲା । ଏଥିରେ ବହୁ ସମୟ ଲାଗୁଥିଲା ।

# ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ କମିଟି ବୈଠକ

**ନୂଆଦିଲ୍ଲୀ,୧୪/ଏଜେନ୍ସି:** ପଶ୍ଚିମ ଏସିଆ ସ୍ଥିତି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ କମିଟି (ସିସିଏସ୍) ବୈଠକ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପଶ୍ଚିମ ଏସିଆ ସ୍ଥିତିର ସମୀକ୍ଷା କରାଯିବା ସହିତ ଏହା ପ୍ରଭାବରେ ଦେଶରେ ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ (ଏଲ୍‌ପିଜି)ର ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା । ଭାରତ ପାଖରେ ପ୍ରାୟ ୫୩ ଲକ୍ଷ ମେଟ୍ରିକ୍ ଟନ୍ ପେଟ୍ରୋଲିୟମ୍ ରିଜର୍ଭ ଥିବା ସରକାର ସୁନିଶ୍ଚିତ କରିଛନ୍ତି । ସେହିପରି ଆଗାମୀ ଖରିଫ ଋତୁ ପାଇଁ ସାର ଏବଂ ବିଦ୍ୟୁତ୍ ଉତ୍ପାଦନ ପାଇଁ କୋଇଲା ମହଜୁଦ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି ।

**ପଶ୍ଚିମ ଏସିଆ ସ୍ଥିତିର ସମୀକ୍ଷା, ଏଲ୍‌ପିଜି ଓ ପେଟ୍ରୋଲ୍ ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଆଲୋଚନା**

ଏହାସହିତ କଳାବଜାରୀ ରୋକିବାକୁ ରାଜ୍ୟ ସରକାରମାନଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଗଲ୍ଫ ଦେଶଗୁଡ଼ିକରେ ରହୁଥିବା ପ୍ରାୟ ୧ କୋଟି ଭାରତୀୟଙ୍କ ସୁରକ୍ଷାକୁ ନେଇ କମିଟିରେ ଆଲୋଚନା ହୋଇଛି । ପ୍ରବାସୀ ଭାରତୀୟଙ୍କ ସହ ଯୋଗାଯୋଗରେ ରହିବା ସହିତ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । କୃଷି, ପରିବହନ ଏବଂ ଅର୍ଥ ମନ୍ତ୍ରଣାଳୟକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି । ଏହି ସ୍ୱତନ୍ତ୍ର ଟିମ୍ ସଙ୍କଟ ବେଳେ ଯୋଗାଣ ସ୍ୱାଭାବିକ କରିବାକୁ ଗୁରୁତ୍ୱ ଦେବ । ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଗୃହମନ୍ତ୍ରୀ ଅମିତ ଶାହ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏବଂ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସମେତ ବହୁ କେନ୍ଦ୍ରୀୟ ମନ୍ତ୍ରୀ ଉପସ୍ଥିତ ଥିଲେ ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra